# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୦ (୨୦ ପୃଷ୍ଠା + ଛୁଟିଦିନ) | Bhubaneswar, Sunday, March 15/2020 | ★★★★

୪୬ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




# ନିବେଦନ

ଗତ କିଛି ମାସ ମଧ୍ୟରେ ସାରା ବିଶ୍ୱରେ ଦ୍ରୁତ ଗତିରେ ବ୍ୟାପୁଥିବା କରୋନା ଭୂତାଣୁ ସଂକ୍ରମଣ ସମଗ୍ର ମାନବ ସମାଜ ପାଇଁ ଏକ ପ୍ରମୁଖ ଆହ୍ୱାନ ଭାବରେ ଉଭା ହୋଇଛି । ଆମେମାନେ ଏମିତି ଏକ ମହାମାରୀ ସହିତ ଲଢୁଛେ ଯାହାପାଇଁ କୌଣସି ଟୀକା ବା ଔଷଧୀୟ ଚିକିତ୍ସା ନାହିଁ । ଏହି ରୋଗର ସଫଳ ପ୍ରତିରୋଧ ପାଇଁ ପ୍ରତ୍ୟେକ ସ୍ତରରେ ସମ୍ମିଳିତ ପ୍ରଚେଷ୍ଟା ଆବଶ୍ୟକ ।

ନିଜକୁ ଓ ନିଜ ପରିବାରର ସଦସ୍ୟଙ୍କୁ ଏହି ମହାମାରୀ ଠାରୁ ସୁରକ୍ଷିତ ରଖିବା ପାଇଁ ଆମ ସମସ୍ତଙ୍କୁ ବ୍ୟକ୍ତିଗତ ସ୍ତରରେ ପ୍ରତିବଦ୍ଧ ଓ ପାରିବାରିକ ସ୍ତରରେ ଦାୟିତ୍ୱସମ୍ପନ୍ନ ହେବାକୁ ପଡିବ । ଏଥିରେ ଆମକୁ ବ୍ୟକ୍ତିଗତ ଭାବରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ବା କୌଣସି ପରିବାରକୁ ତ୍ୟାଗ ସ୍ୱୀକାର କରିବାକୁ ପଡିପାରେ । ମାତ୍ର ଅସାଧାରଣ ପରିସ୍ଥିତିରେ ଆମ୍ଭମାନଙ୍କ ଠାରୁ ଅସାଧାରଣ ପ୍ରଦର୍ଶନର ଆବଶ୍ୟକ ପଡିଥାଏ । ମୋର ବିଶ୍ୱାସ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଏକତ୍ର ହୋଇ ଆମ ରାଜ୍ୟରେ ଏହି ରୋଗ ସଂକ୍ରମଣକୁ ପ୍ରତିହତ କରିପାରିବେ ।

ସାମାଜିକ ଜନସମାଗମରେ ଲୋକଙ୍କଠାରୁ ଦୂରେଇ ରହିବା ହେଉଛି କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ସବୁଠାରୁ ଫଳପ୍ରଦ ଉପାୟ । ଆମେ ସମସ୍ତେ ଧାର୍ମିକ ଉତ୍ସବ, ବିବାହ ବ୍ରତ ଆଦି ସାମାଜିକ ଜନସମାଗମ ଠାରୁ ଦୂରରେ ରହିବା ଉଚିତ । ଘର ଭିତରେ ରହିବା, ଜନଗହଳିକୁ ବର୍ଜନ କରିବା ଓ ଅନ୍ୟମାନଙ୍କ ସହ ମିଳାମିଶାକୁ କମ୍ କରିବା ଦ୍ୱାରା ଏ ରୋଗର ଆଶଙ୍କାକୁ ଯଥେଷ୍ଟ ପରିମାଣରେ ହ୍ରାସ କରାଯାଇପାରେ ।

ବାରମ୍ବାର ହାତ ଧୋଇବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ । ଆମେ ସମସ୍ତେ ନିଜେ ବ୍ୟକ୍ତିଗତ ସ୍ତରରେ ଏହା କରିବା ସହିତ ଅନ୍ୟମାନଙ୍କୁ ଏହା କରିବା ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ ।

ଏଭଳି ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଭାବରେ ଆଚରଣ ପ୍ରଦର୍ଶନ ସହିତ ଉଡାଖବର ଓ ଗୁଜବ ଠାରୁ ଦୂରେଇ ରହିବାକୁ ସମାଜର ସମସ୍ତ ବର୍ଗର ଲୋକଙ୍କୁ ମୁଁ ବିନମ୍ରତାର ସହ ନିବେଦନ କରୁଛି ।

ମୁଁ ନିଶ୍ଚିତ ଯେ, ସମସ୍ତଙ୍କ ସହଯୋଗରେ ଓଡ଼ିଶା ଏହାର ଉପଯୁକ୍ତ ମୁକାବିଲା କରିବାକୁ ସମର୍ଥ ହେବ ।

**ଆମେ ସମସ୍ତେ ଧୈର୍ଯ୍ୟ ରଖିବା ମାତ୍ର ଆତ୍ମସନ୍ତୁଷ୍ଟ ହେବା ନାହିଁ**
**ଆମେ ସମସ୍ତେ ପ୍ରସ୍ତୁତ ରହିବା କିନ୍ତୁ ଭୟଭୀତ ହେବା ନାହିଁ ।**

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ
ଓଡ଼ିଶା

ଅଧିକ ସୂଚନା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ-୧୦୪ ରେ ଯୋଗାଯୋଗ କରନ୍ତୁ

Facebook.com/HFWOdisha | http:// www.health.odisha.gov.in/ | @HFWOdisha

DSPL-313

OIPR-10003/13/0109/1920



ପ୍ଲାଷ୍ଟିକ ମୁକ୍ତ ପାଇଁ ଆମେରିକା ଏକ ନୂଆ ପଦକ୍ଷେପ ଗ୍ରହଣ କରିଛି। ଏଣିକି କ୍ଷୀର ପ୍ଲାଷ୍ଟିକ ବଦଳରେ କାଚ ଏବଂ ମେଟାଲ ବୋତଲରେ ସପ୍ଲାଏ ହେବ ବୋଲି ଆମେରିକାର କମ୍ପାନି ଲୁପ୍ ପକ୍ଷରୁ କୁହାଯାଇଛି। 'ଦ ମିଲ୍କ ମ୍ୟାନ୍' ସ୍ଥାନରେ 'କ୍ଷୀରବାଲା' ଜରିଆରେ ଏହା ଯୋଗାଣ ହେବ। ଖାଲି କ୍ଷୀର ନୁହେଁ, ପ୍ଲାଷ୍ଟିକ୍‌ରେ ଯୋଗାଣ କରାଯାଉଥିବା ଅନ୍ୟାନ୍ୟ ସାମଗ୍ରୀ ମଧ ବନ୍ଦ କରାଯିବ। ଏପରି ଲକ୍ଷେ ଟନ୍ ପ୍ଲାଷ୍ଟିକ୍ ଦୂର କରିବାକୁ କମ୍ପାନି ପ୍ରତିଶ୍ରୁତିବଦ୍ଧ। କମ୍ପାନିର ସଂସ୍ଥାପକ ଏବଂ ରିସାଇକ୍ଲିଂ ପାଇଁ ପ୍ରସିଦ୍ଧ ଟେରୋସାଇକଲ କମ୍ପାନିର ମୁଖ୍ୟ ଟମ୍ ସଜାକି କହିଛନ୍ତି, ଏହି କଥା ଆମେରିକାର ନୂଆପିଢ଼ି ମଧ ମନେ ରଖିବେ।

# ଶୋଷଣରୁ ମୁକ୍ତ କରିବ ଉପଭୋକ୍ତା ଅଧିକାର


ଉପଭୋକ୍ତାଙ୍କ ବିଭିନ୍ନ ହିତକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ୧୫ ମାର୍ଚ୍ଚରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଉଛି। ଉପଭୋକ୍ତା ଅଧିକାରକୁ ସମ୍ମାନ ଦେବା ଓ ତା'ର ସୁରକ୍ଷା କରିବା ଏହି ଦିବସର ଲକ୍ଷ୍ୟ। ପ୍ରଥମେ ଆମେରିକାରେ ଉପଭୋକ୍ତା ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏହାଦ୍ୱାରା ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ .ଏଫ୍. କେନେଡିଙ୍କ ଦ୍ୱାରା ୧୫ ମାର୍ଚ୍ଚ ୧୯୬୨ରେ ଉପଭୋକ୍ତା ଅଧିକାର ଉପରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏଥିରେ ଉପଭୋକ୍ତା ସୁରକ୍ଷା ଅଧିକାର, ସୂଚନା ପାଇବାର ଅଧିକାର, ଉପଭୋକ୍ତଙ୍କୁ ଚୟନ କରିବାର ଅଧିକାର ଓ ଶୁଣିବାର ଅଧିକାର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଉପଭୋକ୍ତାଙ୍କ ଅଧିକାର ଉପରେ ଆମେରିକାର ଏଭଳି ପଦକ୍ଷେପକୁ ଦୃଷ୍ଟିରେ ରଖି ୧୫ ମାର୍ଚ୍ଚ ୧୯୮୩ରେ ପ୍ରଥମେ ଜାତିସଂଘ ଏହି ଦିବସ ପାଳନ କରାଯିବା ଲାଗି ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଆସୁଅଛି।

ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ଉପଭୋକ୍ତା ଅଧିକାର ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ପରେ ୧୯୮୫ରେ ଉପଭୋକ୍ତା ଅଧିକାର ସୁରକ୍ଷା ଲାଗି ଜାତିସଂଘ ଏକ ମାର୍ଗଦର୍ଶିକା ଘୋଷଣା କରିଥିଲା। ଏଥିରେ ଜାଣିବାର ଅଧିକାର,ସୁରକ୍ଷା ଅଧିକାର,ଅଭିଯୋଗ ଶୁଣି ତାହାକୁ ସମାଧାନ କରିବାର ଅଧିକାର, ବସ୍ତୁ କିମ୍ବା ସେବା ଚୟନ କରିବାର ଅଧିକାର, କ୍ଷତିପୂରଣ ପାଇବାର ଅଧିକାର, ଉପଭୋକ୍ତା ଶିକ୍ଷା ଅଧିକାର ଆଦି ସାମିଲ କରାଯାଇଛି। ଏଭଳି ଆମେରିକା ପରେ ଭାରତରେ ୧୯୬୬ରେ ମୁମ୍ବାଇରେ ଆରମ୍ଭ କରାଯାଇଥିଲା ଉପଭୋକ୍ତା ଆନ୍ଦୋଳନ । ୧୯୮୬ରେ ଭାରତରେ ଉପଭୋକ୍ତା ସୁରକ୍ଷା ଅଧିନିୟମ ଦେଶରେ ଲାଗୁ କରାଯାଇଥିଲା। ଏହା ଉପଭୋକ୍ତାମାନଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି। ଏହାଦ୍ୱାରା ସେମାନେ ଶୋଷଣରୁ ମୁକ୍ତ ହୋଇପାରିବେ।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ



# ୨ ବର୍ଷରେ ବଡ଼ ବିମାନକୁ ଖାଇଥିଲେ ମିଚେଲ



**ପ୍ୟାରିସ୍:** ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଖାଇବା ଶୈଳୀ ରହିଥାଏ। ଫ୍ରାନ୍ସର ଜଣେ ବ୍ୟକ୍ତି ୨ ବର୍ଷ ମଧ୍ୟରେ ଏକ ବଡ଼ ଏରୋପ୍ଲେନ୍‌କୁ ଖଣ୍ଡ ଖଣ୍ଡ କରି ଖାଇଦେଇଥିଲେ। ଏଭଳି ନିଆରା ଖାଦ୍ୟ ଶୈଳୀ ଥିବା ବ୍ୟକ୍ତି ଥିଲେ ମିଚେଲ ଲୋଟିଟୋ। ଏଭଳି କରି ସେ ଗିନିଜ୍ ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିଲେ। ୧୯୫୦ ଜୁନ୍ ୧୫ରେ ତାଙ୍କର ଜନ୍ମ ସ୍ଥାନୀୟ ଗ୍ରେନୋବଲଠାରେ ହୋଇଥିଲା। ୧୬ ବର୍ଷ ବୟସରୁ ବିଭିନ୍ନ ମେଟାଲରେ ନିର୍ମିତ ଜିନିଷ ଖାଇବା ସେ ଆରମ୍ଭ କରିଥିଲେ। ପ୍ରକୃତରେ ମିଚେଲଙ୍କୁ ଏକ ପ୍ରକାର ରୋଗ ହୋଇଥିବାରୁ ସେ ଏଭଳି କରୁଥିବା ଡାକ୍ତର କହୁଥିଲେ। ଏହାକୁ ଡାକ୍ତରୀ ଭାଷାରେ ପିକା କୁହାଯାଇଥାଏ। ରୋଗ ଯୋଗୁ ମିଚେଲ ନିଜ ନଖଠାରୁ ଆରମ୍ଭ କରି କାଚ ଖଣ୍ଡ ମଧ ସହଜରେ ଖାଇପାରୁଥିଲେ। ଏସବୁ ସହଜରେ ହଜମ ବି ହେଉଥିଲା। ମାତ୍ର ସାଧାରଣ ମଣିଷଙ୍କ ଉପଯୋଗୀ ଖାଦ୍ୟ ସେ ହଜମ କରି ପାରୁ ନ ଥିଲେ। ୧୯୬୬ରେ ସେ ନିଜ ଅଜବ ଖାଦ୍ୟ ଶୈଳୀର ପ୍ରଦର୍ଶନ ମଧ କରିଥିଲେ । ୧୯୭୮ରେ ସେ ସୈନ୍ୟବାହିନୀର ୧୫୦-ହୱାର୍ଡ ବିମାନକୁ ଖାଇବା ଆରମ୍ଭ କରିଥିଲେ। ୧୯୮୦ ବେଳକୁ ବିମାନଟି ଶେଷ ହୋଇଯାଇଥିଲା। ୧୯୫୯ଠାରୁ ୧୯୯୭ ମଧ୍ୟରେ ମିଚେଲ ୮୧୬୪ କିଲୋଗ୍ରାମ୍ ମେଟାଲ ଖାଇଦେଇଥିଲେ। ୨୦୦୭ ଜୁନ୍ ୨୫ରେ ୫୭ ବର୍ଷ ବୟସରେ ମିଚେଲଙ୍କର ମୃତ୍ୟୁ ଘଟିଥିଲା।

# ବାହାଘରର ସାକ୍ଷୀ ଆମ୍ବେଡ୍‌କର

**ପାଟନା:** କେଉଁଠି ଅଗ୍ନିକୁ ସାକ୍ଷୀ ରଖି ବୈଦିକ ରୀତିରେ ବିବାହ ସମ୍ପନ୍ନ ହୁଏ ତ' କେଉଁଠି ଭଗବାନ୍‌ଙ୍କୁ ସାକ୍ଷୀ ରଖି ଜନ୍ମ ଜନ୍ମର ସମ୍ପର୍କ ଗଢ଼ାହୁଏ । କିନ୍ତୁ ମହାପୁରୁଷଙ୍କୁ ସାକ୍ଷୀ ରଖି ବିବାହ କରି ଏକ ଭିନ୍ନ ପରମ୍ପରା ସୃଷ୍ଟି କରିଛନ୍ତି ପାଟନାର ନବଦମ୍ପତି । ବିହାର ପାଟନାର ବେଗୁସରାୟ ଜିଲ୍ଲାର ବଲିୟା ଅଞ୍ଚଳରେ ଏବେ ଏକ ଭିନ୍ନ ଧରଣର ବିବାହକୁ ନେଇ ସବୁଆଡ଼େ ଚର୍ଚ୍ଚା ହେଉଛି । ଏଠାରେ ମଛରହା ଗାଁର ଅମିତ ଦାସ ଓ ଭଗତପୁର ଗାଁର କଲ୍ୟାଣୀ କୁମାରୀଙ୍କର ବିବାହ ସ୍ଥିର ହୋଇଥିଲା । ନିର୍ଦ୍ଧାରିତ ଦିନରେ ବିବାହ ନିମନ୍ତେ ସବୁ ପ୍ରସ୍ତୁତି ହୋଇଥିଲା । କିନ୍ତୁ ଅମିତ ଧାର୍ମିକ ପରମ୍ପରା ଅନୁସାରେ ବିବାହ ନ କରି ଭିନ୍ନ ଢଙ୍ଗରେ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ନିକଟରେ ବିବାହ କରିବାକୁ ଚାହୁଁଥିଲେ । ଏଥିପାଇଁ ସେ ପ୍ରଥମେ ଉଭୟ ପକ୍ଷଙ୍କୁ ରାଜି ମଧ କରାଇଥିଲେ। ଏହାପରେ ନିକଟରେ ଥିବା ଏକ ପାର୍କରେ ସମସ୍ତଙ୍କ ସହ ଯାଇ ନିରାଡମ୍ବରଭାବେ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିକୁ ସାକ୍ଷୀ ରଖି ପରସ୍ପରକୁ ମାଳ ପିନ୍ଧାଇ ଜୀବନସାଥୀ ବାଛିଥିଲେ ।



# ମହାକାଶରୁ ମିଳିବ ବିଜୁଳି

**ନୂଆଦିଲ୍ଲୀ:** ମହାକାଶରେ ଏବେ ସୋଲାର୍ ପାୱାର ପ୍ଲାଣ୍ଟ ଲଗାଇବାକୁ ଯାଉଛି ଚାଇନା, ଯାହାଫଳରେ ସେଥିରୁ ବିଦ୍ୟୁତ୍ ଶକ୍ତି ମିଳିପାରିବ। ଏଇ ମିଶନରେ ସଫଳ ହେଲେ ଅନ୍ତରୀକ୍ଷରୁ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଚାଇନାର ଏକ ସହରକୁ ପୂରା ଆଲୋକିତ କରିହେବ । ବୈଜ୍ଞାନିକମାନଙ୍କ ପାଇଁ ଏଇ ମିଶନ୍‌ରେ ସଫଳତା ହାସଲ କରିବା ଏକ ବଡ ଚ୍ୟାଲେଞ୍ଜ ଭଳି । ମହାକାଶରୁ ବିଦ୍ୟୁତ୍ ଶକ୍ତି ପୃଥିବୀପୃଷ୍ଠକୁ ଆଣିବା ନିମନ୍ତେ ଚାଇନା ତା'ର ସୋଲାର ଫାର୍ମକୁ ଜିଓଷ୍ଟେଶନାରୀ ଅର୍ବିଟ୍‌ରେ ସ୍ଥାନିତ କରିବ। ଏହାପରେ ମାଇକ୍ରୋୱେଭ୍ କିମ୍ବା ଲେଜର ମାଧ୍ୟମରେ ପୃଥିବୀକୁ ବିଦ୍ୟୁତ୍ ଆଣିହେବ। ତେବେ ଏହି ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଏହାର ପ୍ରଭାବ ଜୀବଜନ୍ତୁ ତଥା ବୃକ୍ଷଲତା ଉପରେ କିଭଳି ରହିବ ସେ ନେଇ ପରୀକ୍ଷା ଜାରି ରହିଛି । ୨୦୫୦ ସୁଦ୍ଧା ଏହି ସୋଲାର୍ ପାୱାର ଷ୍ଟେଶନ୍ କାମ ଶେଷ କରିବା ଲକ୍ଷ୍ୟରେ ଚୀନ୍ ବୈଜ୍ଞାନିକମାନେ ବିଭିନ୍ନ ଉପକରଣ ତିଆରି କରିବାରେ ଲାଗିଛନ୍ତି ।






# ଫଟୋ ଶୁଟ୍ କରି ଟ୍ରୋଲ ହେଲେ ଦୀପିକା

**ମୁମ୍ବାଇ:** ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ନାୟିକା ଦୀପିକା ପାଦୁକୋନ ଏବେ ଟ୍ରୋଲ ହେବାରେ ଲାଗିଛନ୍ତି। ନିକଟରେ ସେ ଏକ ବୋଲ୍ଡ ଫଟୋ ଶୁଟ୍ କରିଥିବାରୁ ଟ୍ରୋଲ୍ ହୋଇଥିବା କୁହାଯାଉଛି। ବିବାହ ପରେ ଏହି ନାୟିକା ବୋଲ୍ଡ ସିନ୍ ଠାରୁ ଦୂରେଇ ରହୁଥିଲେ ବୋଲି କୁହାଯାଉଥିଲା। ଡିଜାଇନର ଡ୍ରେସ୍ ହେଉ ଅବା ଏଥେନିକ୍ ୱେୟାର ସବୁଥିରେ ଖୁବ୍ ସୁନ୍ଦର ଲାଗୁଥିବା ଦୀପିକା ନିକଟରେ ଏକ ମାଗାଜିନ ପାଇଁ ଫଟୋ ଶୁଟ୍ କରିଥିଲେ। ପ୍ରଥମେ ପ୍ରଥମେ ତାଙ୍କ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥିଲେ। ହେଲେ ସମୁଦ୍ର କୂଳରେ ଶୁଇମିଂ ଶୁଟ୍‌ରେ ନଜର ଆସିବା ପରେ ଏବେ ଦୀପିକା ଟ୍ରୋଲ୍ ହେବାକୁ ଆରମ୍ଭ କରିଛନ୍ତି। ଏହି ଫଟୋକୁ ଦେଖିବା ପରେ କେତେଜଣ ୟୁଜର୍ସ କହିଛନ୍ତି ବିବାହ ପରେ ଦୀପିକା ବୋଲ୍ଡ ହେଉ ନ ଥିଲେ। ଆଉ କିଏ କିଏ କହିଛନ୍ତି ପାଗଳ ହୋଇଯାଇଛନ୍ତି ଦୀପିକା।

# ୮୦ ବର୍ଷରେ ୪୦ କୋଟି ଲୋକ ହେବେ ପ୍ରଭାବିତ

**ୱାଶିଂଟନ:** ପୃଥିବୀ ଉପରେ ବିପଦ ମାଡ଼ି ଆସୁଛି। ଆଣ୍ଟାର୍କଟିକା ହିମପାହାଡ଼ ଜଳବାୟୁ ପରିବର୍ତ୍ତନ ଯୋଗୁ ତରଳିବାରେ ଲାଗିଛି। ୧୯୯୨ଠାରୁ ୨୦୧୭ ମଧ୍ୟରେ ଏଠାରେ ଥିବା ୬.୪ ହଜାର କୋଟି ଟନ୍ ବରଫ ତରଳିଛି। ଏହାଦ୍ୱାରା ସୁଦ୍ର ଜଳସ୍ତର ୦.୭ ଇଞ୍ଚ ବୃଦ୍ଧି ପାଇଛି। ତେବେ ୮୦ ବର୍ଷ ପରେ ୨୧୦୦ସୁଦ୍ଧା ୬ଗୁଣା ଅଧିକ ବେଗରେ ଏଠାରେ ଥିବା ହିମପାହାଡ଼ ତରଳିବାର ଆଶଙ୍କା ରହିଛି। ଏହାଦ୍ୱାରା ସମୁଦ୍ର ଜଳସ୍ତର ୬.୬ ଇଞ୍ଚ ବଢ଼ିବ। ପୃଥିବୀର ୫୦ଟି ଦେଶର ବୈଜ୍ଞାନିକ ୧୧ଟି ଉପଗ୍ରହ ସହାୟତାରେ ଅନୁଧ୍ୟାନ କରି ଏନେଇ ସତର୍କ ସୂଚନା ଜାରି କରିଛନ୍ତି। ସମୁଦ୍ରଜଳସ୍ତର ବଢ଼ିଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ୪୦ କୋଟିରୁ ଅଧିକ ଲୋକ ବିପଦରେ ପଡ଼ିବେ। ସେମାନେ ବାସସ୍ଥାନ ହରାଇ ବସିବେ। ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱତାପନ ବଢୁଥିବାରୁ ଗ୍ରୀନ୍‌ଲାଣ୍ଡରେ ୬୦ ପ୍ରତିଶତ ଏବଂ ଆଣ୍ଟାର୍କଟିକାରେ ୪୦ ପ୍ରତିଶତ ହିମପାହାଡ଼ ତରଳୁଛି। ଏହି ଧାରା ଜାରି ରହିଲେ ୨୩୦୦ ବେଳକୁ ସମୁଦ୍ର ଜଳସ୍ତର ୪ ଫୁଟ ବଢ଼ିବାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକ କହିଛନ୍ତି। ଏହାଦ୍ୱାରା ବହୁ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀ ପୃଥିବୀ ପୃଷ୍ଠରୁ ଲୋପ ପାଇଯିବାର ଆଶଙ୍କା ରହିଛି।




# କରୋନା ପାଇଁ ଲାଗିଲା ଯୁଦ୍ଧ

**ବ୍ୟାଙ୍କକ୍:** ଚାଇନାରୁ ଆରମ୍ଭ ହୋଇଥିବା କରୋନା ଭାଇରସ ଏବେ ପ୍ରାୟ ବିଶ୍ୱର ୧୪୫ ଦେଶକୁ ବ୍ୟାପିସାରିଛି। ଏହାର ପ୍ରକୋପକୁ ଦେଖି ବିଭିନ୍ନ ଦେଶରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ଅନେକ ସ୍ଥାନରେ ସ୍କୁଲ, କଲେଜ, ମଲ୍, ମନ୍ଦିର ଆଦିକୁ ବନ୍ଦକରି ଦିଆଯାଇଛି। ଏହି ସମୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଦେଖିବାକୁ ମିଳିଛି ହଜାର ହଜାର ମାଙ୍କଡ଼ ପରସ୍ପର ମଧ୍ୟରେ ଲଢେଇ କରୁଛନ୍ତି। ଜଣାପଡିଛି କି ଏମାନେ ଖାଦ୍ୟ ପାଇଁ ଲଢେଇ କରୁଛନ୍ତି। ଦୃଶ୍ୟଟି ଥାଇଲାଣ୍ଡରେ ଥିବା ଏକ ମନ୍ଦିରର ବୋଲି କୁହାଯାଉଛି। ଉକ୍ତ ମନ୍ଦିରକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ ଯା'ଆସ କରୁଥିବା ବେଳେ ସେଠାରେ ଥିବା ମାଙ୍କଡ଼ମାନଙ୍କୁ ଖାଦ୍ୟ ଦେଇଥାଆନ୍ତି। ହେଲେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏବେ ଏହି ମନ୍ଦିରକୁ ବନ୍ଦ କରାଯିବା ସହ ଏଠାକୁ ଭକ୍ତମାନେ ଆସୁ ନାହାନ୍ତି। ତେଣୁ ଖାଦ୍ୟାଭାବରୁ ସେଠାରେ ଥିବା ମାଙ୍କଡ଼ମାନେ ପରସ୍ପର ମଧ୍ୟରେ ଲଢେଇ କରୁଛନ୍ତ। ସତରେ କରୋନା ଯୋଗୁ ହାହାକାର ପଡ଼ିଯାଇଛି ସବୁଆଡ଼େ। ଲୋକମାନେ ଘରୁ ନ ବାହାରିବା ଲାଗି କୁହାଯାଉଥିବା ବେଳେ ନିର୍ବୋଧ ମାଙ୍କଡ଼ କ'ଣ ବା କରିପାରିବ।

## ଖାଇବାକୁ ନ ପାଇ ପରସ୍ପର ସହ ଲଢୁଛନ୍ତି ମାଙ୍କଡ଼



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୦ | Bhubaneswar, Sunday, March 15/2020 | ପୃଷ୍ଠା-୧



**ଜିତ୍ ଚନ୍ଦ୍ରା ଜିତିଲେ ଓମାନ୍ ଓପନ୍**

ଭାରତର ଉଦୀୟମାନ ଟେବୁଲ ଟେନିସ ଖେଳାଳି ଜିତ୍ ଚନ୍ଦ୍ରା ୨୧ବର୍ଷରୁ କମ୍ ଓମାନ ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

**୧୭ ୦୨**

**ଆମିରଙ୍କ ପାଇଁ କାନ୍ଦିବାକୁ ପଡ଼ିଥିଲା ଦିବ୍ୟାଙ୍କୁ**

ଅଭିନେତ୍ରୀ ଦିବ୍ୟା ପର୍ଫର୍ମ ବେଳେ କେତୋଟି ଷ୍ଟେପ୍ ଭୁଲିଯାଇଥିଲେ। ଆମିର ଜାଣିପାରି ତାଙ୍କ ସହ ପର୍ଫର୍ମ କରିବାକୁ ମନା କରିଦେଇଥିଲେ। ତେଣୁ ସେ ବାଥ୍‌ରୁମ୍‌ରେ ବସି କାନ୍ଦିଥିଲେ।



# ୧୪୫ ରାଷ୍ଟ୍ରକୁ କରୋନା କୋରଡ଼ା

**ମହାମାରୀ କରୋନାକୁ ନେଇ ବିଶ୍ୱବ୍ୟାପୀ ଦେଖାଦେଇଛି ଅଭୂତପୂର୍ବ ଆତଙ୍କ ଓ ଅଚଳାବସ୍ଥା। ଏହି ଘାତକ ଭୂତାଣୁ ଏବେ ୧୪୫ ଦେଶରେ ପହଞ୍ଚି ୫,୪୩୬ ଜଣଙ୍କ ମୁଣ୍ଡ ନେଇସାରିଛି। ଏହାବାଦ୍ ପ୍ରାୟ ଦେଢ଼ ଲକ୍ଷ ଲୋକ ଏଥିରେ ସଂକ୍ରମିତ ହୋଇଛନ୍ତି। ପଡ଼ୋଶୀ ଚାଇନାରେ ସର୍ବାଧିକ ୩,୧୯୩ ଜଣଙ୍କ ଜୀବନ ଯାଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୮୦,୮୨୪ରେ ପହଞ୍ଚିଛି। ଭାରତରେ ୮୪ ସଂକ୍ରମିତ ହେଲେଣି ଓ ୨ ଜଣଙ୍କ ଜୀବନ ଗଲାଣି। ଏହି ଭୂତାଣୁ ସଂକ୍ରମଣ କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ସାଜିଛି ତାହା ନୁହେଁ, ବିଶ୍ୱ ଅର୍ଥନୀତିକୁ ମଧ ଦୋହଲାଇଦେଇଛି। ବାଣିଜ୍ୟ, କ୍ରୀଡ଼ା, ପରିବହନ, ଶିକ୍ଷା ଭଳି ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ମଧ ପଡ଼ିଛି କରୋନାର କୋରଡ଼ା ମାଡ଼। ଏହାର ନିରାକରଣ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଇତିମଧରେ ଭାରତ ସରକାର ଏହାକୁ 'ବିଜ୍ଞପିତ ବିପତ୍ତି'ର ମାନ୍ୟତା ଦେଇଛନ୍ତି। ଆମେରିକାରେ କରୋନା ୪୧ ଜଣଙ୍କ ଜୀବନ ନେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ 'ଷ୍ଟେଟ୍ ଏମର୍ଜେନ୍ସି' ଭାବେ ଘୋଷଣା କରିଛନ୍ତି। ଟ୍ରମ୍ପ୍ ନିଜେ ମଧ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି।**

## ଭାରତରେ 'ବିଜ୍ଞପିତ ବିପତ୍ତି' ଘୋଷିତ

**ନୂଆଦିଲ୍ଲୀ, ୧୪।୩(ପି.ଟି.)**

- ମୃତକଙ୍କ ସମ୍ପର୍କୀୟଙ୍କୁ ମିଳିବ ୪ ଲକ୍ଷ
- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି
- ଏସ୍‌ଡିଆର୍‌ଏଫ୍‌ରୁ ସହାୟତା ଦେବାକୁ କେନ୍ଦ୍ରର ନିର୍ଦ୍ଦେଶ

ଭାରତରେ କରୋନା କାୟାବିସ୍ତାର କରି ଚାଲିଥିବାବେଳେ ଅଦ୍ୟାବଧି ୨ ଜଣଙ୍କ ମୃତ୍ୟୁ ହୋଇସାରିଲାଣି ଓ ୮୪ ଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସଂକ୍ରମଣକୁ ରୋକିବା ସହ ଲୋକଙ୍କୁ ସଚେତନ କରାଇବା ଲାଗି ସରକାର ବହୁବିଧ ପ୍ରୟାସ ଜାରି ରଖିଛନ୍ତି। ଶନିବାର କେନ୍ଦ୍ର ସରକାର କରୋନା ଭାଇରସ୍(କୋଭିଡ୍-୧୯)କୁ ଏକ ବିଜ୍ଞପିତ ବିପତ୍ତି (ନୋଟିଫାଏଡ୍ ଡିଜାଷ୍ଟର) ଭାବେ ଘୋଷଣା କରିଛନ୍ତି। ଏଥିସହ ଏହି ରୋଗ ସଂକ୍ରମଣ ଦ୍ୱାରା ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏନେଇ ଚିଠି ଲେଖାଯାଇଛି। ସହାୟତା ଅର୍ଥ ଏସ୍‌ଡିଆର୍‌ଏଫ୍ (ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି)ରୁ ପ୍ରଦାନ କରିବାକୁ କେନ୍ଦ୍ର ନିଷ୍ପତ୍ତି ନେଇଛି।

କରୋନା ସଂକ୍ରମିତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ନିର୍ଦ୍ଧାରଣ କରିବେ ବୋଲି କେନ୍ଦ୍ର କହିଛି। ସଂକ୍ରମିତଙ୍କ ସାମୟିକ ରହଣି, ଖାଦ୍ୟ, ପୋଷାକ, ମେଡିକାଲ ସେବା, କ୍ୱାରାଣ୍ଟାଇନ୍ କ୍ୟାମ୍ପ ଆଦିର ଖର୍ଚ୍ଚ ରାଜ୍ୟଗୁଡ଼ିକ ଏସ୍‌ଡିଆର୍‌ଏଫ୍‌ରୁ ଖର୍ଚ୍ଚ କରିପାରିବେ। କେତେ କ୍ୱାରାଣ୍ଟାଇନ୍ କ୍ୟାମ୍ପ ହେବ, ସେ ସମ୍ପର୍କରେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ସ୍ଥିର କରିବ। ଅତିରିକ୍ତ ଟେଷ୍ଟିଂ ଲାବୋରେଟୋରି ନିର୍ମାଣ, ଥର୍ମାଲ ସ୍କାନର, ଭେଣ୍ଟିଲେଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି କ୍ରୟ ଲାଗି ଏହି ପାଣ୍ଠିରୁ ଖର୍ଚ୍ଚ କରାଯାଇ ପାରିବ। ବାର୍ଷିକ ଖର୍ଚ୍ଚ ଏସ୍‌ଡିଆର୍‌ଏଫ୍‌ର ୨୫%ରୁ ଅଧିକ ନ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଦର୍ଶାଇଛି। ଚାଇନା ପଛକୁ ସର୍ବାଧିକ ସଂକ୍ରମିତ ଦେଶ ମଧ୍ୟରେ ଅଛନ୍ତି, ଇଟାଲୀ, ଇରାନ, ଦକ୍ଷିଣ କୋରିଆ ପ୍ରମୁଖ। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୋଭିଡ୍-୧୯କୁ ମହାମାରୀ ଭାବେ ଘୋଷଣା କରାଯାଇଛି।

## ଆମେରିକାରେ ଜାତୀୟ ଜରୁରୀ ସ୍ଥିତି


**ୱାଶିଂଟନ,୧୪।୩(ପି.ଟି.)**

**ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ଟ୍ରମ୍ପ୍**



କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୫୪୦୦ ଟପିଥିବାବେଳେ ପାଖାପାଖି ଦେଢ଼ଲକ୍ଷ ଲୋକ ଏଥିରେ ଆକ୍ରାନ୍ତ ହେଲେଣି। ଏହା ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଆଣିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ନେଇ ଦେଶରେ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। ଏଥିସହିତ କରୋନା ମୁକାବିଲା ପାଇଁ ସେ ୫୦ ବିଲିୟନ ଡଲାର ପାଣ୍ଠି ମଞ୍ଜୁର କରିଛନ୍ତି। ଚାଇନାରୁ ଆରମ୍ଭ ହୋଇଥିବା ଏହି ରୋଗ ଏବେ ୟୁରୋପରେ କାୟାବିସ୍ତାର କରିଚାଲିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ବିଶ୍ୱ ମହାମାରୀ ଘୋଷଣା କରିସାରିଛି। ଆମେରିକାର ୫୦ ରାଜ୍ୟ ମଧ୍ୟରୁ ୪୬ଟି କରୋନା ପ୍ରଭାବିତ ହୋଇଥିବାବେଳେ ୨୦୦୦ ଆକ୍ରାନ୍ତ ହୋଇଛନ୍ତି। ସେଠାରେ କରୋନାଜନିତ ମୃତ୍ୟୁସଂଖ୍ୟା ୪୧ରେ ପହଞ୍ଚିଛି। ଆଗାମୀ ୮ ସପ୍ତାହରେ ଏହା ଆହୁରି ବିପଜ୍ଜନକ ହୋଇପାରେ ବୋଲି ଏକ ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ କହିଛନ୍ତି। ଏହାର ମୁକାବିଲା ଲାଗି ସଂଘୀୟ ସରକାର ପୂରା ଦମ୍‌ରେ କାର୍ଯ୍ୟ କରିବେ। ଏଥିପାଇଁ ସରକାରୀ ଭାବେ ଏହାକୁ ଜାତୀୟ ଜରୁରୀ ସ୍ଥିତି ଜାରି କରାଗଲା ବୋଲି ସେ କହିଛନ୍ତି। ଟ୍ରମ୍ପ୍ କହିଛନ୍ତି, ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତଥାପି ସେ କରୋନା ପାଇଁ ନିଜର ପରୀକ୍ଷା କରାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ପରୀକ୍ଷାର ରିପୋର୍ଟ ଆସିନାହିଁ।

GHANASHYAM HEMALATA VIDYAMANDIR
(A CBSE AFFILIATED SCHOOL)
R. J. VIHAR, BHUAN, CHHAITANA,PURI
MOB: - 7008243964, 7873480470, 7377148406, 7735629062
WEB SITE: - www.ghvmschoolpuri.org,
E- mail - puri.ghvm@gmail.com
ADMISSION OPEN
FOR SESSION 2020-21
FROM CLASSES I TO VIII, (Admission on Merit Basis)
(Few Seats Are Available)
- Registration form will be available from 18.03.2020 to 25.03.2020 at school's office between 08:30 am to 11:30 am.
- Student Will Appear an Admission Test On The Same Day For The Corresponding Class.



ବିକାନେରର ଜୁନାଗଡ଼ ଦୁର୍ଗଠାରେ ପର୍ଯ୍ୟଟକମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି।

## ପରୀକ୍ଷା ଦେଇପାରିଲେନି ୨ ଛାତ୍ରୀ

**ବାଙ୍କୀ,୧୪।୩(ସ୍ୱ.ପ୍ର.)**

**କରୋନା ଭୟ**

- ଫେରାଇଦେଲେ ପ୍ରଧାନ ଶିକ୍ଷକ
- ଝାଡ଼ା, ଜ୍ୱରରେ ପୀଡ଼ିତ ଥିଲେ ଉଭୟ ଭଉଣୀ

କରୋନା ଭୟରେ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଏକ ଆଦର୍ଶ ବିଦ୍ୟାଳୟରେ ଶନିବାର ୨ ଜଣ ଅଷ୍ଟମ ଓ ଷଷ୍ଠ ଶ୍ରେଣୀ ଛାତ୍ରୀ ବାର୍ଷିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଉଭୟେ ଗୋଟିଏ ପରିବାରର ଓ ସମ୍ପର୍କରେ ଭଉଣୀ । ଭଉଣୀ ଦ୍ୱୟ ପରୀକ୍ଷା ଦେବାକୁ ଆସିଥିବା ବେଳେ ଝାଡ଼ା ଓ ଜ୍ୱରରେ ପୀଡ଼ିତ ହୋଇଥିବା ଲକ୍ଷ୍ୟ କରି ପ୍ରଧାନ ଶିକ୍ଷକ ସେମାନଙ୍କୁ ପରୀକ୍ଷା ଦେବାକୁ ବାରଣ କରିଥିଲେ। ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶୁତୋଷ ସାମଲ କହିଛନ୍ତି, ପିଲା ଦୁହେଁ ଅସୁସ୍ଥଥିବାରୁ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯାଇ ନଥିଲା। ଉଭୟଙ୍କ ଦେହ ୨୪ତାରିଖ ଭିତରେ ଭଲ ହୋଇଗଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା କରାଯିବାକୁ ୨୦୦ ପିଲା ପରୀକ୍ଷା ଦେଉଥିବା ବେଳେ କେବଳ ୨ ଜଣ ଛାତ୍ରୀଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର କରୋନାକୁ ରାଜ୍ୟ ବିପତ୍ତି ଘୋଷଣା କରି ସ୍କୁଲ କଲେଜରେ ପାଠପଢ଼ା ବନ୍ଦ କରିଛନ୍ତି। ଏଭଳି ସ୍ଥିତିରେ ବିଦ୍ୟାଳୟଗୁଡ଼ିକରେ ବାର୍ଷିକ ପରୀକ୍ଷା ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଋଣ ବୋଝ: ଚାଷୀଙ୍କ ଆତ୍ମହତ୍ୟା

**ନୟାଗଡ ଅଫିସ,୧୪।୩**

ନୟାଗଡ ଜିଲା ଶରଣକୁଳ ଥାନା ପଞ୍ଚରିଡା ମାନପୁର ନୂଆସାହିର ଚାଷୀ ଜୟକୃଷ୍ଣ ପଣ୍ଡା(୫୨) ଋଣ ଶୁଝି ନ ପାରି ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଜୟକୃଷ୍ଣ ଚାଷବାସ କରି ପରିବାର ଚଳାନ୍ତି। ଅଭାବ ଅନଟନରେ ରହୁଥିବାରୁ ବିଭିନ୍ନ ଗୋଷ୍ଠୀଠାରୁ ଋଣ ନେଇ ଚାଷ କରିଥିଲେ। ଋଣ ଶୁଝି ନ ପାରିବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ ପାଟିତୁଣ୍ଡ ହୋଇଥିଲା। ଜୟକୃଷ୍ଣ ସେହି ରାତିରେ ଘର ପାଖ ପିଜୁଳି ଗଛରେ ରଶି ଲଗାଇ ଆତ୍ମହତ୍ୟା କରଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ

**୨ ଯବାନ ଶହୀଦ,୨ ଗୁରୁତର**

**ମାଲକାନଗିରି,୧୪।୩(ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତ ତଥା ଛତିଶଗଡ଼ର ବସ୍ତର ଜିଲା ମର୍ଦ୍ଦୁମ ଥାନା ଅଞ୍ଚଳର ପୁଷ୍ପାଲ ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗୁଳିମାଡ଼ରେ ୨ଜଣ ଯବାନ ଶହୀଦ ହୋଇଛନ୍ତି। ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବରରୁ ଜଣାପଡ଼ିଛି ପୁଷ୍ପାଲ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ଜାଣିପାରି ସିଆର୍‌ପିଏଫ୍ ଓ ଛତିଶଗଡ଼ ପୋଲିସ କୋମ୍ବିଂ ଅପରେଶନ କରିଥିଲେ। ସେମାନେ ସେଠାରେ ପହଞ୍ଚିବା ପୂର୍ବରୁ ମାଓବାଦୀଙ୍କ ଅମ୍ବୁସରେ ଫସିଯାଇଥିଲେ। ମାଓବାଦୀମାନେ ପୋଲିସ ଯାତାୟାତ କରୁଥିବା ରାସ୍ତାରେ ଏକ ପ୍ରେସର ବୋମା ଖଞ୍ଜିଥିଲେ। ପୋଲିସ ଗାଡ଼ି ସେଠାରେ ପହଞ୍ଚିବା ମାତ୍ରେ ବିସ୍ଫୋରଣ ହୋଇଥିଲା। ଏଥିରେ ୨ଜଣ ଯବାନ ଶହୀଦ ହୋଇଥିଲେ। ୨ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ଲାଗି ଦାନ୍ତେୱାଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହେବାରୁ ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ।

**ଆଜିର ସମ୍ପାଦକୀୟ**

**ଭାରତ କେତେ ସାର୍ବଭୌମ**

**ଆଜିର ମନ୍ତବ୍ୟ**

"କରୋନା ସଂକ୍ରମଣ କମାଇବା ଲାଗି ଡବ୍ଲ୍ୟୁଏଚ୍‌ଓ ପରାମର୍ଶକୁ ପାଳନ କରିବା ସହ ଯଥାସମ୍ଭବ ସାମାଜିକ ମିଳାମିଶା ହ୍ରାସ କରିବା ଜରୁରୀ।

-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

**କିଛି ତଥ୍ୟ**

ଫଣ୍ଡ ଅଫ୍ ଫଣ୍ଡସ ଯୋଜନା ଅଧିନ ୩୨୦ ଷ୍ଟାର୍ଟଅପ୍‌କୁ ଫେବୃୟାରୀ ୨୮ ସୁଦ୍ଧା ୩,୩୭୮ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଛି।

-ବାଣିଜ୍ୟ ମନ୍ତ୍ରଣାଳୟ

Taste the difference! Vencobb FRESH CHICKEN

14.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers

## ସୁନ୍ଦରୀର ଚର୍ବି ବଢ଼ାଉଛି ଘୁଷୁରି ମାଂସ



ଏନ୍‌କ୍ଲୋଜର ମଧ୍ୟରେ ରହି ମୋଟୀ ହୋଇଯାଇଥିବା ବାଘୁଣୀ ସୁନ୍ଦରୀ।

- ଆସିବାବେଳେ ଥିଲା ୧୩୪ କେଜି
- ଏବେ ହେଲାଣି ୨ କୁଇଣ୍ଟାଲ ୧୦
- ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା

**ବନ୍ତଲା, ୧୪।୩(ଦିନେଶ ଦେହୁରୀ)**

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଏନ୍‌କ୍ଲୋଜର ମଧ୍ୟରେ ବର୍ଷେ ୩ ମାସ ହେଲା ବନ୍ଦୀ ଜୀବନ କାଟୁଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ ଶରୀରରେ ଚର୍ବି ବଢ଼ାଉଛି ଘୁଷୁରି ମାଂସ। ଏନ୍‌କ୍ଲୋଜରରେ ରହିବା ପରଠାରୁ ସେ ୪୦ଟି ଘୁଷୁରି ଖାଇ ସାରିଥିବାରୁ ଶରୀରର ଓଜନ ଆବଶ୍ୟକତାଠାରୁ ଅଧିକ ବଢ଼ିଯାଇଛି। ମଧ୍ୟପ୍ରଦେଶରୁ ସାତକୋଶିଆ ଆସିବା ବେଳେ ବାଘୁଣୀର ଓଜନ ୧୩୪ କେଜି ଥିବାବେଳେ ଏବେ ତାହା ବୃଦ୍ଧିପାଇ ୨ କୁଇଣ୍ଟାଲ ୧୦ କେଜିରେ ପହଞ୍ଚିଯାଇଛି। ଦିନକୁ ଦିନ ଅଧିକ ମୋଟୀ ହେଉଥିବାରୁ ଭବିଷ୍ୟତରେ ତାହା ସୁନ୍ଦରୀର ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ପରିବେଶବିତ୍‌ଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

୨୦୧୮ ଜୁନ ୨୮ରେ ମଧ୍ୟପ୍ରଦେଶ ବାନ୍ଧବଗଡ଼ରୁ ବାଘୁଣୀ 'ସୁନ୍ଦରୀ'କୁ ସାତକୋଶିଆ ଅଣାଯାଇଥିଲା। ସେହିବର୍ଷ ଅଗଷ୍ଟ ୧୭ରେ ଜଙ୍ଗଲ ମଧ୍ୟକୁ ଛଡ଼ାଯିବା ପରଠାରୁ ସୁନ୍ଦରୀ ଜନବସତିର ନିକଟତର ହୋଇ ଆତଙ୍କ ଖେଳାଇଥିଲା। ଏପରି କି ୨ଟି ମଣିଷ ମାରିଥିବା ଅଭିଯୋଗ ଆସିବା ପରେ ୨୦୧୮ ନଭେମ୍ବର ୬ରେ ଟିକରପଡା ରେଞ୍ଜ ମଝିପଡା ରିଜର୍ଭ ଜଙ୍ଗଲ ମହାନଦୀ କୂଳ ଶିବମନ୍ଦିର ନିକଟରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ସେବେଠାରୁ ରାଇଗୁଡା ରେଞ୍ଜ୍ ନିକଟ ୫ ଏକରର ଏନ୍‌କ୍ଲେଜର ମଧ୍ୟରେ ସୁନ୍ଦରୀକୁ ରଖାଯାଇଛି। ମଝିରେ ମଝିରେ ବାହାରୁ ତାକୁ ଶିକାର ଯୋଗାଇ ଦିଆଯାଉଛି। ବିଶେଷକରି ଅଧିକ ମାତ୍ରାରେ ଘୁଷୁରି ମାଂସ ଦିଆଯାଉଥିବାରୁ ସୁନ୍ଦରୀ ମୋଟୀ ହୋଇଯାଉଥିବା କୁହାଯାଉଛି। ବୟସ ତୁଳନାରେ ଓଜନ ଅଧିକ ବଢୁଥିବା ବନ ବିଭାଗ ଓ ପ୍ରାଣୀ ବିଶେଷଜ୍ଞ ଜାଣିବା ପରେ ଗତ ଫେବୃୟାରୀ ୨୧ରେ ବେକରେ ବନ୍ଧା ଯାଇଥିବା ରେଡିଓ କୋଲାରକୁ ଖୋଲି ଦିଆଯାଇଛି। ସାଧାରଣତଃ ଜଙ୍ଗଲରେ ମୁକ୍ତ ଭାବେ ବୁଲୁଥିବା ବାଘ ଦିନକୁ ପ୍ରାୟ ୧୦ କେଜି ମାଂସ ଖାଉଥିଲେ ବିବୁଲାବୁଲି ଯୋଗୁ ଶରୀର ଓଜନ ଠିକ୍ ରହିଥାଏ। ହେଲେ ଏନ୍‌କ୍ଲୋଜର ଭିତରେ ଥିବାରୁ ସୁନ୍ଦରୀକୁ ଦିନକୁ ୫ କେଜି ହିସାବରେ ଘୁଷୁରି ଓ ଅନ୍ୟାନ୍ୟ ମାଂସ ଦିଆଯାଉଛି। ତେଣୁ ବର୍ତ୍ତମାନ ସୁଦ୍ଧା ୪୮ଟି ଜୀବ ବାଘୁଣୀ ଖାଇସାରିଛି। ସେଥିମଧ୍ୟରୁ ୪୦ଟି ଘୁଷୁରି ହୋଇଥିବା ବେଳେ ଅନ୍ୟ ୮ଟି ହରିଣ ଓ ଶମ୍ବର ରହିଛି। ଶିକାର ସହଜ ହେଉଥିବାରୁ ବାଘ ମୁଖ୍ୟତଃ ବାର୍ହା ଓ ଶମ୍ବରକୁ ଟାର୍ଗେଟ୍ କରି ଖାଇଥାଏ। କିନ୍ତୁ ସହରରୁ ଘୁଷୁରି ନେଇ ଖାଇବାକୁ ଦିଆଯିବା ଦ୍ୱାରା ସୁନ୍ଦରୀର ଓଜନ ବଢୁଛି ଓ ଏହା ବିଭିନ୍ନ ସଂକ୍ରାମକ ରୋଗ ସୃଷ୍ଟି କରିପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ବିଷୟରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କୁହନ୍ତି, ଘୁଷୁରି ମାଂସ ଚର୍ବିଜାତୀୟ। ଏହି ଖାଦ୍ୟ ଖାଇ ସୁନ୍ଦରୀର ମୋଟାପଣ ବଢ଼ିଛି। ତେଣୁ ଓଜନ କମାଇବା ପାଇଁ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟଙ୍କୁ ଚିଠି କରାଯାଇଥିଲା। ଶନିବାର ଅପରାହ୍ନରେ ଉପାଧ୍ୟାୟ ସାତକୋଶିଆରେ ପହଞ୍ଚି ସିସିଟିଭିରେ ସୁନ୍ଦରୀର ଚାଲିଚଳଣ ଅନୁଧ୍ୟାନ କରିଛନ୍ତି। ବ୍ୟାଘ୍ର ପ୍ରକଳ୍ପରୁ ଶିକାର କରି ସୁନ୍ଦରୀକୁ ଖାଦ୍ୟ ଦେଇହେବ ନାହିଁ। ଏହାଦ୍ୱାରା ସମସ୍ୟା ଦେଖାଦେବ। ଏଥିପାଇଁ ଅନ୍ୟ ବ୍ୟବସ୍ଥା କରାଯିବ ବୋଲି କରାଟେ ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ବାଦଲ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଲେଇ ଦେଲି ମହଣ ଛତି,**
**ଛାଇ ହେବ ବୋଲି;**
**ମଧୁର କଥାରେ ଭୁଲି ତ ଗଲି**
**ଦରମରା ହେଇଗଲି।**

ଚିକ୍କଣିଆ କଥାରେ ଭଳିଯାଇ ସରଳ, ନିଷ୍କପଟ ବ୍ୟକ୍ତି ଠକି ହୋଇ ଯାଇଥାନ୍ତି। ଅନ୍ୟର ମଧୁର କଥାରେ ଭାସିଯାଇ କାର୍ଯ୍ୟ କରିବସିଲେ ପରିଶେଷରେ ହୀନସ୍ତା ଭୋଗିବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ମୁଗ ବୋଡି,**
**କାଳୀ ଦେହରେ ହଳଦୀ ବୋଳିଲେ**
**କଉଡ଼ି କ୍ଷତି।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷି ମାଜିଲେ କି ହଳଦୀ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ହଳଦୀ ରଙ୍ଗରେ ଶ୍ୟାମଳ ବର୍ଣ୍ଣ ଗୋରା ହୁଏନା ବରଂ ଅର୍ଥ ନଷ୍ଟ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅନିଶ୍ଚିତତାରେ ସମ୍ବଲପୁର କମିଶନରେଟ୍ ପୋଲିସ ବ୍ୟବସ୍ଥା

**ସମ୍ବଲପୁର,୧୪।୩(ବ୍ୟୁରୋ)**

୨୦୧୪ରେ ସମ୍ବଲପୁରକୁ ମହାନଗର ନିଗମ ଭାବେ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଛି। ହେଲେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରାଯାଇପାରିନାହିଁ। କେବେ ଏହି ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ପୂର୍ବରୁ ଏଥିପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଯେଉଁ ରିପୋର୍ଟରେ କମିଶନରେଟ୍ ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସହରର ଲୋକସଂଖ୍ୟାକୁ ଭିତ୍ତି କରି କେତୋଟି ଥାନା ରହିବ। ଥାନାର ସୀମା ନିର୍ଦ୍ଧାରଣ ସହିତ କେତେ ପୋଲିସ କର୍ମଚାରୀଙ୍କ ଆବଶ୍ୟକତା ଅଛି ତାହା ଉଲ୍ଲେଖ କରାଯାଇଥିଲା। ପୂର୍ବତନ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ମଧ୍ୟ ୨୦୧୮ରେ ସମ୍ବଲପୁର ସମେତ ରାଉରକେଲା ଓ ବ୍ରହ୍ମପୁରରେ ଖୁବ୍ ଶୀଘ୍ର କମିଶନର ପୋଲିସ ବ୍ୟବସ୍ଥା ଲାଗୁ କରାଯିବ ବୋଲି ଘୋଷଣା କରିଥିଲେ। ଏପରି କି ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ସୂଚନା ଦେଇଥିଲେ। କମିଶନରେଟ୍ ପୋଲିସ ବ୍ୟବସ୍ଥା ଲାଗୁ ହେଲେ ମହିଳାଙ୍କ ସୁରକ୍ଷା ସହିତ ଅପରାଧିକ କାର୍ଯ୍ୟକଳାପ ରୋକାଯାଇ ପାରିବ ବୋଲି ସେ କହିଥିଲେ। ହେଲେ ସରକାର ଆଜି ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମହାନଗର ନିଗମ ଘୋଷଣା ପରେ ସମ୍ବଲପୁର ପୌରାଞ୍ଚଳ ସହିତ ବୁର୍ଲା,ହୀରାକୁଦ ସମେତ ମାନେଶ୍ୱର ଓ ଧନକଉଡା ବ୍ଲକର ୧୨ ପଞ୍ଚାୟତକୁ ସାମିଲ କରାଯାଇଛି। ସହରର ପରିସୀମା ବୃଦ୍ଧି ସହିତ ଲୋକସଂଖ୍ୟା ୩ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଏପରି ପରିସ୍ଥିତିରେ ଆଇନଶୃଙ୍ଖଳା ପରିସ୍ଥିତିକୁ ରୋକିବା ସହିତ ଟ୍ରାଫିକ୍ ନିୟନ୍ତ୍ରଣରେ ପୋଲିସ ବିଫଳ ହେଉଛି। ମହାନଗର ନିଗମ ଅଞ୍ଚଳରେ ପ୍ରତିଦିନ ଛୋଟ ବଡ଼ ଅପରାଧ ଘଟୁଛି। ଅନ୍ୟପକ୍ଷେ ନୂଆ ନୂଆ ଅପରାଧ ଘଟୁଥିବାରୁ ପୁରୁଣା ମାମଲାର ତଦନ୍ତରେ ପୋଲିସ ଅଡୁଆରେ ପଡୁଛି। ଆବଶ୍ୟକ ପୋଲିସ କର୍ମଚାରୀଙ୍କ ଅଭାବ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ସହରବାସୀ କମିଶନରେଟ୍ ପୋଲିସ ବ୍ୟବସ୍ଥାକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ କହିଛନ୍ତି, ଏଥିପାଇଁ ଗତ କିଛିବର୍ଷ ତଳେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରୀସ୍ତରରେ ସେଥିପାଇଁ ପଦକ୍ଷେପ ନିଆଯିବ। ତେବେ ସେହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆଉ କେତେଦିନ ସମୟ ଲାଗିବ ସେ ସଂକ୍ରାନ୍ତରେ ମୋ ପାଖରେ କୌଣସି ସୂଚନା ନାହିଁ।

ଅବସରପ୍ରାପ୍ତ ଏସ୍‌ପି ସୁଶୀଲ ପାଣିଗ୍ରାହୀ କହିଛନ୍ତି, କମିଶନରେଟ୍ ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ହେବ। ଅଧିକ ଅନୁଦାନ ଆସିବ। ଫଳରେ ପୋଲିସ ତଦନ୍ତ ପାଇଁ ଆବଶ୍ୟକ ହେଉଥିବା ଅତ୍ୟାଧୁନିକ ଉପକରଣ,ସାମଗ୍ରୀ ଉପଲବ୍ଧ ହେବ। ସହର ସାରା ସିସିଟିଭି ଲଗାଯିବ। ଫଳରେ ଆପରାଧିକ କାର୍ଯ୍ୟକଳାପ ଓ ଗତିବିଧି ଉପରେ ନଜର ରଖାଯାଇପାରିବ। ସେହିପରି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହୋଇପାରିବ। ଟ୍ରାଫିକ ସମସ୍ୟା ଦୂର ହୋଇଯିବ। ଜଣେ ଆଇଜି ପାହ୍ୟାର ଅଧିକାରୀ ନିଯୁକ୍ତ ହେବେ। ତାଙ୍କର ମାଜିଷ୍ଟ୍ରେଟ କ୍ଷମତା ରହିବ। ଜରୁରୀ ପରିସ୍ଥିତିରେ ମାଜିଷ୍ଟ୍ରେଟ ପାଇଁ ଅନ୍ୟ ବିଭାଗ ଅଧିକାରୀଙ୍କ ଅପେକ୍ଷା କରିବାକୁ ପଡିବ ନାହିଁ। ସହର ଅନେକ ଛକରେ ସ୍ଥାୟୀ ଟ୍ରାଫିକ ପୋଷ୍ଟ ନାହିଁ। କମିଶନରେଟ୍ ପୋଲିସ ବ୍ୟବସ୍ଥା ଦ୍ୱାରା ଯାନବାହନ ନିୟନ୍ତ୍ରଣ କରିହେବ। ସମଗ୍ର ପୋଲିସିଂ ବ୍ୟବସ୍ଥାରେ ଉନ୍ନତି ଆସିବ। ରାଜ୍ୟ ସରକାର ଖୁବ୍ ଶୀଘ୍ର କମିଶନରେଟ୍ ପୋଲିସ ବ୍ୟବସ୍ଥା ଲାଗୁ କରିବାକୁ ସେ ଅନୁରୋଧ କରିଛନ୍ତି।

ଏବେ କ୍ଷେତରାଜପୁର, ହୀରାକୁଦ, ଅଇଁଠାପାଲି, ସଦର, ଟାଉନ, ଧନୁପାଲି ଥାନା ସହ ଟିପିଲିମା, ଗୋଶାଳା, ବୁର୍ଲା ମେଡିକାଲ, ଜ୍ୟୋତିବିହାର, ବାହାଲପଡା, ବଡବଜାର, କ୍ଷେତରାଜପୁର ବିଟ ହାଉସ୍, ଫାଟକ ଫାଣ୍ଡି ରହିଛି। ହେଲେ ଉପରୋକ୍ତ ଥାନା ଓ ଫାଣ୍ଡିରେ ଆବଶ୍ୟକତା ଅନୁସାରେ ପୋଲିସ ଅଧିକାରୀ ଓ କର୍ମଚାରୀ ନ ଥିବାରୁ ଅପରାଧ, ଚୋରି, ଡକାୟତି, ଲୁଟ ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

# ଆମିରଙ୍କ ପାଇଁ କାନ୍ଦିବାକୁ ପଡ଼ିଥିଲା ଦିବ୍ୟାଙ୍କୁ



ମୁମ୍ବାଇ: ବଲିଉଡ୍‌ରେ ମିଷ୍ଟର ପର୍‌ଫେକ୍ଟ ଭାବେ ପରିଚିତ ଆମିର ଖାଁ ସୁନ୍ଦର ଅଭିନୟ ଏବଂ ଫିଲ୍ମ ଚୟନ କ୍ଷମତା ପାଇଁ ଅନ୍ୟ କଳାକାରଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିଗତ ଜୀବନରେ ମଧ୍ୟ ସେ ବହୁତ ପ୍ରାକ୍ଟିକାଲ। ତେବେ ଏହି ମିଷ୍ଟର ପର୍‌ଫେକ୍ଟଙ୍କ ପାଇଁ ଦିବଙ୍ଗତ ଅଭିନେତ୍ରୀ ଦିବ୍ୟା ଭାରତୀଙ୍କୁ ଏକଦା କାନ୍ଦିବାକୁ ପଡ଼ିଥିଲା।

ଆମିର ଏବଂ ଦିବ୍ୟାଙ୍କ ମଧ୍ୟରେ ବିବାଦ ଲଣ୍ଡନରୁ ଆରମ୍ଭ ହୋଇଥିଲା। ସେଠାରେ ଆମିର, ଦିବ୍ୟାଙ୍କ ସହ ସୁନୀଲ ସେଠୀ, ରବୀନା ଟଣ୍ଡନ, ଜୁହି ଚାୱଲା ଏବଂ ସଲମାନ୍ ଖାନ୍ ପରଫର୍ମ କରିବାର ଥିଲା। ମାତ୍ର ଦିବ୍ୟା କେତୋଟି ଷ୍ଟେପ୍ ଭୁଲିଯାଇଥିଲେ। ଏକଥା ଆମିର ଜାଣିପାରିଥିଲେ। ତେଣୁ ସେ ତାଙ୍କ ସହ ପର୍‌ଫର୍ମ କରିବାକୁ ମନା କରିଦେଇଥିଲେ। ଏହା ଦିବ୍ୟାଙ୍କୁ ଭାରି ଖରାପ ଲାଗିଥିଲା। ତେଣୁ ସେ ବାଥ୍‌ରୁମ୍‌ରେ ବସି ଘଣ୍ଟାଏ ପର୍ଯ୍ୟନ୍ତ କାନ୍ଦିଥିଲେ। ଏ କଥା ନିଜେ ଦିବ୍ୟା ଏକ ସାକ୍ଷାତକାରରେ କହିଥିଲେ। ଏହି ସମୟରେ ସଲମାନ୍ ତାଙ୍କର ସାଥ୍ ଦେଇଥିବାରୁ ସେ ତାଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ।

# ଗୁରୁତର ପୋଲିସ କନଷ୍ଟେବଲ ମୃତ

**ଢେଙ୍କାନାଳ ଅଫିସ, ୧୪।୩**

ଦୋଳ ଉତ୍ସବରେ ରକ୍ତର ଛିଟା। ସାମାନ୍ୟ ବଚସାକୁ କେନ୍ଦ୍ର କରି ଗୁଳିମାଡ଼। ଏଥିରେ ଟଳି ପଡ଼ିଛନ୍ତି ପୋଲିସ କନଷ୍ଟେବଲ ରାମଚନ୍ଦ୍ର ସାହୁ (୪୫)। ଢେଙ୍କାନାଳ ଜିଲା ସଦର ଥାନା ଚାଉଳିଆ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୧ଟା ୪୫ରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଗ୍ରାମସଭାପତି ଶ୍ରୀକାନ୍ତ ସାହୁ ଫେରାର ଥିବାବେଳେ ପୋଲିସ ଛାନଭିନ୍ ଆରମ୍ଭ କରିଛି। ଘଟଣାସ୍ଥଳରୁ ଏକ ଖୋକା ଜବତ କରାଯାଇଛି। ଅନ୍ୟପଟେ ଘଟଣା ପରେ ଚାଉଳିଆ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

ଭୁବନେଶ୍ୱର ଆର୍‌ବିଆଇ ବାଟାଲିଅନରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ ରାମଚନ୍ଦ୍ର। ଦୋଳ ଉତ୍ସବ ଏବଂ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଲାଗି ସେ ଗାଁକୁ ଆସିଥିଲେ। ଶୁକ୍ରବାର ରାତିରେ ରାମଚନ୍ଦ୍ରଙ୍କ ଘର ନିକଟରେ ଦୋଳ ମେଲଣ ଉତ୍ସବ ଚାଲିଥିଲା। ସେଠାକୁ ଆଇନଶୃଙ୍ଖଳା ରକ୍ଷା କରିବାକୁ ଆସିଥିବା ପୋଲିସ କର୍ମଚାରୀଙ୍କୁ ଖାଇବାକୁ ଡାକିବାକୁ ନେଇ ରାମଚନ୍ଦ୍ର ଏବଂ ଶ୍ରୀକାନ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶ୍ରୀକାନ୍ତ ଏକ ପିସ୍ତଲରୁ ରାମଚନ୍ଦ୍ରଙ୍କ ଉପରକୁ ଗୁଳିମାଡ କରିଥିଲେ। ଗୁଳିଟି ତାଙ୍କ ଡାହାଣ ପାଖ ଛାତିରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବିଳମ୍ବିତ ରାତିରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।



ଏସ୍‌ପି ଅନୁପମା ଜେମ୍‌ସ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

- **ଚାଉଳିଆ ଗୁଳିମାଡ଼ ଘଟଣା**
- **ଅଭିଯୁକ୍ତ ଗ୍ରାମ ସଭାପତି ଫେରାର**
- **ମୃତଦେହ ରଖି ରାସ୍ତାରୋକୋ**

ଶନିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଚାଉଳିଆ ଖମାର-ବଣସିଂହ ରାସ୍ତା ଅବରୋଧ କରିଥିଲେ। ଅତିରିକ୍ତ ଏସ୍‌ପି ଗଣେଶ୍ୱର ପ୍ରଧାନ ସଦଳବଳ ପହଞ୍ଚି ବୁଝାଶୁଝା କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଅପରପକ୍ଷେ ଏସ୍‌ପି ଅନୁପମା ଜେମ୍ସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଗୁଳିମାଡ ସମୟରେ ଉପସ୍ଥିତ ତରଭା ଫାଣ୍ଡି ପୋଲିସ କର୍ମଚାରୀଙ୍କୁ ସେ ପଚରାଉଚୁରା କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ପାଟ୍ରୋଲିଂ ଜାରି ରହିଛି। ଏ ନେଇ ନଂ. ୯୭/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଏ ନେଇ ଏସ୍‌ପି କୁହନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ଘଟଣା ସମୟରେ ତରଭା ପୋଲିସ ଉପସ୍ଥିତି ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଏହାର ତଦନ୍ତ କରାଯାଉଛି। ଯଦି ଏପରି କିଛି ପ୍ରମାଣ ମିଳେ ତା' ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କରୋନା ସନ୍ଦେହରେ ନବବଧୂଙ୍କୁ ନିର୍ଯାତନା

## ସ୍ୱାମୀ, ଶ୍ୱଶୁର ଗିରଫ

**ନବରଙ୍ଗପୁର,୧୪।୩(ବି.ପ୍ର)**

କାଶ ହେବାରୁ କରୋନା ହୋଇଥିବା ସନ୍ଦେହ କରି ଜଣେ ନବବଧୂଙ୍କୁ ତାଙ୍କ ଶ୍ୱଶୁରଘର ଲୋକେ ନିର୍ଯାତନା ଦେଇଛନ୍ତି। ନବବଧୂଙ୍କ ଅଭିଯୋଗ କ୍ରମେ ସ୍ୱାମୀ ଓ ଶ୍ୱଶୁରଙ୍କୁ ପୋଲିସ ଶନିବାର ଗିରଫ କରିଛି। ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ମୁର୍ଠୁମା ଝୁଭି ୬ ଗ୍ରାମର ହିରଧନ ସରକାରଙ୍କ ଝିଅ ପୂଜା ଉମରକୋଟ ନିବାସୀ ଯୁବରାଜ ଅକିଲଙ୍କ ପୁଅ ଜୟନ୍ତଙ୍କୁ ଗତ ୨ରେ ବିବାହ କରିଥିଲେ। ଯୌତୁକ ବାବଦରେ ବିଭିନ୍ନ ଆସବାବପତ୍ର ସହ ନଗଦ ଅଢେଇ ଲକ୍ଷ ଟଙ୍କା ଓ ଏକ ବାଇକ ହିରଧନ ଦେଇଥିଲେ। କିନ୍ତୁ ଅଧିକ ଯୌତୁକ ଆଣିବା ପାଇଁ ପୂଜାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇଥିଲେ। ଏପରି କି ୨ ଦିନ ପରେ ଜୋରଜବରଦସ୍ତ ପୂଜାଙ୍କ ହାତରୁ ମେହେନ୍ଦି ଲିଭେଇ ଦେଇଥିଲେ। ପୂଜାଙ୍କୁ ଥଣ୍ଡା ଯୋଗୁ କାଶ ହୋଇଥିଲା। ଶ୍ୱଶୁର ଘର ଲୋକ କରୋନା ଭାଇରସ ସନ୍ଦେହ କରି ଚଟାଣରେ ଶୋଇବାକୁ ଦେଇଥିଲେ। ବାରମ୍ୱାର ରୋଷେଇ କରିବାକୁ କହୁଥିଲେ। ରୋଷେଇ ସ୍ୱାଦ ନାହିଁ ବୋଲି କହି ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ପୂଜା ବାପ ଘରକୁ ଚାଲି ଆସିଥିଲେ। ମୁର୍ଠୁମା ଗ୍ରାମରେ ବୈଠକ ବସିବା ପରେ ପୂଜା ଉମରକୋଟ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଯୁବରାଜ ଓ ଜୟନ୍ତଙ୍କୁ ଉମରକୋଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟନ୍ତଙ୍କୁ ଏ ସମ୍ପର୍କରେ ପଚାରିବାରୁ ଯୌତୁକ ନିର୍ଯାତନାକୁ ସେ ପରୋକ୍ଷରେ ସ୍ୱୀକାର କରିବା ସହ କରୋନା ଭାଇରସ କହି କେବଳ ମଜା କରୁଥିଲେ, ଯାହାକୁ ପୂଜା ନିର୍ଯାତନା ବୋଲି ଅଭିଯୋଗ କରିଛନ୍ତି ବୋଲି ଜୟନ୍ତ କହିଛନ୍ତି। ଥାନାରେ ନଂ.୭୨/୨୦ରେ ମାମଲା ରୁଜୁ ହୋଇଛି।

# ବିଦେଶୀ ପର୍ଯ୍ୟଟକ କରୋନା ସନ୍ଦିଗ୍ଧ

- **ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ନାବାଳିକା**
- **ହସ୍ପିଟାଲରୁ ଡାକ୍ତର ଛାଡ଼ିଦେବାକୁ ନେଇ ଅସନ୍ତୋଷ**

**ପୁରୀ ଅଫିସ,୧୪।୩**

କରୋନା ଭୂତାଣୁକୁ ନେଇ ଏବେ ସବୁଠି ଆତଙ୍କର ବାତାବରଣ। ଭାରତରେ ମଧ୍ୟ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଓଡ଼ିଶାରେ ଯଦିଓ ଏହି ପ୍ରାଣଘାତୀ ଭୂତାଣୁ ଚିହ୍ନଟ ହୋଇନାହିଁ କିନ୍ତୁ ସନ୍ଦିଗ୍ଧଙ୍କ ସଂଖ୍ୟା ଅଟକୁ ନାହିଁ। ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ କରୋନା ସନ୍ଦିଗ୍ଧ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଆଉ ଏଥିରେ ସାମିଲ ହୋଇଛି ପୁରୀ। ଶନିବାର ଜଣେ ନାବାଳିକା ବିଦେଶୀ ପର୍ଯ୍ୟଟକ କରୋନା ସନ୍ଦିଗ୍ଧ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପ୍ରାୟ ୫ ଦିନ ହେବ ସେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ଥିଲେ। ମାତ୍ର ଥଣ୍ଡା ଜ୍ୱର ପାଇଁ ଆବଶ୍ୟକ ଔଷଧପତ୍ର ଦେଇ ଡାକ୍ତର ତାଙ୍କୁ ହସ୍ପିଟାଲରୁ ଛାଡ଼ିଦେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୟୁରୋପର ଲିଥୁଆନିଆରୁ ଆସିଥିବା ସମ୍ପୃକ୍ତ ପରିବାର ଗତ ଫେବୃୟାରୀ ୫ରେ ପ୍ରଥମେ କୋଲକାତାରେ ପହଞ୍ଚିଥିଲେ। ସେଠାରେ ବୁଲାବୁଲି କରିବା ପରେ ଗତମାସ ୬ ତାରିଖରେ ପୁରୀରେ ପହଞ୍ଚିଥିଲେ। ସିଟି ରୋଡର ଏକ ହୋଟେଲରେ ରହୁଥିଲେ। ପ୍ରାୟ ୫ଦିନ ହେବ ନାବାଳିକାଙ୍କ ଥଣ୍ଡା ଜ୍ୱର ଲାଗି ରହିବାରୁ ତାଙ୍କ ମା' ଏବଂ ଅନ୍ୟଜଣେ ମହିଳା ତାଙ୍କୁ ଶନିବାର ଅପରାହ୍ନରେ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ନାବାଳିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ (ପୃଥକୀକରଣ କକ୍ଷ)ରେ ରଖାଯାଇଥିଲା। ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର କୁମୁଦିନୀ ମିଶ୍ର କହିଥିଲେ ଅବସ୍ଥା ଏତେଟା ଅସୁବିଧା ନାହିଁ। ଜ୍ୱର ୧୦୨ ଥିବାବେଳେ ଛାତିରେ ଇନ୍‌ଫେକ୍ସନ ରହିଛି। କରୋନା ଆକ୍ରାନ୍ତ ନେଇ କୌଣସି ସ୍ପଷ୍ଟ ଜଣାପଡୁ ନାହିଁ। କିନ୍ତୁ ତାଙ୍କୁ ଅବ୍‌ଜରଭେଶନରେ ରଖାଯାଇ ଜ୍ୱର ପାଇଁ ଚିକିତ୍ସା କରାଯିବ। ଏଥିସହ ତାଙ୍କର ସାମ୍ପଲ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ। କିନ୍ତୁ ସନ୍ଧ୍ୟାରେ ତାଙ୍କୁ ଆବଶ୍ୟକ ଔଷଧପତ୍ର ଦିଆଯାଇ ହସ୍ପିଟାଲରୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ତାଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ନ ଥିବା ଜଣାପଡ଼ିବା ପରେ ଏହାକୁ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କରୋନା ସନ୍ଦିଗ୍ଧ ଭାବେ ସେ ହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ଏତେ ଶୀଘ୍ର କାହିଁକି ବାହାରକୁ ଛଡ଼ାଗଲା ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ଅନେକ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।



ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମା'ଙ୍କ ସହ କରୋନା ସନ୍ଦିଗ୍ଧ ନାବାଳିକା।

ତେବେ ମିଳିଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ମା' ଝିଅକୁ ହସ୍ପିଟାଲରୁ ତାଙ୍କ ଇଚ୍ଛା ଅନୁସାରେ ନେଉଛନ୍ତି, ଯଦି କିଛି ସମସ୍ୟା ହୁଏ ତେବେ ମେଡିକାଲ କର୍ମଚାରୀ ଦାୟୀ ନୁହଁନ୍ତି ଏବଂ ତାଙ୍କ ଝିଅ ରକ୍ତ ନମୁନା ଦେବାକୁ ଚାହୁଁ ନ ଥିବା ଲେଖି ଦେବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳକଣ୍ଠ ମିଶ୍ରଙ୍କୁ ପଚାରିବାରୁ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଛାଡ଼ି ଦିଆଯାଇ ନାହିଁ, ଆମ ନଜରରେ ସେ ଅଛନ୍ତି ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାପଯୁକ୍ତ ମଙ୍ଗଳ ହେତୁ ପାରିବେଶିକ କୁପ୍ରଭାବ, ମାନସିକ ଶାନ୍ତି ଓ ଶାରୀରିକ ସୁସ୍ଥତା ପାଇଁ ଅନୁକୂଳ ହେବନାହିଁ। ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନ ଓ ଯାତ୍ରାରୁ କେତେକାଂଶରେ ଖୁସି ରହିବେ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ**
ଭ୍ରାତୃ ବିବାଦ, ପଡ଼ୋଶୀଙ୍କ ସହ ସମ୍ପର୍କର ଅଭାବ ସାଙ୍ଗକୁ ଅର୍ଥନୈତିକ ସମସ୍ୟା ମାନସିକ ଶାନ୍ତିକୁ ନଷ୍ଟ କରିବ। ମଝିରେ ମଝିରେ ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଯାତ୍ରା ଓ ବନ୍ଧୁମିଳନ, କଳା, ସାହିତ୍ୟ, ପ୍ରବଚନ, ଆଧାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ**
ବିଭିନ୍ନ ପ୍ରକାରର ସମସ୍ୟାରେ ଛନ୍ଦିହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବାକୁ ପଡିବ। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଆଜିର ଶୁଭଫଳ ମଧ୍ୟରେ ଯାତ୍ରା, ବ୍ୟବସାୟରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ**
ତିନୋଟି କେନ୍ଦ୍ରସ୍ଥ ଗ୍ରହମାନଙ୍କ ଶୁଭପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁଙ୍କ ଆଦର, ଅଭ୍ୟର୍ଥନାରୁ ଖୁସି ରହିବେ। ଦୀର୍ଘଦିନରୁ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମଗୁଡିକ ଆଜି ସୁବିଧାରେ ହୋଇଯିବ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁଙ୍କ ଭୁଲ୍ ବୁଝାମଣା ହେତୁ ସତର୍କତାର ସହ କାମ କରିବା ଭଲ।

**ସିଂହ**
ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କେତେକ ବ୍ୟତିକ୍ରମ ଓ ପ୍ରତିବନ୍ଧକଜନିତ କାମଗୁଡିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଜମିଜମା କାରବାର, ସଭାସମିତିରେ ସଫଳତା ଅର୍ଜନ କରିବେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳାଇପାରନ୍ତି।

**କନ୍ୟା**
ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ ସିନା କିନ୍ତୁ କିଛି ବି କରିବେ ନାହିଁ। ଜମିଜମା କାରବାରରେ ଅର୍ଥ ଲାଭରୁ କିମ୍ବା କଳ୍ପନା ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା**
ହାତକୁ ନେଇଥିବା କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଘରଭଡାକୁ ନେଇ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛା**
ବୁଝାମଣାରେ ଭିନ୍ନତା ଯୋଗୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଈର୍ଷାନ୍ୱିତ ପୂର୍ବକ ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ଧନୁ**
ମନ ଅନୁଯାୟୀ କାମ ନ ହେଉଥିବାରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର**
ସକାଳୁ ସକାଳୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା ବିବାଦ, ପରିବହନ, ନିର୍ମାଣ, ରାଜନୀତି, ପ୍ରଶାସନ, ବ୍ୟବସାୟ ପ୍ରଭୃତିରେ ଉନ୍ନତ ଧରଣର ସୁଫଳ ପାଇବାର ଆଶା ରହିଛି।

**କୁମ୍ଭ**
ଦୂରସମ୍ପର୍କୀୟ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆକସ୍ମିକ ଭାବେ ଦୂର ଯାତ୍ରା କରିବାକୁ ପଡିପାରେ। ପରିବାର ଭିତରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍‌ଧ ହେବେ ସିନା କିନ୍ତୁ କିଛି ଲାଭ ହେବନି।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ବହୁଳାଂଶରେ ଟେନସନ୍ କମିଯିବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ। ଆର୍ଥିକ ଅନଟନର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମକୁ ବନ୍ଦ କରିବାକୁ ବାଧ ହେବେ।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ରବିବାର, ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨।୨୭ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୫ମି. ଗତେ ଘ୯।୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୫୫ମି. ଗତେ ଘ୧୦।୨୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୨୩ମି. ଗତେ ଘ୫।୫୨ମି. ମଧ୍ୟେ ରାହୁ କାଳ।

## ସ୍ପଷ୍ଟୀକରଣ

ମାର୍ଚ୍ଚ ୧୩ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ଖାଇଗଲେ ପ୍ରଦୀପ୍ତ, ବିଜୟ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ୟେସ୍ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ ରଖାଯାଇଥିବା ମହାପ୍ରଭୁ ଜଗନ୍ନାଥଙ୍କ ଟଙ୍କାର କମିଶନ ଖାଇ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ତଥା ଆଇଏଏସ୍ ଅଫିସର ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ୟୁରୋପ ଗସ୍ତ କରିଥିଲେ ବୋଲି ବିଧାନସଭାରେ ଜଣେ ବିଧାୟକ ଅଭିଯୋଗ ଆଣିଥିଲେ। ହେଲେ ଏଭଳି ଖବରକୁ ଆଇଏଏସ୍ ଅଫିସର ମହାପାତ୍ର ଖଣ୍ଡନ କରିଛନ୍ତି। ଏକ ପତ୍ର ଜରିଆରେ ଜଣାଇଛନ୍ତି ଯେ, ସେ ବିଭିନ୍ନ ସମୟରେ ଜଗନ୍ନାଥଙ୍କ ସେବା କରିଆସିଛନ୍ତି। ମହାପ୍ରଭୁଙ୍କ ଅର୍ଥ ହଡ଼ପ କରାଯିବା ନେଇ ଯେଉଁ ଖବର ପ୍ରକାଶ ପାଇଛି ତାହା ସତ୍ୟ ଉପରେ ଆଧାରିତ ନୁହେଁ। ସେ ସର୍ବଦା ଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ଲାଗି ନିଜକୁ ପୂର୍ଣ୍ଣ ଉତ୍ସର୍ଗ କରି କାର୍ଯ୍ୟ କରିଛନ୍ତି।

ୟେସ୍ ବ୍ୟାଙ୍କରେ ଜଗନ୍ନାଥଙ୍କ ଟଙ୍କାର କମିଶନ ଖାଇ ବିଦେଶରେ ମଉଜ କରିବା ନେଇ ମାର୍ଚ୍ଚ ୧୩ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ଖାଇଗଲେ ପ୍ରଦୀପ୍ତ, ବିଜୟ' ଶୀର୍ଷକ ପ୍ରକାଶିତ ଖବରକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଡ. ବିଜୟ କୁମାର ସାହୁ ମଧ୍ୟ ଖଣ୍ଡନ କରିଛନ୍ତି। ଏକ ପତ୍ର ଜରିଆରେ ସେ ଜଣାଇଛନ୍ତି ଯେ, ୟେସ୍ ବ୍ୟାଙ୍କରେ ଜଗନ୍ନାଥଙ୍କ ଅର୍ଥ ଜମା କରିବା ନେଇ ହୋଇଥିବା ନିଷ୍ପତ୍ତିରେ ତାଙ୍କର କୌଣସି ଭୂମିକା ନାହିଁ। ଜଗନ୍ନାଥଙ୍କ ଭକ୍ତ ଭାବେ ସେ କାର୍ଯ୍ୟ କରିଆସିଛନ୍ତି। ସେ ଆଇଏଏସ୍ ଅଫିସର ପ୍ରଦୀପ୍ତ ମହାପାତ୍ରଙ୍କ ସହ କେବେ ହେଲେ ୟୁରୋପ ଗସ୍ତ କରିନାହାନ୍ତି। ଏଭଳି ଖବର ସତ୍ୟ ଉପରେ ଆଧାରିତ ନ ଥିବାରୁ ସେ ଏହାକୁ ଅସ୍ୱୀକାର କରୁଛନ୍ତି।

ଧରିତ୍ରୀ ପକ୍ଷରୁ ଏଠାରେ ସ୍ପଷ୍ଟ କରାଯାଉଛି କି ଯେ, ପ୍ରଦୀପ୍ତ କୁମାର ମହାପାତ୍ର କିମ୍ବା ବିଜୟ କୁମାର ସାହୁଙ୍କୁ କୌଣସି ବ୍ୟକ୍ତିଗତ ଆକ୍ଷେପ କିମ୍ବା ସେମାନଙ୍କ ସମ୍ମାନହାନି ଉଦ୍ଦେଶ୍ୟରେ ଏଭଳି ଖବର ପ୍ରକାଶ କରାଯାଇ ନାହିଁ। ବିଧାନସଭାରେ ଜଣେ ବିଧାୟକଙ୍କ ଦ୍ୱାରା ଦିଆଯାଇଥିବା ବିବୃତି ଆଧାରରେ ଉକ୍ତ ଖବର ପ୍ରକାଶ ପାଇଥିଲା।

–ସମ୍ପାଦକ




# ଏମ୍‌କେସିଜିରେ କରୋନା ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୧୪।୩

ଗଞ୍ଜାମ ଜିଲା ଚିକିଟି ଅଞ୍ଚଳର ଜଣେ କରୋନା ସନ୍ଦିଗ୍ଧଙ୍କୁ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ବ୍ୟକ୍ତିଜଣକ ଆବୁଧାବିରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ବିମାନ ଯୋଗେ ସେ ନୂଆଦିଲ୍ଲୀରେ ଆସି ପହଞ୍ଚିଥିଲେ। ନୂଆଦିଲ୍ଲୀରୁ ବିଶାଖାପାଟଣା ବିମାନବନ୍ଦର ଓ ସେଠାରୁ ସନ୍ଧ୍ୟାରେ ଘରକୁ ଫେରିଥିଲେ। ସମସ୍ତ ବିମାନବନ୍ଦରରେ ତାଙ୍କର ସ୍କ୍ରିନିଂ କରାଯାଇଥିବା ବେଳେ କରୋନା ନେଗେଟିଭ ଥିବା ଜଣାପଡ଼ିଥିଲା। ତଥାପି ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସରେ ସନ୍ଦିଗ୍ଧ ଓ ତାଙ୍କ ସ୍ତ୍ରୀଙ୍କୁ ବ୍ରହ୍ମପୁର ଅଣାଯାଇ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଛି। ରିପୋର୍ଟ ନେଗେଟିଭ ଆସିଲେ ୨/୩ ଦିନ ମଧ୍ୟରେ ଉଭୟଙ୍କୁ ଘରକୁ ପଠାଇ ଦିଆଯିବ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସ୍ତ୍ରୀଙ୍କୁ ମଧ୍ୟ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି।

ସୂଚନାଯୋଗ୍ୟ, ସନ୍ଦିଗ୍ଧ ଜଣକ ୫/୬ ଦିନ ତଳେ ଆବୁଧାବିରେ ନିମୋନିଆ ଆକ୍ରାନ୍ତ ହୋଇଥିଲେ। ସେଠାରେ ନିଜର ଚିକିତ୍ସା କରାଇ ସୁସ୍ଥ ହୋଇଥିଲେ। ସେ ସମୟରେ ମଧ୍ୟ ତାଙ୍କଠାରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ବର୍ତ୍ତମାନ ବ୍ରହ୍ମପୁର ବଡ଼ ମେଡିକାଲରେ ସନ୍ଦିଗ୍ଧଙ୍କୁ କିଛି ଆଣ୍ଟିବାୟୋଟିକ୍ସ ଓ ପାରାସିଟାମଲ ଖାଇବାକୁ ଦିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିଲେ ମଧ୍ୟ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।


World Kidney Day
## କ୍ରୋନିକ୍ କିଡ୍‌ନୀ ରୋଗ (ସିକେଡି)
Brought to you by: Apollo HOSPITALS BHUBANESWAR

ସିକେଡି ଏକ ମହାମାରୀର ରୂପ ନେଲାଣି । ୧୦%ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ରୋଗ ଗ୍ରାସ କଲାଣି । ଏହି ରୋଗ ଯୋଗୁ କୋଟି କୋଟି ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି ।

**କାହାକୁ ସିକେଡି ହୋଇପାରେ?**
- ମଧୁମେହ ବା ଡାଇବେଟିସ ରୋଗ।
- ଉଚ୍ଚରକ୍ତଚାପ ଗ୍ରସ୍ତ ବ୍ୟକ୍ତି (High Blood Pressure)।
- ମୋଟା ବ୍ୟକ୍ତି (Obesity)।
- ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି।
- ଧୂମ୍ରପାନ କରୁଥିବା ବ୍ୟକ୍ତି।
- ବଂଶରେ ବା ଘରେ କାହାର କିଡ୍‌ନୀ ରୋଗ ଥିଲେ।

ଯଦି ଉପରୋକ୍ତ ଅସୁବିଧା/ରୋଗ ଆପଣଙ୍କର ଅଛି ତା'ହେଲେ କିଡ୍‌ନୀ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ନେବେ।

**କିଡ୍‌ନୀ ରୋଗର ଲକ୍ଷଣ**
- ୮୦% କିଡ୍‌ନୀ ଖରାପ ହେଲା ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖା ନ ଯାଇପାରେ।
- ଗୋଡ଼ହାତ ମୁହଁ ଫୁଲିବା।
- ଦୁର୍ବଳ ଲାଗିବା/କାର୍ଯ୍ୟରେ ମନ ନ ଲାଗିବା।
- ଭୋକ କମ୍ ହେବା ଓ ବାନ୍ତି ହେବା
- ଅତ୍ୟଧିକ ନିଦ ଲାଗିବା। ରାତିରେ ନ ଶୋଇ ଦିନରେ ଶୋଇବା।
- ଦେହ ହାତ କୁଣ୍ଡାଇ ହେବା।
- ରକ୍ତହୀନତା ହେବା।
- ଉଚ୍ଚ ରକ୍ତଚାପ ହେବା।
- ଅଣନିଃଶ୍ୱାସୀ ଲାଗିବା।
- ବେହୋସ୍ ହୋଇଯିବା।
- ରାତିରେ ଅଧିକ ଥର ପରିସ୍ରା ହେବା।

**କିଡ୍‌ନୀ ରୋଗ ଜାଣିବା ପାଇଁ କ'ଣ ପରୀକ୍ଷା କରିବେ?**
- ପରିସ୍ରା
- ରକ୍ତରେ ସିରମ କ୍ରିଏଟିନିନ୍

**କିଡ୍‌ନୀ ରୋଗରୁ କିପରି ରକ୍ଷା ପାଇବେ?**
- ସ୍ୱାସ୍ଥ୍ୟ ପ୍ରତି ହିତକାରୀ ଖାଦ୍ୟ ଖାଆନ୍ତୁ - ଯେପରି ପନିପରିବା, ଶାଗ, ଫଳ, ଅଟା, ଉଷୁନା ଚାଉଳ ଇତ୍ୟାଦି।
- ଚିନି, ମଇଦା, ତେଲିଆ ଖାଦ୍ୟ, ଆମିଷ କମ୍ କମ୍ ଖାଆନ୍ତୁ।
- ସୁସ୍ଥ ଓ ସକ୍ରିୟ ରୁହନ୍ତୁ (Be Fit and Active)।
- ମୋଟା ହୁଅନ୍ତୁ ନାହିଁ, ଉଚ୍ଚତା ଅନୁସାରେ ଓଜନ ବଜାୟ ରଖନ୍ତୁ।
- ଡାଇବେଟିସ ଏବଂ ରକ୍ତଚାପକୁ ଔଷଧ, ବ୍ୟାୟାମ ଏବଂ ସଠିକ ଖାଦ୍ୟ ଦ୍ୱାରା ଠିକ୍ ରଖନ୍ତୁ।
- ଧୂମ୍ରପାନ କରନ୍ତୁ ନାହିଁ।
- ଦୋକାନରୁ କିଣି ବଥା ଓ ବିନ୍ଧା ଔଷଧ ଯଥା ନିମୁସଲାଇଡ୍, ଡାଇକ୍ଲୋଫେନାକ୍ ଓ ବ୍ରୁଫେନ୍ ଇତ୍ୟାଦି ଖାଆନ୍ତୁ ନାହିଁ ।
- ଗ୍ୟାଷ୍ଟ୍ରିକ୍ ଔଷଧ ଓ ଏସିଡିଟି ଔଷଧ ଯଥା ଓମିପ୍ରାଜଲ ଓ ରାବିପ୍ରାଜଲ ଖାଆନ୍ତୁ ନାହିଁ ।

ଡା. ନିଶୀଥ କୁମାର ମହାନ୍ତି,
ଚିଫ୍ କନସଲଟାଣ୍ଟ -
ନେଫ୍ରୋଲୋଜି ଓ ଟ୍ରାନ୍ସପ୍ଲାଣ୍ଟ ଫିଜିସିଆନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬




## ଜିଲା ଚିଠି
### କଟକ

# ନୂଆ ଠିକଣା ଅପେକ୍ଷାରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ

ଓଡ଼ିଶାରେ ଏମିତି କମ୍ ପ୍ରମୁଖ ଅଞ୍ଚଳ ଥିବ, ଯେଉଁ ଅଞ୍ଚଳକୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ବସ୍ ଚଳାଚଳ କରୁ ନ ଥିବ। ଅର୍ଥାତ୍ ରାତି ପାହିଲେ ସାରା ରାଜ୍ୟରୁ ଲୋକମାନଙ୍କ ପାଦ ଏହି ବସ୍‌ଷ୍ଟାଣ୍ଡରେ ପଡ଼ିଥାଏ। ବୈଶାଖର ତାତି ହେଉ ଅବା, ଆଷାଢ଼ର ବର୍ଷା କିମ୍ବା ମାଘର ହାଡ଼ଭଙ୍ଗା ଶୀତ। ଅହରହ ବାଦାମବାଡ଼ି ବସ୍‌ଷ୍ଟାଣ୍ଡର ଛାତି ଉପରେ ଚାଲିଥାଏ ମାଲମାଲ ବସ୍। କଟକ ସହରର ହୃତ୍‌ପିଣ୍ଡ ତଥା ରାଜ୍ୟ ପରିବହନ ଶିଳ୍ପର ମେରୁଦଣ୍ଡ ଏହି ବସ୍‌ଷ୍ଟାଣ୍ଡ ଅନେକ ଦଶନ୍ଧି ହେଲା ଅବହେଳାର ଶିକାର ହୋଇ ଆସୁଛି। ବର୍ଷା ହେଲେ କାଦୁଅ ପଚପଚରେ ଭିତରକୁ ଯିବା ମୁସ୍କିଲ୍ ହୋଇପଡ଼େ। କଂକ୍ରିଟ୍ ଚଟାଣ ଫାଟି ଲୁହାରଡ୍ ପଦାକୁ ବାହାରିଯାଇଛି। ଶୌଚ ହେଉ କି ପାନୀୟ ଜଳ, ସବୁ ପ୍ରକାର ସମସ୍ୟା ଏହିଠାରେ ଦେଖିବାକୁ ମିଳେ। ପ୍ରତ୍ୟହ ହଜାର ହଜାର ଯାତ୍ରୀଙ୍କ ଯିବା ଆସିବା ହେଉଥିଲେ ମଧ୍ୟ ସାଧାରଣ ସୁବିଧା ଟିକେ ମିଳୁ ନାହିଁ। ହେଲେ ଏବେ କିନ୍ତୁ ସ୍ଥିତି ବଦଳିବାକୁ ଯାଉଛି। ବାଦାମବାଡ଼ିକୁ ନୂଆ ରୂପ ଦେବା ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଗତ ୧୦ତାରିଖରେ ରାଜ୍ୟ ସରକାରଙ୍କ ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ବାଦାମବାଡ଼ି ପରିଦର୍ଶନ କରିବା ସହ ବିଭିନ୍ନ ସୁବିଧା ବିଷୟରେ ସମୀକ୍ଷା କରିଛନ୍ତି। ଖାନନଗର ବିଶ୍ୱନାଥ ପାଠାଗାର ପାଖରେ ୩୦ଏକର ଜାଗାକୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ହେବା ସହ ଏହାକୁ ନୂଆ ରୂପ ଦିଆଯିବ ବୋଲି କହିଛନ୍ତି। ଜିଲା ପ୍ରଶାସନ ଜମି ଚିହ୍ନଟ ଦିଗରେ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ କଟକବାସୀ ସ୍ୱାଗତ କରିଛନ୍ତି। ଦୀର୍ଘବର୍ଷ ଧରି ଏଠାରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ବାଦାମବାଡ଼ି ଯେଉଁ ବଦନାମ ମୁଣ୍ଡାଇଥିଲା, ତାହା ଏବେ ବଦଳିବ। ସେଠାରେ ଯାତ୍ରୀଙ୍କୁ ଉତ୍ତମ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରଶାସନ କହିଛି। ତେବେ ବାଦାମବାଡ଼ିର ସମସ୍ୟା ଦୂର କରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ନୁହେଁ । ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଯୋଜନା ଥିଲା, ସିଡିଏକୁ ଚାଲିଯିବ ବସ୍‌ଷ୍ଟାଣ୍ଡ । ପରେ ଗୋପାଳପୁରକୁ ସ୍ଥାନାନ୍ତର ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସେଠାରେ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ହୋଇଥିଲା। ପାଚେରି ନିର୍ମାଣ କରାଗଲା। ହେଲେ କାମ ଆଉ ଆଗକୁ ବଢ଼ିଲାନି। ଏବେ ବସ୍‌ଷ୍ଟାଣ୍ଡ ଖାନ୍‌ନଗରକୁ ସ୍ଥାନାନ୍ତର ହେବାନେଇ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସହରବାସୀଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି କରିଛି। ତେବେ ଏହି ନିଷ୍ପତ୍ତି ବାସ୍ତବତାର ରୂପ କେବେ ନେବ, ତାକୁ ସହରବାସୀ ଚାହିଁ ରହିଛନ୍ତି।

– ଆଶୀର୍ବାଦ ରାଉତ

# ଆଜିଠୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ

ବାରଙ୍ଗ,୧୪।୩(ଡି.ଏନ.ଏ)

କରୋନାକୁ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିବା ପରେ କମିଶନରେଟ ପୋଲିସ ଶୁକ୍ରବାର ଏହି ନିୟମକୁ ନେଇ ତତ୍ପରତା ଦେଖାଇଥିବାବେଳେ ଶନିବାର ନନ୍ଦନକାନନ ମଧ୍ୟ ଏହାକୁ ପାଳନ କରିଛି। ଏ ନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଏହି ଅଧିନିୟମାନୁସାରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ମାର୍ଚ୍ଚ ୧୫ଠାରୁ ୩୧ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଶୁକ୍ରବାର ରାତିରେ କେନ୍ଦ୍ରୀୟ ଚିଡ଼ିଆଖାନାଙ୍କ ନିର୍ଦ୍ଦେଶନାମା ଆସିବାପରେ ନନ୍ଦନକାନନକୁ ରବିବାରଠାରୁ ବନ୍ଦ କରିବା ସହ ପୁନଃ ନିର୍ଦ୍ଦେଶନାମା ଆସିଲେ ଖୋଲାଯିବ ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ନନ୍ଦନକାନନରେ ଏବେ ଚାଲିଛି ଅଫ୍‌ସିଜନ୍। କମ୍‌ସଂଖ୍ୟକ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ପ୍ରତିକାର ମୂଳକଭାବେ ପର୍ଯ୍ୟଟକଙ୍କ ହିତ ପାଇଁ ଶନିବାର ଆନୁଷଙ୍ଗିକ ପଦକ୍ଷେପ ନନ୍ଦନକାନନ ପକ୍ଷରୁ ଗ୍ରହଣ କରାଯାଇଛି। ମୁଖ୍ୟତଃ ପର୍ଯ୍ୟଟକମାନଙ୍କ ସଂସ୍ପର୍ଶରେ ଆସୁଥିବା କର୍ମଚାରୀମାନଙ୍କୁ ପିନ୍ଧିବା ନିମନ୍ତେ ମାସ୍କ ଦିଆଯାଇଥିଲା। ଗହଳି ସ୍ଥାନରେ ପର୍ଯ୍ୟଟକମାନଙ୍କୁ ବେଶି ସମୟ ଏକାଠି ନ ରହିବାକୁ ସିକ୍ୟୁରିଟି କର୍ମଚାରୀମାନେ କହୁଥିଲେ। ବୁକିଂ କାଉଣ୍ଟର ପାଖରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଥଣ୍ଡା କାଶ ଆଦିରେ ପୀଡ଼ିତ ପର୍ଯ୍ୟଟକମାନେ ପାର୍କ ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଉଥିଲା। ପୋଷ୍ଟର ମାଧ୍ୟମରେ ମଧ୍ୟ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା।

## ପୁଣି ୬ ଚିତ୍ରାହରିଣ ମୃତ

ଗୋଟେପଟେ କରୋନାକୁ ନେଇ ନନ୍ଦନକାନନ ବନ୍ଦ ହୋଇଥିବାବେଳେ ଚିତ୍ରାହରିଣମାନଙ୍କର କ୍ରମାଗତ ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ଦୁଇଦିନ ମଧ୍ୟରେ ୬ଟି ହରିଣର ମୃତ୍ୟୁ ହୋଇଥିବାବେଳେ ଶନିବାର ପୁଣି ୬ଟି ଚିତ୍ରାହରିଣ ମୃତ୍ୟୁ ଘଟିଛି। ଲଗାତର ଏଭଳି ହରିଣଙ୍କ ମୃତ୍ୟୁକୁ ନେଇ ଜନ୍ତୁ ବିଭାଗ ଅଧିକାରୀମାନଙ୍କ ଦାୟିତ୍ୱହୀନତା ସାଙ୍ଗକୁ ଡାକ୍ତରମାନଙ୍କ ରୋଗ ନିରୂପଣ କରିବାରେ ବିଫଳତା ପ୍ରକାଶ କରିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ସଂକ୍ରମଣଜନିତ ରୋଗ ଯୋଗୁ ହରିଣମାନଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ରକ୍ତ, ଫୁସଫୁସ, କଲିଜାର ନମୁନା ସଂଗ୍ରହ ହୋଇ ଓୟୁଏଟିକୁ ପଠାଯାଇଛି।ଫୁସଫୁସ, କଲିଜାର ନମୁନା ସଂଗ୍ରହ ହୋଇ ଓୟୁଏଟିକୁ ପଠାଯାଇଛି।


**Job Opportunity**
For Well Reputed South based spices company deals in wide range of Spices, Dhoop Agarbatti (Sambrani), Pickles, Pasta, Soyabari
Capable & Experienced M/F for the post of ASM, SO & SR.
**Business Opportunity**
Interested & Genuine Parties may contact for SS & Distributors.
Sales Office
Mama Pure Spices
MAMAH AGRO INDUSTRIES PVT. LTD.
C 13/18, Anand Cinema Build., Teliabagh, Varanasi-221002 UP
Mob. : 7311187295, 7510099112 | Web. : www.masalabymama.com
email : marketing.masalabymama@gmail.com | masalabymama@gmail.com
Madurai Office : Narayanapuram, Madurai, Tamil Nadu







# ୨୬ ବର୍ଷରେ ୭୨ ପରିବାରକୁ ରୋଜଗାର

- ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ସତ୍ୟବ୍ରତ
- ଘରେ କରିଛନ୍ତି ଧୂପକାଠି କାରଖାନା
- ଯୁବତୀଯୁବକଙ୍କୁ ଦେଉଛନ୍ତି ତାଲିମ, ପାରିଶ୍ରମିକ


ସୁପରଭାଇଜର, ମହିଳା କର୍ମଚାରୀଙ୍କ ସହ ନିଜ କାରଖାନାରେ ସତ୍ୟବ୍ରତ ପ୍ରଧାନ (ଡାହାଣ)।

ଉପେନ୍ଦ୍ର ରାଉତ
ବଣ୍ଠଁରପାଳ,୧୪।୩

ନିଜେ ଉଚ୍ଚଶିକ୍ଷିତ। ହେଲେ ଚାକିରି ନ କରି ଅନ୍ୟମାନଙ୍କୁ କିପରି ଚାକିରି ଦେଇପାରିବେ ସେ ଦିଗରେ ପ୍ରଚେଷ୍ଟା ଅନୁଗୋଳ ଜିଲା ବଣ୍ଠଁରପାଳ ବ୍ଲକ ବଳରାମପ୍ରସାଦର ସତ୍ୟବ୍ରତ ପ୍ରଧାନ (୨୬)ଙ୍କୁ ପ୍ରତିଷ୍ଠା ଦେଇପାରିଛି। ମାତ୍ର ୨୬ ବର୍ଷ ବୟସରେ ସେ ଧୂପକାଠି କାରଖାନା କରି ଆଖପାଖ ଅଞ୍ଚଳର ଯୁବତୀ ଯୁବକ, ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ମିଶାଇ ମୋଟ୍ ୭୨ ପରିବାରକୁ ରୋଜଗାର ଦେଇପାରିଛନ୍ତି। ବର୍ତ୍ତମାନ ୧୦ ଜଣ ମହିଳା କର୍ମଚାରୀ ତାଙ୍କ କାରଖାନାରେ ନିୟମିତ କାମ କରୁଥିବା ବେଳେ ଆଗାମୀ ଦିନରେ ସେହି ସଂଖ୍ୟାକୁ ୧୦୦ରେ ପହଞ୍ଚାଇବାକୁ ସତ୍ୟବ୍ରତ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସତ୍ୟବ୍ରତଙ୍କ ବ୍ୟତୀତ ତାଙ୍କ ପରିବାରରେ ମା' ବାପା ଓ ବଡ଼ଭାଇ ଅଛନ୍ତି। ଅନୁଗୋଳସ୍ଥିତ ଆଦର୍ଶ ଇଞ୍ଜିନିୟରିଂ କଲେଜରୁ ଡିପ୍ଲୋମା ପାସ୍ କରିବା ପରେ ସେ ଚାକିରି ପରିବର୍ତ୍ତେ ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ଚିନ୍ତା କରିଥିଲେ। ଏହାବ୍ୟତୀତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଅନ୍ୟତମ ଲକ୍ଷ୍ୟ ଥିଲା, ଯାହା ତାଙ୍କୁ ଉଦ୍ୟୋଗୀ କରାଇପାରିଛି। ୨୦୧୬ରେ ନିଜ ଘରେ ସଂସାର ଏଣ୍ଟରପ୍ରାଇଜେସ୍ ନାମରେ ଏକ ଧୂପକାଠି କାରଖାନା ଆରମ୍ଭ କରିଥିଲେ। ପ୍ରଥମେ ଅଳ୍ପ କେତୋଟି ମେଶିନ ମୁମ୍ବାଇରୁ ମଗାଇ ଧୂପକାଠି ତିଆରି କରି ବ୍ୟବସାୟ କଲେ। ବର୍ତ୍ତମାନ ପ୍ରାୟ ୫୦ଟି ମେଶିନ ତାଙ୍କ କାରଖାନାରେ କାର୍ଯ୍ୟକ୍ଷମ ରହିଛି। ସତ୍ୟବ୍ରତ କହିଛନ୍ତି, ଧୂପକାଠି ତିଆରି ପାଇଁ ଆବଶ୍ୟକ କୋଇଲା, ଲାଖି ଓ କାଠଗୁଣ୍ଡ ସଂଗ୍ରହ କରି ପ୍ରଥମେ ସେଥିରେ ପାଉଡର ତିଆରି କରାଯାଉଛି। ପରେ ମେଶିନ ମାଧ୍ୟମରେ ଝୁଣା, କଳାବତି, ମସଲାବତି, ଅଗରବତି ଆଦି ସେଣ୍ଟେଡ୍ ଧୂପକାଠି ପ୍ରସ୍ତୁତି ସହ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଛି। ଆଖପାଖ ଅଞ୍ଚଳ ସହ ଢେଙ୍କାନାଳ, ତାଳଚେର, ପାଲଲହଡ଼ା, ହିନ୍ଦୋଳ, ଆଠମଲ୍ଲିକ, ବଇଣ୍ଡା, ଅନୁଗୋଳର ବହୁ ଯୁବତୀ ଯୁବକ, ମହିଳା ଗୋଷ୍ଠୀ ତାଙ୍କ କାରଖାନାରେ ତାଲିମ ନେଉଛନ୍ତି। ଏପରିକି ତାଙ୍କ ଠାରୁ ମେଶିନ ନେଇ ସେମାନେ ଘରେ ଧୂପକାଠି ତିଆରି କରି କାରଖାନାକୁ ଯୋଗାଇ ଦେବା ପରେ ତାହାକୁ ବିକ୍ରି କରାଯାଇ ପାରିଶ୍ରମିକ ଦିଆଯାଉଛି। ଏପରି ଭାବେ ୭୨ ପରିବାର ତାଙ୍କ ଦ୍ୱାରା ରୋଜଗାରକ୍ଷମ ହୋଇପାରିଥିବା ସତ୍ୟବ୍ରତ ପ୍ରକାଶ କରିଛନ୍ତି।

# ଭାରତ କେତେ ସାର୍ବଭୌମ



ଆକାର ପଟେଲ

ଭାରତ କେତେ ସାର୍ବଭୌମ ଏବଂ ଏହା କେତେ ପରିମାଣରେ ଯାହା ଇଚ୍ଛା ତାହା କରିପାରିବ? ତୃତୀୟ ବୃହତ୍ତମ ସେନା ଏବଂ ପଞ୍ଚମ ବୃହତ୍ତମ ଅର୍ଥନୀତି ସହିତ ଆମେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର, ଦ୍ୱିତୀୟ ବୃହତ୍ତମ ଦେଶ ତଥା ଅସ୍ତ୍ରଶସ୍ତ୍ର ଆମଦାନିକାରୀ। ଯେକୌଣସି ପ୍ରକାରେ ହିସାବ କଲେ ଆମେ ନିଶ୍ଚୟ ପ୍ରଭାବଶାଳୀ। ତେବେ ବିଶ୍ୱବ୍ୟାପୀ ବିରୋଧର ସମ୍ମୁଖୀନ ହୋଇ ଆମେ ଯାହା କରିବାକୁ ଚାହୁଁଛୁ ତାହା କରିପାରିବା କି? ଆମେ ଏହାକୁ ବିଚାର କରିବା ଉଚିତ କାରଣ ଇତିହାସରେ ପ୍ରଥମ ଥର ପାଇଁ ଭାରତ ନିଜ ଦେଶ ଭିତରେ ଯାହା କରିବାକୁ ଚାହୁଁଛି ସେଥିରେ ପରିବର୍ତ୍ତନ ଆଣିବା ପାଇଁ ବିଶ୍ୱଚାପର ସମ୍ମୁଖୀନ ହୋଇଛି।

ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ନାଗରିକତ୍ୱ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତା ଉପରେ ସୁପ୍ରିମ୍‌କୋର୍ଟରେ ହେବାକୁ ଥିବା ଶୁଣାଣିରେ ହସ୍ତକ୍ଷେପ କରିବାକୁ ଚାହୁଁଛନ୍ତି। ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ କଶ୍ମୀରରେ ଭାରତୀୟ କାର୍ଯ୍ୟକଳାପକୁ ନିନ୍ଦା କରିଛି ଯେଉଁଥିରେ ଉଭୟ ଦଳର ୬୬ ଜଣ ସଦସ୍ୟଙ୍କ ସମର୍ଥନ ରହିଛି। ୟୁରୋପୀୟ ୟୁନିୟନ ସଂସଦ ଖୁବ୍‌ଶୀଘ୍ର ସିଏଏ ପାଇଁ ଭାରତକୁ ନିନ୍ଦା କରୁଥିବା ଏକ ସଂକଳ୍ପ ଉପରେ ଭୋଟ ଦେବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୫ ତାରିଖରେ ଆମେରିକାର ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆୟୋଗ ସିଏଏ ଏବଂ ଏନ୍‌ଆର୍‌ସି ଉପରେ ଆଲୋଚନା କରିଛି। ଏହାର କମିଶନର ଅନୁରିମା ଭାର୍ଗବ କହିଛନ୍ତି, ‘‘ଆଶଙ୍କା ହେଉଛି ଯେ ଏନ୍‌ଆର୍‌ସି ଓ ଏନ୍‌ପିଆର୍ ମିଳିତ ଭାବେ ଭାରତୀୟ ମୁସଲମାନମାନଙ୍କର ନାଗରିକତ୍ୱ ରଦ୍ଦ କରିପାରେ। ଏହା ସେମାନଙ୍କୁ ଦୀର୍ଘକାଳ ଧରି ଅଟକଗୃହରେ ରଖିବା, ନିଜ ଦେଶକୁ ପଠାଇଦେବା ଏବଂ ହିଂସାକାଣ୍ଡର କାରଣ ହୋଇପାରେ। ଉତ୍ତର-ପୂର୍ବ ରାଜ୍ୟ ଆସାମରେ ଏହି ପ୍ରକ୍ରିୟା ଚାଲିଥିବାର ଆମେ ଦେଖିଛୁ। ଏହି ଅଞ୍ଚଳରେ ବେଆଇନ ପ୍ରବାସୀମାନଙ୍କୁ ଚିହ୍ନଟ କରିବା ପାଇଁ ଏନ୍‌ଆର୍‌ସି ଏକ ସାଧନ।’’ ଦିଲ୍ଲୀ ଦଙ୍ଗା ଭଳି ଘଟଣାକୁ ନେଇ ବିଭିନ୍ନ ରାଷ୍ଟ୍ର ମଧ୍ୟ ଭାରତକୁ ନିନ୍ଦା କରିଛନ୍ତି କିମ୍ବା ଚେତାବନୀ ଦେଇଛନ୍ତି। ବ୍ରିଟେନର ହାଉସ୍ ଅଫ୍ ଲର୍ଡସ ଏବଂ ହାଉସ୍ ଅଫ୍ କମନ୍ସ ଉଭୟ ଭାରତର ନାଗରିକତ୍ୱ ଆଇନ ଏବଂ ଦଙ୍ଗାର ସମାଲୋଚନା କରିଥିଲେ। ଇଣ୍ଡୋନେସିଆ, ଇସ୍‌ଲାମିକ କାଉନସିଲ ସଂଗଠନ, ତୁର୍କୀ ଏବଂ ମାଲେସିଆ ସମସ୍ତେ ଆମ ବିରୋଧରେ ଆଲୋଚନା କରୁଛନ୍ତି। ଇରାନର ରାଜନୈତିକ ତଥା ଧାର୍ମିକ ନେତାମାନେ ଦିଲ୍ଲୀ ଦଙ୍ଗାକୁ ନିନ୍ଦାକରିବା ସହ ଆମର ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟ ରାଷ୍ଟ୍ରମାନେ ବିଭିନ୍ନ ଉପାୟରେ ସଙ୍କେତ ପଠାଇଛନ୍ତି। ଏହି ମାସରେ ପ୍ରଧାନମନ୍ତ୍ରୀଙ୍କ ବାଂଲାଦେଶ ଗସ୍ତ ବାତିଲ ହୋଇଛି। ସରକାରୀ କାରଣ ହେଉଛି କରୋନା ଭାଇରସ କିନ୍ତୁ ଘୋଷଣାର ଗୋଟିଏ ଦିନ ପୂର୍ବରୁ ୫୦୦୦ ଲୋକ ଏକତ୍ରିତ ହୋଇ ସିଏଏ ପାଇଁ ଭାରତ ଏବଂ ମୋଦିଙ୍କୁ ନିନ୍ଦା କରିଥିଲେ। ମୋଦିଙ୍କ ଆଗମନ ପରେ ପରବର୍ତ୍ତୀ ବିରୋଧର ଯୋଜନା କରାଯାଇଥିଲା। ବ୍ରସେଲ୍ସରେ ୟୁରୋପୀୟ ୟୁନିୟନର ଶିଖର ବୈଠକରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ମଧ୍ୟ ବାତିଲ କରାଯାଇଛି। ପୁଣିଥରେ ଏହି ଭୂତାଣୁକୁ ଏହାର କାରଣ ଦର୍ଶାଯାଇଥିଲା କିନ୍ତୁ ୟୁରୋପୀୟ ସଂଘର ସାଂସଦମାନଙ୍କ ଦ୍ୱାରା ଭାରତ ବିରୋଧରେ ଭୋଟ ବିଚାରାଧୀନ ଅଛି ଏବଂ ଆମେ ଏହାକୁ ବନ୍ଦ କରିବାକୁ ଅସମର୍ଥ।

ମୂଳ ପ୍ରଶ୍ନ ହେଉଛି, ବିଶ୍ୱର ବିରୋଧର ସମ୍ମୁଖୀନ ହୋଇ ଆମେ ଯାହା କରିବାକୁ ଚାହୁଁଛୁ ତାହା କରିପାରିବା କି? ବୋଧହୁଏ ୧୯୯୧, ୧୯୯୮ ଏବଂ ୨୦୦୨ରେ ଆମେ ଅନୁରୂପ ଚାପର ସମ୍ମୁଖୀନ ହୋଇଥିଲୁ। ୨୦୦୨ରେ ଆମ ସଂସଦ ଉପରେ ଆକ୍ରମଣ ପରେ ଯୁଦ୍ଧକୁ ନ ଯିବା ପାଇଁ ବିଶ୍ୱ ଏବଂ ବିଶେଷକରି ଆମେରିକା ଭାରତ ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଥିଲା। ପାକିସ୍ତାନ ସୀମାରେ ଭାରତ ଦ୍ୱାରା କୌଣସି ଯୁଦ୍ଧ ହୋଇ ନ ଥିଲା। ୧୯୯୮ରେ ଆମେରିକା ଅଭିଯୋଗ କରିଥିଲା ଯେ ଆମେ ଆମର ଆଣବିକ କାର୍ଯ୍ୟକ୍ରମକୁ ଅସ୍ତ୍ର ତିଆରି ପାଇଁ ବ୍ୟବହାର କରୁଛୁ। କିନ୍ତୁ ସେତେବେଳକୁ ଆମେ ଆଣବିକ ପରୀକ୍ଷା କରିସାରିଥିଲୁ। ୧୯୯୧ରେ ଆମେରିକା ଏବଂ ଅନ୍ୟାନ୍ୟ ଏଜେନ୍ସି ଭାରତକୁ ଅର୍ଥନୈତିକ ଉଦାରୀକରଣ ନୀତି ଗ୍ରହଣ କରିବାକୁ ବାଧ୍ୟ କରିଥିଲେ, ଯାହାକୁ ଆମେ ମାନିନେଇଥିଲୁ।

ବାସ୍ତବତା ହେଉଛି ଚାପ ଅଛି ଏବଂ ରହିବ କାରଣ ବିଶ୍ୱରେ ସବୁ ଦେଶର ସମସ୍ତଙ୍କ ସହ ସମ୍ପର୍କ ଅଛି। ବିଶ୍ୱ ବାଣିଜ୍ୟ ହ୍ରାସ ପାଉଥିଲେ ମଧ୍ୟ ବିଶ୍ୱ ସହିତ ଆମେ ଏତେ ଜଡିତ ଯେ ଆମେ ଯାହା କରୁ ତାହା ଅନ୍ୟମାନଙ୍କୁ ପ୍ରଭାବିତ କରେ। ମାର୍ଚ୍ଚ ୧୩ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଛନ୍ତି ଯେ, ଭାରତ ଓ ଏହାର ପଡ଼ୋଶୀ ଦେଶମାନେ କରୋନା ଭାଇରସ ସମସ୍ୟାର ସମାଧାନ କରିବେ। ସେ କହିଛନ୍ତି ସାର୍କ ରାଷ୍ଟ୍ରଗୁଡିକ କରୋନା ଭାଇରସ ସହିତ ଲଢ଼ିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରନ୍ତୁ। ଏହି ବାର୍ତ୍ତା ଆମ ପଡ଼ୋଶୀମାନଙ୍କଠାରେ ଏକ ସକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଛି। ଭୁଟାନର ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗ କହିଛନ୍ତି: ଏହାକୁ ଆମେ ନେତୃତ୍ୱ ବୋଲି କହିଥାଉ। ସାର୍କ ରାଷ୍ଟ୍ରଗୁଡ଼ିକର ସଦସ୍ୟ ଭାବରେ ଆମେ ଏପରି ସମୟରେ ଏକାଠି ହେବା ଜରୁରୀ। ଦୁନିଆ ପରସ୍ପର ସହ ସଂଯୁକ୍ତ ବୋଲି ହୃଦୟଙ୍ଗମ କରିବାକୁ ଆମକୁ ଏକ ରୋଗର ଆବଶ୍ୟକତା ପଡ଼ିଲା। ତେବେ ଅନ୍ୟମାନଙ୍କ ବିରୋଧର ସମ୍ମୁଖୀନ ହୋଇ ଯାହା କରିବାକୁ ଚାହୁଁଛୁ ତାହା କରିବାକୁ ଦୁନିଆର କୌଣସି ରାଷ୍ଟ୍ର ସମ୍ପୂର୍ଣ୍ଣ ସାର୍ବଭୌମ ନୁହନ୍ତି। ସିଏଏ ଏବଂ ଏନ୍‌ଆର୍‌ସି କ୍ଷେତ୍ରରେ ଭାରତ କଠିନ ଉପାୟରେ ବୁଦ୍ଧି ଶିକ୍ଷା କରୁଛି।

Email: aakar.patel@gmail.com

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା’ କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା’ର ଫୁଟାଇ ସଜ ଅଧରେ
(କା’ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ। (ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | 3 | | | | 6 | | 0 | 9 | | | | 1 |
| 9 | | 4 | | 0 | | | | | | 3 | 6 | D | 7 | |
| E | | 2 | A | 8 | | B | | 9 | | D | | 0 | | |
| | | B | | | | | | 5 | | | 1 | | A | |
| 3 | 5 | | | 7 | | C | A | | | | | | | 2 |
| C | B | | | | | A | 2 | | 1 | | | | 9 | |
| | | | 2 | | | | E | C | 3 | | 5 | | 1 | 0 |
| | A | | 9 | E | | | | | | 4 | | | 3 | |
| | 0 | D | | A | | 6 | | | | E | B | 2 | | 7 |
| | | | 1 | | | | 4 | | D | | | | | C |
| | | | E | | | 2 | | 7 | | | | | | |
| | | 3 | 0 | | 9 | 8 | | | | | | | | 4 |
| | E | 8 | | 1 | | | | | | | 2 | C | 6 | |
| | 4 | 1 | | | | | | | | 7 | 9 | 5 | 0 | |
| | | 9 | | | | | B | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 5 | 1 | B | D | 9 | 8 | 2 | 6 | C | 7 | 0 | A | 3 |
| 0 | 3 | C | 8 | 9 | 2 | 7 | 6 | E | A | D | 5 | B | 1 | 4 |
| 7 | 2 | D | 4 | C | 6 | 1 | A | B | 3 | 9 | 0 | E | 8 | 5 |
| B | 1 | 6 | 5 | A | 3 | C | D | 0 | E | 4 | 8 | 2 | 7 | 9 |
| A | 8 | 9 | 0 | 7 | E | 5 | 4 | 3 | 1 | B | 2 | C | D | 6 |
| C | B | 4 | 6 | 3 | 5 | E | 1 | A | 2 | 7 | 9 | 8 | 0 | D |
| 3 | 9 | 0 | C | D | B | 4 | 2 | 6 | 5 | 8 | 1 | A | E | 7 |
| 1 | D | E | A | 2 | 8 | 0 | 9 | 7 | C | 6 | 3 | 5 | 4 | B |
| 6 | A | 8 | 7 | 0 | 1 | B | 3 | 5 | 4 | E | D | 9 | 2 | C |
| 2 | 5 | 7 | E | 4 | 9 | D | C | 8 | B | 0 | A | 3 | 6 | 1 |
| D | C | B | 2 | 5 | 7 | 8 | E | 1 | 0 | 3 | 4 | 6 | 9 | A |
| 4 | E | A | 3 | 6 | 0 | 2 | 7 | D | 9 | 5 | B | 1 | C | 8 |
| 5 | 7 | 1 | D | E | C | 3 | 0 | 9 | 8 | A | 6 | 4 | B | 2 |
| 8 | 0 | 3 | 9 | 1 | A | 6 | B | 4 | 7 | 2 | C | D | 5 | E |
| 9 | 6 | 2 | B | 8 | 4 | A | 5 | C | D | 1 | E | 7 | 3 | 0 |

ଗତକାଲିର ଉତ୍ତର

# ସାମାଜିକ ଅର୍ଥନୈତିକ ଜାତି ଗଣନା



କୁମାରସମ୍ଭବ ଶ୍ରୀବାସ୍ତବ

ଭାରତର ୧.୨ ବିଲିୟନ ନାଗରିକଙ୍କ ଜୀବନର ପ୍ରତ୍ୟେକ ଦିଗକୁ ଟ୍ରାକ୍ କରିବା ପାଇଁ ମୋଦି ସରକାର ଏକ ସର୍ବବ୍ୟାପୀ, ଅଟୋ-ଅପ୍‌ଡେଟଯୋଗ୍ୟ ଏବଂ ସନ୍ଧାନଯୋଗ୍ୟ ଡାଟାବେସ୍ ସୃଷ୍ଟି କରିବାର ଶେଷ ପର୍ଯ୍ୟାୟରେ ଅଛନ୍ତି ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ପ୍ରତିଷ୍ଠାନ ଦ୍ୱାରା ସମୀକ୍ଷା କରାଯାଇଥିବା ପୂର୍ବରୁ ଅପ୍ରକାଶିତ କେତେକ ସରକାରୀ ନଥିରୁ ଜଣାପଡ଼ିଛି। ପ୍ରସ୍ତାବିତ ଜାତୀୟ ସାମାଜିକ ରେଜିଷ୍ଟ୍ରି ୨୦୧୧ ସାମାଜିକ ଅର୍ଥନୈତିକ ଜାତି ଗଣନା (SECC)କୁ ଅପ୍‌ଡେଟ କରିବା ପାଇଁ ଏକ ଦୋଷହୀନ କସରତ ଭାବରେ ଗଣମାଧ୍ୟମ ବର୍ଣ୍ଣନା କରିଛି। ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାଗୁଡ଼ିକର ଯେପରି ବାଟମାରଣା ନ ହୁଏ ଏବଂ ସବୁ ସରକାରୀ ସୁବିଧା ସୁଯୋଗ ଠିକ୍ ଲୋକଙ୍କ ନିକଟରେ ପହଞ୍ଚେ, ତାକୁ ସୁନିଶ୍ଚିତ କରିବା ଏସ୍‌ଇସିସିର ଉଦ୍ଦେଶ୍ୟ ବୋଲି କୁହାଯାଇଛି। କୁହାଯାଉଛି ଯେ ଏସ୍‌ଇସିସି ଅପଡେଟ ହେଉଛି ଏକ ନିତିଦିନିଆ ଅମଲାତାନ୍ତ୍ରିକ କାର୍ଯ୍ୟ।

ବର୍ତ୍ତମାନ ଖବରଦାତା ଶ୍ରୀନିବାସ କୋଡାଲି ସୂଚନା ଅଧିକାର ଆଇନ ବ୍ୟବହାର କରି ପାଇଥିବା ତଥା ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷା ହୋଇଥିବା ଦଲିଲଗୁଡ଼ିକ ସମ୍ପୂର୍ଣ୍ଣ ବିପରୀତ ମତ ଦେଇଛନ୍ତି। ସେହି ଅନୁସାରେ ଜାତୀୟ ସାମାଜିକ ରେଜିଷ୍ଟ୍ରି (ସୋସିଆଲ ରେଜିଷ୍ଟ୍ରି ସୂଚନା ପ୍ରଣାଳୀ କିମ୍ବା ଏସ୍‌ଇସିସି ସାମାଜିକ ରେଜିଷ୍ଟ୍ରି ଭାବେ ମଧ୍ୟ ଏହା ଜଣାଶୁଣା) ଏକକ, ସନ୍ଧାନଯୋଗ୍ୟ ଆଧାର-ମୂଳକ ଡାଟାବେସ କିମ୍ବା ଏକାଧିକ ସୁସଂଗତ ଏବଂ ଏକୀକୃତ ଡାଟାବେସ ହେବ ଯାହା ଆଧାର ସଂଖ୍ୟାକୁ ଧର୍ମ, ଜାତି, ଆୟ, ସମ୍ପତ୍ତି, ଶିକ୍ଷା, ବୈବାହିକ ସ୍ଥିତି, ନିଯୁକ୍ତି, ଶାରୀରିକ ଅକ୍ଷମତା ଏବଂ ପ୍ରତ୍ୟେକ ନାଗରିକଙ୍କ ବଂଶବୃକ୍ଷ ଆଦି ତଥ୍ୟ ନିମନ୍ତେ ବ୍ୟବହାର କରିବ।

ଦଲିଲଗୁଡିକରୁ ଜଣାପଡ଼ିଛି ଯେ ଏସ୍‌ଇସିସି କେବଳ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଉପରେ ତଥ୍ୟ ସଂଗ୍ରହରେ ସୀମିତ ରହିବ ନାହିଁ। ୧୯୪୮ର ଭାରତୀୟ ଜନଗଣନା ଅଧିନିୟମ ବ୍ୟକ୍ତିଙ୍କ ଗୋପନୀୟତାକୁ ଆଇନଗତ ଭାବରେ ସୁରକ୍ଷା ଦେଇଥାଏ କିନ୍ତୁ ଏସ୍‌ଇସିସିରେ ସେପରି କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଯଦି ମୋଦିଙ୍କ ଅମଲାତନ୍ତ୍ର ଓ ପରାମର୍ଶଦାତାଙ୍କ କଳ୍ପନା ସାକାର ହୁଏ, ତେବେ ଯେତେବେଳେ ନାଗରିକ ସହରରୁ ସହରକୁ ଯିବେ, ଚାକିରି ପରିବର୍ତ୍ତନ କରିବେ, ନୂତନ ସମ୍ପତ୍ତି କ୍ରୟ କରିବେ, ପରିବାରରେ କୌଣସି ସଦସ୍ୟ ଜନ୍ମ ହେବେ, ମରିଯିବେ କିମ୍ବା ବିବାହ କରି ନିଜ ପତିଙ୍କ ଘରକୁ ଯିବେ, ରେଜିଷ୍ଟ୍ରି ସ୍ୱୟଂଚାଳିତ ଭାବରେ ଏସବୁକୁ ଟ୍ରାକ୍ କରିବ। ଆଧୁନିକ ଡାଟାବେସ ସିଷ୍ଟମର ପାରସ୍ପରିକ କାର୍ଯ୍ୟଦକ୍ଷତା ଅର୍ଥ ହେଉଛି ଡାଟା ପରିସରର କୌଣସି ସୀମା ନାହିଁ ଯାହା ଏହି ମାଷ୍ଟର ଡାଟାବେସ ଦ୍ୱାରା ସଂଗୃହୀତ ଏବଂ ସୂଚୀବଦ୍ଧ ହୋଇପାରିବ। ଉଦାହରଣ ସ୍ୱରୂପ, ଅକ୍ଟୋବର ୪, ୨୦୧୯ରେ ଏକ ବୈଠକରେ, ନୀତି ଆୟୋଗର ଜଣେ ସ୍ୱତନ୍ତ୍ର ସଚିବ ପ୍ରତ୍ୟେକ ଘରକୁ ଜିଓ ଟ୍ୟାଗିଂ କରିବାକୁ ଏବଂ ଏହାକୁ ଇସ୍ରୋ ଦ୍ୱାରା ବିକଶିତ ୱେବ୍ ପୋର୍ଟାଲ ଭୁବନ ସହିତ ସଂଯୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ।

ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷା କରାଯାଇଥିବା ଫାଇଲ ନୋଟିସ, ମିଟିଂ ତଥ୍ୟ ଏବଂ ଆନ୍ତଃବିଭାଗୀୟ ଚିଠିରୁ ଜଣାପଡିଛି ଯେ, ସରକାର ଏହି ଡାଟାବେସ ନିର୍ମାଣ ଦିଗରେ ଠୋସ୍ ପଦକ୍ଷେପ ନେଇଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ସାମାଜିକ ରେଜିଷ୍ଟ୍ରି କାର୍ଯ୍ୟକାରୀ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟି ଏକ ପାଇଲଟ ପ୍ରୋଜେକ୍ଟ କରିବାର ଶେଷ ପର୍ଯ୍ୟାୟରେ ଅଛି। ଏହି ବିଶେଷଜ୍ଞ କମିଟି ସୁପ୍ରିମକୋର୍ଟଙ୍କ ବିଚାରକୁ ଅଗ୍ରାହ୍ୟ କରି ସରକାରଙ୍କୁ ଏହି ସୂଚନା ହାସଲ କରିବାକୁ ଅନୁମତି ଦେବା ପାଇଁ ଆଧାର ଆଇନରେ ସଂଶୋଧନ ପ୍ରସ୍ତାବ ଦେଇଛି। ବ୍ୟକ୍ତିଗତ ଗୋପନୀୟତା ଏକ ମୌଳିକ ଅଧିକାର ହୋଇଥିବା ବେଳେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (UIDAI) ଅକ୍ଟୋବର ୪ ବୈଠକରେ ଆଧାର ନିୟମ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛି। ଏହା ଯଦି କାର୍ଯ୍ୟକାରୀ ହୁଏ, ତେବେ ଏହି ପରିବର୍ତ୍ତନଗୁଡିକ ମୂଳ ଆଧାର ଆଇନର ଏକ ଅଂଶ ଥିବା ଗୋପନୀୟତା ସୁରକ୍ଷାକୁ ହଟାଇ ସୁପ୍ରିମ୍‌କୋର୍ଟଙ୍କ ୨୦୧୮ ରାୟକୁ ଅର୍ଥହୀନ କରିବ।

UIDAI ଏକ ଡାଟା ଏକ୍ସଚେଞ୍ଜ ଫ୍ରେମ୍‌ୱାର୍କ ଉପରେ ଚିନ୍ତା କରିଛି ଯାହା ରାଜ୍ୟ ତଥା କେନ୍ଦ୍ର ସ୍ତରରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଥିବା ଶହ ଶହ ସରକାରୀ ଡାଟାବେସ ମଧ୍ୟରେ ସହଜରେ ତଥ୍ୟ ଆଦାନ ପ୍ରଦାନ କରିପାରିବ। ଏହି ଖୁଲାସା ବିଶେଷ ଭାବରେ ମହତ୍ତ୍ୱପୂର୍ଣ୍ଣ କାରଣ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତଥାକଥିତ ବିଦେଶୀ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ଏକ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସୃଷ୍ଟି କରିବାକୁ କହିଥିଲେ। ଏମାନେ ଉଇ ପରି ଭାରତକୁ ଖୋଳ କରୁଛନ୍ତି ବୋଲି ଶାହା ଦାବି କରିଥିଲେ, ଯଦିଚ ଏହାର ସମର୍ଥନରେ ସେ କୌଣସି ପ୍ରମାଣ ଦେଇନାହାନ୍ତି। ଯଦି ରେଜିଷ୍ଟ୍ରି ଏହାର ସାମ୍ପ୍ରତିକ ରୂପରେ କାର୍ଯ୍ୟକାରୀ ହୁଏ, ତେବେ ଗୋପନୀୟତା ବିଶେଷଜ୍ଞମାନଙ୍କ ମତରେ ନାଗରିକ ଚିହ୍ନଟ ପାଇଁ ଅସ୍ୱଚ୍ଛ ଆଲଗୋରିଦମ ବ୍ୟବହାର କରିବା ସରକାରଙ୍କ ପାଇଁ ସରଳ ହେବ। ବିଦେଶୀ ଘୋଷିତ ନାଗରିକମାନଙ୍କୁ ଭୋଟଦାନ ଅଧିକାରରୁ ବଞ୍ଚିତ କରାଯିବ।

୨୦୧୧ରେ, ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଏନ୍‌ଡିଏ ସରକାର ୧୯୩୧ ପରଠାରୁ ଭାରତର ପ୍ରଥମ ଜାତିଭିତ୍ତିକ ଜନଗଣନା ଆରମ୍ଭ କରିଥିଲେ। ୨୦୧୧ରେ ଏସ୍‌ଇସିସି ଏକ ପ୍ରକାର ଜନଗଣନା ଥିଲା, ସର୍ଭେ ନୁହେଁ: ଏହାର ଅର୍ଥ ହେଉଛି ସରକାର ଜାତି, ଆୟ ଆଦି ଉପରେ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ ଏବଂ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ସାମାଜିକ ପାରାମିଟର ନିର୍ଦ୍ଧାରଣ କରିଥିଲେ। ଜୁଲାଇ ୩, ୨୦୧୫ରେ ଭାଜପା ସରକାର ଏସ୍‌ଇସିସି ଦ୍ୱାରା ସଂଗୃହୀତ ସାମାଜିକ-ଅର୍ଥନୈତିକ ତଥ୍ୟ ପ୍ରକାଶ କରିଥିଲେ, କିନ୍ତୁ ରାଜନୈତିକ ସମ୍ବେଦନଶୀଳ ଜାତି ତଥ୍ୟକୁ ବାଦ୍ ଦେଇଥିଲେ। ୧୩ ଅକ୍ଟୋବର ୨୦୧୫ ରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଗ୍ରାମାଞ୍ଚଳର ବିକାଶ ପାଇଁ ସଂସଦ ଷ୍ଟାଣ୍ଡିଂ କମିଟିକୁ ଏସ୍‌ଇସିସି ତଥ୍ୟରୁ ଅଧିକ ଲାଭ ନିଶ୍ଚିତ କରିବାକୁ ଏକ ସାମାଜିକ ରେଜିଷ୍ଟ୍ରି ବ୍ୟବସ୍ଥା ଲାଗି ପ୍ରସ୍ତାବ ଦେଇଥିଲା। ନଭେମ୍ବର ୨୭, ୨୦୧୫ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ତତ୍କାଳୀନ ଅର୍ଥନୈତିକ ପରାମର୍ଶଦାତା ମନୋରଂଜନ କୁମାର ଏକ ବିସ୍ତୃତ ନୋଟ ରଚନା କରିଥିଲେ ଯାହାକି ଏସ୍‌ଇସିସି ତଥ୍ୟକୁ କ୍ରମାଗତ ଭାବରେ ଅପଡେଟ ହେଉଥିବା ରେଜିଷ୍ଟ୍ରିରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ପ୍ରକଳ୍ପର ଆଧାର ଭାବରେ କାର୍ଯ୍ୟ କରିବ।

ସିଷ୍ଟମ୍ ସ୍ୱୟଂଚାଳିତ ଭାବରେ ନିଜକୁ ଅପଡେଟ କରିବା ଉଚିତ ବୋଲି କୁମାରଙ୍କ ଜୁନିୟର ଧ୍ରୁବ କୁମାର ସିଂ ପରାମର୍ଶ ଦେଇଛନ୍ତି। ଭବିଷ୍ୟତରେ ପ୍ରସ୍ତାବିତ ସିଷ୍ଟମ ଅଟୋ-ଅପଡେଟ ଅଧୀନରେ ରହିବ କାରଣ ହିତାଧିକାରୀଙ୍କ ପ୍ରୋଫାଇଲ ସରକାରୀ ସୁବିଧା ପାଇ ବଦଳିଯାଇପାରେ। କୁମାରଙ୍କ ଇଚ୍ଛା ଏକ କେନ୍ଦ୍ରୀଭୂତ ଡାଟାବେସ କିମ୍ବା ରେଜିଷ୍ଟ୍ରି, ଯାହା ପ୍ରତ୍ୟେକ ଭାରତୀୟଙ୍କ ବିଷୟରେ ବହୁ ତଥ୍ୟ ହାସଲ କରିବାକୁ ଆଧାର-ଭିତ୍ତିକ କାରବାର ଉପରେ ନିର୍ଭର କରେ। କୁମାରଙ୍କ ନୋଟ ଏକ ପାଞ୍ଚବର୍ଷର ପ୍ରକ୍ରିୟା ଆରମ୍ଭ କରିଥିଲା ଯାହା ଏପର୍ଯ୍ୟନ୍ତ ଜାରି ରହିଛି। ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ, ମନ୍ତ୍ରଣାଳୟ, ଥିଙ୍କ ଟ୍ୟାଙ୍କ ଏବଂ ଏନଆଇଟି ଆୟୋଗ, UIDAI ଏବଂ ବିଶ୍ୱ ବ୍ୟାଙ୍କ ପରି ଏଜେନ୍ସିଗୁଡ଼ିକ ଏହା ଉପରେ ନିଜ ନିଜର ପ୍ରସ୍ତାବ ଦେଇଛନ୍ତି।

ଥିଓରି ଅନୁସାରେ ଏକ ଗତିଶୀଳ ଡାଟାବେସ ସରକାରୀ ସାହାଯ୍ୟ ଆବଶ୍ୟକ କରୁଥିବା ସମସ୍ତଙ୍କୁ ସାହାଯ୍ୟ କରିଥାଏ। କିନ୍ତୁ ବାସ୍ତବରେ ଏହା ହାସଲ କରିବାର ଏକମାତ୍ର ଉପାୟ ହେଉଛି ପ୍ରତ୍ୟେକ ନାଗରିକର ଅର୍ଥନୈତିକ ଏବଂ ସାମାଜିକ ଜୀବନ ଉପରେ ନିରନ୍ତର ନଜର ରଖିବା- ଯାହା ବିଶେଷଜ୍ଞମାନେ ସେତେବେଳେ ଅନୁଭବ କରିନଥିଲେ। ତିନିବର୍ଷ ମଧ୍ୟରେ, ପ୍ରତ୍ୟେକ ଅତିରିକ୍ତ ପରାମର୍ଶ କେବଳ ସାମାଜିକ ରେଜିଷ୍ଟ୍ରିକୁ ଅଧିକରୁ ଅଧିକ ହସ୍ତକ୍ଷେପ-ପୀଡ଼ିତ କରିପାରିଛି। ଉଦାହରଣ ସ୍ୱରୂପ, ଜାନୁୟାରୀ ୨୦୧୬ରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପୂର୍ବତନ ଅର୍ଥ ସଚିବ ସୁମିତ ବୋଷଙ୍କ ଅଧୀନରେ ଏକ ବିଶେଷଜ୍ଞ ଗୋଷ୍ଠୀ ଗଠନ କରି ଏସ୍‌ଇସିସି ବ୍ୟବହାର କରି ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବାର ମାନଦଣ୍ଡ ନିର୍ଣ୍ଣୟ କରିଥିଲେ। ନଭେମ୍ବର ୨୦୧୬ରେ ଏକ ଗତିଶୀଳ ଡାଟାବେସର ଧାରଣାକୁ ସମର୍ଥନ କରି କମିଟି ଏହାର ରିପୋର୍ଟ ଦାଖଲ କରିଛି। ନୀତି ଆୟୋଗ କହିଛି ଯେ ସାମାଜିକ ସ୍ଥାନାନ୍ତର ନିଶ୍ଚିତ ଭାବରେ ଜନ୍ମ, ମୃତ୍ୟୁ ଏବଂ ବିବାହ ରେଜିଷ୍ଟର ସହିତ ସଂଯୁକ୍ତ ହେବା ଆବଶ୍ୟକ। ମନ୍ତ୍ରଣାଳୟ ଏହି ପ୍ରସ୍ତାବଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ରାଜି ହୋଇଛି, ମନ୍ତ୍ରଣାଳୟର ନିର୍ଦ୍ଦେଶକ ଧ୍ରୁବ କୁମାର ସିଂଙ୍କ ଦ୍ୱାରା ୨୦ ମଇ ୨୦୧୬ରେ ଲିଖିତ ଏକ ନୋଟ ଏହା ଦର୍ଶାଯାଇଛି।

(ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

ସହ-ପ୍ରତିଷ୍ଠାତା, ଲ୍ୟାଣ୍ଡ କଣ୍ଟ୍ରୋଲ ୱାଚ୍, ନୂଆଦିଲ୍ଲୀ,
kumarsambhav.04@gmail.com

# ଗ୍ରୀସ୍‌ର ପ୍ରଥମ ମହିଳା ରାଷ୍ଟ୍ରପତି

ବ୍ୟକ୍ତିତ୍ୱ



କ୍ୟାଟେରିନା ସାକେଲାରୋପୋଲୋଉ

କ୍ୟାଟେରିନା ସାକେଲାରୋପୋଲୋଉ ଗ୍ରୀସ୍‌ର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ୧୩ ମାର୍ଚ୍ଚ,୨୦୨୦ରେ ଶପଥ ନେଇଛନ୍ତି। ସେ ୫ ବର୍ଷ ପାଇଁ ଏହି ପଦରେ ରହିବେ। ଗତ ଜାନୁୟାରୀରେ ୩୦୦ ଜଣିଆ ପାର୍ଲାମେଣ୍ଟ ସଦସ୍ୟଙ୍କ ମଧ୍ୟରୁ ୨୬୧ ଜଣଙ୍କ ସମର୍ଥନ ପାଇ ସେ ନିର୍ବାଚିତ ହୋଇଥିଲେ। ବିଭିନ୍ନ ରାଜନୈତିକ ଦଳଗୁଡିକ ଦ୍ୱାରା ଏହା ଗ୍ରୀସ ଇତିହାସରେ ସବୁଠୁ ବଡ ସମର୍ଥନ ବୋଲି କୁହାଯାଉଛି। ତାଙ୍କ ବିପକ୍ଷରେ ମାତ୍ର ୩୩ ଖଣ୍ଡ ଭୋଟ ପଡିଥିଲା ଓ ୬ ଜଣ ଭୋଟରୁ ନିରତ ରହିଥିଲେ। ତେବେ ଗ୍ରୀସ୍‌ର ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ ତାଙ୍କୁ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀଭାବେ ମନୋନୀତ କରିବା ପରେ ତାଙ୍କର ଏହି ବିଜୟ ସୂଚାଇ ଦେଇଥିଲା ଯେ, ତାଙ୍କ ପକ୍ଷରେ ସବୁ ଦଳର ଦୃଢ ସହଯୋଗ ଥିଲା। ଗ୍ରୀସ୍‌ରେ କରୋନା ସଂକ୍ରମଣ ବ୍ୟାପୁଥିବାରୁ ଶପଥ ଗ୍ରହଣ ଉତ୍ସବରେ ମାତ୍ର ୧୫୦ ଜଣ ଉପସ୍ଥିତ ରହିଥିଲେ। ବିଦାୟୀ ରାଷ୍ଟ୍ରପତି ପ୍ରୋକୋପିସ୍ ପାଭଲୋପୋଉଲସ୍‌ଙ୍କ ପରେ କ୍ୟାଟେରିନାଙ୍କ ଠାରୁ ଗ୍ରୀସ୍ ଏକ ନୂଆ ଭବିଷ୍ୟତ ଭିତରକୁ ପ୍ରବେଶ କରିବ, ଏହି ଆଶା ରହିଛି ଦେଶବାସୀଙ୍କର। ରାଷ୍ଟ୍ରପତି ହେବା ପୂର୍ବରୁ ସେ ଗ୍ରୀସ୍‌ର କାଉନ୍‌ସିଲ ଅଫ୍ ଷ୍ଟେଟର ମୁଖ୍ୟ ରହିଥିଲେ। ପ୍ରଥମ ମହିଳା ଭାବେ ମଧ୍ୟ ସେ ଏହି ସୌଭାଗ୍ୟର ଅଧିକାରିଣୀ ହୋଇଥିଲେ।

୩୦ ମେ’୧୯୫୬ରେ ଥସାଲୋନିକିରେ କ୍ୟାଟେରିନାଙ୍କ ଜନ୍ମ । ୧୯୭୮ରେ ଏଥେନ୍ସର ନ୍ୟାସନାଲ ଆଣ୍ଡ କାପୋଡିଷ୍ଟ୍ରିଆନ୍ ବିଶ୍ୱବିଦ୍ୟାଳୟଲରୁ ଆଇନ୍‌ରେ ଶିକ୍ଷା ଶେଷ କରିବା ପରେ ପ୍ୟାରିସ୍-୨ ବିଶ୍ୱବିଦ୍ୟାଳୟ(ଫ୍ରାନ୍ସ)ରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ କାଉନ୍‌ସିଲ ଅଫ୍ ଷ୍ଟେଟ୍‌ରେ କାର୍ଯ୍ୟରତ ସମୟରେ ଛୁଟିରେ ରହି ୧୯୮୯ରୁ ୧୯୯୦ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟରୁ ଲିଗାଲ ଟ୍ରେନିଂ ମଧ୍ୟ ଲାଭ କରିଥିଲେ। ଅକ୍ଟୋବର, ୨୦୧୮ରେ ସେ ସମୟର ସରକାରଙ୍କ ପ୍ରସ୍ତାବ କ୍ରମେ କାଉନ୍‌ସିଲ ଅଫ୍ ଷ୍ଟେଟ୍‌ର ମୁଖ୍ୟ ହୋଇଥିଲେ। ସେ ଏହି ପଦରେ ୧୧ ଫେବୃୟାରୀ ୨୦୨୦ ଯାଏ ରହିଥିଲେ। ୨୦୧୫ରୁ ହେଲେନିକ୍ ସୋସାଇଟି ଫର୍ ଏନ୍‌ଭାଇରନମେଣ୍ଟାଲ ଲ’ର ଅଧ୍ୟକ୍ଷ ଭାବେ ବି ଦାୟିତ୍ୱ ନିର୍ବାହ କରିଛନ୍ତି। ପରିବେଶ ସମ୍ବନ୍ଧିତ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ତାଙ୍କ ସକ୍ରିୟ ଯୋଗଦାନ ପରିବେଶବିତ୍‌ମାନଙ୍କୁ ନୂଆ ଉତ୍ସାହ ଯୋଗାଇଆସିଛି। ଆକେଲେସ ନଦୀର ଗତିପଥ ବଦଳାଇବା ଘଟଣାଠାରୁ ଆରମ୍ଭ କରି ଏଥେନ୍ସସ୍ଥିତ ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବିଲ୍‌ଡିଂ ଆଲେକ୍‌ଜାଣ୍ଡ୍ରାସ୍ ଆଭେନ୍ୟୁର ସୁରକ୍ଷା ଲାଗି ତାଙ୍କ ଲଢେଇ ସ୍ମରଣଯୋଗ୍ୟ। ଏହା ବ୍ୟତୀତ ନାଗରିକ ଅଧିକାର, ଶରଣାର୍ଥୀ ଅଧିକାର ଓ ସମଲିଙ୍ଗୀ ବିବାହ ଉପରେ ତାଙ୍କ ଉଦାରବାଦୀ କାର୍ଯ୍ୟପନ୍ଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ଜଣେ ସକାରାତ୍ମକ ଶକ୍ତି ଭାବେ ଗ୍ରୀସ ରାଜନୀତିରେ ଉଭା ହୋଇଥିବା ୬୩ ବର୍ଷୀୟା ସାକେଲାରୋପୋଲୋଉ ଗ୍ରୀସ୍‌ର ଅର୍ଥନୈତିକ ସଂକଟ ଦୂରକରିବା, ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ସହ ଦେଶ ଛାଡି ବାହାରକୁ ପଳାଇଯାଉଥିବା ସଂଖ୍ୟାଧିକ ଲୋକମାନଙ୍କ ପରିସ୍ଥିତି ଉପରେ ପ୍ରାଧାନ୍ୟ ଦେବା ଲାଗି ସେ ଲକ୍ଷ୍ୟ ରଖିଛନ୍ତି। ଜଣେ ସାମ୍ବିଧାନିକ ତଥା ପରିବେଶଗତ ଆଇନ ବିଶେଷଜ୍ଞ ଭାବେ ଦୀର୍ଘଦିନର ଅଭିଜ୍ଞତାକୁ ଆଧାର କରି ରାଷ୍ଟ୍ରପତି ଭାବେ ସେ ଏହି ଲକ୍ଷ୍ୟ ହାସଲ କରିବା ନିଶ୍ଚିତ ସହଜ ହେବ ବୋଲି କୁହାଯାଇପାରେ।

କ୍ୟାଟେରିନାଙ୍କୁ ରାଷ୍ଟ୍ରପତି ପଦ ପାଇଁ ମନୋନୀତ କରାଯିବା ପରେ ବିଭିନ୍ନ ମହଲରୁ ସମାଲୋଚନାର ସ୍ୱର ଉଠିଥିଲା। ତେବେ ଗ୍ରୀସର ପଡୋଶୀ ରାଷ୍ଟ୍ର ବୁଲଗେରିଆ ଓ ଆଲବାନିଆରେ ମହିଳା ଅଧିକାର ଲାଗି ଲଢେଇ ଜାରି ରହିଥିବାବେଳେ ରାଷ୍ଟ୍ରପତି ଭାବେ କ୍ୟାଟେରିନାଙ୍କ ଶପଥ ମହିଳା ଅଧିକାର କ୍ଷେତ୍ରରେ ପ୍ରତୀକାତ୍ମକ ପ୍ରଗତିର ସଂକେତ ଦେଇଛି। ଆମେରିକା କଂଗ୍ରେସରେ ଏକଚତୁର୍ଥାଂଶଠାରୁ କମ୍, ୧୧ଟି ୟୁରୋପୀୟ ରାଷ୍ଟ୍ରରେ ୩୦ ପ୍ରତିଶତରୁ ସାମାନ୍ୟ ଅଧିକ ପାର୍ଲାମେଣ୍ଟ ସଦସ୍ୟ ମହିଳା ରହିଥିବା ବେଳେ ୧୮ ପ୍ରତିଶତ ମହିଳା ସାଂସଦ ଥିବା ଗ୍ରୀସ୍ ଏବେ ପ୍ରଥମ ମହିଳା ରାଷ୍ଟ୍ରପତି ପଦରେ କ୍ୟାଟେରିନାଙ୍କୁ ଅଧିଷ୍ଠିତ କରାଇ ବିଶ୍ୱକୁ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପରିବାର ଓ ସମାଜରେ ମହିଳାମାନଙ୍କୁ ଜୀବନରେ ଉନ୍ନତି ଆଣିବା ଲାଗି ପ୍ରୟାସ କରିବେ ବୋଲି କହିଛନ୍ତି କ୍ୟାଟେରିନା। ରାଷ୍ଟ୍ରପତି ଭାବେ ସେ ଏବେ ଗ୍ରୀସ୍‌ରେ କରୋନା ଭାଇରସକୁ ଆୟତ୍ତ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଜୀବନର ଉତ୍ଥାନ ପତନ ଦେଇ ଆଗକୁ ଯାଇଥିବା କ୍ୟାଟେରିନାଙ୍କ କାହାଣୀ କିଛି କମ୍ ନୁହେଁ। ବୈବାହିକ ଜୀବନରେ ତାଙ୍କର ବିଚ୍ଛେଦ ବି ଘଟିଛି। ହେଲେ ସେତେବେଳକୁ ସେ ଗୋଟିଏ ସନ୍ତାନର ମା’ ହୋଇସାରିଥିଲେ। ପରେ ପାଭୋଲୋସ କୋଟସୋନିସ୍‌ଙ୍କୁ ବିବାହ କରି ରହୁଛନ୍ତି ଏଥେନ୍ସରେ। ଏହି ନିର୍ବିବାଦୀୟ ମହିଳା ଜଣକ ଅବସର ସମୟରେ ବି ଲେଖାଲେଖିରେ ବ୍ୟସ୍ତ ରହନ୍ତି। ସେ ଅନେକ ବହି ଲେଖିଛନ୍ତି। ଇଂଲିଶ ବ୍ୟତୀତ ଫ୍ରେଞ୍ଚ ଭାଷାରେ ଭଲ ଭାବେ ବି କଥା ହୋଇପାରନ୍ତି କ୍ୟାଟେରିନା ।

-ଶିବପ୍ରସାଦ ପୁହାଣ

## ଏଇ ଭାରତରେ

ଗୁଜରାଟର ଜଣେ ପ୍ରଧାନଶିକ୍ଷକ ଜୈବିକ କୃଷି ମାଧ୍ୟମରେ ପିଲାଙ୍କ ଉପସ୍ଥାନ ଶତ ପ୍ରତିଶତରେ ପହଞ୍ଚାଇବାରେ ସଫଳ ହେବା ନିଶ୍ଚିତ ଭାବେ ପ୍ରଶଂସନୀୟ। ଏହି ପ୍ରଧାନଶିକ୍ଷକ ହେଉଛନ୍ତି ନରେନ୍ଦ୍ର ଚୌହାନ। ୨୦୧୧ରେ ସେ ବଡୋଦରାର ଭାୟାଦପୁର ପ୍ରାଇମେରୀ ସ୍କୁଲ୍‌ରେ ଯୋଗଦେଇଥିଲେ। ସେତେବେଳେ ପିଲାମାନେ ସ୍କୁଲ୍‌କୁ ଆସୁ ନ ଥିଲେ କି ମଧ୍ୟାହ୍ନଭୋଜନ ଖାଇବାରେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଦାରିଦ୍ର୍ୟ ଯୋଗୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ୍ ପଠାଉ ନ ଥିଲେ। ଏଣୁ ୨୦୧୩ରେ ସେ ନିଜସ୍ୱ ଉଦ୍ୟମରେ ସ୍କୁଲ୍‌ରେ ଦୁଇଟି କିଚେନ ଗାର୍ଡେନ କରି ପରିବା ଚାଷ ଆରମ୍ଭ କରିଥିଲେ। ସେଥିରୁ ଉତ୍ପାଦିତ ପରିବା ମଧ୍ୟାହ୍ନଭୋଜନରେ ପିଲାମାନଙ୍କୁ ଦେଇଥିଲେ। ଧୀରେ ଧୀରେ ପିଲାମାନେ ସ୍କୁଲ ଆସିବା ଆରମ୍ଭ କରିଥିଲେ। ଏବେ ଦୈନିକ ସବୁ ପିଲା ସ୍କୁଲକୁ ଆସୁଛନ୍ତି। ପ୍ରଧାନଶିକ୍ଷକଙ୍କୁ ଚାଷ କରିବା ଦେଖି ପିଲାମାନେ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି। ଏହା ମଧ୍ୟରେ ୧୭ ବର୍ଷ ବିତିଯାଇଛି, ହେଲେ ଏହି ପ୍ରଧାନ ଶିକ୍ଷକ ଜଣକ ତାଙ୍କ ଲକ୍ଷ୍ୟରୁ ଓହରିନାହାନ୍ତି। ଏବେ ସ୍କୁଲ୍ ବଗିଚାରେ ସେ ପିଲାମାନଙ୍କ ସହଯୋଗରେ ସବୁପ୍ରକାର ପରିବା ଓ ଶାଗ ଚାଷ କରୁଛନ୍ତି। ଚାଷରେ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଏଯାବତ୍ ଚୌହାନ ସ୍କୁଲ୍ ବଗିଚାରୁ ୮ ହଜାର କେଜି ପରିବା ଉତ୍ପାଦନ କରିସାରିଛନ୍ତି। ମଧ୍ୟାହ୍ନଭୋଜନରେ ଆବଶ୍ୟକତା ପୂରଣ ପରେ ବଳକା ପରିବା ପିଲାମାନଙ୍କୁ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ପରିବାର ଉପକୃତ ହେବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇପାରୁଛନ୍ତି। ଅଭିଭାବକମାନେ ନିୟମିତ ପିଲାଙ୍କୁ ସ୍କୁଲ ପଠାଉଛନ୍ତି ଓ ପିଲାମାନେ ପଢିବା ସହ ଜୈବିକ କୃଷି ସମ୍ପର୍କରେ ଶିକ୍ଷା ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମାର୍ଚ୍ଚ ୧୯୯୫

- ମହାରାଷ୍ଟ୍ରରେ ପ୍ରଥମ ଅଣକଂଗ୍ରେସ ସରକାର ଭାଜପା-ଶିବସେନା ମେଣ୍ଟର ନେତା ମନୋହର ଜୋଷୀ ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି।
- ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ କେଶୁଭାଇ ପଟେଲଙ୍କ ଶପଥ ଗ୍ରହଣ।
- କାଜାଖସ୍ତାନର ପାର୍ଲାମେଣ୍ଟକୁ ଭାଙ୍ଗିଦେବା ପାଇଁ ରାଷ୍ଟ୍ରପତି ନୁରସୁଲତାନ ନଜରବାୟେଭ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲେ ତାହାକୁ ଅମାନ୍ୟ କରି ପାର୍ଲାମେଣ୍ଟର ବହୁ ସଦସ୍ୟ ଏହାକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଏକ ସର୍ବସମ୍ମତ ନିଷ୍ପତ୍ତି ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସେନାରେ ମହିଳା ଦକ୍ଷତା ଦେଖାଇପାରିବେ

ମହାଶୟ,

ଦେଶ ପ୍ରତି ପୁରୁଷମାନଙ୍କର ଯେତିକି ନାରୀମାନଙ୍କର ମଧ୍ୟ ସେତିକି ଅବଦାନ ରହିଛି। ସ୍ୱାଧୀନତା ସଂଗ୍ରାମରେ ପୁରୁଷ ବିପ୍ଳବୀମାନେ ଯେମିତି ଦକ୍ଷତା ଦେଖାଇ ପାରିଛନ୍ତି ନାରୀମାନେ ମଧ୍ୟ ସେହିପରି ସଂଗ୍ରାମ କରି ନିଜ ମାତୃଭୂମି ପ୍ରୀତିର ଅନନ୍ୟ ଉଦାହରଣ ଦେଖାଇ ପାରିଛନ୍ତି। ଏହି ଉଦାହରଣରେ ଭାରତୀୟ ସେନାରେ ପୁରୁଷମାନେ ଯଦି ନିଜର ଦକ୍ଷତା ଦେଖାଇ ଉଚ୍ଚ ପଦବୀରେ ନିଯୁକ୍ତି ପାଇପାରୁଛନ୍ତି ଆଜିକାର ଭାରତୀୟ ନାରୀମାନେ ମଧ୍ୟ ସେନାରେ ନିଜର ଦକ୍ଷତା ଦେଖାଇ ପାରିବେ ଏବଂ ପୁରୁଷମାନଙ୍କ ଭଳି ଉଚ୍ଚ ପଦବୀରେ ନିଯୁକ୍ତି ପାଇପାରିବେ। ରାଣୀ ଦୁର୍ଗାବତୀ, ରାଣୀ ଶୁକ ଦେଈ, ରାଣୀ ଲକ୍ଷ୍ମୀବାଈଙ୍କ ଦେଶରେ ନାରୀମାନଙ୍କୁ ଭୀରୁ ବିଚାରିବା ଠିକ୍ ନୁହେଁ। ସେମାନେ ସମସ୍ତେ ବୀରଙ୍ଗନା। ସେନାରେ ଲିଙ୍ଗଗତ ସମସ୍ୟାକୁ ଦୂର କରି ମହିଳାମାନଙ୍କୁ ଦକ୍ଷତା ସୂତ୍ରରେ ନିଯୁକ୍ତି ଦେବା ପାଇଁ ସୁପ୍ରିମ୍‌କୋର୍ଟ ଦୀର୍ଘ ୧୦ ବର୍ଷ ପରେ ଯେଉଁ ଚୂଡାନ୍ତ ରାୟ ଦେଇଛନ୍ତି ଏହାକୁ କେନ୍ଦ୍ର ସରକାର ନିଷ୍ଠାର ସହ ପାଳନ କରିବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିଡ଼ମ୍ବିତ ଅର୍ଥନୀତି

୨୦୧୮-୧୯ରେ ଜାତୀୟ ଅଭିବୃଦ୍ଧି ହାର ୬.୮ ପ୍ରତିଶତ ଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୭.୯ ପ୍ରତିଶତ ଥିଲା। ସେହିପରି ଗତ ୫ ବର୍ଷରେ ଓଡ଼ିଶାର ହାରାହାରି ଅଭିବୃଦ୍ଧି ହାର ଥିଲା ୮.୬ ପ୍ରତିଶତ। ଏହା ଜାତୀୟ ହାରଠାରୁ ଅଧିକ। କିନ୍ତୁ ଓଡ଼ିଶାରେ ବେକାରି ହାର ଜାତୀୟ ହାରଠାରୁ ଢେର ଅଧିକ। ୨୦୧୭-୧୮ରେ ସମଗ୍ର ଦେଶର ବେକାରି ହାର ୬.୧ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୭.୧%ରେ ଥିଲା। ସେହିପରି ଜାତୀୟ ସ୍ତରରେ ମୋଟ ଶ୍ରମଶକ୍ତିର ୪୬.୮ ପ୍ରତିଶତ ଶ୍ରମକ୍ଷେତ୍ରରେ ସାମିଲ ଥିବା ବେଳେ ଓଡ଼ିଶାର ଏହା ଥିଲା ମାତ୍ର ୪୪.୯ ପ୍ରତିଶତ। ଏହା ଓଡ଼ିଶା ପାଇଁ ଏକ ବିଡ଼ମ୍ବିତ ଅର୍ଥନୀତି ବୋଲି କୁହାଯାଇପାରେ। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶାରେ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଛି। ଏହାର କାରଣ ଓ ନିରାକରଣ ସମ୍ପର୍କରେ ସରକାର ଅନୁଧ୍ୟାନ କରିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପେଟ୍ରୋଲ,ଡିଜେଲ ଉତ୍ପାଦ ଟିକସ ୩ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ,୧୪।୩**



- ଇନ୍ଧନ ଦର ବୃଦ୍ଧି ଘଟିବନି
- ନିଜ ମଧ୍ୟରେ ବ୍ୟବସ୍ଥିତ କରିବେ କମ୍ପାନୀ
- ରାଜକୋଷକୁ ଆସିବ ୩୯ ହଜାର କୋଟି

କେନ୍ଦ୍ର ସରକାର ଶନିବାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଟିକସ ଲିଟର ପିଛା ୩ ଟଙ୍କା ବଢ଼ାଇଛନ୍ତି। ଏହାଦ୍ୱାରା ରାଜକୋଷକୁ ପ୍ରାୟ ୩୯ ହଜାର କୋଟି ଟଙ୍କାର ରାଜସ୍ୱ ଆସିବ ବୋଲି ଜଣାପଡ଼ିଛି। ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ହୋଇଥିଲେ ମଧ୍ୟ ଏହାର ଲାଭ ଲୋକମାନଙ୍କୁ ମିଳିନାହିଁ। ୨୦୧୪-୧୫ ବର୍ଷରେ ମଧ୍ୟ ଅନ୍ତର୍ଜାତୀୟ ବଜାରରେ ଏଭଳି ତୈଳ ଦର ହ୍ରାସ ହୋଇଥିଲେ ମଧ୍ୟ ଏହାର ଲାଭ ସରକାର ଲୋକଙ୍କୁ ଦେଇ ନ ଥିଲେ। ଟିକସ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହାର ମୂଲ୍ୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ବିଦେଶୀ ବଜାରରେ ଅଶୋଧିତ ତେଲ ଦର କମିଥିବାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ବର୍ଦ୍ଧିତ ଟିକସ ହାରକୁ ନିଜ ମଧ୍ୟରେ ବ୍ୟବସ୍ଥିତ(ଆଡ୍‌ଜଷ୍ଟ) କରିବେ। ଏହି ଧାରା ଆଗାମୀ ଦିନରେ ମଧ୍ୟ ଲାଗି ରହିବ ବୋଲି ଶିଳ୍ପର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡର ଏକ ବିଜ୍ଞପ୍ତି ମୁତାବକ, ପେଟ୍ରୋଲ ଉପରେ ସ୍ୱତନ୍ତ୍ର ଉତ୍ପାଦ ଟିକସ ୨ ଟଙ୍କା ବଢ଼ି ଲିଟର ପିଛା ୮ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ କ୍ଷେତ୍ରରେ ଏହା ୨ଟଙ୍କା ବଢ଼ି ୪ ଟଙ୍କା ହୋଇଛି। ଅତିରିକ୍ତ ଭାବେ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୧ ଟଙ୍କା ଲେଖାଏ ରୋଡ୍ ସେସ୍ ଲାଗୁ କରାଯାଇଛି। ଏହା ଉପରେ ସେସ୍ ପରିମାଣ ୧୦ ଟଙ୍କାକୁ ବଢ଼ିଛି। ବର୍ତ୍ତମାନର ଏହି ଉତ୍ପାଦ ଟିକସ ବୃଦ୍ଧି ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ଉତ୍ପାଦ ଟିକସ ୨୨.୯୮ ଟଙ୍କା ଏବଂ ୧୮.୮୩ ଟଙ୍କାକୁ ବଢ଼ିଛି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ପରେ ପେଟ୍ରୋଲ ଉପରେ ୯.୪୮ ଟଙ୍କା ଏବଂ ଡିଜେଲ ଉପରେ ୩.୫୬ ଟଙ୍କାର ଟିକସ ଲାଗୁ ହୋଇଥିଲା।

ଅଧିକାରୀ ଜଣକ କହିଛନ୍ତି, ଏଭଳି ଟିକସ ବୃଦ୍ଧି ଦ୍ୱାରା ସରକାର ପ୍ରାୟ ୩୯ହଜାର କୋଟି ଟଙ୍କା ପାଇବେ। ଚଳିତ ଆର୍ଥିକ ବର୍ଷର ଆଉ ୩ ସପ୍ତାହ ବାକି ଥିବା ବେଳେ ଏହି ସମୟରେ ୨ ହଜାର କୋଟି ଟଙ୍କାରୁ କମ୍ ରାଜସ୍ୱ ରାଜକୋଷକୁ ଆସିବା ସମ୍ଭାବନା ରହିଛି। ଗଲ୍ଫ ଯୁଦ୍ଧ ଯୋଗୁ ତୈଳ ମୂଲ୍ୟ କମିବାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଦେଶ ମଧ୍ୟରେ ଇନ୍ଧନର ମୂଲ୍ୟ ବଢ଼ାଇବେ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ଏହି ସମୟରେ ଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ମୂଲ୍ୟ ୬୯.୮୭ ଟଙ୍କା ରହିଛି। ସେହିଭଳି ଡିଜେଲର ଲିଟର ପିଛା ଦର ୬୨.୫୮ ଟଙ୍କା ରହିଛି। ୨୦୧୪ ନଭେମ୍ବରରୁ ୨୦୧୬ ଜାନୁୟାରୀ ମଧ୍ୟରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ୯ଥର ଉତ୍ପାଦ ଟିକସ ବଢ଼ାଇଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ତେଲ ଦର କମ୍ ରହିଥିବାରୁ ସରକାରଙ୍କୁ ଲାଭ ମିଳିଥିଲା।

ସେହିଭଳି ୧୫ ମାସ ସମୟ ମଧ୍ୟରେ ପେଟ୍ରୋଲ ଉପରେ ୧୧.୭୭ ଟଙ୍କା ଏବଂ ଡିଜେଲ ଉପରେ ୧୩.୪୭ ଟଙ୍କା ଟିକସ ବୃଦ୍ଧି କରାଯାଇଥିଲା। ୨୦୧୬-୧୭ରେ ଉତ୍ପାଦ ଟିକସ ସଂଗ୍ରହ ଦୁଇଗୁଣରୁ ଅଧିକ ହୋଇ ୨.୪୨ ଲକ୍ଷ କୋଟି ଟଙ୍କା ରହିଥିଲା; ଯାହା ୨୦୧୪-୧୫ରେ ୯୯ ହଜାର କୋଟି ଟଙ୍କା ରହିଥିଲା। ଅକ୍ଟୋବର ୨୦୧୭ରେ ସରକାର ଉତ୍ପାଦ ଟିକସ ୨ ଟଙ୍କା କମିଥିବା ବେଳେ ବର୍ଷେ ପରେ ୧.୫୦ ଟଙ୍କା କମିଥିଲା। ମାତ୍ର ୨୦୧୯ ଜୁଲାଇରେ ଏହି ଟିକସ ୨ ଟଙ୍କା ବଢ଼ାଯାଇଥିଲା। ଏବେ ଦେଶର ବିତ୍ତୀୟ ସ୍ଥିତି ଖରାପ ଥିବାରୁ ଅଧିକ ରାଜସ୍ୱ ହାସଲ କରିବା ଲାଗି ସରକାର ଟିକସ ବଢ଼ାଯାଇଥିବା ଜଣେ ସରକାରୀ ଅଧିକାରୀ କହିଛନ୍ତି। ଆଦାୟ ହେବାକୁ ଥିବା ରାଜସ୍ୱ ଭିତ୍ତିଭୂମି ତଥା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଲାଗିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୩୨ ଡଲାର ରହିଛି। ଏଭଳି ସ୍ଥିତି ଯୋଗୁ ପେଟ୍ରୋଲ ଏବଂ ଡିଜେଲ ଦର ମଧ୍ୟ ୬ ଟଙ୍କାରୁ ଊର୍ଦ୍ଧ୍ୱ ଖସିଥିବା ଜଣାପଡ଼ିଛି। ୨୦୨୦ ଜାନୁୟାରୀ ୧୧ରେ ପେଟ୍ରୋଲ ଦର ୭୬.୦୧ ଟଙ୍କା ଥିବାବେଳେ ଏହା ମାର୍ଚ୍ଚ ୧୪ରେ ୬୯.୮୭ ଟଙ୍କାକୁ ଖସିଛି। ସେହିଭଳି ଡିଜେଲ ଏହି ସମୟ ମଧ୍ୟରେ ୬୯.୧୭ ଟଙ୍କାରୁ ୬୨.୫୮ ଟଙ୍କାକୁ ହ୍ରାସ ପାଇଛି।

## ସଂକ୍ଷେପରେ

### ତୈଳରେ ଉତ୍ପାଦ ଶୁଳ୍କ ବୃଦ୍ଧିକୁ ସମାଜବାଦୀ ପାର୍ଟିର ବିରୋଧ

ଭୁବନେଶ୍ୱର,୧୪।୩(ବ୍ୟୁରୋ): ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୩୫ ଡଲାରରେ ଆସି ପହଞ୍ଚିଛି। ହେଲେ ଭାରତ ସରକାର ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ପେଟ୍ରୋଲ, ଡିଜେଲ ବିକ୍ରି କରୁନାହାନ୍ତି। ଓଲଟି ନିତ୍ୟବ୍ୟବହାର୍ଯ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ଲିଟର ପିଛା ୩ ଟଙ୍କା ଉତ୍ପାଦ ଶୁଳ୍କ ବୃଦ୍ଧି କରିଛନ୍ତି। ଏହା ସାଧାରଣ ଜନତାଙ୍କୁ ପ୍ରଭାବିତ କରିବ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ମୁଖ୍ୟ ରବି ବେହେରା ଶନିବାର କହିଛନ୍ତି।

ରବି କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେଲେ ଏହାର ସିଧାସଳଖ ପ୍ରଭାବ ପରିବହନ ଉପରେ ପଡିବ। ଏହା ଦ୍ୱାରା ପରିବାହିତ ହେଉଥିବା ସାମଗ୍ରୀ ମୂଲ୍ୟ ମଧ୍ୟ ଆପେ ବୃଦ୍ଧି ପାଇଛି। ରନ୍ଧନ ଗ୍ୟାସ ମୂଲ୍ୟ ମଧ୍ୟ ଆକାଶଛୁଆଁ ରହିଛି। ତେଣୁ କର୍ପୋରେଟ ଜଗତକୁ ସୁହାଇବା ଭଳି ପଦକ୍ଷେପ ନ ନେଇ ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର କରାଯାଉ ବୋଲି ରବି କହିଛନ୍ତି।

# ଆହୁରି ବିଗିଡ଼ିବ ରାଜ୍ୟ ଅଭିବୃଦ୍ଧି

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ରାଜ୍ୟର ଆର୍ଥିକ ଅବସ୍ଥା ସରକାରଙ୍କ ଚିନ୍ତା ବଢ଼ାଇଦେଇଥିବାବେଳେ କର୍ମଚାରୀଙ୍କ ଦରମା, ପେନ୍‌ସନ ଏବଂ ଯୋଜନା ଖର୍ଚ୍ଚ ରାଜକୋଷ ଉପରେ ଅତିରିକ୍ତ ବୋଝ ପାଲଟିଛି। ରାଜସ୍ୱ ଆଦାୟ ମଧ୍ୟ ଆଖିଦୃଶିଆ ହେଉନାହିଁ। ରାଜସ୍ୱ ଅଭିବୃଦ୍ଧି ୨୮% ଅଧିକ ହେଉଥିବା କୁହାଯାଉଥିଲେ ହେଁ ବାସ୍ତବ ସ୍ଥିତି ଅଲଗା। ରାଜ୍ୟ ଅର୍ଥ ବ୍ୟବସ୍ଥାର ପ୍ରମୁଖ ଭାଗ ଖଣି ଭଳି ଅଣଟିକସ କ୍ଷେତ୍ରରୁ ଆସିଥାଏ। ଖଣିଜ ପଦାର୍ଥର ମାନ୍ଦାବସ୍ଥା ସାଙ୍ଗକୁ ଇସ୍ପାତ ଓ କୋଇଲାର ଚାହିଦା ମଧ୍ୟ ହ୍ରାସ ପାଇଛି। କେନ୍ଦ୍ର ସରକାର ଦେଉଥିବା ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ବାବଦ କ୍ଷତିପୂରଣ ଉପରେ ରାଜ୍ୟ ଆର୍ଥିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡୁଛି। ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡ଼ିକ ଯେପରି ରାଜସ୍ୱ କ୍ଷତି ନ ସହିବେ ସେଥିପାଇଁ ୫ ବର୍ଷ ସକାଶେ କେନ୍ଦ୍ର ସରକାର ଜିଏସଟି କ୍ଷତିପୂରଣ ଦେଉଛନ୍ତି। ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହୀତ ଟିକସ ପରିମାଣକୁ ମୂଳ ବର୍ଷ ରୂପେ ଧରି ବାର୍ଷିକ ୧୪ ପ୍ରତିଶତ ହାରରେ କେନ୍ଦ୍ର ସରକାର ରାଜ୍ୟକୁ ଜିଏସ୍‌ଟି କ୍ଷତି ଭରଣା କରୁଛନ୍ତି। ଏଥିଯୋଗୁ ରାଜ୍ୟକୁ ପ୍ରାୟ ୪ରୁ ୫ ହଜାର କୋଟି ଟଙ୍କା ଅତିରିକ୍ତ ମିଳୁଛି। ୨୦୨୨-୨୩ ଆର୍ଥିକ ବର୍ଷ ଯାଏ ଏହି କ୍ଷତି ଭରଣା ରାଜ୍ୟ ଅର୍ଥନୀତିକୁ ସମ୍ଭାଳିନେବ ବୋଲି କୁହାଯାଉଛି।

- ଶିଳ୍ପ, ଖଣି, ମାନୁଫାକ୍ଚରିଂ କ୍ଷେତ୍ରକୁ ଚଡ଼କ
- ଜିଏସ୍‌ଟି କ୍ଷତିପୂରଣ ଭରସା



ରାଜ୍ୟର ବାର୍ଷିକ ଟିକସ ବୃଦ୍ଧି ପରିମାଣ ୯ ରୁ ୧୦ ପ୍ରତିଶତ ମଧ୍ୟରେ ରହୁଛି। ଜିଏସ୍‌ଟି କ୍ଷତିପୂରଣ ବନ୍ଦ ହେଲେ ରାଜ୍ୟକୁ ସିଧା ୪ ରୁ ୫ ପ୍ରତିଶତ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟର ଖଣି କ୍ଷେତ୍ରର କଞ୍ଚାମାଲ ସମସ୍ୟା ଯୋଗୁ ଶିଳ୍ପ କ୍ଷେତ୍ର ମଧ୍ୟ ବହୁମାତ୍ରାରେ ପ୍ରଭାବିତ ହୋଇଛି। ୨୦୧୬-୧୭ରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ୩୩.୨ ପ୍ରତିଶତ ରେକର୍ଡ ଅଭିବୃଦ୍ଧି ହୋଇଥିବାବେଳେ ୨୦୧୭-୧୮ରେ ୮.୬%, ୨୦୧୮-୧୯ରେ ୭.୬ ଏବଂ ୨୦୧୯-୨୦ରେ ୫.୯ ପ୍ରତିଶତକୁ ଖସିବ ବୋଲି ଆକଳନ କରାଯାଇଛି। ସରକାର ମଧ୍ୟ ମାନିଛନ୍ତି ଯେ ଖଣି , ମାନୁଫାକ୍ଚରିଂ, ବିଦ୍ୟୁତ୍, ଗ୍ୟାସ, ଜଳ ଯୋଗାଣ ଏବଂ ନିର୍ମାଣ କ୍ଷେତ୍ର ଅଭିବୃଦ୍ଧି ହ୍ରାସ ଯୋଗୁ ଶିଳ୍ପ ଅଭିବୃଦ୍ଧି ମାନ୍ଦା ହୋଇଛି । ଖଣି କ୍ଷେତ୍ରର ଅଭିବୃଦ୍ଧି ୨୦୧୬-୧୭ରେ ୧୩.୭୪% ଥିବାବେଳେ ୨୦୧୮-୧୯ରେ ୩.୩୮% ଏବଂ ୨୦୧୯-୨୦ରେ ୩.୪୨%କୁ ଖସିବ ବୋଲି ଆକଳନ କରାଯାଇଛି। କୋଇଲା ଓ କ୍ରୋମାଇଟର ୨୦୧୬-୧୭ରୁ ୨୦୧୭-୧୮ରେ ଯଥାକ୍ରମେ ୩୪ % ଏବଂ ୨୭ ପ୍ରତିଶତକୁ ଖସିଯିବାରୁ ଶିଳ୍ପ କ୍ଷେତ୍ର ଅତିମାତ୍ରାରେ ପ୍ରଭାବିତ ହୋଇଛି। ମାନୁଫାକ୍ଚରିଂ କ୍ଷେତ୍ର ମଧ୍ୟ ଏହି ସମୟରେ ୩୩.୧୭ ପ୍ରତିଶତରୁ ୫.୨୯%କୁ ଖସି ଯାଇଛି । ଆର୍ଥିକ ମାନ୍ଦାବସ୍ଥା ଯୋଗୁ ନିର୍ମାଣ କ୍ଷେତ୍ର ୭.୮୮%ରୁ ୪.୪୨%କୁ ଖସିବ ବୋଲି ଆକଳନ ହୋଇଛି। ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏଥିଯୋଗୁ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୧୦ଟି ଶିଳ୍ପ ସଂସ୍ଥା ସେମାନଙ୍କର ଉତ୍ପାଦନ ବନ୍ଦ କରିଛନ୍ତି । କରୋନା ଭୂତାଣୁ ଯୋଗୁ ରାଜ୍ୟ ଅଭିବୃଦ୍ଧି ହାର ଆହୁରି ଖସିଯିବ ବୋଲି ଅର୍ଥନୈତିକ ବିଶାରଦ ଆଶଙ୍କା କରିଛନ୍ତି।

# ବିଧାନସଭା ବନ୍ଦ ଅଗଣତାନ୍ତ୍ରିକ: ବିରୋଧୀ ଦଳ ନେତା

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

**ଖଣ୍ଡନ କଲା ବିଜେଡି**

ଶ୍ରୀଜଗନ୍ନାଥଙ୍କର ୫୪୫ କୋଟି ଟଙ୍କାକୁ ବୁଡାଇ ଦେବାର ଚକ୍ରାନ୍ତ ରଚିଥିବା ବିଜୁ ଜନତା ଦଳ ସରକାର ବିଧାନସଭାରେ ଜବାବ ଦେଇପାରିଲେ ନାହିଁ । ଗୃହରେ ବିରୋଧୀ ସରକାରଙ୍କୁ ୟେସ୍ ବ୍ୟାଙ୍କ କେଳେଙ୍କାରି ପ୍ରସଙ୍ଗରେ ଯେପରି ଭାବେ ଘେରିଲେ, ସେଥିରେ ସରକାର ଅଣନିଃଶ୍ୱାସୀ ହୋଇପଡିଛନ୍ତି। ସରକାରଙ୍କ ମୁହଁ କଳା ପଡିଯାଇଛି। ଶ୍ରୀଜଗନ୍ନାଥଙ୍କ ପଇସା ଜାତୀୟକରଣ ବ୍ୟାଙ୍କରୁ ଆଣି ସରକାରଙ୍କ ଅନୁମୋଦନ ତାଲିକାରେ ନ ଥିବା ଘରୋଇ ବ୍ୟାଙ୍କରେ କାହିଁକି ରଖାଗଲା ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଅଭିଯୋଗ କରିଛନ୍ତି। ରାଜ୍ୟ ଭାଜପା ମୁଖ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ସମେତ ଅନ୍ୟ ଭାଜପା ବିଧାୟକ ଓ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଦୀପ୍ତ କହିଥିଲେ ଯେ, ମାର୍ଚ୍ଚ ୧୯ ତାରିଖରେ ସରକାର ଏହି ଅର୍ଥ ୟେସ୍ ବ୍ୟାଙ୍କରୁ ଉଠାଇ ଆଣିବେ ବୋଲି ଦମ୍ଭୋକ୍ତି ବାଢିଥିଲେ । ଯଦି ସରକାର ସେହି ତାରିଖରେ ଟଙ୍କା ଫେରାଇ ଆଣିପାରିବେ ନାହିଁ ଜାଣି ବାହାନା କରି ବିଧାନସଭାକୁ ବନ୍ଦ କରିଦେଲେ। ଏହା ଅଗଣତାନ୍ତ୍ରିକ ବୋଲି ପ୍ରଦୀପ୍ତ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଥିଲେ ଯେ, ରାଜ୍ୟରେ ଏବେ ସୁଦ୍ଧା କରୋନା ଭାଇରସରେ କେହି ଆକ୍ରାନ୍ତ ହୋଇନାହାନ୍ତି । ଯେତେଗୁଡିଏ ପରୀକ୍ଷା ହୋଇଛି ସବୁ ନେଗେଟିଭ । ହେଲେ ବିଧାନସଭାକୁ କରୋନା ପାଇଁ ବାତିଲ କରାଯିବା ନେଇ ଶାସକ ଦଳର ପ୍ରସ୍ତାବ ଓ ଏହା ଉପରେ ବାଚସ୍ପତିଙ୍କ ମୋହର ସରକାରଙ୍କର ଦେବାଳିଆ ମାନସିକତା। ପାର୍ଲାମେଣ୍ଟର ଓ ବିଭିନ୍ନ ରାଜ୍ୟରେ ବିଧାନସଭା ଅଧିବେଶନ ଚାଲିଛି। ହେଲେ ଓଡିଶାରେ ଜଣେ ହେଲେ କରୋନା ରୋଗୀ ନ ଥିବା ବେଳେ ସରକାର କ'ଣ ପାଇଁ ବିଧାନସଭାକୁ ବନ୍ଦ କରିବାକୁ ଚାହିଁଲେ ବୋଲି ମୋହନ ପ୍ରଶ୍ନ କରିଛନ୍ତି। କରୋନା ଆଳରେ ଏବେ ବିନା ଖର୍ଚ୍ଚଦାବି ଆଲୋଚନାରେ ବ୍ୟୟ ବରାଦକୁ ଗୃହୀତ କରାଇବେ। ଏହାଦ୍ୱାରା ଓଡିଶାର ମୁଖ୍ୟମନ୍ତ୍ରୀ ଏକ ଅସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ପାଇଁ ଯାଉଥିବା ଭାଜପା ପକ୍ଷରୁ କୁହାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କ କେଉଁ ବିଭାଗର କେତେ ଅର୍ଥ ଘରୋଇ ବ୍ୟାଙ୍କରେ ରଖାଯାଇଛି, ସେ ନେଇ ଅର୍ଥମନ୍ତ୍ରୀ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଭାଜପା ବିଧାୟକ ଦଳ ଦାବି କରିଛି। ଅପରପକ୍ଷରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ ୟେସ୍ ବ୍ୟାଙ୍କରେ ଥିବା ମହାପ୍ରଭୁଙ୍କ ଅର୍ଥ ସୁରକ୍ଷିତ ଥିବା ଆରବିଆଇ କହିସାରିଛି। ଏହାର ଅଯଥା ରାଜନୀତୀକରଣ କରା ନ ଯାଉ, ଏ ନେଇ ବିଧାନସଭାରେ ଆଲୋଚନା ହୋଇ ସାରିଛି। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହ କମିଟି ଗଠନ ହୋଇଛି। ତେଣୁ କମିଟି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଲେନିନ୍ କହିଛନ୍ତି।

# ଭାଜପା ଲୋକଙ୍କୁ ବିଭ୍ରାନ୍ତ ନ କରୁ: ବିଜେଡି

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ୟେସ୍ ବ୍ୟାଙ୍କରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଛି। ଆରବିଆଇକୁ ବିଶ୍ୱାସ କରି ଏହି ଘଟଣାରେ ରାଜନୀତି କରିବା ଉଚିତ ନୁହେଁ । ବିରୋଧୀ ଦଳ ଓ ସମସ୍ତ ରାଜନୈତିକ ଦଳକୁ ବିଶ୍ୱାସକୁ ନେଇ ବିଧାନସଭା ମାର୍ଚ୍ଚ ୨୯ ତାରିଖ ଯାଏ ମୁଲତବୀ ଘୋଷଣା କରାଯାଇଛି। ଭାଜପା ସଦସ୍ୟମାନେ ଏ ନେଇ ଲୋକଙ୍କୁ ବିଭ୍ରାନ୍ତ ନ କରନ୍ତୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଶନିବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଯାହା ବି ପ୍ରସଙ୍ଗ ହେଉ ଆମେ ଆଲୋଚନା ପାଇଁ ପ୍ରସ୍ତୁତ। ବିଧାନସଭାରେ ଆସିଥିବା ମୁଲତବୀ ପ୍ରସ୍ତାବରେ ୟେସ୍ ବ୍ୟାଙ୍କ ଘଟଣା ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସେହି ଅନୁଯାୟୀ କେନ୍ଦ୍ର ସରକାର, ଆରବିଆଇ ଗଭର୍ନରଙ୍କୁ ଦାବି ପତ୍ର ଦେବାକୁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ ସଦସ୍ୟଙ୍କୁ ନେଇ ଗୃହ କମିଟି ଗଠନ କରାଯାଇଛି। ଗୃହ କମିଟି ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନେବ। କରୋନା ମୁକାବିଲା ନେଇ ସରକାର କି ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ସୂଚନା ଦେଇ ଦାସବର୍ମା କହିଛନ୍ତି ଯେ କରୋନା ଏକ ଅନ୍ତର୍ଜାତୀୟ ବିପର୍ଯ୍ୟୟ ଭାବେ ଦେଖାଦେଇଛି। ଅଧିକାଂଶ ରାଜ୍ୟ ଏହାକୁ ବିପର୍ଯ୍ୟୟ ଭାବେ ଘୋଷଣା କରିବା ସହ କେନ୍ଦ୍ର ସରକାର ଗୁରୁତର ସହ ନେଇ ମୁକାବିଲ ନିମନ୍ତେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ନେଉଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଏଥିପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାର କରୋନାକୁ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ୍ୟ ଏହାକୁ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ରାଜ୍ୟ ଭାଜପା ଶାଖା ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ପୂର୍ବରୁ ଭାଜପା ଶାସିତ ରାଜ୍ୟ କିଭଳି ଓଡିଶା ଅନୁରୂପ ପଦକ୍ଷେପ ନେଉଛନ୍ତି ତାହା ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ଦାସବର୍ମା କହିଛନ୍ତି।

## ବାର୍ତ୍ତା

No. DSPL-314: ବିଶ୍ୱ ଖାଉଟି ଅଧିକାର ଦିବସ - ୨୦୨୦ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଉପଭୋକ୍ତାମାନଙ୍କୁ ଅଭିନନ୍ଦନ ତଥା ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି। ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବଳିଷ୍ଠ ନେତୃତ୍ୱରେ ଆମ ରାଜ୍ୟ ସରକାର ସମସ୍ତ ଉପଭୋକ୍ତାମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ସଂକଳ୍ପବଦ୍ଧ।

ପ୍ରତି ବର୍ଷ ମାର୍ଚ୍ଚ ମାସ ୧୫ ତାରିଖକୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଉଅଛି। ଆମ ଦେଶରେ ୧୯୮୬ ଓ ୨୦୧୯ ମସିହାରେ ପ୍ରଣୀତ ଉପଭୋକ୍ତା ସୁରକ୍ଷା ଆଇନ ଅନ୍ତର୍ଗତ ଉପଭୋକ୍ତାମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସଂପର୍କରେ ସେମାନଙ୍କୁ ଅବଗତ କରାଇବା ଓ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଉପଭୋକ୍ତା ଆନ୍ଦୋଳନକୁ ଲୋକାଭିମୁଖୀ କରାଇବା ପାଇଁ ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ଏବଂ ଉପଭୋକ୍ତା ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଗଠନ କରାଯାଇ ସ୍ୱଳ୍ପ ଖର୍ଚ୍ଚରେ ଆଇନଗତ ନ୍ୟାୟ ପ୍ରଦାନ କରାଯାଉଅଛି। ଏହା ସହିତ ରାଜ୍ୟସ୍ତରରେ ଉପଭୋକ୍ତା ସମ୍ବନ୍ଧୀୟ ଅଭିଯୋଗକାରୀଙ୍କର ସହାୟତା ପାଇଁ ରାଜ୍ୟ ଉପଭୋକ୍ତା ସହାୟତା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି।

ଏହା ବ୍ୟତୀତ ଉପଭୋକ୍ତାମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର-୧୮୦୦ ୩୪୫୬ ୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ ପ୍ରଚଳନ କରାଯାଇଛି। ଏହା ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ ଦିବସରେ କାର୍ଯ୍ୟ କରୁଛି। ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା କରିବା ପାଇଁ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି।

ଆସନ୍ତୁ, ଆମ୍ଭେ ସମସ୍ତେ ଏହି ଆନ୍ଦୋଳନରେ ସାମିଲ ହୋଇ ଏହି ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହିତ ଉପଭୋକ୍ତାମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା।

ବନ୍ଦେ ଉତ୍କଳ ଜନନୀ।

ସ୍ୱା./- (ରଣେନ୍ଦ୍ର ପ୍ରତାପ ସ୍ୱାଇଁ)

"ଆସନ୍ତୁ ସଭିଏଁ ମିଳିମିଶି ସଚେତନ ହେବା, କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା"

OIPR-07001/13/0015/1920

# ଗୋପାଳନକୁ ଜୀବିକା କରିଛନ୍ତି ଇଞ୍ଜିନିୟର



ନିଜ ଗାଈ ଫାର୍ମରେ ନିରଞ୍ଜନ।

**ବିଭୁପ୍ରସାଦ ବେହେରା**
**ଭଦ୍ରକ ଅଫିସ,୧୪।୩**

ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ କୃଷି ଉପରେ ଦାଉ ସାଧୁଛି। ଏଣୁ ଚାଷୀମାନେ କୃଷି ପ୍ରତି ଆଗ୍ରହ ହରାଇ ବସୁଛନ୍ତି। ଯୁବପିଢ଼ି ମଧ୍ୟ କୃଷି କାର୍ଯ୍ୟଠାରୁ ଦୂରେଇ ଯାଉଛନ୍ତି। ଏଭଳି ସ୍ଥିତିରେ ଭଦ୍ରକ ଜିଲାରେ ଜଣେ ଉଚ୍ଚଶିକ୍ଷିତ ଇଞ୍ଜିନିୟରିଂ ଛାତ୍ର ନିରଞ୍ଜନ ଉପାଧ୍ୟାୟ(୨୫) ଚାକିରି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ହେବାକୁ ଆନୁସଙ୍ଗିକ କୃଷି କାର୍ଯ୍ୟକୁ ଆଦରି ଭିନ୍ନ ନଜିର ସୃଷ୍ଟି କରିଛନ୍ତି। ନିଜ ପ୍ରଚେଷ୍ଟାରେ ସେ ଆରମ୍ଭ କରିଥିବା ଏକ ଡାଏରୀ ଫାର୍ମରେ ୧୫ରୁ ଊର୍ଦ୍ଧ୍ୱ ଗାଈ ରଖି ମାସକୁ ଖର୍ଚ୍ଚ ବାଦ୍ ୨୦ ହଜାର ଟଙ୍କା ଆୟ କରିପାରୁଛନ୍ତି। ନିରଞ୍ଜନ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ୩ ପରିବାରର ୫ଜଣଙ୍କୁ ଡାଏରୀ ଫାର୍ମ ଦେଖାଶୁଣା ପାଇଁ ନିଯୁକ୍ତି ଦେଇଛନ୍ତି। ନିରଞ୍ଜନ କହିଛନ୍ତି, କୃଷି ଆମ ଦେଶରେ ଅର୍ଥନୀତିର ମେରୁଦଣ୍ଡ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ନେଇ କାର୍ଯ୍ୟ କଲେ କୃଷିର ଉନ୍ନତି ସମ୍ଭବ ହେବ। ଯୁବପିଢ଼ି ଆଧୁନିକ ଜ୍ଞାନକୌଶଳ ଏବଂ ସରକାରୀ ଯୋଜନାର ସୁଯୋଗ ନେଇ କୃଷି ଓ ଆନୁସଙ୍ଗିକ କୃଷିକାର୍ଯ୍ୟ ପ୍ରତି ଆଗଭର ହେବା ଦରକାର।

ନିରଞ୍ଜନଙ୍କ ଘର ଭଦ୍ରକ ଜିଲା ସଦର ବ୍ଲକ ଆମ୍ବରୋଳି ପଞ୍ଚାୟତ ଅଧୀନ ତଳାଙ୍ଗ ଗାଁରେ। ବାଲେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ୨୦୧୨ରେ ମେକାନିକାଲରେ ଡିପ୍ଲୋମା ପାସ୍ କରିଥିଲେ। ମା' ବାପାଙ୍କ ସ୍ୱପ୍ନ ଥିଲା ପୁଅ ଇଞ୍ଜିନିୟର ହେବ। ସୁଖର ଘରସଂସାର କରିବ। ହେଲେ ପିଲାଦିନୁ ଗୋମାତାଙ୍କ ପ୍ରତି ମନରେ ଥିବା ମମତା ତାଙ୍କୁ ଗୋପାଳନ ଭଳି କାର୍ଯ୍ୟ କରିବାକୁ ଟାଣି ଆଣିଥିଲା। ଇଞ୍ଜିନିୟରିଂ ପାସ୍ ପରେ କୌଣସି ସରକାରୀ ଚାକିରି ପ୍ରତି ମନ ନ ବଳାଇ ସେ ଡାଏରୀ ଫାର୍ମ କରି ଗୋପାଳନ କରିବାକୁ ସ୍ଥିର କରିଥିଲେ। ପ୍ରାଥମିକ ଅବସ୍ଥାରେ ଏହି କାର୍ଯ୍ୟ ଜଟିଳ ମନେ ହୋଇଥିଲେ ବି ସେ ସାହସ ହରାଇ ନ ଥିଲେ। ସରକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଡାଏରୀ ଫାର୍ମ ଚଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହି ଚେଷ୍ଟା ତାଙ୍କୁ ଆଜି ସଫଳତା ଆଣି ଦେଇଛି। ଜଣେ ସଫଳ ଗୋପାଳକ ଭାବେ ପରିଚୟ ଲାଭ କରି ସେ ଜିଲାର ଅନ୍ୟ ଉଚ୍ଚଶିକ୍ଷିତ ବେକାରମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନିରଞ୍ଜନ କହିଛନ୍ତି, ପ୍ରଥମେ ଦୁଇଟି ଗାଈରୁ ସେ ଆରମ୍ଭ କରିଥିଲେ ଗୋପାଳନ। ଏବେ ସେ ୧୫ରୁ ଊର୍ଦ୍ଧ୍ୱ ଗାଈ ରଖିଛନ୍ତି। ତାଙ୍କ ବାପା ଅଭିମନ୍ୟୁ ଉପାଧ୍ୟାୟ ଜଣେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ। ମା' ରତ୍ନମଣି ଗୃହିଣୀ। ପୁଅର ଏହି ସଫଳତାରେ ମା'ବାପା ଖୁସି ଅଛନ୍ତି। ଭଦ୍ରକ ବ୍ଲକର ପ୍ରାଣୀ ଚିକିତ୍ସକ ଓ ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ବିଶେଷଜ୍ଞମାନେ ନିରଞ୍ଜନଙ୍କ ଗୋପାଳନ କେନ୍ଦ୍ର ପ୍ରତି ନଜର ରଖିଛନ୍ତି। ଆବଶ୍ୟକ ପଡ଼ିଲେ ସେମାନେ ନିରଞ୍ଜନଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ଗାଈମାନଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ଯୋଗାଡ଼ କରିବା ଲାଗି ସେ ଉନ୍ନତ କିସମର ହାତୀଆ ଘାସ ଚାଷ, ଫିଡର ଚାଷ, ପାରା ଗ୍ରାସ, ଗ୍ରୀନ ଗ୍ରାସ ଚାଷ କରୁଛନ୍ତି। ଗାଈଙ୍କଠାରୁ କ୍ଷୀର ସଂଗ୍ରହ କରିବା ବ୍ୟତୀତ ସେମାନଙ୍କ ଗୋବରକୁ ରଖି ମାଛ ଚାଷ କରୁଥିବା ଚାଷୀଙ୍କୁ ବିକୁଛନ୍ତି। ଏଥିସହ ଆଗକୁ ଏକ ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଇବାକୁ ଯୋଜନା ରଖିଛନ୍ତି। ବଳକା କ୍ଷୀରକୁ ସାଇତି ରଖି ସେଥିରୁ ଘିଅ ଓ ଛେନା ତିଆରି କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଏହି ଫାର୍ମରୁ ସେ ଦିନକୁ ପ୍ରାୟ ୭୦ଲିଟର କ୍ଷୀର ବିକ୍ରି କରୁଥିବା କହିଛନ୍ତି।

**ଇଚ୍ଛାଶକ୍ତି ଦେଇଛି କାର୍ଯ୍ୟ କରିବାର ଆଗ୍ରହ ଆଉ ଆତ୍ମସନ୍ତୋଷ**

# ସୁବ୍ରତ ବାଗ୍‌ଚୀ କରୋନା ସଚେତନତା କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କୁ ରାଜ୍ୟ ସରକାର କରୋନା (କୋଭିଡ-୧୯) ସଚେତନତା ପାଇଁ ଗଠିତ ଆଇଇସି ଟିମ୍‌ର ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି। ଏଥିସହିତ ତାଙ୍କୁ କରୋନା ବିଷୟରେ ସମସ୍ତ ସୂଚନା ଦେବା ଲାଗି ରାଜ୍ୟ ସରକାରଙ୍କ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ସେ ଟିମ୍‌କୁ ଗାଇଡ କରିବା ସହ କରୋନା ସମ୍ବନ୍ଧରେ ସରକାରଙ୍କ ତରଫରୁ ନିଆଯାଉଥିବା ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ।

## କରୋନା ଭାଇରସ୍‌କୁ ବ୍ୟାପିବାରୁ ପ୍ରତିରୋଧ କରନ୍ତୁ

### ସୁଦୃଢ଼ ଇମ୍ୟୁନିଟି ଭାଇରାଲ୍ ସଂକ୍ରମଣକୁ ପ୍ରତିରୋଧ କରିବାରେ ସହାୟତା କରିଥାଏ।

ନୂଆଦିଲ୍ଲୀ: ଦେଶର ଜଣାଶୁଣା ଆୟୁର୍ବେଦିକ ଔଷଧ ନିର୍ମାତା କମ୍ପାନୀ ଜୋଲି ଫାର୍ମା (ଇଣ୍ଡିଆ) ଦ୍ୱାରା ନିର୍ମିତ ଉତ୍କୃଷ୍ଟ ଉତ୍ପାଦ ଜୋଲି ତୁଳସୀ 51 ଡ୍ରପ୍ସ ଅଳ୍ପ କେତୋଟି ବର୍ଷରେ ଜବରଦସ୍ତ ଲୋକପ୍ରିୟତା ହାସଲ କରିପାରିଛି, ଏହା ଉପଲବ୍ଧ 5 ପ୍ରକାର ତୁଳସୀର ଅର୍କରୁ ମିଳୁଥିବା ତୁଳସୀର ଅର୍କରୁ ପ୍ରସ୍ତୁତ ହୋଇଥାଏ, ଯାହା ଆମର ଇମ୍ୟୁନ୍ ସିଷ୍ଟମ୍ (ରୋଗ ସହ ଲଢ଼ିବାର କ୍ଷମତା) କୁ ମଜଭୁତ କରିବାରେ ଅତ୍ୟନ୍ତ ଲାଭକାରୀ ହୋଇଥାଏ, ଇମ୍ୟୁନ୍ ସିଷ୍ଟମ୍ ଯଦି ସୁଦୃଢ଼ ହୁଏ ତେବେ ଅନେକ ରୋଗରୁ ଆପଣ ରକ୍ଷା ପାଇପାରିବେ।

"ଜୋଲି ତୁଳସୀ 51 ଡ୍ରପ୍ସ" ଉପରେ ସମ୍ପାଦିତ ଗବେଷଣାରେ କମ୍ପାନୀର ଏହି ଦାବି ସୁଦୃଢ଼ ମଧ୍ୟ ହୋଇଛି, ଗବେଷଣାରୁ ଜଣାପଡ଼ିଛି ଯେ ଜୋଲି ତୁଳସୀ 51 ଡ୍ରପ୍ସରେ ଇମ୍ୟୁନ୍ ସିଷ୍ଟମ୍ ମଜଭୁତ କରିବାର ଅସାଧାରଣ ଗୁଣ ରହିଛି। ଏହା ସହିତ ଏହା ଶରୀରରୁ ବିଷାକ୍ତ ପଦାର୍ଥ (ଟକ୍ସିନ୍)ଗୁଡ଼ିକ ମଧ୍ୟରୁ ବାହାରକୁ କାଢ଼ିଥାଏ। କମ୍ପାନୀର ଅନ୍ୟାନ୍ୟ ଆୟୁର୍ବେଦିକ ଉତ୍ପାଦ ଭଳି ଏହା ମଧ୍ୟ ଅତି ଶସ୍ତା ଔଷଧ।

ଦୈନନ୍ଦିନ ଏହାର 5-10 ବୁନ୍ଦା ଯେକୌଣସି ବୟସର ଶିଶୁ, ମହିଳା ଓ ପୁରୁଷ ସେବନ କରିପାରନ୍ତି ।

ଏହା ସମଗ୍ର ପରିବାର ପାଇଁ ବିପଜ୍ଜନକ ରୋଗରୁ ବର୍ତ୍ତିବା ଲାଗି ଏକ ସୁରକ୍ଷା କବଚ ଭଳି ଅଟେ । "ଜୋଲି ତୁଳସୀ 51 ଡ୍ରପ୍ସ କିପରି କାମ କରିଥାଏ"। ଆମର ଶରୀର ପ୍ରାକୃତିକ ଭାବେ ବିପଜ୍ଜନକ ବ୍ୟାକ୍ଟେରିଆ ଓ ଭାଇରସ୍ ଆକ୍ରମଣକୁ ରୋକିବାରେ ସକ୍ଷମ ହୋଇଥାଏ, ଯାହାକୁ ଆମେ ରୋଗ ପ୍ରତିରୋଧକ କ୍ଷମତା ବା immune System କହିଥାଉ। ଏହା ଦୁର୍ବଳ ହେଲେ ବିପଜ୍ଜନକ ବ୍ୟାକ୍ଟେରିଆ ଓ ଭାଇରସ୍ ଆମ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି। ତୁଳସୀ ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ, ଯାହାକୁ ହଜାର ହଜାର ବର୍ଷ ଧରି ଆମର ପୂର୍ବପୁରୁଷମାନେ ବ୍ୟବହାର କରିଆସିଛନ୍ତି

"ଜୋଲି ତୁଳସୀ 51 ଡ୍ରପ୍ସ" ଏକ ପ୍ରାକୃତିକ ଓ ଲ୍ୟାବ୍ ପ୍ରମାଣିତ ଔଷଧ ଅଟେ, ଯାହା 5 ପ୍ରକାର ତୁଳସୀ ଅର୍କରୁ ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ମିଶ୍ରଣରୁ ତିଆରି କରାଯାଇଛି।




ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ ସମ୍ପାଦିତ ଗବେଷଣାରୁ ମିଳିଛି ଇମ୍ୟୁନ୍ ସିଷ୍ଟମ୍‌କୁ ସୁଦୃଢ଼ କରୁଥିବା ଅସାଧାରଣ ଗୁଣ।

ଏହାକୁ ନିୟମିତ ସେବନ କରାଗଲେ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବା immune System ଅତ୍ୟନ୍ତ ମଜଭୁତ ହୋଇଯାଏ। ଯେକୌଣସି ଧରଣର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଆଦି ଶରୀରକୁ ସହଜରେ ଆକ୍ରମଣ କରି ପାରି ନ ଥାଏ। କେବଳ ଏତିକି ନୁହେଁ, ଯେକୌଣସି ବୟସର ଶିଶୁ, ମହିଳା ଓ ପୁରୁଷ ଏହାକୁ ଦୈନନ୍ଦିନ ସେବନ କଲେ ଏହା ସେମାନଙ୍କ ଶରୀରରୁ ସବୁ ପ୍ରକାର (Toxin) ବିଷାକ୍ତ ପଦାର୍ଥ, ଏସିଡ୍‌କୁ ବାହାର କରିଦେଇଥାଏ ଏବଂ ଶରୀରକୁ ଭିତରୁ ସଫା (Detox) କରିଥାଏ । ଏହାକୁ ନିତ୍ୟ ସେବନ କରାଗଲେ ରୋଗ ଉତ୍ପତ୍ତି ପ୍ରତିରୋଧିତ ହେବା ସହ ସ୍ୱାସ୍ଥ୍ୟବୃଦ୍ଧି ହୋଇଥାଏ । ଜୋଲି 51 ଡ୍ରପ୍ସର ଲୋକପ୍ରିୟତାର ଲାଭ ଉଠାଇବା ପାଇଁ ବଜାରରେ ଅନେକ ସମାନ ଧରଣର ନାମଧାରୀ ଉତ୍ପାଦ ବିକ୍ରି ହେଉଛି, କିନ୍ତୁ ଯେବେ ଆପଣଙ୍କ ପରିବାରର ସ୍ୱାସ୍ଥ୍ୟର କଥା ଆସେ ତେବେ ଦେଶର ସବୁଠାରୁ ଭରସାଯୋଗ୍ୟ, ବିଶ୍ୱସନୀୟ ଏବଂ ଲ୍ୟାବ୍ ପ୍ରମାଣିତ ଅସଲି ଔଷଧ "ଜୋଲି ତୁଳସୀ 51 ଡ୍ରପ୍ସ" ହିଁ ବାଛନ୍ତୁ। ଜୋଲି ତୁଳସୀ 51 ଡ୍ରପ୍ସ ବ୍ୟତୀତ କମ୍ପାନୀର ଅନ୍ୟାନ୍ୟ ଉତ୍ପାଦ ଯେପରି ଜୋଲି ଫ୍ୟାଟ୍ ଗୋ Oil, ପାଉଡର୍ ଏବଂ କ୍ୟାପ୍‌ସୁଲ୍, ଏକ ଆୟୁର୍ବେଦିକ Supplement ଅଟେ। ଯାହା ଓଜନ କଣ୍ଟ୍ରୋଲ କରିବାରେ ଲାଭକାରୀ ହେବା ସହ ଆୟୁର୍ବେଦିକ ହୋଇଥିବା କାରଣରୁ କୌଣସି ସାଇଡ୍ ଇଫେକ୍ଟ ନ ଥାଏ । ଏହା ବିଗତ 15 ବର୍ଷ ଧରି ଲୋକମାନଙ୍କୁ ଓଜନ ନିୟନ୍ତ୍ରଣ କରିବାରେ ସହାୟତା କରିଆସିଛି।

ଏହା ବ୍ୟତୀତ ଅର୍ଶ ପାଇଁ ଜୋଲି ବାସିର କ୍ୟାପ୍‌ସୁଲ୍ ଏବଂ ଜେଲ୍ ରହିଛି ଯାହା ପୁରୁଣାରୁ ଅତି ପୁରୁଣା କୋଷ୍ଠକାଠିନ୍ୟ, ଅର୍ଶରୁ ତୁରନ୍ତ ଉପଶମ ଉପଲବ୍ଧ କରାଇବାରେ ସହାୟତା କରିଥାଏ। ଯେକୌଣସି ଧରଣର ଅର୍ଶ ଯେପରିକି ଭଗନ୍ଦର, ଅର୍ଶ ଫିଶର, ଫିଷ୍ଟୁଲା, ରକ୍ତ ବା ବାଦୀ ସବୁ ବିକାରରେ କାମ କରିଥାଏ ଓ ସେଗୁଡ଼ିକ ଦୋହରିବାର ସମ୍ଭାବନାକୁ ହ୍ରାସ କରିଥାଏ। ଆପଣ ସମସ୍ତ ଔଷଧର ସୂଚନା ପାଇଁ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର **0161-5201588** ରେ ଯୋଗାଯୋଗ କରିପାରନ୍ତି।

www.jollypharmaindia.com

**ସଂକ୍ଷେପରେ**

## କରୋନା ସମ୍ପର୍କିତ ସଚେତନତା

ନାଉଗାଁ,୧୪।୩(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଧୀନ ତିରୁଣା ଗ୍ରାମର ଏକତା ସ୍ପୋର୍ଟିଂ କ୍ଲବ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟଙ୍କ ସହିତ ଅଙ୍ଗନୱାଡି କର୍ମୀ ବିନତୀ କୁମାରୀ ରଥ ସାମିଲ ହୋଇଥିଲେ। ଏମାନେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହିତ ଜନସାଧାରଣ କିପରି କରୋନାଠାରୁ ଦୂରେଇ ରହିବେ ସେ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବା, ଥଣ୍ଡା, କାଶ ଓ ଛିଙ୍କ ହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା, ଛେପ ଖଙ୍କାର ଆଦିକୁ ଏଣେତେଣେ ନ ପକାଇବା ଓ ଛିଙ୍କ କିମ୍ବା କାଶ ହେଲେ ମୁହଁକୁ ଆବଦ୍ଧ କରି କାଶିବା ଆଦି ଉପରେ ସଚେତନତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସମ୍ପାଦକ ଜ୍ଞାନରଞ୍ଜନ ନାୟକ, ଆଲୋକ ସାହୁ, ନୃସିଂହ ପରିଡା, ଚୁନିଲତା ସ୍ୱାଇଁ ଓ ଜୀବନଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ।

# ପିଚୁ ପାଇଁ ଢଳେଇ ରାସ୍ତା ବିପର୍ଯ୍ୟସ୍ତ

ବାଲିକୁଦା,୧୪।୩(ସ୍ୱ.ପ୍ର.)

ଭାରିଯାନ ଯିବା ଦ୍ୱାରା ଢଳେଇ ରାସ୍ତା ଫାଟି ଯାଇଛି।

**■ସାଧାରଣରେ ଅସନ୍ତୋଷ**

**■ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

ବାଲିକୁଦା ବ୍ଲକ୍‌ର ସମୁଦ୍ର ଉପକୂଳକୁ ଯାତାୟାତ ପାଇଁ ଥିବା ଏକମାତ୍ର ରାସ୍ତା ଅନନ୍ତପୁର-ନେନ୍ଧେରା ଏବେ ବିପର୍ଯ୍ୟସ୍ତ। ଉକ୍ତ ରାସ୍ତାର କିଛି ଭାଗ ଟେଣ୍ଡର କରାଯାଇ ବିଭାଗ ପକ୍ଷରୁ ମରାମତି କରାଯାଉଛି। ମାତ୍ର ମରାମତି ହେଉଥିବା ପିଚୁ ରାସ୍ତା ପାଇଁ ଆରମ୍ଭରେ ଥିବା ଢଳେଇ ଖଣ୍ଡ ବିଖଣ୍ଡିତ ହୋଇଗଲାଣି। କାରଣ ଉକ୍ତ ରାସ୍ତାରେ ସମ୍ପୃକ୍ତ ଠିକାଦାର ବେଆଇନ ଭାବରେ ଓଭରଲୋଡିଂ ଟ୍ରକ୍ ଓ ହାଇୱା ପରିବହନ କରାଉଛନ୍ତି। ରାସ୍ତାର କ୍ଷମତା ବାହାରେ ଠିକାଦାର ମାଲ ପରିବହନ କରୁଥିବାରୁ ମୂଳ ଢଳେଇ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ପ୍ରକାଶଯୋଗ୍ୟ, ବାଲିକୁଦାର ସମୁଦ୍ର ଉପକୂଳକୁ ଯାତାୟାତ ପାଇଁ ଅନନ୍ତପୁର -ନେନ୍ଧେରା ରାସ୍ତା ୧୦ କି.ମି. ରହିଛି। ଏହି ରାସ୍ତା ମଧ୍ୟରୁ ଶେଷ ଭାଗରେ କିଛି ପିଚୁ ବର୍ଷା ଦିନେ ନଷ୍ଟ ହୋଇ ଯାଇଥିବାରୁ ତାହାର ମରାମତି ପାଇଁ ଜାନୁୟାରୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଯାହାର ଅଟକଳ ମୂଲ୍ୟ ୧୧ ଲକ୍ଷ ଥିଲା। ଉକ୍ତ ପିଚୁ ରାସ୍ତାକୁ ସମ୍ପୃକ୍ତ ଠିକାଦାର ଏବେ ମରାମତି କରୁଛନ୍ତି। ମାତ୍ର ଏହି ରାସ୍ତା ମରାମତି ପାଇଁ ଆବଶ୍ୟକ ମେଟାଲ, ଚିପସ୍, ବାଲି, ଡମ୍ଫ ଭାରିଯାନରେ ଅଣାଯାଉଥିବାରୁ ମୂଳ ଢଳେଇ ରାସ୍ତା ନଷ୍ଟ ହୋଇଗଲାଣି। ରାସ୍ତାରେ ପରିବହନ କ୍ଷମତା ୨୦ରୁ ୨୫ଟନ ଥିବା ବେଳେ ଠିକାଦାର ୪୦ରୁ ୫୦ ଟନ ମାଲ ପରିବହନ କରୁଛନ୍ତି। ଏଥିଯୋଗୁ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ଯାତାୟାତ ବେଳେ ଦୁର୍ଘଟଣା ମଧ୍ୟ ଘଟିଚାଲିଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ବର୍ଷା ଦିନେ ଏହି ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟାତ ଠପ୍ ହୋଇଯିବ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀଙ୍କୁ ପଚାରିବାରୁ ସେ କହିଥିଲେ, ଏବେ ସମ୍ପୃକ୍ତ ଠିକାଦାରଙ୍କୁ ଉକ୍ତ ରାସ୍ତାରେ ଭାରିଯାନ ନ ନେବାକୁ କୁହାଯିବ। ଯେହେତୁ ଢଳେଇ ରାସ୍ତା ନଷ୍ଟ ହୋଇଛି ମରାମତି କରିବା କଷ୍ଟ। ତଥାପି ଯାହା କିଛି କରାଯାଇ ପାରିବ ତାହା ତୁରନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

ସଙ୍କଳ୍ପ ସମାବେଶରେ ଯୋଗଦେଇଥିବା ସଙ୍ଗଠନ କର୍ମକର୍ତ୍ତା ଓ ଚାଷୀ।

# ମେ’ ୨୬ ସମାବେଶ ସଫଳ କରିବାକୁ ଆହ୍ୱାନ

**ନବ ନିର୍ମାଣ କୃଷକ ସଂଗଠନର ସଂକଳ୍ପ ସମାବେଶ**

ତିର୍ତ୍ତୋଲ,୧୪।୩(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ନରୁଆସ୍ଥିତ ଡାକବଙ୍ଗଳା ପରିସରରେ ନବନିର୍ମାଣ କୃଷକ ସଂଗଠନର ଏକ ସଂକଳ୍ପ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ଜୋନ ସଭାପତି କିଶୋର କୁମାର ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ପ୍ରସନ୍ନ କୁମାର କୁଅଁର, ତିର୍ତ୍ତୋଲ ବ୍ଲକ ଉପଦେଷ୍ଟା ଶରତଚନ୍ଦ୍ର ମଲ୍ଲ, ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ କୁମାର ବାରିକ ଉପସ୍ଥିତ ରହି ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ, ଚାଷୀଙ୍କୁ ସମ୍ମାନ ଓ ପେନ୍‌ସନ ସହ ଶୀତଳ ଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ପ୍ରତିଷ୍ଠା, ମଣ୍ଡି ମାଧ୍ୟମରେ ସବୁ ଚାଷୀଙ୍କଠାରୁ ଧାନକିଣା ବିଷୟରେ ଆଲୋଚନା କରିଥିଲେ। ଆଗାମୀ ମେ’ ୨୬ରେ ଭୁବନେଶ୍ୱରରେ ହେବାକୁ ଥିବା ବିରାଟ ଚାଷୀ ସମାବେଶରେ ଚାଷୀମାନେ ବହୁ ସଂଖ୍ୟାରେ ଯୋଗଦେଇ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜନ ବିଶ୍ୱାଳ, ଦିଲୀପ ଖଣ୍ଡୁଆଳ, ଚାଷୀ ନେତା ସଞ୍ଜୟ ନାୟକ, ନାରାୟଣ ସାହୁ, ଗୌରାଙ୍ଗ ସ୍ୱାଇଁ ଉପସ୍ଥିତ ଥିଲେ। ବନବିହାରୀ ଆଚାର୍ଯ୍ୟ, ସରୋଜ ବିଶ୍ୱାଳ, ଇବ୍ରିସିଂ ଓ ତୁଳଙ୍ଗ ପଞ୍ଚାୟତର ବହୁ ଚାଷୀ ଯୋଗ ଦେଇଥିଲେ।

# ‘ବିଷୟଭିତ୍ତିକ ଶିକ୍ଷା ଯୁବପିଢିଙ୍କୁ ଦିଗ୍‌ଦର୍ଶନ ଦେଇଥାଏ’

ରଘୁନାଥପୁର, ୧୪।୩ (ଡି.ଏନ.ଏ.)

ଦାୟିତ୍ୱ ଓ କର୍ତ୍ତବ୍ୟ ବୋଧ ସମ୍ପାଦନ କ୍ଷେତ୍ରରେ ସମାଜରେ ଅନାଗ୍ରହ ପରିଲକ୍ଷିତ ହେଉଛି। ଏଥିଲାଗି ବିଷୟଭିତ୍ତିକ ଶିକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। ବିଶେଷକରି ବିଷୟ ଭିତ୍ତିକ ଶିକ୍ଷା ଯୁବପିଢିଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଦିଗ୍‌ଦର୍ଶନ ଦେଇଥାଏ। ଶୁକ୍ରବାର ରଘୁନାଥପୁର ବ୍ଲକ ଶାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବ ସଭାକକ୍ଷରେ ଆୟୋଜିତ ବିଷୟ ଭିତ୍ତିକ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ନିଖିଲ କୋକଲା ପୌରୋହିତ୍ୟ କରି ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ସହଯୋଗ ମନୋଭାବ, ଭାଇଚାରା ବଜାଇ ରଖିବା ସହ ମହିଳାଙ୍କୁ ସମ୍ମାନ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ମୁଖ୍ୟବକ୍ତା ଭାବେ ଯୁବପିଢିଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଖାଉଟି ସେବା ସଂଘର କର୍ମକର୍ତ୍ତା ଗୋବିନ୍ଦ ଓଝା, ଖାଉଟି ଅଧିକାର ଆଇନ ଓ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖି ଯୁବବର୍ଗ ଏଥିପ୍ରତି ଧ୍ୟାନଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣେଶ ପଣ୍ଡା, ଶିକ୍ଷାବିତ୍ ଗୀତା ରଥ, ପୋଲିସ ଏସ୍‌ଆଇ ତରୁଣ କୁମାର ଦଣ୍ଡପାଟ ପ୍ରମୁଖ ସ୍ୱଚ୍ଛ ଭାରତ, ପୋଲିସର କାର୍ଯ୍ୟ ଓ ସହଯୋଗ ଅସୁବିଧାରେ ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ସହଯୋଗର ହାତ ବଢାଇବାକୁ ତୃଣମୂଳସ୍ତରରେ ଯୁବତୀଯୁବକମାନେ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ନବଜ୍ୟୋତିର ସମ୍ପାଦକ କ୍ଷୀରୋଦ କୁମାର ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ଯୁବତୀଯୁବକମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିବା ବେଳେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଦ୍ୟୁମ୍ନ ମିଶ୍ର, ତ୍ରିଲୋଚନ ସାହୁ, ମନୋଜ ସ୍ୱାଇଁ ଓ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ବିଷୟ ଭିତ୍ତିକ ଶିକ୍ଷାର ବିଭିନ୍ନ ସୋପାନ ଉପରେ ଆଲୋଚନା କରିଥିଲେ। ନବଜ୍ୟୋତିର ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ‘ଆଧ୍ୟାତ୍ମିକ ଜାଗରଣ ସୁସ୍ଥ ସମାଜ ଗଠନରେ ସହାୟକ ହୁଏ’

ରଘୁନାଥପୁର, ୧୪।୩ (ଡି.ଏନ.ଏ.)

ଆଧ୍ୟାତ୍ମିକ ଜାଗରଣ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ରଘୁନାଥପୁର ନିକଟସ୍ଥ କଲରାବାଙ୍କ ମହିଳା ସମିତିର ୧୬ତମ ନାମଯଜ୍ଞ ବାର୍ଷିକୋତ୍ସବରେ କନ୍ଧମାଳ ଏମ୍‌ପି ପ୍ରଫେସର ଅଚ୍ୟୁତ୍ ସାମନ୍ତ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ଭୁବନେଶ୍ୱରସ୍ଥିତ ୧୦୮ହନୁମାନ ମନ୍ଦିରର ଅଧ୍ୟକ୍ଷ ବାବା ରାମନାରାୟଣ ଦାସମହାରାଜ ମୁଖ୍ୟ ପୁରୋଧ ଭାବେ ଯୋଗଦେଇ ପଥଭ୍ରଷ୍ଟ ଯୁବପିଢିଙ୍କୁ ବାଟକୁ ଆଣିବାକୁ ହେଲେ ଆଧ୍ୟାତ୍ମିକ ଅନୁଚିନ୍ତା ପ୍ରତି ଆକର୍ଷିତ ହେବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଓଡ଼ିଶା ସଭାପତି ବିଜୟ ସ୍ୱାଇଁ ଶିକ୍ଷାନୁଷ୍ଠାନରେ ଶିକ୍ଷା ସହ ଆଧ୍ୟାତ୍ମିକ ଶିକ୍ଷାର ପ୍ରଚଳନ ସମ୍ପର୍କରେ ମତ ରଖିଥିଲେ। ମହିଳା ସମିତିର ସଭାପତି ତଥା କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ ୧୬ ବର୍ଷ ଧରି ଅନୁଷ୍ଠିତ ଉତ୍ସବର ଅନୁଭୂତି ଓ ସ୍ଥାନୀୟ ଗାଁରେ ଏହାର ପ୍ରତିଫଳନ ପଡିଥିବା ସମ୍ପର୍କରେ କହିଥିଲେ। ସମ୍ପାଦିକା ଅଞ୍ଜଳି ସାମନ୍ତ, ଚନ୍ଦନା ସାମନ୍ତ, ପୁରବୀରାଣୀ ସାମନ୍ତ, ନମିତା ସାମନ୍ତ, ଶିବାନୀ ଘୋଷ, ଜ୍ୟୋତିରାଣୀ ସାମନ୍ତ ଉତ୍ସବକୁ ପରିଚାଳନା କରୁଥିଲେ। ଅନ୍ତର୍ଯ୍ୟାମୀ ସାମନ୍ତ, ଅଞ୍ଜନ ସାମନ୍ତ, ଅଭିନ୍ନ ଚନ୍ଦ୍ର କେସ ପ୍ରମୁଖ ଉପସ୍ଥିତ ଥିଲେ।

କଲରାବାଙ୍କ ମହିଳା ସମିତି ଉତ୍ସବରେ ଯୋଗଦେଇଥିବା ଅତିଥି।

No. PP-46:-

**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

୨୦୨୦-୨୧ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କ ଠାରୁ ନିମ୍ନଲିଖିତ ଯୋଜନାରେ ତା.**୧୫.୦୪.୨୦୨୦** ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ /ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାର ପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ନମୂନା ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୁନ ଓଡିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୪ ମାସ। |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ରାଜ୍ୟ, ହସ୍ତ ଓ କୁଟୀର ଶିଳ୍ପ, ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ(Empanelled MCM) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁଭାବେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୁନ ଓଡିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ। |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft village programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ୍, ଯନ୍ତ୍ରପାତି ଯୋଗାଣ ଓ ବ୍ୟାଙ୍କ ଋଣ ପାଇଁ ସହାୟତା। ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। କାରିଗରମାନଙ୍କ ବୟସ ସୀମା ୧୮ ରୁ ୫୦ ବର୍ଷ। ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ। |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed – Cum- Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା / ଉପଯୁକ୍ତ ଦାରିଦ୍ର୍ୟ ସୀମାରେଖା ଉର୍ଦ୍ଧ୍ୱରେ ଥିବା କାରିଗର ଦରଖାସ୍ତ କରିପାରିବେ। ଆଦିବାସୀ/ ହରିଜନ/ ମହିଳା/ ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାର ପ୍ରଦାନ। ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ ବର୍ଷ ଧରି କାର୍ଯ୍ୟରତ ଥିବେ। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ ଜିଲ୍ଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ / ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ ଏ ବିଷୟରେ ପ୍ରମାଣ ପତ୍ର ପ୍ରଦାନ କରିବେ। |
| ୩. | ଶିଳ୍ପୀ ଉନ୍ନତି ଯୋଜନା (S.U.Y) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ /ତାଲିମ୍ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ୍ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଟଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। |

ବି. ଦ୍ର: ଗ୍ରୁପ୍ A ହସ୍ତଶିଳ୍ପ- ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଢୋକରା କାମ ଏବଂ କଂସା ଓ ପିତ୍ତଳ କାମ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୪୪ ଗୋଟି ହସ୍ତଶିଳ୍ପ।

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ଦରଖାସ୍ତର ନମୂନା ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ ଜିଲ୍ଲା ଶିଳ୍ପ କେନ୍ଦ୍ର/ ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଙ୍କ ଠାରୁ ଉପଲବ୍ଧ ହୋଇପାରିବ। ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତାପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜ ପତ୍ର ସହିତ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର / ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ତା. **୧୫.୦୪.୨୦୨୦** ସୁଦ୍ଧା ଆବେଦନ କରନ୍ତୁ। ଆବଶ୍ୟକ ସ୍ଥଳେ ଓଡିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

ନିର୍ଦ୍ଦେଶକ
**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା**

OIPR-43002/11/0022/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୫ ମାର୍ଚ୍ଚ, ୨୦୨୦



ନାମରେ ଭକ୍ତି, ଜୀବରେ ଦୟା,
ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ



## ସଂକ୍ଷେପରେ

### ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଯାଜପୁରରୋଡ,୧୪।୩(ଡି.ଏନ.ଏ.):** ଯାଜପୁର ରୋଡ ଥାନା ନୂଆ ମାର୍କେଟ ଗାନ୍ଧୀଛକ ନିକଟରେ ଶନିବାର ସକାଳେ ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରେ ତାଙ୍କ ଶରୀରର ପ୍ରାୟ ୬୦ ଭାଗ ପୋଡ଼ି ଯାଇଥିବା ସୂଚନା ମିଳିଛି। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ମହିଳାଙ୍କ ନାମ ପୂଜାରିଣୀ ଦାସ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପୂଜାରାଣୀ ୫ ବର୍ଷ ତଳେ କୋରେଇ କନ୍ତୋର ଅଞ୍ଚଳରେ ବିବାହ କରିଥିଲେ। ବିବାହର ୨୮ ଦିନ ପରେ ଶାଶୁଘର ସହ ନ ପଡିବାରୁ ସେ ନିଜ ବାପଘରେ ଆସି ରହୁଥିଲେ। ଦୀର୍ଘ ପ୍ରାୟ ୫ବର୍ଷ ଧରି ବାପ ଘରେ ରହିବା ପରେ ସେ ତାଙ୍କ ମାନସିକ ଭାରସାମ୍ୟ ହରାଇଥିବା ଜଣାପଡିଛି। ଫଳରେ ବାପଘର ନିକଟରେ ଥିବା ପାଇଖାନାରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କରୋନା ପାଇଁ ସଚେତନତାମୂଳକ ପଦକ୍ଷେପ ନେଲା ପ୍ରଶାସନ

**ଯାଜପୁର ଟାଉନ,୧୪।୩(ଡିଏନଏ):** ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କରୋନାର ମୁକାବିଲା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକରେ ମେଡିକାଲ ଅଫିସରଙ୍କ ଉପସ୍ଥିତିରେ ବିଭିନ୍ନ ବର୍ଗର ଅଧିକାରୀ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ କରୋନା ଭାଇରସ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ସୂଚନା ଦେଇଛନ୍ତି। ଜିଲାର ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥାକୁ ସାମୟିକଭାବେ ବନ୍ଦ କରାଯାଇ କର୍ମଚାରୀମାନେ ପୂର୍ବବତ ଉପସ୍ଥାନ ଖାତାରେ ସ୍ୱାକ୍ଷର ପାଇଁ ପରାମର୍ଶ ଦିଆଯାଇଛି। ସମିତି ଉପରେ କଟକଣା ଲଗାଯାଇଛି। ଗୌତମବୁଦ୍ଧ ସଂସ୍କୃତି ଭବନରେ କୌଣସି ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରଦ କରାଯାଇଛି। ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଶିକ୍ଷାଧିକାରୀଙ୍କ ମାଧମରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସିନେମା ହଲଗୁଡିକୁ ବନ୍ଦ କରାଯାଇଛି। ସରକାରୀ ପ୍ରଦତ୍ତ ଜନହିତକାରୀ ସୂଚନାଗୁଡିକୁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଯଥା, ସରକାରୀ କାର୍ଯ୍ୟାଳୟ, ଚିକିତ୍ସାଳୟରେ ଲଗାଯାଇଛି। ସମସ୍ତ ଚିକିତ୍ସାଳୟଗୁଡିକୁ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରଖାଯାଇଛି ବୋଲି ନାୟକ ପ୍ରକାଶ କରିଛନ୍ତି। ରବିବାର ଅପରାହ୍ନରେ ଏ ସମ୍ପର୍କିତ ଏକ ଭିଡିଓ କନଫରେନ୍ସ ମାଧମରେ ସଚେତନତା ବାର୍ତ୍ତାକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଭିଡିଓ କନଫରେନ୍ସରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ସିଡିଏମ୍‌ଓ ଅରୁଣ କୁମାର ପାତ୍ର, ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ସେତୁରେ ମାଟିବାଲି ଆସ୍ତରଣ, ଯାତାୟାତ ବାଧାପ୍ରାପ୍ତ

**ରସୁଲପୁର,୧୪।୩(ଡିଏନଏ)**

ରସୁଲପୁର ବ୍ଲକ ବାରବାଟୀ ସୀମା ସଂଲଗ୍ନ ବ୍ରାହ୍ମଣୀ ନଦୀ ଉପରିସ୍ଥ ପୁରୁଣା ବ୍ରାହ୍ମଣୀ ପୋଲ ଉପରେ ବାଲିମାଟିର ଆସ୍ତରଣ ଜମିଛି। ଏହି ପୋଲର ଉଭୟ ପାର୍ଶ୍ୱରୁ ପ୍ରାୟତଃ ୨ଫୁଟ ଓସାରର ବାଲିମାଟି, ପଲିଥିନ, କୁଟାକାଠି, ଲୁହା ପଥରଗୁଣ୍ଡ ମିଶା ଆଳିଆ ଆବର୍ଜନା ଆରମ୍ଭରୁ ଶେଷ ଯାଏ ଗଦାହୋଇ ରହିଛି। ଫଳରେ ପୋଲ ଉପରେ ଯାନବାହାନ ଗମନାଗମନରେ ବାଧା ଉପୁଜୁଛି। ବିଶେଷ କରି ଦୁଇ ଚକିଆ ଯାନ, ସାଇକେଲ ଆରୋହୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନ ଥିବାରୁ ପୋଲ ଉପରେ ଯାତ୍ରା ବିପଦପୂର୍ଣ୍ଣ ହୋଇଛି। ସଡ଼କ ଦୁର୍ଘଟଣା ବଢିବାରେ ସହାୟକ ହେଉଛି।

ପ୍ରକାଶ ଯେ, ୧୬ ନଂ ଜାତୀୟ ରାଜପଥ ବ୍ରାହ୍ମଣୀ ପୁରୁଣା ପୋଲ କ୍ରମଶଃ ଦୁର୍ବଳ ହୋଇଯାଉଥିବା ଭଳି ମନେହେଉଛି। ଏହି ପୋଲ ରାଜପଥ ଆରମ୍ଭରୁ ରହିଛି। ପରେ ଆଉ ଏକ ନୂତନ ପୋଲି ନିର୍ମାଣ ହୋଇସାରିଛି। ଏହି ପୋଲ ଅପେକ୍ଷାକୃତ ପୁରୁଣା ପୋଲଠାରୁ ଓସାରିଆ ରହିଛି ଏବଂ ନିର୍ମାଣ ଶୈଳୀରେ ବି ଭିନ୍ନ ରହିଛି। ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଛି। ରାସ୍ତାକୁ ୬ଲେନ ବିଶିଷ୍ଟ କରିବା ପାଇଁ ଏବେ ଆଉ ଏକ ନୂଆ ପୋଲ ନିର୍ମାଣ ହେଉଛି। ହେଲେ ପୁରୁଣା ପୋଲର ଦୁର୍ବଳ ଅଂଶକୁ ମରାମତି କରିବାରେ ରାଜପଥ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ପୋଲର ଯୋଡେଇ ମୁଣ୍ଡରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇ ଯାତାୟାତରେ ବାଧା ଉପୁଜୁଛି। ତେଣେ ପୋଲ ଉଭୟ ପାର୍ଶ୍ୱରେ ଅଳିଆ ଆବର୍ଜନା ଗଦା ହୋଇ ପୋଲରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ସମାନ୍ୟ ବର୍ଷାରେ ପୋଲ ଉପରେ ପାଣି ଲହଡ଼ି ମାରୁଛି। ଖରା ସମୟରେ ଗାଡ଼ି ଚକାରୁ ବାଲିମାଟି ଗୁଣ୍ଡ ଉଡ଼ି ବାୟୁମଣ୍ଡଳ ଦୂଷିତ ହେଉଛି। ବାଇକ ଓ ସାଇକେଲ ଆରୋହୀଙ୍କ ଆଖି, କାନ, ନାକ, ମୁଣ୍ଡ ଧୂଳିଧୂଆଁରେ ପ୍ରଭାବିତ ହେଉଛି। ବାରବାଟୀରେ ଦୈନିକ ପରିବା ହାଟ ବସୁଛି। ଏହି ହାଟକୁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସାଇକେଲ ଓ ମୋଟର ସାଇକେଲରେ ନେଇ ଯାଉଛନ୍ତି। ପୋଲର ଏଭଳି ସ୍ଥିତି ସେମାନଙ୍କୁ ବିଶେଷ ପ୍ରଭାବିତ କରୁଛି। ରାଜପଥ ନିର୍ମାଣ ଦାଇତ୍ୱରେ ଥିବା ଠିକାଦାରଙ୍କ ପକ୍ଷରୁ ବାଲି,ମାଟି ଓ ଚିପ୍‌ସ ବୋଝେଇ ଟ୍ରକଗୁଡିକ ଅତି ବେପରୁଆଭାବେ ପରିବହନ କରାଯାଉଛି। ଉକ୍ତ ଟ୍ରକରୁ ପରିବହନ ସାମଗ୍ରୀଗୁଡିକ ଖସି ପୋଲ ଉପରେ ଗଦା ହୋଇ ଏଭଳି ସ୍ଥିତି ସୃଷ୍ଟି କରୁଛି। ତେବେ ଘଟଣା ଯାହା ହେଉନା କାହିଁକି, ଏହି ରାସ୍ତାରେ ରାଜପଥ କର୍ତ୍ତୃପକ୍ଷଙ୍କ ମୋବାଇଲ ଭ୍ୟାନ ୨୪ଘଣ୍ଟା ଯାତାୟାତ ହେଉଛି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ସଦାସର୍ବଦା ଏଠାରେ ଉପସ୍ଥିତ ଥାଇ ମଧ୍ୟ ପୋଲ ଓ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ତୁରନ୍ତ ପୋଲର ଉଭୟ ପାର୍ଶ୍ୱକୁ ପରିସ୍କାର ପରିଚ୍ଛନ୍ନ କରି ଯାତ୍ରୀ ଗମନାଗମନ ସୁଗମ କରିବାକୁ ଦାବି ହେଉଛି।

ବ୍ରାହ୍ମଣୀ ସେତୁ



■ପୋଲ ଉପରେ ବିପଦପୂର୍ଣ୍ଣ ହୋଇଛି ଯାତ୍ରା
■ପୋଲର ଉଭୟ ପାର୍ଶ୍ୱକୁ ପରିଷ୍କାର କରିବାକୁ ଦାବି

### ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

**କୋରେଇ,୧୪।୩ (ସ୍ୱ.ପ୍ର)**

କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଡିଆର ଏକ ଭଙ୍ଗା ଘରେ ୫ ଜଣ ଡକାୟତି ପାଇଁ କରିବାକୁ ଯୋଜନା ପ୍ରସ୍ତୁତ କରୁଥିବାବେଳେ ସେମାନଙ୍କୁ କାବୁ କରିଛି କୋରେଇ ପୋଲିସ। ଏନେଇ ଏକ ମାମଲା (ନଂ.୫୮/୨୦) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଫଳରେ ଏକ ବଡ଼ ଧରଣର ଡକାୟତିରୁ ମୁକ୍ତି ମିଳିଛି। ଅଭିଯୁକ୍ତମାନେ ହେଲେ କନ୍ତୋର ପଞ୍ଚାୟତର ପୂର୍ବକୋଟ ତେଲଙ୍ଗା ବସ୍ତିର ପୁଅ ମୁରଲୀ ଦାସ(୩୦), ମାଇକେଲ ଜଗନ୍ନାଥ (୩୦), ମାଇକେଲ ଗରପତି(୩୨), କାଚରାସାହି ପଞ୍ଚାୟତ ସହଗାଁ ଗ୍ରାମର ସାମନ୍ତ ସାହୁ(୪୨)। ପୋଲିସ ଏହି ଅଭିଯୁକ୍ତଙ୍କଠାରୁ ମାରଣାସ୍ତ୍ର ଓ ବମ୍ ଜବତ କରିଥିଲା। ଥାନାଧିକାରୀ ରଣଜିତ ମହାନ୍ତିଙ୍କ ନିର୍ଦ୍ଦେଶରେ ଏଏସଆଇ ମଦନ ମଲିକ, ଜୟୀରାମ ପଣ୍ଡା, ରତିକାନ୍ତ ରାୟ, ବିନୋଦ ପ୍ରଧାନ, ରାଜୁ ପ୍ରଧାନ, ମାଣିକ କୁନକେଲ ପ୍ରମୁଖ ଚଢ଼ାଉ କରିଥିଲେ ।

### ବାଇକ୍ ଧକ୍କା, ଯୁବକ ଗୁରୁତର

**ରସୁଲପୁର,୧୪।୩(ଡିଏନଏ)**

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ବାରବାଟୀ ନିକଟରେ ଶନିବାର ଅପରାହ୍ନରେ ଏକ ବାଇକ୍ (ନଂ. ଓଆର୦୪ଏଫ୬୮୫୦) ଧକ୍କାରେ ବାରବାଟୀ ଗ୍ରାମର ଯୁବକ ଦିଜ ବାରିକ(୪୨) ଗୁରୁତର ହୋଇଛନ୍ତି। ଯୁବକ ଜଣକ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ଦୁର୍ଘଟଣା ସ୍ଥଳରେ ଗୁରୁତର ହୋଇପଡିଥିଲେ। ଆହତ ବ୍ୟକ୍ତିଙ୍କ ଗୋଡ ଭାଙ୍ଗି ଯାଇଛି। ମୁଣ୍ଡ ଓ ଛାତିରେ ଆଘାତ ଲାଗିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବେଆଇନ ଖନନ ପ୍ରତିବାଦରେ କଂଗ୍ରେସର ଧାରଣା

**ରସୁଲପୁର/ଧର୍ମଶାଳା,୧୪।୩(ଡିଏନଏ)**

ଯାଜପୁର ଜିଲାର ଲଘୁ ଖଣିଜ ହବ୍‌ଭାବେ ଜଣାଶୁଣା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଛାଖଣ୍ଡିରେ ବିରୋଧୀଙ୍କ ସ୍ୱର ଶାଣିତ ହୋଇଛି । ଏହି ଅଞ୍ଚଳର ପାଣିଟାଙ୍କିଠାରେ ଶନିବାରଠାରୁ କଂଗ୍ରେସ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି । ଓଡ଼ିଶା କଂଗ୍ରେସ ମୁଖପାତ୍ର ସ୍ମୃତିରେଖା ପହିଙ୍କ ଡାକରାରେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, ଶତାଧିକ ଜନସାଧାରଣ ଧାରଣାସ୍ଥଳରେ ରୁଣ୍ଡ ହୋଇ ବେଆଇନ ଲଘୁ ଖଣିଜ ଖନନକୁ ବିରୋଧ କରିବା ସହ ଅଦ୍ୟାବଧି ଖନନ ହୋଇଥିବା ଖଣିଜ ସମ୍ପଦର ହିସାବ ମାଗିଛନ୍ତି । କଂଗ୍ରେସ କର୍ମୀ ଶରତ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧାରଣାରେ ଏହି ଅଞ୍ଚଳରୁ ବର୍ଷବର୍ଷ ଧରି ଲଘୁ ଖଣିଜ ସାମଗ୍ରୀ ଲୁଟ୍ ହେଉଛି ବୋଲି ମତ ପ୍ରକାଶ ପାଇଥିଲା। ରାଜନେତା, କ୍ରଶର ମାଲିକ, ଖଣି ମାଲିକ, ଅସାଧୁ ପ୍ରଶାସନିକ ଅଧିକାରୀଙ୍କ ଯୋଗୁ ମୁଷ୍ଟିମେୟ ଲୋକ ମାଲାମାଲ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ମୃତ୍ୟୁର କୂଅ ଭିତରକୁ ଠେଲି ଦେଉଛନ୍ତି। ଏହା ବିରୋଧରେ କଂଗ୍ରେସ ଶନିବାର ଆନ୍ଦୋଳନକୁ ଓହ୍ଲାଇଛି। ଖଣି ମାଲିକ, କ୍ରଶର ମାଲିକ ଜବରଦଖଲରେ ଥିବା ବେଆଇନ ଜମିଗୁଡିକୁ ତୁରନ୍ତ ଚିହ୍ନଟ କରାଯାଉ, ଲଘୁ ଖଣିଜ ସମ୍ପଦ ବିଭାଗ ଓ ପ୍ରଦୂଷଣ ବିଭାଗର ମିଳିତ ତଦନ୍ତ କରାଯାଉ, ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା, ବେଆଇନ ଭୂତଳ ବ୍ଲାଷ୍ଟିଂ ବନ୍ଦ ହେଉ ଆଦି ଦାବି କରିଛି କଂଗ୍ରେସ। ଉକ୍ତ ଧାରଣାରେ ୧୧ନଂ ଜୋନର କଂଗ୍ରେସ ସଭାପତି କାଳନ୍ଦି ପାଣି, ପୂର୍ବତନ ସରପଞ୍ଚ ବନମାଳି ରାଉତ, ଗୋବିନ୍ଦ ଚନ୍ଦ୍ର ସାମଲ, ବାସୁଦେବ ରାଉତ, ପୂର୍ବତନ ସମିତି ସଭ୍ୟ ହିମାଂଶୁ ମହାପାତ୍ର, ସତ୍ୟାନନ୍ଦ ରାଉତ, ଏକନ ମଲିକ, ବିପିନ୍ ସେଠୀ, ଧନେଶ୍ୱର ରାଉତ, ଲକ୍ଷ୍ମୀଧର ବାରିକ, ଅକ୍ଷୟ ସେଠୀ, ନରେଶ ସାହୁ, ସୁରେଶ ପ୍ରଧାନ, ଲକ୍ଷ୍ମୀଧର ରାଉତ, ମଙ୍ଗୁଳି ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଧାରଣା ସ୍ଥଳରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।




କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

## ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ହିମାଂଶୁ ସମ୍ମାନିତ

**ରସୁଲପୁର,୧୪।୩(ଡିଏନଏ):** ଧର୍ମଶାଳା ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୧୦ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେଥି ମଧ୍ୟରୁ ଯାଜପୁର ଜିଲାରୁ ସାହୁ ସମ୍ବର୍ଦ୍ଧିତ ହେବା ପାଇଁ ମନୋନୀତ ହୋଇଥିଲେ। ଓଡିଶା ଚଳଚ୍ଚିତ୍ର ସଂଳାପ, କବିତା ଓ ଗୀତ ଲେଖକ ରଜନୀ ରଞ୍ଜନଙ୍କ ୬୦ତମ ଚଳଚ୍ଚିତ୍ର ପୂର୍ତ୍ତି ଅବସରରେ କାଞ୍ଚନ ଫାଉଣ୍ଡେଶନ ତରଫରୁ ଆୟୋଜିତ ୧୨ତମ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ନାୟିକା ଅନୁ ଚୌଧୁରୀ, ରବି ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସୂଚନା ଥାଉକି, ସାହୁ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ବିଶେଷ କରି ଧର୍ମଶାଳା ଅଞ୍ଚଳରେ କ୍ରୀଡା, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ଆର୍ଥିକ ଅନଗ୍ରସତା ଆଦି କ୍ଷେତ୍ରରେ ପ୍ରଭାବିତ ଲୋକଙ୍କ ସେବା ଓ ଉତ୍ଥାନ କ୍ଷେତ୍ରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି।




ଅତିଥିମାନେ ହିମାଂଶୁଙ୍କୁ ସମ୍ମାନିତ କରୁଛନ୍ତି।

## ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ

**ରସୁଲପୁର,୧୪।୩(ଡିଏନଏ)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଚିରଞ୍ଜିବୀ ପରିଡା(୧୩) ଗୁରୁବାର ବ୍ରାହ୍ମଣୀ ନଦୀକୁ ଗାଧୋଇ ଯାଇଥିବାବେଳେ ବୁଡି ମୃତ୍ୟୁବରଣ କରିଥିଲେ। ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏହି ଅବସରରେ ଶନିବାର ବିଦ୍ୟାଳୟ ପରିସରରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପରିଚାଳନା କମିଟି ସଭାପତି ଝରଣା ମଲିକ, ଛାତ୍ରାଭିଭାବକ ଅତୁଲ୍ୟ କୁମାର ପଣ୍ଡା, ଶିକ୍ଷୟିତ୍ରୀଶିକ୍ଷକ ପ୍ରାଣକୃଷ୍ଣ ନାୟକ, ଅକ୍ଷୟ କୁମାର ସାହୁ, ନଳୀନପ୍ରଭା ଜେନା, ସୁନିତା ବାନା, ଯାଜ୍ଞସେନୀ ମହାପାତ୍ର, ଚନ୍ଦ୍ରିକା ମହାରଣା, ରାଜଶ୍ରୀ ଜେନା, ବାଣେଶ୍ୱରୀ ଖଣ୍ଡାଇ, ରୀତା ରାଉତ, କବିତା ପାଣି, ଦେବସ୍ମିତା ପାଢୀ, ସଞ୍ଜୁଲତା ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହ ବିଦ୍ୟାଳୟ ପକ୍ଷରୁ ଏକ ପ୍ରତିନିଧି ଦଳ ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜ୍ଞାପନ କରିଥିଲେ। ମୃତ ଛାତ୍ର ଘଟଣା ଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ସେ ତାଙ୍କର ଜଣେ ସାଙ୍ଗ ସହ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଏହି ଘଟଣାକୁ ନେଇ ନାନା ବିବାଦ ଲାଗି ରହିଥିଲା। ବିଦ୍ୟାଳୟର ତ୍ରୁଟି ଯୋଗୁ ଛାତ୍ରଙ୍କ ମୃତ୍ୟୁ ଘଟିଲା ବୋଲି କୁହାଯାଉଥିଲା। ମାତ୍ର ବିଦ୍ୟାଳୟ ନିୟମିତ ଖୋଲା ରହୁଥିଲାବେଳେ ଉକ୍ତ ଛାତ୍ରଜଣକ ଘଟଣାର ଦୁଇଦିନ ପୂର୍ବରୁ ବିଦ୍ୟାଳୟକୁ ଆସୁ ନ ଥିବା ଉପସ୍ଥାନରୁ ଜଣାପଡିବା ପରେ ମାମଲା ଶାନ୍ତ ପଡିଥିଲା।

**ନଦୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା**

## ବରୀ ବାର୍ ଆସୋସିଏଶନ୍ କର୍ମକର୍ତ୍ତା ନିର୍ବାଚନ

**ବରୀ,୧୪।୩(ସ୍ୱ.ପ୍ର)**

ରାଜ୍ୟ ବାର୍ କାଉନସିଲ୍ ଅନୁମୋଦନ କ୍ରମେ ବରୀ ବାର୍ କାଉନ୍‌ସିଲ୍‌ର କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ସର୍ବସମ୍ମତି କ୍ରମେ ବରୀ ବାର୍ ଆସୋସିଏଶନ୍ ସଭାପତି ଆଇନଜୀବୀ ରାଜକିଶୋର ସାମଲ, ଉପସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ବାବାଜୀ ଚରଣ ଜେନା, ସହସମ୍ପାଦକ ଭବାନୀ ପ୍ରସାଦ ପଣ୍ଡା, କୋଷାଧକ୍ଷ ଗୁଣନିଧି ନାୟକ, ପାଠାଗାର ସମ୍ପାଦକ ବାଞ୍ଛାନିଧି ସାହୁ, ପାଠାଗାର ସହସମ୍ପାଦକ ତପନ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ନନୀ ଗୋପାଳ ଜେନା, ସାଂସ୍କୃତିକ ସହସମ୍ପାଦକ ପରେଶ ଚନ୍ଦ୍ର କର ପ୍ରମୁଖ ନିର୍ବାଚିତ ହୋଇଥିବା ବରୀ ବାର୍ ଆସୋସିଏଶନ୍ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଆସୋସିଏଶନ୍‌ର ଏକ୍‌ଜିକ୍ୟୁଟିଭ୍ ବଡି ମେମ୍ବରଭାବେ ସଂଯୁକ୍ତା ସେଠୀ, ଧରଣୀଧର ଧଳ, ସରୋଜ କୁମାର ପଣ୍ଡା, ତପନ କୁମାର ସାହୁ, ପ୍ରଶାନ୍ତ କୁମାର ବେଉରିଆ ପ୍ରମୁଖ ରହିଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।


**UTKAL GRAMEEN BANK**
HEAD OFFICE, BOLANGIR
**PUBLIC NOTICE**

Utkal Grameen Bank is a scheduled commercial Bank owned by Government of India, State Bank of India and Government of Odisha. Under CTS clearing system, we were sub-member through Yes Bank which is now under moratorium imposed by RBI. Our relationship with Yes Bank was limited only to avail CTS clearing facility. We are in advanced stage of making alternative arrangements for participation in CTS clearing shortly. All other transactions are continuing in the Bank in a normal manner without any disruptions. We request our esteemed customers to bear with us for some more time for resuming CTS clearing.

CHAIRMAN

**ପୂର୍ବ ତଟ ରେଳପଥ**
ଖୋର୍ଦ୍ଧା ରୋଡ଼ ଡିଭିଜନ ପାଇଁ ମାର୍ଚ୍ଚ-2020 ନିମନ୍ତେ ସ୍କ୍ରାପ୍ ବିକ୍ରୀ ଅତିରିକ୍ତ ଇ-ନିଲାମ କାର୍ଯ୍ୟସୂଚୀ

ଅତିରିକ୍ତ ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ଡିଭିଜନ | ଅତିରିକ୍ତ ନିଲାମୀ ତାରିଖ |
|---|---|---|
| ମାର୍ଚ୍ଚ-2020 | ଖୋର୍ଦ୍ଧା ରୋଡ଼ ଡିଭିଜନ | 23.03.2020(ସୋମବାର) ଏବଂ 27.03.2020(ଶୁକ୍ରବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବତଟ ରେଳପଥର ନିଲାମି ସଂଚାଳନ ସମ୍ବନ୍ଧିତ ଅଧିକାରୀ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ହେବ ।

PR-791/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ଜୀର୍ଣ୍ଣ ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ୍‌କୁ ବଦଳାଇବା

ଇ-ଟେଣ୍ଡର ନଂ. ୫୬-ଏସ୍‌ଟି-ଟେଣ୍ଡର-୨୦୧୯, ତାରିଖ: ୦୬।୦୩।୨୦୨୦
କାର୍ଯ୍ୟ: ବିଲାସପୁର ଡିଭିଜନରେ ଜୀର୍ଣ୍ଣ ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ୍ (୭୦ ଗୋଟି)କୁ ବଦଳାଇବା। **ଟେଣ୍ଡର ମୂଲ୍ୟ:** ୮୨,୫୭,୯୮୭.୨୦/- (ବୟାଅଶୀ ଲକ୍ଷ ସତାବନ ହଜାର ନଅଶହ ସତାଅଶୀ ଟଙ୍କା କୋଡ଼ିଏ ପଇସା ମାତ୍ର), **ଇଏମ୍‌ଡି:** ୧,୬୫,୨୦୦/- (ଏକ ଲକ୍ଷ ପଞ୍ଚଷଠି ହଜାର ଦୁଇଶହ ଟଙ୍କା ମାତ୍ର)। **ଟେଣ୍ଡର ଦାଖଲ:** ତା୦୭।୦୪।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ ।
*ସିନିୟର ଡିଭିଜନାଲ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଲାଇନ୍*
CPR/10/492 ଏସ୍.ଇ.ସି.ରେଳପଥ/ବିଲାସପୁର
South East Central Railway @Secrail

**ପୂର୍ବ ତଟ ରେଳପଥ**
ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ସଂ.e-tender-RPF-PCSC-1-2020
**କାର୍ଯ୍ୟର ନାମ:** ତିନି ବର୍ଷ (36 ମାସ) ସମୟାବଧି ନିମନ୍ତେ ମାସିକ ଭିତ୍ତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ(PCSC)ଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ପାଇଁ ଦୁଇ ଜଣ ଚାଳକ ସହିତ ଗୋଟିଏ ଏସି ମାରୁତି ଏର୍ଟିଗା/ଟୋୟୋଟା ଇନୋଭା କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 27,74,142/-, **EMD(ଟଙ୍କାରେ):55,500/-**, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.03.2020ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.31.03.2020 ରିଖ 1200 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ମୁଖ୍ୟ ସୁରକ୍ଷା ଆୟୁକ୍ତ/RPF/ ଭୁବନେଶ୍ୱର
PR-788/K/19-20

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ନଂ.: ଆଇଏଫ୍୧୯୫୩୨୨ଡି, ତାରିଖ: ୦୬।୦୩।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର୍ ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର-୮୩୩୧୦୨ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଯାହା ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶିତ ତାରିଖର ୧୪.୦୦ ଘଟିକାରେ ଖୋଲାଯିବ। **ସାମଗ୍ରୀର ବର୍ଣ୍ଣନା:** ଡ୍ରାଇଭ୍ କଣ୍ଟ୍ରୋଲ୍ ୟୁନିଟ୍। **ଟେଣ୍ଡର ମୂଲ୍ୟ:** ₹୩୯,୧୯,୩୮୨/-। **ଖୋଲାଯିବା ତାରିଖ:** ତା୦୩।୦୪।୨୦୨୦ରିଖ ୧୪.୦୦ ଘଟିକା। ଟେଣ୍ଡରଦାତାମାନଙ୍କୁ www.ireps.gov.in ପରିଦର୍ଶନ କରିବାକୁ ହେବ। ଟେଣ୍ଡରଦାତାଙ୍କୁ ବିବରଣୀ ଓ ଟେଣ୍ଡର ଦାଖଲ ପାଇଁ ଇ-ଟେଣ୍ଡର ସାମଗ୍ରୀ ଓ ସେବାରେ ଲଗ୍‌ଇନ୍ କରିବାକୁ ହେବ। (PR-1450)

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୧୯୦-ଜିଆର୍‌ସି-ସିଇ-ସି-ଏସ୍‌ଓ-୦୭-୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ବଣ୍ଡମୁଣ୍ଡା – ଆରଓଏଚ୍ ଡିପୋର ମିଡିୟମ୍ ସିକ୍‌ଲାଇନ୍ ଓ ଏକ୍ସଟେନ୍ସନ୍‌ଠାରେ ସିକ୍ ଲାଇନ୍ ମେଣ୍ଟେନାନ୍ସ ସୁବିଧାର ଉନ୍ନତୀକରଣ । **ଆନୁମାନିକ ମୂଲ୍ୟ:** ₹୧୧.୨୪ କୋଟି। **ଇଏମ୍‌ଡି:** ₹୭,୧୨,୦୦୦/- **ସମାପ୍ତି ଅବଧି:** ୧୨ ମାସ। **ଧାର୍ଯ୍ୟ ତାରିଖ:** ୦୮।୦୪।୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ବିଦ୍ର: **"ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।"**(PR-1452)


## ନାବାଳିକାଙ୍କୁ ପ୍ରେମ ମହଙ୍ଗା ପଡ଼ିଲା

# ଜେଲ ଗଲେ ୩ ଯୁବକ

**ବିଞ୍ଝାରପୁର,୧୪।୩(ଡିଏନଏ)**

ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି। ଗିରଫ ଯୁବକମାନେ ହେଲେ ବାଙ୍ଗରା ପଞ୍ଚାୟତର ରବୀନ୍ଦ୍ର ବିଶ୍ୱାଳ(୨୫), ମଳୟ ଜେନା(୨୫) ଓ ଭୁବନେଶ୍ୱର ଅଞ୍ଚଳର ତାପସ ରାଉତରାୟ (୨୬)।

ପ୍ରକାଶ ଯେ, ନାବାଳିକାଙ୍କର ସେହି ଗ୍ରାମର ରବୀନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏହାପରେ ୨୦୧୯ ଜୁଲାଇ ୧୫ରେ ଉଭୟ ଘରୁ ପଳାଇ ଯାଇଥିଲେ। ନାବାଳିକାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଓ ନାବାଳିକା ନିଜ ଜାତିର ପୁଅ ସହିତ ଚାଲିଯାଇଥିବାରୁ ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇ ନ ଥିଲା। ହେଲେ ୬ମାସ ପରେ ଉକ୍ତ ନାବାଳିକା ଅନ୍ୟଜଣେ ଦଳିତ ଯୁବକଙ୍କ ସହିତ ଫେରାର ହୋଇଯିବାରୁ ନାବାଳିକାଙ୍କ ପରିବାର ଲୋକେ ରବୀନ୍ଦ୍ର ତାଙ୍କୁ ପ୍ରେମ ଜାଲରେ ଫସାଇ ଫେରାର କରି ନେଇଯାଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୫୭/୨୦) ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକାଙ୍କୁ ସେହି ପଞ୍ଚାୟତର ମଳୟ ଯେନା ନେଇ ଯାଇଥିବା ବିଞ୍ଝାରପୁର ପୋଲିସ ସୁରାକ ପାଇଥିଲା। ହେଲେ ମଳୟଙ୍କୁ ବିଞ୍ଝାରପୁର ପୋଲିସ ହାଇଦ୍ରାବାଦରୁ ଗିରଫ କରିଥିଲେ ମଧ୍ୟ ନାବାଳିକାଙ୍କ ପତ୍ତା ପାଇ ନ ଥିଲା। ପଚରାଉଚରା ପରେ ନାବାଳିକା ଜଣକ ଭୁବନେଶ୍ୱରରେ ତାପସ ନାମକ ଯୁବକଙ୍କୁ କୋର୍ଟରେ ବିବାହ କରିବାକୁ ସଜବାଜ ହେଉଥିଲାବେଳେ ଶୁକ୍ରବାର ଅପରାହ୍ନରେ ବିଞ୍ଝାରପୁର ପୋଲିସ ତାଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଶନିବାର ପୂର୍ବାହ୍ନରେ ପୋଲିସ ମଳୟ ଓ ତାପସଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଛି। ଜଣେ ନାବାଳିକାଙ୍କ ପ୍ରେମରେ ୩ଜଣ ଜଣ ଯୁବକ ଉବୁଟୁବୁ ହୋଇ ଶେଷରେ ଜେଲଯିବା ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନାବାଳିକା ଗତ ୧୦ରେ ସାବାଳିକା ହୋଇଥିବା ଜଣାପଡିଛି।


**ଜାତୀୟ ପରୀକ୍ଷା ଏଜେନ୍ସି**
*ମୂଲ୍ୟାୟନରେ ଉତ୍କର୍ଷତା*
ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର

**ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦**
ଜାତୀୟ ହୋଟେଲ ମ୍ୟାନେଜମେଣ୍ଟ ଏବଂ କ୍ୟାଟେରିଂ ଟେକ୍ନୋଲୋଜି ପରିଷଦ
ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର

**ଆତିଥ୍ୟ/ହୋଟେଲ ଏବଂ ତତ୍‌ସମ୍ପର୍କିତ ଶିଳ୍ପରେ ସବୁଠାରୁ ଆକର୍ଷଣୀୟ ଗ୍ଲୋବାଲ କ୍ୟାରିୟର ଆପଣଙ୍କ ପ୍ରତୀକ୍ଷାରେ**

ଶୀଘ୍ର
**ପ୍ରାର୍ଥୀମାନଙ୍କ ଉଚ୍ଚ ଚାହିଦା କାରଣରୁ ଶେଷ ତାରିଖକୁ ୨୦।୦୩।୨୦୨୦ରୁ ୩୧।୦୩।୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି**

ଭାରତରେ ୭୧ ଗୋଟି ଶୀର୍ଷ ମାନ୍ୟତାପ୍ରାପ୍ତ ଏନ୍‌ସିଏଚ୍‌ଏମ୍ ଅଙ୍ଗୀକୃତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ (ଆଇଏଚ୍‌ଏମ୍) – ଆଇଏଚ୍‌ଏମ୍ ପୁସା, ଆଇଏଚ୍‌ଏମ୍ ଲକପତ ନଗର, ଆଇଏଚ୍‌ଏମ୍ ମୁମ୍ବାଇ, ଆଇଏଚ୍‌ଏମ୍ କୋଲକାତା, ଆଇଏଚ୍‌ଏମ୍ ଚେନ୍ନାଇ, ଆଇଏଚ୍‌ଏମ୍ ଚଣ୍ଡିଗଡ଼, ଆଇଏଚ୍‌ଏମ୍ ବେଙ୍ଗାଲୁରୁ, ଆଇଏଚ୍‌ଏମ୍ ହାଇଦ୍ରାବାଦ, ଆଇଏଚ୍‌ଏମ୍ ଗୋଆ ଓ ଆହୁରି ଅନ୍ୟାନ୍ୟ ଆଇଏଚ୍‌ଏମ୍‌ରେ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ୩ ବର୍ଷିଆ ଡିଗ୍ରୀ କାର୍ଯ୍ୟକ୍ରମ (ବି.ଏସ୍‌ସି (ଏଚ୍‌ଏଚ୍‌ଏ)ରେ ନାମଲେଖା ପାଇଁ ଆବେଦନ କରନ୍ତୁ । ସମସ୍ତ ଆଇଏଚ୍‌ଏମ୍‌ରେ ନିରାମିଷ ବିକଳ୍ପ ମଧ୍ୟ ଉପଲବ୍ଧ।
ଅନ୍‌ଲାଇନ୍‌ରେ ଆବେଦନ ଦାଖଲ ପାଇଁ, ଲଗ୍ ଇନ୍ କରନ୍ତୁ:
www.ntanchm.nic.in
ସର୍ବଭାରତୀୟ ସ୍ତରରେ ଏନ୍‌ସିଏଚ୍‌ଏମ୍-ମିଳିତ ପ୍ରବେଶିକା ପରୀକ୍ଷା ୨୦୨୦ ତାରିଖ ୨୫ ଏପ୍ରିଲ ୨୦୨୦
ଅଧିକ ବିବରଣୀ ଏବଂ ଆଇଏଚ୍‌ଏମ୍‌ଗୁଡ଼ିକର ତାଲିକା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅର୍ଥାତ୍ www.ntanchm.nic.in ପରିଦର୍ଶନ କରନ୍ତୁ । ଅନୁସନ୍ଧାନ ପାଇଁ କଲ୍ କରନ୍ତୁ: ୧୨୦ ୬୮୯୫୨୦୦
(ଏନ୍‌ସିଏଚ୍‌ଏମ୍‌ର ଅନୁସନ୍ଧାନ ପାଇଁ ନିଃଶୁଳ୍କ ନମ୍ବର: ୧୮୦୦ ୧୮୦ ୩୧୫୧ ରେ କଲ୍ କରନ୍ତୁ (ପୂର୍ବାହ୍ନ ୯ରୁ ଅପରାହ୍ନ ୫.୩୦ ଘଟିକା)
davp 21354/11/0019/1920

## ଅଙ୍କିତ ଶର୍ମା ହତ୍ୟା ମାମଲା: ୫ ଗିରଫ

ଗତ ମାସରେ ଉତ୍ତରପୂର୍ବ ଦିଲ୍ଲୀରେ ସାମ୍ପ୍ରଦାୟିକ ଦଙ୍ଗା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ୍ ଶର୍ମା ହତ୍ୟା ମାମଲାରେ ଦିଲ୍ଲୀ ପୋଲିସ ଆଉ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚାନ୍ଦବାଗ୍ ଅଞ୍ଚଳର ଫିରୋଜ ଜାଭେଦ, ଗୁଲଫାମ, ସୋଏବ ଏବଂ ମୁସ୍ତାଫାବାଦର ଆନସ। ପୂର୍ବରୁ ଏହି ମାମଲାରେ ସଲମାନ ନାମକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ୟୁରୋପ କରୋନାର କେନ୍ଦ୍ରସ୍ଥଳ

ଜେନେଭା,୧୪।୩

ୟୁରୋପ ଏବେ ମାରାତ୍ମକ କରୋନା ଭୂତାଣୁର ନୂଆ କେନ୍ଦ୍ରସ୍ଥଳ ପାଲଟିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଘୋଷଣା କରାଯାଇଛି। ଡବ୍ଲ୍ୟୁଏଚ୍ଓର ଏହି ଘୋଷଣା ପରେ ବିଶ୍ୱର ବିଭିନ୍ନ ଦେଶ ସେମାନଙ୍କ ସୀମା ଅନ୍ୟ ଦେଶର ନାଗରିକମାନଙ୍କ ପାଇଁ ବନ୍ଦ କରିବାରେ ଲାଗିଛନ୍ତି। ଅନେକ

**ଡବ୍ଲ୍ୟୁଏଚ୍ଓର ଘୋଷଣା**
- ସୀମା ସିଲ୍ କଲେ ପଡ଼ୋଶୀ
- ମ୍ୟୁଜିୟମ,ପର୍ଯ୍ୟଟନସ୍ଥଳ ବନ୍ଦ

ଦେଶରେ ସଂଗ୍ରହାଳୟ, ପର୍ଯ୍ୟଟନ ସ୍ଥଳ ଓ କ୍ରୀଡା କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେଣି। କଲମ୍ବିଆ ଭେନେଜୁଏଲା ସହ ଏହାର ସୀମାକୁ ବନ୍ଦ କରିଦେବ ବୋଲି କହିଛି। ସୌଦି ଆରବ ସମସ୍ତ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ରବିବାରଠାରୁ ଦୁଇ ସପ୍ତାହ ପାଇଁ ବନ୍ଦ କରିବ ବୋଲି କହିଛି। କରୋନାର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାରେ ଏବେ ସଂକ୍ରମଣ ହାର ଯଥେଷ୍ଟ ହ୍ରାସ ପାଇଥିବାବେଳେ ୟୁରୋପୀୟ ଦେଶଗୁଡ଼ିକରେ ମୃତ୍ୟୁହାର ବଢ଼ିଚାଲିଛି। ଇଟାଲିରେ ସର୍ବାଧିକ ୧୨୬୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୭,୬୬୦ ଜଣ ଆକ୍ରାନ୍ତ ହୋଇଛନ୍ତି। ସ୍ପେନ୍‌ରେ ସଂକ୍ରମିତଙ୍କ ସଂଖ୍ୟା ୫୭୫୩ରେ ପହଞ୍ଚିଛି ଓ ୧୩୬ ଜଣଙ୍କ ମୃତ୍ୟୁ ହୋଇଛି। ତେଣୁ ୟୁରୋପ ଏବେ କରୋନାର କେନ୍ଦ୍ରସ୍ଥଳ ବୋଲି ଡବ୍ଲ୍ୟୁଏଚ୍ଓ କହିଛି। ୟୁରୋପର ପ୍ରମୁଖ ଦେଶ ବ୍ରିଟେନ, ଆୟର୍ଲାଣ୍ଡରୁ ଆସୁଥିବା ଯାତ୍ରୀଙ୍କୁ ୧୪ ଦିନ ଅଲଗା ରଖିବା ପାଇଁ ତାଇୱାନ ନିଷ୍ପତ୍ତି ନେଇଛି। ନ୍ୟୁଜିଲାଣ୍ଡ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି। ଚାଇନା ବାହାରେ ଆପଲ୍ କମ୍ପାନୀ ଏହାର ସମସ୍ତ ରିଟେଲ ଷ୍ଟୋର ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି।



ଚାଇନାରୁ ଫେରି ନୂଆଦିଲ୍ଲୀର ଛାଓଲାସ୍ଥିତ ଆଇଟିବିପି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବା ଭାରତୀୟ। ସେମାନଙ୍କୁ କରେନା ସଂକ୍ରମଣ ହୋଇ ନ ଥିବା ପରୀକ୍ଷାରୁ ଜଣାପଡିଛି।

## ମାସ୍କ, ଔଷଧ ଯୋଗାଇବାକୁ ଭାରତକୁ ନେତାନ୍ୟାହୁଙ୍କ ଅନୁରୋଧ

**ଜେରୁଜେଲମ୍, ୧୪।୩(ପି.ଟି.):** ବିଶ୍ୱବ୍ୟାପୀ କରୋନା ଯନ୍ତ୍ରଣା ବଢ଼ିଚାଲିଥିବା ବେଳେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେନ୍ୟାମିନ୍ ନେତାନ୍ୟାହୁ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରି ମାସ୍କ ଏବଂ ଔଷଧ ଯୋଗାଣ ଲାଗି ଅନୁମତି ଦେବାକୁ କହିଛନ୍ତି। ଇସ୍ରାଏଲ୍‌କୁ କଞ୍ଚାମାଲ୍ ରପ୍ତାନି ଲାଗି ସହଯୋଗ କରିବାକୁ ଟେଲିଫୋନ୍ ଯୋଗେ ସେ ମୋଦିଙ୍କୁ ଅନୁରୋଧ କରିଛନ୍ତି। ଭାରତ ଘରୋଇ ଚାହିଦା ପୂରଣ କରିବା ଲାଗି ଏଗୁଡ଼ିକର ରପ୍ତାନି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଚଳିତ ସପ୍ତାହରେ ନେତାନ୍ୟାହୁଙ୍କ ଏଭଳି ଅନୁରୋଧକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଇସ୍ରାଏଲର ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଏହାକୁ ପ୍ରମୁଖତା ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ବୁଧବାର ଏକ ଖବରଦାତା ସମ୍ମିଳନୀରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଭାରତୀୟ ପ୍ରତିପକ୍ଷ ବନ୍ଧୁ ମୋଦି ଓ ଅନ୍ୟ ପ୍ରମୁଖ ନେତାଙ୍କୁ ଭେଟି କରୋନା ଲାଗି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଓ ସହଯୋଗ ଲୋଡ଼ିବେ ବୋଲି କହିଥିଲେ। ମୋଦି ସମସ୍ତ ସହଯୋଗ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ରାଜି ହୋଇଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉପ ମହାନିର୍ଦ୍ଦେଶକ ଇତାମର ଗ୍ରୋଟୋ ପ୍ରକାଶ କରିଛନ୍ତି।



## ସାର୍କ ଭିଡିଓ କନ୍‌ଫରେନ୍ସ ଆଜି

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୧୪।୩(ପି.ଟି.)

- ଯୋଗଦେବ ପାକିସ୍ତାନ
- ମୋଦିଙ୍କ କରୋନା ମୁକାବିଲା ପ୍ରସ୍ତାବକୁ ସବୁ ସଦସ୍ୟ ରାଷ୍ଟ୍ରଙ୍କ ସମର୍ଥନ

ଘାତକ କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ଲାଗି ମିଳିତ ରଣକୌଶଳ ପ୍ରସ୍ତୁତି ନିମନ୍ତେ ରବିବାର ଅପରାହ୍ନ ୫ଟାରେ ସାର୍କ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭିଡିଓ କନ୍‌ଫରେନ୍ସରେ ଏକାଠି ହେବେ। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମିଳନୀରେ ଭାରତର ନେତୃତ୍ୱ ନେବେ। ସାର୍କ (ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଘ) ସଦସ୍ୟ ରାଷ୍ଟ୍ରଗୁଡ଼ିକର ଭିଡିଓ କନ୍‌ଫରେନ୍ସ ପାଇଁ ମୋଦି ଶୁକ୍ରବାର ଆହ୍ୱାନ ଦେଇଥିବା ବେଳେ ଏଥିରେ ଯୋଗଦେବା ଲାଗି ପାକିସ୍ତାନ ସମେତ ସବୁ ସଦସ୍ୟ ରାଷ୍ଟ୍ର ଆଗ୍ରହ ପ୍ରକାଶ କରିଛି। ମୋଦିଙ୍କ ପ୍ରସ୍ତାବକୁ ସମସ୍ତ ସାର୍କ ସଦସ୍ୟ ରାଷ୍ଟ୍ର ସମର୍ଥନ ଜଣାଇଛନ୍ତି। କରୋନାଜନିତ ବିପଦ ହ୍ରାସ ଲାଗି ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଇସ୍‌ଲାମାବାଦ ସ୍ୱୀକାର କରିଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହଯୋଗୀ (ସ୍ୱାସ୍ଥ୍ୟ) ଜାଫର ମିର୍ଜା ସାର୍କ ସଦସ୍ୟ ରାଷ୍ଟ୍ରଙ୍କ ଭିଡିଓ କନ୍‌ଫରେନ୍ସରେ ଯୋଗଦେବେ ବୋଲି ଏହାର ବହିର୍ବ୍ୟାପାର କାର୍ଯ୍ୟାଳୟର ମୁଖପାତ୍ର ଆଇଶା ଫାରୁକୀ ଟୁଇଟ୍ କରିଛନ୍ତି।

କରୋନା ମୁକାବିଲା ଦିଗରେ ସାର୍କ ସଦସ୍ୟମାନେ ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ନିମନ୍ତେ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଥିଲେ। ଏଥିପାଇଁ ଭିଡିଓ କନ୍‌ଫରେନ୍ସ ଜରିଆରେ ୮ ସଦସ୍ୟ ରାଷ୍ଟ୍ର ଏକ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ, ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗ, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଏବଂ ଆଫଗାନିସ୍ତାନ ସରକାର ମୋଦିଙ୍କ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି।

## ମାର୍ଗଦର୍ଶିକା ଶେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୪।୩(ପି.ଟି.)

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ହୋମ୍ କ୍ୱାରାଣ୍ଟାଇନ (ଘରେ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିବା) ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମାର୍ଗଦର୍ଶିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଟୁଇଟରରେ ଶେୟାର କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ପଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ହୋମ୍ କ୍ୱାରାଣ୍ଟାଇନ ଅର୍ଥ ନିଜକୁ ଓ ନିଜର ଆତ୍ମୀୟମାନଙ୍କୁ ସୁରକ୍ଷା ଦେବା। ଗାଇଡଲାଇନ୍ସ ଅନୁଯାୟୀ ଯେଉଁମାନେ ଘରେ ଅନ୍ୟମାନଙ୍କଠାରୁ ଅଲଗା ରହୁଛନ୍ତି, ସେମାନେ ଉତ୍ତମ ବାୟୁ



**ହୋମ୍ କ୍ୱାରାଣ୍ଟାଇନ**

ଚଳାଚଳ କରୁଥିବା ଏକକ କୋଠାରିରେ ରହନ୍ତୁ। ଏହି କୋଠାରି ସହ ସଂଯୁକ୍ତ କିମ୍ବା ଅଲଗା ପାଇଖାନା ଥିଲେ ଭଲ। ଯଦି ସେହି ପ୍ରକୋଷ୍ଠରେ ପରିବାରର ଅନ୍ୟ ସଦସ୍ୟ ରହିବାକୁ ଚାହାନ୍ତି, ତେବେ ତାଙ୍କଠାରୁ ଅନ୍ୟୂନ ୧ ମିଟର ଦୂରତା ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି। କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତି ପରିବାରର ବୃଦ୍ଧ, ଗର୍ଭବତୀ ମହିଳା ଓ ଶିଶୁଙ୍କଠାରୁ ନିଶ୍ଚୟ ଦୂରେଇ ରହିବାକୁ କୁହାଯାଇଛି।

## କରୋନା ସନ୍ଦିଗ୍ଧଙ୍କୁ ଦେଖିବାକୁ ମନା କରିଥିବା ମେଡିକାଲ ଅଫିସର ନିଲମ୍ବିତ

**ଜମ୍ମୁ,୧୪।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ କରୋନା ସନ୍ଦିଗ୍ଧଙ୍କୁ ଦେଖିବା ଲାଗି ମନା କରିଦେଇଥିବା ମେଡିକାଲ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଞ୍ଚ୍‌ର ଡେପୁଟି କମିଶନର ରାହୁଲ ଯାଦବ ଡାକ୍ତର ସଲିମ ଭଟ୍ଟିଙ୍କୁ ତୁରନ୍ତ ନିଲମ୍ବନ କରିଛନ୍ତି। ପର୍ଯ୍ୟବେକ୍ଷଣ ଟିମ୍‌ରେ ସାମିଲ ହୋଇଥିବା ଡାକ୍ତର ଭଟ୍ଟି ଡ୍ୟୁଟି କରିବାକୁ ମନା କରିଦେଇଥିଲେ। କରୋନା ସଂକ୍ରମଣ ରୋକିବା ଲାଗି ସରକାର ଉଦ୍ୟମ ଜାରି ରଖିଥିବାବେଳେ ମେଡିକାଲ କର୍ମଚାରୀ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବାକୁ ବାଧ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଜମ୍ମୁ-କଶ୍ମୀରରେ ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ଲାଗି ସେନା ଆଗେଇ ଆସିଛି। ଯବାନମାନେ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ କରୋନା ଭୂତାଣୁ ସମ୍ପର୍କରେ ସଚେତନ କରିବା ସହ ଏହାର ମୁକାବିଲା ଦିଗରେ ସହଯୋଗ କରିବାକୁ ସେମାନଙ୍କୁ ଅନୁରୋଧ କରିଛନ୍ତି।

## ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୪

ନୂଆଦିଲ୍ଲୀ,୧୪।୩(ପି.ଟି.)

- ଡାକ୍ତରଙ୍କ ଉପସ୍ଥିତିରେ ଦିଲ୍ଲୀ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଶନିବାର ୮୪କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭ ଜଣ ସୁସ୍ଥ ହେବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୫ ଜଣ ଥିବାବେଳେ ଦିଲ୍ଲୀ ଓ ରାଜସ୍ଥାନରୁ ଜଣେ ଲେଖାଏ ଅଛନ୍ତି। ୮୪ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୪୦୦୦ରୁ ଅଧିକ ଲୋକଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଇରାନରୁ ଭାରତୀୟ ଯାତ୍ରୀଙ୍କୁ ଆଣି ଆସୁଥିବା ମହାନ୍ ଏୟାରର ଏକ ବିମାନ ଶନିବାର ମଧ୍ୟରାତ୍ରିରେ ମୁମ୍ବାଇରେ ପହଞ୍ଚିବ ବୋଲି ଜଣାପଡିଛି। ସେହିପରି ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ଭାରତୀୟ ଛାତ୍ରଙ୍କୁ ଫେରାଇ ଆଣିବା ଲାଗି ଶନିବାର ଇଟାଲୀର ମିଲାନକୁ ପଠାଯାଇଛି। ଅନ୍ୟପକ୍ଷରେ କରୋନା ସଂକ୍ରମଣ ରୋକିବା ଲାଗି ସତର୍କତା ପଦକ୍ଷେପ ସ୍ୱରୂପ ଦେଶର ଅର୍ଦ୍ଧାଧିକ ରାଜ୍ୟ ଶିକ୍ଷାନୁଷ୍ଠାନ, ସିନେମା ହଲ୍, ମଲ୍, ସାଧାରଣ ଉତ୍ସବ ଅନୁଷ୍ଠାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଦିଲ୍ଲୀରେ କରୋନାରେ ପ୍ରାଣ ହରାଇଥିବା ୬୮ ବର୍ଷୀୟା ମହିଳାଙ୍କର ଶେଷକୃତ୍ୟ ମେଡିକାଲ ତତ୍ତ୍ୱାବଧାନରେ କରାଯାଇଛି। ଦିଲ୍ଲୀର ନଗମବୋଧ ଘାଟସ୍ଥିତ ସିଏନ୍‌ଜି ଶ୍ମଶାନରେ ମହିଳାଙ୍କ ଶେଷକୃତ୍ୟ ବେଳେ ରାମ ମନୋହର ଲୋହିଆ ହସ୍ପିଟାଲ ଏବଂ ଏମ୍‌ସିଡିର ଡାକ୍ତରମାନେ ଉପସ୍ଥିତ ରହିଥିଲେ। ମରଶରୀରରୁ ଉକ୍ତ ଭୂତାଣୁ ଯେପରି ଅନ୍ୟ କାହାକୁ ସଂକ୍ରମିତ ନ ହେବ ତାହା ଉପରେ ସର୍ବାଧିକ ଦୃଷ୍ଟି ଦିଆଯାଇଥିଲା।

## ପଦ୍ମ ପୁରସ୍କାର ଉତ୍ସବ ସ୍ଥଗିତ

ନୂଆଦିଲ୍ଲୀ,୧୪।୩(ପି.ଟି.)

କରୋନା ସଂକ୍ରମଣ ଭୟରେ ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବକୁ ସ୍ଥଗିତ ରଖାଯାଇଛି। ଏହି ଉତ୍ସବ ମାର୍ଚ୍ଚ ୨୬ ଓ ଏପ୍ରିଲ ୩ରେ ଅନୁଷ୍ଠିତ ହେବାର ଥିଲା। ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ସମ୍ମାନ ଲାଗି ମନୋନୀତ ବ୍ୟକ୍ତିମାନଙ୍କ ନାମ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମନୋନୀତ ବ୍ୟକ୍ତିମାନଙ୍କୁ ଦୁଇ ପର୍ଯ୍ୟାୟରେ ଏହି ପୁରସ୍କାର ପ୍ରଦାନ କରିଥାନ୍ତେ। ତେବେ ଏହାକୁ ସ୍ଥଗିତ ରଖାଗଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କରୋନା ଭୂତାଣୁ ନମୁନା ଚିହ୍ନଟରେ ଭାରତ ପଞ୍ଚମ ରାଷ୍ଟ୍ର

ନୂଆଦିଲ୍ଲୀ,୧୪।୩

ମାନବ ଶରୀର ବାହାରେ କରୋନା ଭୂତାଣୁକୁ ସଫଳତାର ସହ ଚିହ୍ନଟ କରି ଅଲଗା କରିବାରେ ଭାରତ ପଞ୍ଚମ ରାଷ୍ଟ୍ର ବୋଲି କୁହାଯାଉଛି। ପୂର୍ବରୁ ଚାଇନା, ଜାପାନ, ଥାଇଲାଣ୍ଡ ଓ ଆମେରିକା ଏଭଳି ସଫଳ ପଦକ୍ଷେପ ନେଇଛନ୍ତି। ଅର୍ଥାତ୍ ଏହି ଦେଶର ବୈଜ୍ଞାନିକମାନେ ମାନବ ଶରୀର ବାହାରେ ଉକ୍ତ ଭୂତାଣୁର ସଠିକ୍ ନମୁନା ପାଇବାକୁ ସକ୍ଷମ ହୋଇଛନ୍ତି। ଔଷଧ, ଟିକା ଓ ଦ୍ୱରିତ୍ ରୋଗ ନିରୂପଣ କିଟ୍ ପ୍ରସ୍ତୁତିରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍)ର ମହାନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ କହିଛନ୍ତି।



**କରୋନ ଭୟ:** ଥିରୁଭାନନ୍ତପୁରମ୍‌ସ୍ଥିତ ଏକ ମନ୍ଦିରରେ ପୂଜକ ମାସ୍କ ପିନ୍ଧିଛନ୍ତି।

## ବୋଲେରୋ ଉପରେ ଚଢ଼ିଗଲା ଟ୍ରକ୍: ୧୧ ମୃତ

ଜୟପୁର୍, ୧୪।୩

ରାଜସ୍ଥାନର ଜୟପୁରଠାରେ ଏକ ବଲେରୋ ଉପରେ ଟ୍ରକ୍ ଚଢ଼ିଯିବାରୁ ୧୧ ଜଣ ପ୍ରାଣ ହରାଇବା ସହ ୩ ଗୁରୁତର ହୋଇଛନ୍ତି। ଯୋଧପୁର ଜିଲା ଅନ୍ତର୍ଗତ ବାଲୋତ୍ରା-ଫାଲୋଡ଼ି ରାଜପଥ ଉପରେ ଶନିବାର ଏହି ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ବୋଲେରୋ ଉପରକୁ ମାଡ଼ି ଯାଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



## ଆମେରିକା ସୈନ୍ୟ ଥିବା ଇରାକ ଘାଟି ଉପରେ ରକେଟ ମାଡ଼

ବାଗଦାଦ,୧୪।୩(ଏଏଫ୍‌ପି)

ଆମେରିକା ଓ ୟୁରୋପୀୟ ସୈନ୍ୟ ରହୁଥିବା ଇରାକର ଏକ ଘାଟି ଉପରେ ସାନି ରକେଟ ମାଡ଼ ହୋଇଛି। ବାଗଦାଦ୍‌ର ଉତ୍ତର ପାର୍ଶ୍ୱରେ ଥିବା ଏହି ଘାଟି ଉପରେ ଦିନବେଳା ଆକ୍ରମଣ କରାଯାଇଛି। ଗତ ଅକ୍ଟୋବରଠାରୁ ଆମେରିକା ସୈନ୍ୟ ରହୁଥିବା ଇରାକର ବିଭିନ୍ନ ଘାଟି ଉପରେ ଏହା ୨୩ତମ ଆକ୍ରମଣ। ଶନିବାର ହୋଇଥିବା ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ ହାଶେଦ୍ ଅଲ୍-ଶାବିକୁ ଏଥିପାଇଁ ଦୋଷ ଦେଇଛି ଆମେରିକା। ଟାଜି ଏୟାରବେସ୍ ଉପରେ ଅନେକ ରକେଟ ମାଡ଼ କରାଯାଇଥିବା ଇରାକ ଓ ଆମେରିକାର ସାମରିକ ଅଧିକାରୀ ସୂଚନା ଦେଇଛନ୍ତି। ଏଥିରେ ଇରାକର ଦୁଇଜଣ ସୈନ୍ୟ ଗୁରୁତର ହୋଇଛନ୍ତି। ଇରାକୀ ସେନା ଲଞ୍ଚ୍ ପ୍ୟାଡ୍ ଠାବ କରିଥିବାବେଳେ ଆକ୍ରମଣକାରୀଙ୍କୁ ଧରିବାରେ ବିଫଳ ହୋଇଛି।



## ପୁଅ ଓମାରଙ୍କୁ ଭେଟିଲେ ଫାରୁକ୍

**ଶ୍ରୀନଗର, ୧୪।୩(ପି.ଟି.):** ଗୃହବନ୍ଦୀରୁ ମୁକୁଳିବା ପରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଶନିବାର ପୁଅ ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର୍ ଅବ୍‌ଦୁଲ୍ଲାଙ୍କୁ ଶ୍ରୀନଗରସ୍ଥିତ ସବ୍‌ଜେଲରେ ଭେଟିଛନ୍ତି। ଗତ ୭ ମାସ ହେବ ଓମାର ଅଟକ ଥିବାବେଳେ ବାପା-ପୁଅଙ୍କ ସାକ୍ଷାତ ଆଲୋଚନା ବେଶ୍ ଭାବବିହ୍ୱଳ ଥିଲା।

## ଆଫଗାନ୍ ସେନା ଉପରେ ତାଲିବାନ ଆକ୍ରମଣ

ନୂଆଦିଲ୍ଲୀ, ୧୪।୩(ପି.ଟି.)

- ଶାନ୍ତି ଚୁକ୍ତିକୁ ପୁଣି ବେଖାତିର
- ୨୪ ଘଣ୍ଟାରେ ୯୫ ଆକ୍ରମଣ

ଆଫଗାନିସ୍ତାନରେ ତାଲିବାନ ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ୯୫ ଆକ୍ରମଣ କରାଯାଇଛି। ଆଫଗାନ୍ ସେନାକୁ ଟାର୍ଗେଟ କରି ତାଲିବାନ ପକ୍ଷରୁ ୧୦ ରାଜ୍ୟରେ ଏହି ଆକ୍ରମଣ ହୋଇଛି। ଗତ ମାସରେ ଆଫଗାନିସ୍ତାନରେ ହିଂସାକାଣ୍ଡ ରୋକିବା ଲାଗି ତାଲିବାନ ସହ ଆମେରିକା ଶାନ୍ତିଚୁକ୍ତି କରିଥିବା ବେଳେ ଏହାକୁ ପୁଣିଥରେ ବେଖାତିର କରାଯାଇଛି। ଗତ କିଛିଦିନ ତଳେ ତାଲିବାନ୍ ପକ୍ଷରୁ ଆଫଗାନ୍ ସେନା ଉପରେ ଆକ୍ରମଣ କରାଯାଇ ୨୪ ସୈନ୍ୟଙ୍କୁ ନିପାତ କରାଯାଇଥିଲା। ଏହାକୁ ନେଇ ଆମେରିକା ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯିବା ସହ ଚେତାବନୀ ମଧ୍ୟ ଦିଆଯାଇଥିଲା। ହେଲେ ପୁଣି ତାଲିବାନ୍ ପକ୍ଷରୁ ଏହାକୁ ବେଖାତିର କରାଯାଇ ୯୫ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତାଲିବାନ୍ ପକ୍ଷରୁ କପିସା, ଲଘ୍‌ମାନ୍, କୁନାର୍, ବାଲ୍‌ଖ, ହେଲ୍‌ମଣ୍ଡ, ଫର୍ୟାବ୍,ବଡାଖଶାନ୍, କୁନ୍ଦୁଜ୍, ୱାର୍‌ଦକ୍ ଏବଂ ଲେଗାର୍‌ରେ ରକେଟ୍, ଶେଲିଂ ଓ ବୋମାମାଡ଼ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ପ୍ରକାଶଥାଉ କି, ଦୋହାରେ ଫେବୃୟାରୀ ୨୯ରେ ଆମେରିକା- ତାଲିବାନ୍ ଶାନ୍ତିଚୁକ୍ତି ହୋଇଥିଲା। ୫ ହଜାର ତାଲିବାନ୍ ଯୋଦ୍ଧା ଜେଲରୁ ମୁକୁଳିବା ପରେ ଆଫଗାନ୍ ସହ ଆଲୋଚନା କରାଯାଇଥାନ୍ତା। ହେଲେ ତାଲିବାନ୍ ବନ୍ଦୀଙ୍କ ମୁକ୍ତିରେ ବିଳମ୍ବ ଯୋଗୁ ଏପର୍ଯ୍ୟନ୍ତ ଆଲୋଚନା ସମ୍ଭବ ହୋଇପାରି ନାହିଁ। ତାଲିବାନ୍‌ମାନେ ପୁଣି ସେମାନଙ୍କ ରୂପ ଦେଖାଇବା ଆରମ୍ଭ କରିଛନ୍ତି।



## ଇତିହାସର ଆଇନାରେ
### ମାର୍ଚ୍ଚ ୧୫ର ପ୍ରମୁଖ ଘଟଣା

୧୯୯୩ ମାର୍ଚ୍ଚ ୧୫ରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଜନ୍ମଗ୍ରହଣ କରିଥିଲେ। ଫିଲ୍ମ ନିର୍ମାତା ମହେଶ୍ ଭଟ୍ଟଙ୍କ ଝିଅ ଆଲିଆ ଅନେକ ହିନ୍ଦୀ ଫିଲ୍ମରେ ଅଭିନୟ କରିବା ସହ ଭଲ ଗୀତ ମଧ ଗାଇଥାନ୍ତି।

୨୦୧୯ ମାର୍ଚ୍ଚ ୧୫ରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚଠାରେ ଥିବା ଏକ ମସ୍‌ଜିଦ ନିକଟରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୫୧ ଜଣ ପ୍ରାଣ ହରାଇଥିଲେ।

## ଶୀଘ୍ର ଆସ୍ଥାଭୋଟ ପାଇଁ ଦାବି

**ଭୋପାଳ,୧୪।୩(ପି.ଟି.):** ମଧ୍ୟପ୍ରଦେଶ ଭାଜପାର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନଙ୍କୁ ସାକ୍ଷାତ କରି ବିଧାନସଭାରେ ତୁରନ୍ତ ଆସ୍ଥା ଭୋଟ କରାଇବା ପାଇଁ ଦାବି କରିଛନ୍ତି। ୨୨ ବିଧାୟକଙ୍କ ଇସ୍ତଫା ପରେ ମଧ୍ୟପ୍ରଦେଶର କମଲନାଥ ସରକାର ସଂଖ୍ୟାଗରିଷ୍ଠତା ହରାଇଛି। ତେଣୁ ସରକାର ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସାମ୍ବିଧାନିକ ଅଧିକାର ନାହିଁ ବୋଲି ଭାଜପା ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

**ରାଜ୍ୟପାଳଙ୍କୁ ଭେଟିଲେ ଏମ୍‌ପି ଭାଜପା ପ୍ରତିନିଧି**

ଶାସକ ଦଳ ଗୃହରେ ତୁରନ୍ତ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ଉଚିତ ବୋଲି ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ ଟୁଇଟ୍ କରିଛନ୍ତି। ରାଜ୍ୟପାଳଙ୍କୁ ଭେଟିଥିବା ଭାଜପା ନେତାଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ନରୋତ୍ତମ ମିଶ୍ର, ରାମପାଲ ସିଂ ପ୍ରମୁଖ ଥିଲେ।

# ଶ୍ରୀମନ୍ଦିରରେ ନାହିଁ କରୋନା ସତର୍କତା

**ପୁରୀ ଅଫିସ,୧୪।୩**

ସବୁଠି ଏବେ କରୋନା ଚର୍ଚ୍ଚା। ପାନ ଦୋକାନରୁ ପାର୍କ ପୁଣି ସରକାରୀ କାର୍ଯ୍ୟାଳୟରୁ ବେସରକାରୀ ଅନୁଷ୍ଠାନ ସବୁଠି ପ୍ରାଣଘାତୀ କରୋନା ଭୂତାଣୁର ଭୟାବହତାକୁ ନେଇ ଚାଲିଛି ଆଲୋଚନା। ଧୀରେ ଧୀରେ ଭାରତରେ ବି କାୟା ମେଲାଉଛି କରୋନା। ଯଦିଓ ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ତଥାପି ପ୍ରତିଦିନ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା ପାଇଁ ଯିବା ଖବର ଚିନ୍ତାର ବିଷୟ ପାଲଟିଛି। କରୋନା ଭାଇରସ୍‌କୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ପ୍ରାଣଘାତୀ ଭାଇରସ୍ କବଳରୁ କିପରି ରକ୍ଷା ପାଇହେବ ସେଥିଲାଗି ସରକାର ବିଭିନ୍ନ ପ୍ରକାର ନିର୍ଦ୍ଦେଶନାମା ଜାରି କରୁଛନ୍ତି। ସଚେତନତା ଓ ସତର୍କତା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଶ୍ରୀମନ୍ଦିରରେ ସଚେତନତାର ଅଭାବ ଦେଖିବାକୁ ମିଳୁଛି। ଏଠାରେ କୌଣସି ପ୍ରକାର ସତର୍କତା ପାଳନ କରାଯାଉ ନାହିଁ। ପରସ୍ପର ହାତ ମିଳାଇବା ବାରଣ ସତ୍ତ୍ୱେ ଏବେ ବି ଭକ୍ତ, ସେବାୟତ, ବ୍ରାହ୍ମଣ, କର୍ମଚାରୀ ପୂର୍ବ ଧାରାକୁ ବଜାୟ ରଖି ପରସ୍ପରକୁ ସ୍ପର୍ଶ କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ କରୋନାର ପ୍ରଭାବରେ ପୂର୍ବାପେକ୍ଷା ଶ୍ରୀମନ୍ଦିରକୁ ଭକ୍ତଙ୍କ ଆଗମନ କମିଛି।

କରୋନା ଭୂତାଣୁ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିବା ବେଳେ କେବଳ ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି। ବାରମ୍ବାର ହାତକୁ ହ୍ୟାଣ୍ଡ ୱାଶ୍‌ରେ ସଫା କରିବା ଏବଂ ସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ପରାମର୍ଶ ଦିଆଯାଉଛି। ଗୋଟିଏ ଜାଗାରେ ଏକତ୍ର ହେବାକୁ ବାରଣ କରାଯାଇଛି। ଏଥିପାଇଁ ସ୍କୁଲ, କଲେଜ, ସିନେମା ହଲ୍, ଜିମ୍, ସୁଇମିଂପୁଲ ଆଦିକୁ ବନ୍ଦ ଘୋଷଣା କରିଛନ୍ତି ରାଜ୍ୟ ସରକାର।


ଯଦିଓ ଧାର୍ମିକ କ୍ଷେତ୍ରରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇ ନାହିଁ କିନ୍ତୁ ସତର୍କତା ଓ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ହେଲେ ଶ୍ରୀମନ୍ଦିରରେ କୌଣସି ପ୍ରକାର ସତର୍କତା ଅବଲମ୍ବନ କରାଯାଉ ନାହିଁ। ଭକ୍ତମାନେ ମନ୍ଦିରରେ ପ୍ରବେଶ ବେଳେ ପାଦ ପ୍ରକ୍ଷାଳନ ଜାଗାରେ ଗହଳି କରୁଛନ୍ତି। କେହି କେହି ପାଟି କୁଳି କରି ସେଠାରେ ପାଣି ପକାଉଛନ୍ତି। ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ହେଉ କିମ୍ବା ବିଭିନ୍ନ ମନ୍ଦିର କାନ୍ଥ, ବାଡ଼ାରେ ଟିପ ମାରି ମୁଣ୍ଡିଆ ମାରିବା ଏବେ ବି ଚାଲିଛି। ସେହିପରି ଭକ୍ତଙ୍କ ମଥାରେ ଚନ୍ଦନ, ଆଖିରେ କର୍ପୂର ଲଗାଉଛନ୍ତି। ଅନେକ ଭକ୍ତ ଅଛନ୍ତି ଯେଉଁମାନେ ବ୍ରାହ୍ମଣ, ସେବାୟତଙ୍କ ପାଦ ଛୁଇଁ ପ୍ରଣାମ ମଧ୍ୟ କରୁଛନ୍ତି। ଏହିଭଳି ଧାର୍ମିକ ବିଶ୍ୱାସକୁ ନେଇ ଶ୍ରୀମନ୍ଦିର ପରିସରରେ ପରସ୍ପରକୁ ସ୍ପର୍ଶ କରିବାର ଧାରା ଜାରି ରହିଛି। ଏ କ୍ଷେତ୍ରରେ କଟକଣାର ଯଥେଷ୍ଟ ଆବଶ୍ୟକ ରହିଥିବା ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଛୁଟିଦିନ ଏବଂ

## ପରସ୍ପରକୁ ସ୍ପର୍ଶ କରୁଛନ୍ତି ଭୟରେ କମୁଛି ଭକ୍ତଙ୍କ ସଂଖ୍ୟା

ବିଭିନ୍ନ ପର୍ବପର୍ବାଣିରେ ଏହି ସଂଖ୍ୟା ଲକ୍ଷେ ଟପିଥାଏ। ତେଣୁ ସଚେତନତା ଓ ସତର୍କତା ଜରୁରୀ ବୋଲି କହିଛନ୍ତି ବୁଦ୍ଧିଜୀବୀ ଦେବୀ ପ୍ରସନ୍ନ ନନ୍ଦ। ଏ ନେଇ କେତେକ ଭକ୍ତଙ୍କ ମଧ୍ୟରେ ବି ଅସନ୍ତୋଷ ସୃଷ୍ଟି ହେଉଛି। କିନ୍ତୁ ସେମାନେ କିଛି କହିପାରୁ ନାହାନ୍ତି। ଶନିବାର ଶ୍ରୀମନ୍ଦିରକୁ ଆସିଥିବା ଜଗତ୍‌ସିଂହପୁର ବାଲିକୁଦା ଅଞ୍ଚଳର ମନୋରଞ୍ଜନ ପରିଡ଼ା କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ କେହି କାହାରିକୁ ସ୍ପର୍ଶ କରିବା ଉଚିତ ନୁହେଁ। ସରକାର ବି ଏଭଳି ସତର୍କତା ଅବଲମ୍ବନ କରିବାକୁ କହୁଛନ୍ତି। ବେଢା ପରିସର ବୁଲି ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରୁଥିଲି। କୀର୍ତ୍ତନ ଚକଡ଼ା ନିକଟରେ ଜଣେ ବ୍ରାହ୍ମଣ କର୍ପୂର ଆଣି ମେ।' ଦୁ ଇ



ଆଖିରେ ମାରିଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଏପରି କରାଯିବା କଥା ନୁହେଁ। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ କରୋନାକୁ ନେଇ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଥିବାରୁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଆଗମନ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଛି। ଶ୍ରୀମନ୍ଦିର ହୁଣ୍ଡି ଗଣତିରୁ ଏମିତି ତଥ୍ୟ ଜଣାପଡୁଛି। ଗତ ମାସରେ ସାଧାରଣ ଦିନରେ ପାଖାପାଖି ୨.୫ ଲକ୍ଷରୁ ୩ ଲକ୍ଷ ଟଙ୍କା ହୁଣ୍ଡିରୁ ବାହାରିଥିବାବେଳେ ଚଳିତ ମାସରେ ଏପର୍ଯ୍ୟନ୍ତ ଏହାର ପରିମାଣ କମ୍ ରହୁଛି। ଶନିବାର ସଂକ୍ରାନ୍ତି ଭିଡ଼ ଶ୍ରୀମନ୍ଦିରରେ ଦେଖିବାକୁ ମିଳିନି। ତେବେ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ୬୦ରୁ ୭୦ ପ୍ରତିଶତ ମୁହଁରେ ମାସ୍କ ଲଗାଇଥିଲେ। କରୋନା ପାଇଁ ଆଗକୁ ଭକ୍ତଙ୍କ ସଂଖ୍ୟା ଆହୁରି କମିପାରେ ବୋଲି କୁହାଯାଉଛି। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଏ ନେଇ ରବିବାର ଛତିଶା ନିଯୋଗ ଏବଂ ନୀତି ସବ୍‌କମିଟି ବୈଠକ ଡକାଯାଇଛି। କରୋନାକୁ ନେଇ କେଉଁ ପ୍ରକାର ସତର୍କତା ଅବଲମ୍ବନ କରାଯିବା ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ କଟକଣା ଲାଗୁ କରାଯିବ ବୋଲି କହିଛନ୍ତି।




ସମ୍ଭାବ୍ୟ କରୋନା ଭାଇରସ୍‌କୁ ନେଇ ଆତଙ୍କିତ ନ ହେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସେ ନେ ଟୁ ପ୍ୟାନିକ୍, ସେ ୟେସ୍ ଟୁ ପ୍ରିକସନ୍ସ' ବାର୍ତ୍ତା ସମ୍ପର୍କରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ଅଙ୍ଗନୱାଡ଼ି କେନ୍ଦ୍ର

**ପିଲାଙ୍କ ଘରେ ପହଞ୍ଚିବ ଅଣ୍ଡା, ରାଶନ ସାମଗ୍ରୀ**

**ଭୁବନେଶ୍ୱର, ୧୪।୩(ବ୍ୟୁରୋ):** କରୋନାର ଭୟବହତାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ସଂକ୍ରମଣ ଏଡ଼ାଇବା ଲାଗି ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଆରମ୍ଭ କରିଛନ୍ତି। ସ୍କୁଲ୍, କଲେଜ ଆଦି ଶିକ୍ଷାନୁଷ୍ଠାନ ଭଳି ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଶନିବାର ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ତେବେ ଅଙ୍ଗନୱାଡ଼ିକୁ ଆସୁଥିବା ୩ରୁ ୬ବର୍ଷ ପିଲାଙ୍କୁ ଦିଆଯାଉଥିବା ସ୍ନାକ୍ସ ଓ ହଟ୍ କୁକ୍ ମିଲ୍‌ସ ବାବଦରେ ଅଣ୍ଡା ଓ ରାଶନ ସାମଗ୍ରୀ ସେମାନଙ୍କ ଘରକୁ ପଠାଯିବ। ଅଙ୍ଗନୱାଡି କର୍ମଚାରୀମାନେ ପିଲାଙ୍କ ଘରକୁ ଯାଇ ଏସବୁ ସାମଗ୍ରୀ ସେମାନଙ୍କ ମା'କୁ ପ୍ରଦାନ କରିବେ। ସପ୍ଲିମେଣ୍ଟାରୀ ନ୍ୟୁଟ୍ରିଶନ ପ୍ରୋଗ୍ରାମ(ଏସ୍ଏନ୍‌ପି) ଜରିଆରେ ଦିଆଯାଉଥିବା ଏହି ଖାଦ୍ୟ ଯୋଗାଣରେ ଯେପରି ବାଧା ସୃଷ୍ଟି ନ ହୁଏ ସେଥିପାଇଁ ଗୁରୁତ୍ୱାରୋପ କରାଯାଇଛି। ମା' ଓ ଯାଞ୍ଚ କମିଟିର ସଦସ୍ୟାଙ୍କ ଦ୍ୱାରା ଏହି ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରାଯିବ। ଏହି ବ୍ୟବସ୍ଥାକୁ କିପରି ସହଜରେ ପରିଚାଳନା କରାଯିବ ସେଥିପାଇଁ ସମ୍ପୃକ୍ତ ସୁପରଭାଇଜର ବା ସିଡିପିଓମାନେ ଦାୟିତ୍ୱ ନେବେ। ମାସ ଶେଷରେ ସମସ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀମାନେ ଏ ସଂକ୍ରାନ୍ତରେ ନିଜ ଜିଲାର ସାର୍ଟିଫିକେଟ୍ ପ୍ରସ୍ତୁତ କରି ପ୍ରଦାନ କରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

## ପର୍ଯ୍ୟଟକଙ୍କ ବୁଲିବା ଉପରେ କଟକଣା

ପୁରୀ ଅଫିସ,୧୪।୩: କରୋନା ଭୂତାଣୁକୁ ନେଇ ଏବେ ସବୁଠି ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ପ୍ରାଣଘାତୀ ଭୂତାଣୁର ଉପସ୍ଥିତି ଯଦିଓ ଓଡ଼ିଶାରେ ଜଣାପଡ଼ିନାହିଁ, କିନ୍ତୁ ଆଗୁଆ ସତର୍କତା ସ୍ୱରୂପ ରାଜ୍ୟ ସରକାର ଏହାକୁ ରାଜ୍ୟ ବିପତ୍ତି ଘୋଷଣା କରିଛନ୍ତି। ଏହାର ଭୟାବହତାକୁ ଦେଖି କେତେକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଗୋଟିଏ ଜାଗାରେ ଜନସମାଗମକୁ ବାରଣ କରାଯାଇଥିବାରୁ ପୁରୀ ଜିଲା ପ୍ରଶାସନ ମଧ୍ୟ ଏ ଦିଗରେ ପଦକ୍ଷେପ ନେଇଛି। ପର୍ଯ୍ୟଟକଙ୍କ ବୁଲିବା ଉପରେ କଟକଣା ଲଗାଯାଇଛି। ଜିଲାର ପର୍ଯ୍ୟଟନସ୍ଥଳୀକୁ ପୁରୀରୁ କୌଣସି ପର୍ଯ୍ୟଟକ ବସ୍ ଯିବ ନାହିଁ। ରବିବାରଠାରୁ ଏହି କଟକଣା ଲାଗୁ ହେବ ବୋଲି ସହକାରୀ ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା କହିଛନ୍ତି। ଏ ନେଇ ଶନିବାର ସନ୍ଧ୍ୟାରେ ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଟୁର୍ ଅପରେଟର, ପୋଲିସ ଆଦି ବିଭିନ୍ନ ଅଧିକାରୀଙ୍କୁ ନେଇ ବୈଠକ ବସିଥିଲା। ଏଥିରେ କରୋନା ସତର୍କତା ସମ୍ପର୍କରେ ଆଲୋଚନା ହୋଇଥିଲା। ସହକାରୀ ପର୍ଯ୍ୟଟନ ଅଧିକାରୀ ଜେନା କହିଛନ୍ତି, ଅନେକ ସମୟରେ ଗୋଟିଏ ବସ୍‌ରେ ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟଟକ କୌଣସି ପର୍ଯ୍ୟଟନସ୍ଥଳୀକୁ ଯାଇଥାନ୍ତି। ହେଲେ ରବିବାରଠାରୁ ଏହା ବନ୍ଦ ହେବ। ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ଜେନା ସୂଚନା ଦେଇଛନ୍ତି। ପୁରୀ ଜିଲାରେ କୋଣାର୍କ, କାକଟପୁର, ସାତପଡ଼ା, ଚିଲିକା ଆଦି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରହିଛି। ଅଧିକାଂଶ ସମୟରେ ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ। ତେବେ ବର୍ତ୍ତମାନ କରୋନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ବୁଲିବା ଉପରେ କଟକଣା ଜାରି କରାଯାଇଛି।

# ଜେଲରେ ଲାଗିଲା କଟକଣା

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

କରୋନାକୁ ନେଇ ଏବେ ଜେଲ୍ ବିଭାଗର ଚିନ୍ତା ବଢ଼ିଛି। ସଂକ୍ରମଣ ରୋକିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଚିଠି କରାଯାଇଛି। ଚିଠି ପାଇବା ପରେ ରାଜ୍ୟ ଜେଲ ନିର୍ଦ୍ଦେଶାଳୟ ରାଜ୍ୟରେ ଥିବା ୯୦ଟି ଜେଲ୍‌କୁ ଉକ୍ତ ଗାଇଡ୍‌ଲାଇନ୍ ଜରିଆରେ ସତର୍କ କରାଇଛି। ଭିଡ଼ ବା ଗହଳିଠାରୁ କଏଦୀଙ୍କୁ ଦୂରରେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଭିଡିଓ କନ୍‌ଫରେନ୍ସିଂ କିମ୍ବା ଇ-ମୁଲାକାତ ମାଧ୍ୟମରେ କଏଦୀମାନଙ୍କୁ କୋର୍ଟରେ ହାଜର କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ୭୦ ପ୍ରତିଶତ ଜେଲରେ ଭିଡିଓ କନ୍‌ଫରେନ୍ସିଂ ସୁବିଧା ରହିଥିବାବେଳେ ବାକି ଥିବା ଜେଲଗୁଡ଼ିକରେ ତୁରନ୍ତ ଏହି ବ୍ୟବସ୍ଥା କରିବାକୁ ଜେଲ୍‌ରମାନଙ୍କୁ କୁହାଯାଇଛି। ଏପରି କି ଏନେଇ କୌଣସି ଅସୁବିଧା ହେଲେ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍ଆଇସି) ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ହେବା ଯାଏ ଉକ୍ତ ଜେଲ୍‌ର କଏଦୀଙ୍କୁ ବିଚାର ପାଇଁ କୋର୍ଟରେ ହାଜର କରାଯାଇ ପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହାସହ ଜେଲ ଭିତରେ ଏକାଧିକ କଏଦୀଙ୍କ ମିଳାମିଶା ଉପରେ ମଧ୍ୟ କଟକଣା କରାଯାଇଛି। କଏଦୀମାନେ ଜେଲ ଭିତରେ ଏକାଠି ହୋଇପାରିବେ ନାହିଁ। ସେହିଭଳି ଜେଲରେ ଥିବା ଟଏଲେଟ୍, କଏଦୀମାନେ ରହୁଥିବା ୱାର୍ଡ ଓ ଅନ୍ୟ ସ୍ଥାନକୁ ନିୟମିତ ସଫା କରାଯିବାକୁ ନିର୍ଦ୍ଦେଶ ରହିଛି। କଏଦୀଙ୍କୁ ଭେଟିବା ଉପରେ ମଧ୍ୟ କଟକଣା କରାଯାଇଛି। ପରିବାର ସଦସ୍ୟ ବା ସମ୍ପର୍କୀୟମାନେ ଦୂରରେ ରହି କଏଦୀଙ୍କ ସହ ସୀମିତ ସମୟ ପାଇଁ କଥା ହେବାକୁ ସୁଯୋଗ ଦେବାକୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ଜେଲ ନିର୍ଦ୍ଦେଶାଳୟର ଚିଠି ପାଇବା ପରେ ଝାରପଡା ଜେଲ୍‌ରେ ବ୍ୟାପକ ସତର୍କତା ଅବଲମ୍ବନ କରିଛି। କଏଦୀଙ୍କୁ ଖାଇବାକୁ ଦେଉଥିବା ୱାର୍ଡନମାନେ ଭଲଭାବେ ହାତ ଧୋଇବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାସହ କଏଦୀମାନଙ୍କୁ ମଧ୍ୟ ହାତ ଭଲଭାବେ ଧୋଇ ଖାଇବା ପାଇଁ କୁହାଯାଇଛି। କଏଦୀମାନଙ୍କୁ କରୋନା ଭାଇରସ୍ ସଂକ୍ରମଣ କିଭଳି ନ ହେବ ସେନେଇ ଜେଲରମାନେ ସିଧାସଳଖ ସଚେତନ କରୁଛନ୍ତି।

ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, କରୋନା ମୁକାବିଲା ପାଇଁ ଜେଲ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏପରିକି ଜେଲରେ କଏଦୀମାନଙ୍କୁ ସଂକ୍ରମଣ ନ ହେବା ପାଇଁ ସତର୍କତା ଅବଲମ୍ବନ କରିବା ପାଇଁ ଜେଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଜେଲରେ ଯଦି କାହାକୁ କରୋନା ସଂକ୍ରମଣ ନେଇ ସନ୍ଦେହ ହେଉଛି, ତାଙ୍କୁ ତୁରନ୍ତ ସରକାରୀ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ। ଏହାସହ କଏଦୀମାନଙ୍କୁ ପିଇବା ପାଣି, ଖାଇବା ସମୟରେ ସ୍ୱଚ୍ଛତା ରଖିବାକୁ କୁହାଯାଇଛି। ତେଣୁ ଜେଲରେ କଏଦୀମାନଙ୍କୁ କରୋନା ସଂକ୍ରମଣ ହେବା ସମ୍ଭାବନା ବହୁତ କମ୍ ବୋଲି ସେ କହିଛନ୍ତି।

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି




- ସମସ୍ତ ଜେଲକୁ ସତର୍କ କଲା ରାଜ୍ୟ ଜେଲ ନିର୍ଦ୍ଦେଶାଳୟ
- ଭିଡିଓ କନ୍‌ଫରେନ୍ସରେ ହାଜର ହେବେ କଏଦୀ
- ମିଳାମିଶାକୁ ବାରଣ, ଏକାଠି ହୋଇପାରିବେନି

# ସରପଞ୍ଚ, ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

କରୋନା ଭୂତାଣୁ(କୋଭିଡ୍-୧୯)ର ସମ୍ଭାବ୍ୟ ସଂକ୍ରମଣ ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ନୂଆ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ତେବେ ଶନିବାର ଏଥିରେ ରାଜ୍ୟ ସରକାର ଆଉ ୨ଟି ଧାରା ଯୋଗ କରିଛନ୍ତି। ସଂକ୍ରାମକ ରୋଗ ଆଇନ୍ ୧୮୯୭ ଅନୁସାରେ କୌଣସି ବିପଜ୍ଜନକ ସଂକ୍ରାମକ ରୋଗକୁ ପ୍ରତିହତ କରିବା ପାଇଁ ସରକାର ଆବଶ୍ୟକ ତ୍ୱରିତ ପଦକ୍ଷେପ ଗ୍ରହଣ କରିପାରିବେ। ଏହାକୁ ଆଧାରକରି ରାଜ୍ୟ ସରକାର ଗ୍ରାମ ପଞ୍ଚାୟତସ୍ତରରେ ସରପଞ୍ଚ ଏବଂ ସହରାଞ୍ଚଳରେ ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଯଦି କୌଣସି ଯାତ୍ରୀ ବିଦେଶ ଯାତ୍ରାରୁ ଫେରିଛନ୍ତି, ତେବେ ସେମାନେ ତତ୍ ସମ୍ପର୍କିତ ବିବରଣୀ ସରକାରଙ୍କୁ ପ୍ରଦାନ କରିବେ। ସହରାଞ୍ଚଳରେ ଏହାକୁ ଆବାସିକ କଲ୍ୟାଣ ସୋସାଇଟି (ରେସିଡେନ୍ସିଆଲ ୱେଲ୍‌ଫେୟାର ସୋସାଇଟି) କର୍ମକର୍ତ୍ତାମାନେ ସହାୟତା କରିବେ। ଗ୍ରାମାଞ୍ଚଳରେ ବିଡିଓ ଓ ସହରାଞ୍ଚଳରେ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଛନ୍ତି। ଶନିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶର୍ମା କହିଛନ୍ତି ଯେ, କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବାର ମୁଖ୍ୟ ଉପାୟ ହେଲା ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ । ଘରେ ସଂକ୍ରମିତ ରୋଗୀ ନିଜେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବା ଏବଂ ସେହିଭଳି ସୁସ୍ଥ ଲୋକ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନ ଆସିବା ହେଉଛି ପ୍ରଧାନ ସତର୍କତା।





ଖବରଦାତା ସମ୍ମିଳନୀରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଓ ଅନ୍ୟ ଅଧିକାରୀ।

### ସମ୍ଭାବ୍ୟ କରୋନା ମୁକାବିଲା

ସେହିପରି ସଂକ୍ରାମକ ରୋଗର ମୁକାବିଲା ପାଇଁ ଖୁବ୍‌ଶୀଘ୍ର ବୈଷୟିକ ପରାମର୍ଶଦାତା କମିଟି ଗଠନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି, ଯେଉଁ କମିଟିରେ ବରିଷ୍ଠ ବୈଜ୍ଞାନିକ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶକ, ସଂକ୍ରାମକ ରୋଗ ବିଶେଷଜ୍ଞ ପ୍ରମୁଖ ଏଥିରେ ସଦସ୍ୟ ରହି ସରକାରଙ୍କୁ ନିୟମିତ ସମ୍ଭାବ୍ୟ ସଂକ୍ରମଣ ଓ ପ୍ରତିରୋଧ ସମ୍ପର୍କରେ ପରାମର୍ଶ ଦେବେ। ପ୍ରତ୍ୟେକ ଜିଲାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁସାରେ ଜିଲାର ସମସ୍ତ ଡାକ୍ତରଖାନାଗୁଡ଼ିକୁ ସଫାସୁତୁରା କରିବା, ନିରବଚ୍ଛିନ୍ନ ଭାବରେ ପାନୀୟ ଜଳର ଯୋଗାଣ, ବିଦ୍ୟୁତ୍ ଯୋଗାଣ ଏବଂ ଅତ୍ୟାବଶ୍ୟକ ଡାକ୍ତରୀ ଚିକିତ୍ସାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶର୍ମା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, କରୋନା ସଂକ୍ରମଣକୁ ଜାତୀୟ ବିପର୍ଯ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଥିବା ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏହା ରାଜ୍ୟ ବିପର୍ଯ୍ୟୟ ଭାବେ ଗ୍ରହଣ କରାଯାଇଛି। ଏହାଦ୍ୱାରା କରୋନା ସଂକ୍ରମିତ ବ୍ୟକ୍ତିଙ୍କ ପାଇଁ ଅର୍ଥ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଖର୍ଚ୍ଚ କରାଯାଇପାରିବ। ମାସ୍କ, ଗ୍ଲୋଭ୍‌ସ୍, ସାନିଟାଇଜରକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ଏହାର ମୂଲ୍ୟକୁ ନିୟନ୍ତ୍ରଣ କରାଯାଇଛି। କୌଣସି ପରିସ୍ଥିତିରେ ସେସବୁ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି କରାଯାଇପାରିବ ନାହିଁ। ଏହା କଲେ ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରାଯିବ। ଖୁବ୍ ଶୀଘ୍ର ସରକାର ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ବ୍ୟକ୍ତି ବିଶେଷଙ୍କର ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଫଳରେ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରୁଥିବା ଯାତ୍ରୀମାନଙ୍କ ସବିଶେଷ ସୂଚନା ରଖାଯାଇ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଚିକିତ୍ସା ଜନିତ ପଦକ୍ଷେପ ନିଆଯାଇପାରିବ ବୋଲି ଶର୍ମା କହିଛନ୍ତି। 'ପରିଷ୍କାର କରି ହାତ ଧୁଅନ୍ତୁ, ସୁସ୍ଥ ରୁହନ୍ତୁ' ର ଆହ୍ୱାନ ଦେଇଛନ୍ତି। ଏଥି ସହିତ କରୋନା ସମ୍ଭାବ୍ୟ ସଂକ୍ରମଣ ପ୍ରତି କୌଣସି ପ୍ରକାର ଭୟଭୀତ ନହୋଇ ସତର୍କତା ଓ ସଚେତନତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଏଚ୍ଏସ୍ ଡାକ୍ତର ବିଜୟ କୁମାର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କରୋନା ଭୂତାଣୁ ଜନିତ ସଂକ୍ରମଣରେ କୌଣସି ବ୍ୟକ୍ତି ଆକ୍ରାନ୍ତ ହୋଇ ନାହାନ୍ତି। ପରୀକ୍ଷଣ ପାଇଁ ୨୨ଟିର ରକ୍ତ ନମୁନା ପଠାଯାଇଥିବାବେଳେ ସେଗୁଡ଼ିକ କରୋନା ନେଗେଟିଭ୍ ରିପୋର୍ଟ ଆସିଥିବା ଜଣାଯାଇଛି।

- ଗଠନ ହେବ ବୈଷୟିକ ପରାମର୍ଶଦାତା କମିଟି
- ରାଜ୍ୟ, ଦେଶ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରସ୍ତୁତ ହେବ ଡାଟାବେସ୍
- ଅତ୍ୟାବଶ୍ୟକ ଦ୍ରବ୍ୟକୁ ଆଇନ୍‌ରେ ଅନ୍ତର୍ଭୁକ୍ତ
- ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି କଲେ ଦଣ୍ଡନୀୟ ଅପରାଧ



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବରେ ଗ୍ରହଣ କରିପାରନ୍ତିନାହିଁ।
- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଛୋଟରାୟପୁରରେ ଯୁବ ସଂସଦ କାର୍ଯ୍ୟକ୍ରମ

ଚଣ୍ଡିଖୋଲ,୧୪।୩(ଡିଏନଏ): ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ଅଧିନ ଛୋଟରାୟପୁରଠାରେ ନେହେରୁ ଯୁବକେନ୍ଦ୍ର ସହାୟତାରେ ଯୁବ ସଂସଦ କାର୍ଯ୍ୟକ୍ରମ ସିଡ୍ ସଭାପତି ମାନସ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତାଭାବେ ଚଣ୍ଡିଖୋଲ ବାର ଆସୋସିଏଶନ ସମ୍ପାଦକ ଆଇନଜୀବୀ ଉଦୟନାଥ ସାହୁ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଯୁବତୀ ଓ ଯୁବକମାନେ ସମ୍ପୂର୍ଣ୍ଣ ବିବରଣୀ ଜାଣିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଗୟାଧର ନାୟକ, ବଡଚଣା ପଞ୍ଚାୟତ ସମିତି ସଂଯୋଜିକା ଅନୀତା ବେହେରା, ସୁରେନ୍ଦ୍ର ସାମଲ, ତ୍ରିଲୋଚନ ପାଣି ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ବିମଲ ବେହେରା ଧନ୍ୟବାଦ ଦେଇଥିଲେ।

### ଅନୁପମ ସାଇ ଭଜନ ସମାରୋହ

ଚଣ୍ଡିଖୋଲ,୧୪।୩(ଡିଏନଏ): ବଡ଼ଚଣା ବ୍ଲକ ପଲାଇ ସତ୍ୟସାଇ ସେବା ସମିତି ବାଳବିକାଶ ଛାତ୍ର ରାମସ୍ୱରୂପଙ୍କ ଦ୍ୱାଦଶ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଅନୁପମ ସାଇ ଭଜନ ସମାରୋହ ସାଇଭବନ ଭଜନ କେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗାୟକ ବିଧୁଭୂଷଣ ତ୍ରିପାଠୀ, ସାଇକୃପା ବିଶୋୟୀ, ବିଶ୍ୱରଞ୍ଜନ ପରିଜା, ସୁଧାଂଶୁ ଶେଖର ଚୌଧୁରୀ ମହାପାତ୍ର, ଚନ୍ଦନ ମହାପାତ୍ର, ଟି.କେ.ଏସ୍.ଅବିନାଶ, ବିପିନ ବିହାରୀ ରାଉତ, ଅନୁପମା ଭୂୟାଁ ଓ ବେତାର କଣ୍ଠଶିଳ୍ପୀ ବିଳାସିନୀ ଭଞ୍ଜ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ସ୍ୱାଇଁ, ପଲାଇ ସମିତିର ପୂର୍ବତନ ଆବାହକ ସୁରେନ୍ଦ୍ର ନାଥ ଭୂୟାଁ, ନରେନ୍ଦ୍ର ନାଥ ପତି, ଜିଲା ପ୍ରଶାନ୍ତି ସେବା ସଂଯୋଜକ ସତ୍ୟାନନ୍ଦ ଜେନା, କୈଳାଶ ଚନ୍ଦ୍ର ବେହେରା, ବିଷ୍ଣୁଚରଣ ସାମଲ, ଜିଲା ଯୁବ ସଂଯୋଜକ ସୁରେଶ ଚନ୍ଦ୍ର ସାହୁ, କାବେରୀ ଆଚାର୍ଯ୍ୟ, ଉମେଶ ଚନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ସାମଲ, ସୁମନ୍ତ କୁମାର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଳବିକାଶ ଛାତ୍ର ରାମସ୍ୱରୂପ ମଙ୍ଗଳ ଆରତୀ ପ୍ରଦାନ କରିଥିଲେ।

### ଯୁବ ବିଶ୍ୱକର୍ମା ମହାସଭାର ସାଧାରଣ ଅଧିବେଶନ

ଜେନାପୁର,୧୪।୩(ଡିଏନଏ): ଧର୍ମଶାଳା ବ୍ଲକ ମର୍ଜିତାପୁର ହିଙ୍ଗୁଳା ପଡିଆରେ ଶନିବାର ଅଖିଳ ଭାରତ ଯୁବ ବିଶ୍ୱକର୍ମା ମହାସଭା ଓଡ଼ିଶା ଶାଖାର ଆହ୍ୱାନ କ୍ରମେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଯୁବ ବିଶ୍ୱକର୍ମା ମହାସଭା ଯାଜପୁର ଜିଲା ଶାଖାର ସଭାପତି ହେମନ୍ତ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ଯୁବ ବିଶ୍ୱକର୍ମା ମହାସଭା ସଭାପତି ଗୌତମ ମହାରଣା ମୁଖ୍ୟଅତିଥି, ଆର୍ଥିକ ପରାମର୍ଶଦାତା ଦିଲୀପ ଶର୍ମା, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମହାରଣା, ଉପଦେଷ୍ଟା ହରିବନ୍ଧୁ ମହାରଣା, ଉପସଭାପତି ନାରାୟଣ ମହାରଣା, ସାଧାରଣ ସମ୍ପାଦକ ହାଡିବନ୍ଧୁ ମହାରଣା, ବିରଞ୍ଚି ନାରାୟଣ ମହାରଣା, ସୁବାସ ମହରଣା, ପ୍ରଭାକର ମହାରଣା, ଭାସ୍କର ମହାରଣା, ଶ୍ରୀନିବାସ ମହାରଣା ପ୍ରମୁଖ ଯୋଗଦେଇ ବିଶ୍ୱକର୍ମା ସମାଜରେ ଉପୁଜୁଥିବା ସମସ୍ୟାର ନିରାକରଣ ପାଇଁ ଆଲୋଚନା କରିବା ସହ ବିଶ୍ୱକର୍ମା ଜୟନ୍ତୀକୁ ରାଜ୍ୟସ୍ତରରେ ସରକାରୀ ଛୁଟି ଘୋଷଣା କରିବା, ବିଶ୍ୱକର୍ମା ସମାଜରେ ଆର୍ଥିକ ଦୃଷ୍ଟିରୁ ଗରିବ କାରିଗରଙ୍କୁ ଡିଆଇସି ମାଧମରେ ବନ୍ଦ ହୋଇଥିବା ଋଣ ବ୍ୟବସ୍ଥାକୁ ପୁନର୍ବାର ଚାଲୁ କରାଯାଉ, କୁଶଳୀ କାରିଗରଙ୍କୁ ୪୦ ବର୍ଷରୁ ସରକାରୀ ଭତ୍ତା ପ୍ରଦାନ କରାଯାଉ, କାରିଗର କାର୍ଯ୍ୟ କରୁଥିବା ସମୟରେ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇ ବିକଳାଙ୍ଗ ହେଲେ ସେମାନଙ୍କୁ ଭତ୍ତା ତଥା ତାଙ୍କ ପିଲାଙ୍କ ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା କରାଯାଉ, ନିଜଘରେ କାଠ ରଖି ଗୃହ ଉପକରଣ ତିଆରି କରିବାରେ ଯେଉଁ ସରକାରୀ ସମସ୍ୟା ସୃଷ୍ଟି ହେଉଛି ଉକ୍ତ କଠୋର ଆଇନକୁ ସରଳ କରାଯିବା ଭଳି ୬ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଶ୍ୱକର୍ମା ସଂପ୍ରଦାୟର ମହିଳା ଓ ପୁରୁଷ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଶ୍ୱକର୍ମା ଭାଇଭଉଣୀ ମାନେ ଯୋଗଦେଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଜେନାପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କରୋନାକୁ ଆମନ୍ତ୍ରଣ କରୁଛି କଳିଙ୍ଗନଗର



- ପ୍ରଦୂଷଣ ଯୋଗୁ କମୁଛି ରୋଗ ପ୍ରତିରୋଧକ ଶକ୍ତି
- କରୋନା ପରି ଅନ୍ୟ ଭୂତାଣୁଜନିତ ରୋଗ ହେବାର ଆଶଙ୍କା
- ପ୍ରଦୂଷଣ ରୋକିବାରେ ଏସ୍‌ପିସିବି ବିଫଳ

ଯାଜପୁର ଅଫିସ,୧୪।୩

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷଣ ଉତ୍କଟ ହୋଇଛି। ଏହି ପ୍ରଦୂଷଣ ମଣିଷର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରି ବିଭିନ୍ନ ଭୂତାଣୁଜନିତ ରୋଗକୁ ଆମନ୍ତ୍ରିତ କରିଥାଏ। ସଂପ୍ରତି କରୋନା ଭୂତାଣୁ ସମଗ୍ର ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଏଭଳି ପରିସ୍ଥିତିରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି ମତପ୍ରକାଶ ପାଇଛି। ବିଶେଷ କରି କଳିଙ୍ଗନଗର କାରଖାନାରୁ ନିର୍ଗତ ବର୍ଜ୍ୟଜଳ ଓ ବିଷାକ୍ତ ବାୟୁ ପ୍ରଦୂଷଣ ରୋକିବାରେ ଏସ୍‌ପିସିବି ବିଫଳ ହୋଇଛି। ଭିସା ଷ୍ଟିଲ, ବିଆରପିଏଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ଧୂଆଁ, ପାଉଁଶ ନିର୍ଗମନ ସାଙ୍ଗକୁ କାରଖାନାରୁ ନିର୍ଗତ ମାରାତ୍ମକ ବର୍ଜ୍ୟଜଳ ଅଞ୍ଚଳର ଗଣ୍ଡାନାଳ ଏବଂ ଖରସ୍ରୋତା ନଦୀକୁ ବିଷାକ୍ତ କରୁଥିବାରୁ ପୂର୍ବରୁ ଏନଜିଟି ଓ ହାଇକୋର୍ଟ ପ୍ରଦୂଷଣ ବନ୍ଦ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। କିନ୍ତୁ କୌଣସି ଫଳପ୍ରଦ ହେଉନାହିଁ। ଏହାକୁ ନେଇ ଗଣ୍ଡାନାଳ ଓ ଖରସ୍ରୋତା ନଦୀ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି।

କଳିଙ୍ଗନଗରରେ ପ୍ରତିଷ୍ଠିତ କାରଖାନା ପରିସରରେ କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳ ପଦାର୍ଥ ମିଶ୍ରିତ ପାଣି ନିର୍ଗତ ହୋଇଥିବାରୁ ତାହା ବିଷ ସଦୃଶ। ଏହା ସାଧାରଣ ଉପଯୋଗୀ ନୁହେଁ ବୋଲି ରିପୋର୍ଟରେ କୁହାଯାଉଛି। ବିଶେଷ କରି ଭିସା କୋକ ଓ ଭିସା ଷ୍ଟିଲ ସମେତ ବିଆରପିଏଲ, ଜିନ୍ଦଲ କାରଖାନାର ଉଦବୃତ୍ତ ଆବର୍ଜନା ପାଣି ଗଣ୍ଡାନାଳରେ ମିଶୁଛି। ସେହିପରି ବିଆରପିଏଲ ବାହାରକୁ ବୁନ୍ଦାଏ ବି ପାଣି ନ ଛାଡିବାକୁ ଚୁକ୍ତିରେ ସ୍ୱାକ୍ଷରିତ କରିଥିଲା। କିନ୍ତୁ ବଡବିଲଠାରୁ କଳିଙ୍ଗନଗର ବିଆରପିଏଲ ପ୍ଲାଣ୍ଟକୁ ୨୨୦ କିଲୋମିଟର ଦୀର୍ଘ ଲୌହ ସ୍ଲରୀ ସ୍ଥାନାନ୍ତରଣ ପାଇପ୍ ଲାଇନରେ ଆସୁଥିବା ବର୍ଜ୍ୟଜଳ ଏବେ ବାହାରକୁ ଛଡ଼ାଯାଉଛି। ପୂର୍ବରୁ ଏହି ପାଣି ମେସ୍କୋ କାରଖାନାକୁ ଯୋଗାଣ ହେଉଥିଲା। କିନ୍ତୁ ମେସ୍କୋ କାରଖାନା ବନ୍ଦ ହୋଇଯିବା ପରେ ୬ଟି ଅଣ୍ଡରଗ୍ରାଉଣ୍ଡ ପାଇପ୍ ଲାଇନରେ ଏହି ବର୍ଜ୍ୟଜଳ କାରଖାନା ବାହାରକୁ ଛଡ଼ାଯାଉଛି। ଫଳରେ ଘଣ୍ଟା ପ୍ରତି ପ୍ରାୟ ୫୦୦ ଘନମିଟର ବର୍ଜ୍ୟପାଣି ବାହାରକୁ ଛଡ଼ା ଯାଉଥିବାରୁ ଗଣ୍ଡାନାଳ ସମେତ ଆଖପାଖ ଅଞ୍ଚଳ ଜଳ ପ୍ରଦୂଷଣ ଉତ୍କଟ ହେଉଛି। ନିଷ୍କାସିତ ଆବର୍ଜନା ପାଣିରୁ ବିଷାକ୍ତ ଫେନଲ ଏବଂ ସାୟାନାଇଡ ରହିଥିବା ପୂର୍ବରୁ ପରୀକ୍ଷା ରିପୋର୍ଟରେ ଜଣାପଡିଛି। ଏହା ବିରୋଧରେ ଏନ୍‌ଜିଟିରେ ଦ୍ୱାରସ୍ଥ ହୋଇଥିଲେ ହେଁ ଏସପିସିବି ଅଧିକାରୀ ଯେନତେନ ପ୍ରକାରେ ରିପୋର୍ଟ ପ୍ରଦାନ କରି ମାମଲା ଗଡ଼ାଇବାରେ ସକ୍ଷମ ହୋଇଛନ୍ତି। ଯାହାକି ମାରାତ୍ମକ କରୋନା ଭୂତାଣୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବିପଦ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

## ଏମାନଙ୍କ ମତରେ...

“ସାଧାରଣତଃ ପ୍ରଦୂଷଣ ମଣିଷର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିଥାଏ। ଏହାଦ୍ୱାରା ଭୂତାଣୁ ମଣିଷର ଦେହକୁ ପ୍ରବେଶ କରିବାରେ ସହଜ ହୋଇଥାଏ। ଭୂତାଣୁଜନିତ ରୋଗ ଦ୍ୱାରା ଲୋକେ ଆକ୍ରାନ୍ତ ହୋଇଥାନ୍ତି। କରୋନା ଏକ ଭୂତାଣୁଜନିତ ରୋଗ। ତେଣୁ ଏହି କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବାକୁ ପଡିବ। ଅଞ୍ଚଳର ଜଳ ଓ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ରଖି ପାରିଲେ ଲୋକଙ୍କ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିବ। ଏହାସହ କରୋନା କିମ୍ବା ଅନ୍ୟ ଯେକୌଣସି ଭୂତାଣୁକୁ ପ୍ରତିହତ କରାଯାଇ ପାରିବ।

**ଡା. ସନ୍ତୋଷ କୁମାର ପୃଷ୍ଟି, ମେଡିକାଲ ଅଫିସର, ଯାଜପୁରରୋଡ ସିଏଚ୍‌ସି**

“ଅନ୍ୟ ଭୂତାଣୁ ପରି କରୋନାର ଶରୀର କୋଷରେ ଗଠିତ ନୁହେଁ। ଜୀବକୋଷ ମଧ୍ୟରେ ଏହା ଜୀବନ୍ତ ପଦାର୍ଥ ଭଳି କାର୍ଯ୍ୟ କରି କୋଷର ଯାବତୀୟ ମେଟାବୋଲିଜିମ ପ୍ରକ୍ରିୟାକୁ କରାୟତ୍ତ କରି ପ୍ରୋଟିନ, ଖୋଳପା ଓ ଜୀବୀୟ ପଦାର୍ଥ ସୃଷ୍ଟି କରି ନିଜ ବଂଶବୃଦ୍ଧି କରିଥାଏ। ପ୍ରଦୂଷିତ ପରିବେଶ ଯଥା ଜଳ ଓ ବାୟୁ ପ୍ରଦୂଷଣ ଏହାର ବଂଶ ବୃଦ୍ଧିରେ ସହାୟକ ନହେଲେ ମଧ ଏହି ପରିବେଶରେ ଥିବା ସଂକ୍ରମିତ ରୋଗୀଠାରୁ ଉପରୋକ୍ତ ପ୍ରକ୍ରିୟାରେ ସୁସ୍ଥ ଲୋକଙ୍କୁ ସଂକ୍ରମିତ କରିଥାଏ।

**ଶରତ କୁମାର ସାହୁ, ସମ୍ପାଦକ, ଜିଲା ପରିବେଶ ସୁରକ୍ଷା ସମିତି**

“କଳିଙ୍ଗନଗର ଶିଳ୍ପାଞ୍ଚଳରେ ପାର୍ଟିକୁଲେଟ ମେଟର-୧୦(ପିଏମ) ଚିନ୍ତାର ବିଷୟ। ଏହାକୁ ହ୍ରାସ କରିବାକୁ ରାଜ୍ୟ ସରକାରସ୍ତରରେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତି ସରିଛି। ଏହା କାର୍ଯ୍ୟକାରୀ ହେଲେ ପ୍ରଦୂଷଣ ନିଶ୍ଚିତ ଭାବେ ହ୍ରାସ ହେବ। ତେବେ କରୋନା ଭୂତାଣୁ ସହ ପରିବେଶ ପ୍ରଦୂଷଣର ସମ୍ପର୍କ ବିଷୟରେ ମୁଁ ଜାଣିନାହିଁ।

**ପ୍ରମୋଦ କୁମାର ବେହେରା, କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଏସପିସିବି**

### ୨୨କେଜି ଗଞ୍ଜେଇ ଜବତ, ୨ଗିରଫ



ଯାଜପୁର ଟାଉନ,୧୪।୩(ଡିଏନଏ)

ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୨ କେଜି ଗଞ୍ଜେଇ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ କଲିକତାର ଟୁକେଇ ପାତ୍ର ଓ ରଞ୍ଜିତ ରାୟ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଶନିବାର ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବାବେଳେ ଯାଜପୁର ଜିଲା କୁଆଖିଆରୁ ଏକ ବେସରକାରୀ ବସ୍ ଯୋଗେ କଲିକତାକୁ ଯାଉଥିବା ସମୟରେ ଅବକାରୀ ଅଧିକ୍ଷକ ରଜତ ପ୍ରହରାଜ ଓ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ବସ୍ ଉପରେ ଚଢ଼ାଉ କରି ୨୨ କେଜି ଗଞ୍ଜେଇ ଜବତ କରିଛନ୍ତି। ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୮/୨୦) ରୁଜୁ କରାଯାଇ ତଦ ନ୍ତ ଜାରି ରହିଛି। ଅପରପକ୍ଷରେ ଏହି ଚୋରା ଗଞ୍ଜେଇ କେଉଁ ଅଞ୍ଚଳରୁ ଅଣାଯାଇଥିଲା ସେ ନେଇ କୌଣସି ସୂଚନା ମିଳିପାରି ନାହିଁ ବୋଲି ଅବକାରୀ ଇନ୍ସପେକ୍ଟର ସୂଚନା ଦେଇଛନ୍ତି ।

## ଯୌତୁକ ପାଇଁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

ଯାଜପୁର ଟାଉନ,୧୪।୩(ଡିଏନଏ)

ଜଣେ ମହିଳାଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଜୟନଗର ଖୁଣ୍ଟା ଗ୍ରାମର ସନାତନ ଜେନାଙ୍କ ଝିଅ ସୁଜାତା ଗତ ୨ବର୍ଷ ତଳେ ଯାଜପୁର ଥାନା ଇନ୍ଦାସ ଗ୍ରାମର ଗୋକୁଳାନନ୍ଦ ଜେନାଙ୍କ ପୁଅ ସୁଶାନ୍ତଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉଭୟଙ୍କ ପରିବାର ସହମତିରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ସୁଜାତାଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଦାବି ମୁତାବକ ଯୌତୁକ ନ ଆଣିଲେ ଜୀବନରୁ ମାରିଦେବା ପାଇଁ ଶାଶୁଘର ପକ୍ଷରୁ ଧମକ ଦିଆଯାଉଥିଲା ବୋଲି ସୁଜାତାଙ୍କ ମା’ ସୁଲୋଚନା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଶୁକ୍ରବାର ସୁଜାତାଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ସୁଜାତାଙ୍କ ବାପଘର ଲୋକେ ଶାଶୁଘରେ ପହଞ୍ଚିଥିଲେ। ସେଠାରେ ସୁଜାତା ମରି ପଡିଥିବା ଦେଖିବାକୁ ପାଇଥିଲେ। ସୁଜାତାଙ୍କ ବେକରେ ଦାଗ ଥିବା ଘର ଲୋକେ ଦେଖି ତାଙ୍କୁ ଶାଶୁଘର ଲୋକେ ମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୪/୨୦) ରୁଜୁ କରି ସ୍ୱାମୀ ସୁଶାନ୍ତଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି।

## ଡ୍ରାଇଭରଙ୍କୁ ହତ୍ୟା କରି ଟ୍ୟାଙ୍କର ଲୁଟ ଘଟଣା: ଆଉଜଣେ ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୪।୩(ଡିଏନଏ)

ଧର୍ମଶାଳା ଥାନା ୫ନମ୍ବର (କ) ଜାତୀୟ ରାଜପଥ ଶ୍ରୀରାମପୁର ଟୋଲଗେଟ ନିକଟରେ ଜଣେ ଡ୍ରାଇଭରଙ୍କୁ ହତ୍ୟା କରି ଟ୍ୟାଙ୍କର ଲୁଟ ଘଟଣାରେ ସମ୍ପୃକ୍ତ ଜଣେ ସହଯୋଗୀଙ୍କୁ ଧର୍ମଶାଳା ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ଅନୁଗୁଳ ଥାନା ସିଆବାରୁଣୀ ଗ୍ରାମର ବିଶ୍ୱ ମଲିକ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି । ଓଡି ୦୫ଏ୮୪୭୨ ନମ୍ବର ବିଶିଷ୍ଟ ଏକ ତୈଳ ବୋଝେଇ ଟ୍ୟାଙ୍କର ଜାନୁଆରୀ ୧୪ରେ କଲିକତା ଅଭିମୁଖେ ଯାଉଥିଲାବେଳେ ଶ୍ରୀରାମପୁର ଟୋଲଗେଟ ନିକଟରେ ଡ୍ରାଇଭର ଜଗତସପୁର ଥାନା ଭୁବନ ଗ୍ରାମର ବଳରାମ ବାରିକ (୩୧) ଗାଡି ରଖି ବିଶ୍ରାମ ନେଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଟ୍ୟାଙ୍କର ଡ୍ରାଇଭରଙ୍କୁ ହତ୍ୟାକରି ହାତଗୋଡ ବାନ୍ଧି ଟୋଲଗେଟ ନିକସ୍ଥ ଏକ ଜଳାଶୟରେ ଫିଙ୍ଗି ଦେଇ ଟ୍ୟାଙ୍କର ଲୁଟ କରି ଅନୁଗୋଳ ନେଇ ଯାଇଥିଲେ। ଗାଡ଼ି ମାଲିକ ଅଭିଯୋଗ କରିବା ପରେ ଧର୍ମଶାଳା ପୋଲିସ ଏକ ମାମଲା (ନଂ.୧୯/୨୦) ରୁଜୁ କରି ଗାଡ଼ି ଜବତ କରିବା ସହ ରାକେଶ ସିଂକୁ ଗିରଫ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟଜଣେ ସହଯୋଗୀ ଏବେ ବି ଫେରାର ଥିବା ଜଣାଯାଇଛି। ଏମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ରାଧାକୃଷ୍ଣ ଜୀଉ ମେଳଣ ଉଦ୍‌ଯାପିତ

ଚଣ୍ଡିଖୋଲ,୧୪।୩(ଡିଏନଏ)



ଚଣ୍ଡିଖୋଲ ମେଳଣ ପଡ଼ିଆକୁ ଯାଉଥିବା ବିମାନ।


ଚଣ୍ଡିଖୋଲ ଛକର ପ୍ରସିଦ୍ଧ ରାଧାକୃଷ୍ଣଜୀୟୁ ମେଳଣ ଶନିବାର ଉଦଯାପିତ ହୋଇଯାଇଛି। ଶୁକ୍ରବାର ରାତ୍ରିରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ଦୀର୍ଘ ୨୦ ଘଣ୍ଟା ଧରି ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ମେଳଣ ଉତ୍ସବରେ ୪୫ରୁ ଉର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ଏଥିରେ ଭୂଷଣ୍ଡପୁର, ଚୋରମୁହାଁ, ଜାରକା, ବାଲିସାହି, ଓସରା, କେଶରପଡ଼ା, ସ୍ୱାଇଁସାହି, ନିଳାମ୍ବରପୁର, ବଡ଼ଚଣା, ଦେଉଳକୁର, ଖଇରା, ରାଣୀବନ୍ଦୀ ଗ୍ରାମର ବିମାନଗୁଡ଼ିକ ବାଜା, ବାଣ, ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ଆସି ଚଣ୍ଡିଖୋଲ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଥାନପତି ସୁଙ୍ଗୁଡ଼ା ଗ୍ରାମର ଲଛମନ ବାଲାଜୀ ବିମାନ ପ୍ରଥମେ ପଡ଼ିଆରେ ବସିଲା ପରେ ଅନ୍ୟ ବିମାନଗୁଡ଼ିକ ବସିଥିଲେ। ମେଳଣ କମିଟିର ମାନଗୋବିନ୍ଦ ଦାସ, ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମାହାଲା, ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ବଳରାମ ନାୟକ, ପ୍ରଭାକର ଜେନା ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡିଏସପି ଦୀପକ କୁମାର ଗୋଚ୍ଛାୟତ, ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶୀଲ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମେଳଣ ଶୋଭାଯାତ୍ରାରେ କମିଟି ତରଫରୁ ଅଶ୍ଳୀଳ ନୃତ୍ୟ ଓ ସଙ୍ଗୀତ ପରିବେଷଣକୁ ନିଷିଦ୍ଧ କରାଯାଇଥିଲା। ଏଥିରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟକ, ଘୋଡ଼ାନାଚ, ଲଉଡ଼ିଖେଳ, ଓ ସଂକୀର୍ତ୍ତନ ମଣ୍ଡଳୀ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ୧୧ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

### ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ବଳ ପ୍ରଦର୍ଶନ

ଯାଜପୁର ଟାଉନ,୧୪।୩(ଡିଏନଏ): କାର୍ଯ୍ୟରେ ଅବହେଳା ଓ ଦୁର୍ବଳ ପ୍ରଦର୍ଶନ ପାଇଁ ୧୧ ଜଣଙ୍କୁ ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସମ୍ପୃକ୍ତ କର୍ମଚାରୀଙ୍କ ଦୁର୍ବଳ ପ୍ରଦର୍ଶନ ବାରମ୍ବାର ତାଗିଦ ସତ୍ତ୍ୱେ କାର୍ଯ୍ୟର ଅଗ୍ରଗତି ସନ୍ତୋଷଜନକ ନ ହେବା, ଉପରିସ୍ଥ କର୍ତ୍ତୃପକ୍ଷଙ୍କ ପରାମର୍ଶକୁ ଅବମାନନା କରିବା ଅଭିଯୋଗରେ ବଡ଼ଚଣା ବ୍ଲକର ଏହି ୧୧ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବାଲି ପଡ଼ିଆ ପଞ୍ଚାୟତର ଜେଇ ନିରୋଦ କୁମାର ସେଠୀ, ଜିଆରଏସ୍ ସନ୍ତୋଷ କୁମାର ପରିଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ବେହେରା, ରାଇପୁର ପଞ୍ଚାୟତର ଜେଇ ନୀରୋଦ ସେଠୀ, ପିଇଓ ହିମାଂଶୁ ଶେଖର ବେହେରା, ନେଳିଆ ପଞ୍ଚାୟତର ଜେଇ ହିମାଂଶୁ ମହାନ୍ତି, ପିଇଓ ସସ୍ମିତା ମଲ୍ଲିକ, ଜିଆରଏସ୍ ରଞ୍ଜୁଶ୍ରୀ ସାହୁ, ସୋଲାର ପଞ୍ଚାୟତର ଜେଇ ଶ୍ରଦ୍ଧାଞ୍ଜଳି ମହାନ୍ତି, ପିଇଓ ପ୍ରଶାନ୍ତ ଲେଙ୍କା, ଜିଆରଏସ୍ ରଜନୀ କାନ୍ତ ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

## କରୋନା ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସିଂହପୁର,୧୪।୩(ଡିଏନଏ)

ସିଂହପୁର ନିକଟବର୍ତ୍ତୀ ଅଙ୍ଗାଲୋ ଲଛମନ ବାଲାଜୀୟୁ ସ୍ନାତକ ମହାବିଦ୍ୟାଳୟ ପରିସରରେ କରୋନା ସଂକ୍ରମଣର ମୁକାବିଲା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ଦିଲୀପ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର ଧଳ, ମୁଖ୍ୟବକ୍ତା ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଅଧ୍ୟାପିକା ଭାଗ୍ୟଶ୍ରୀ ରଥ, ସୁବ୍ରତ ଓଝା, ମାନିନୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କରୋନା ସଚେତନତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କରୋନାର ପ୍ରତିକାର ଓ କିପରି ଅଧିକ ସଂକ୍ରମଣକୁ ରୋକାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ମଦନ ମୋହନ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଧ୍ୟାପକ ସୁଶାନ୍ତ ସାହୁ, ଅଧ୍ୟାପିକା ତନୁଶ୍ରୀ ପଟ୍ଟନାୟକ, ପ୍ରତିଭା ଜେନା, ଶୁଭଶ୍ରୀ ସାମଲ, ସୁଶ୍ରୀ ରଥ, ମୋନାଲିସା ପରିଡା, ରମାକାନ୍ତ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

## ଅଧକ୍ଷ ପଦବୀ ପାଇଁ ବଦଳି ରାଜନୀତି

ଯାଜପୁରରୋଡ,୧୪।୩(ଡି.ଏନ.ଏ.)




**ବ୍ୟାସନଗର ସ୍ୱୟଂଶାସିତ**

- ପ୍ରାଧାପକଙ୍କୁ ରାତି ଅଧିଆ ବଦଳି

ବ୍ୟାସନଗର ସ୍ୱୟଂଶାସିତ କଲେଜ ଅଧକ୍ଷ ପଦବୀକୁ ନେଇ ବଦଳି ରାଜନୀତି ଆରମ୍ଭ ହୋଇଛି। ଯୋଗ୍ୟ ପ୍ରାଧାପକଙ୍କୁ ଏଠାରୁ ରାତିଅଧିଆ ବଦଳି କରାଯାଇ ବର୍ଷକ ତଳେ ବଦଳି କରାଯାଇଥିବା ଅନ୍ୟଜଣେ ପ୍ରାଧାପିକାଙ୍କୁ ପୁଣି ଏଠାକୁ ବଦଳି କରାଯାଇ ଅଣାଯାଇଛି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଆସନ୍ତା ମାର୍ଚ୍ଚ ୩୧ରେ ବ୍ୟାସନଗର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଏସ.କେ. ଆବୁ ତାହିର ଦାୟିତ୍ୱରୁ ଅବସର ନେଉଛନ୍ତି। ଏପ୍ରିଲ ପହିଲାରୁ ଏହି ଅଧକ୍ଷ ପଦ ଖାଲି ପଡ଼ିବ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ପତ୍ରସଂଖ୍ୟା ୩୧୧୭୫/୨୭।୧୨୦୧୮ ଅନୁଯାୟୀ ଅବସର ନେବାର ମାତ୍ର ମାସକ ପୂର୍ବରୁ ବରିଷ୍ଠତା ଏବଂ ଯୋଗ୍ୟତା ଆଧାରରେ ୪ଜଣ ଅଧ୍ୟାପକଙ୍କ ନାମ ତାଲିକା ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଏଯାଏ ଅଧକ୍ଷଙ୍କ ଦ୍ୱାରା ସେଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ। ମାତ୍ର ବର୍ଷକ ତଳେ ଓଡ଼ିଆ ବିଭାଗର ପ୍ରାଧାପକ ଶିବଚରଣ ମାଝୀଙ୍କୁ ପ୍ରଶାସନିକ ହସ୍ତକ୍ଷେପ କ୍ରମେ ମୁଗପାଳ ଉପେନ୍ଦ୍ରନାଥ ସାରଦା ମହାବିଦ୍ୟାଳୟକୁ ବଦଳି କରାଯାଇଥିଲା। ପ୍ରାଧାପକ ମାଝୀଙ୍କୁ ଏବେ ପୁନଶ୍ଚ ରାତିଅଧିଆଭାବେ ସେଠାରୁ ପୁଣି ଏହି ମହାବିଦ୍ୟାଳୟକୁ ବଦଳି କରି ଅଣାଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ୟୁଜିସି ଅନୁମୋଦନପ୍ରାପ୍ତ ତଥା ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧାପକ ଗୋପାଳଚରଣ ନନ୍ଦଙ୍କୁ ମୁଗପାଳ ମହାବିଦ୍ୟାଳୟକୁ ତରବରିଆଭାବେ ଏଠାରୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉକି, ପ୍ରାଧାପକ ନନ୍ଦ ଏକମାତ୍ର ୟୁଜିସି ଅନୁମୋଦନପ୍ରାପ୍ତ ବରିଷ୍ଠ ପ୍ରାଧାପକ ହୋଇଥିବା ବେଳେ ଅଧକ୍ଷ ପଦ ପାଇଁ ସେ ହିଁ ପ୍ରକୃତ ପକ୍ଷେ ଦାବିଦାର ବୋଲି ସ୍ପଷ୍ଟ ବାରି ହେଉଥିଲା। ମାତ୍ର ନନ୍ଦଙ୍କୁ ଅଧକ୍ଷ ପଦରୁ ହଟାଇବା ପାଇଁ ଚକ୍ରାନ୍ତ ପୂର୍ବକ ଏଭଳି ରାତିଅଧିଆ ବଦଳି ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ହେଉଛି। ଏହି କଲେଜରେ ଓଡ଼ିଆ ବିଭାଗରେ ଏକ ଅଧ୍ୟାପକ ପଦବୀ ଖାଲିଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ନନ୍ଦଙ୍କୁ ଅନ୍ୟତ୍ର ବଦଳି କରାଯିବା ଘଟଣା ଅପ୍ରାସଙ୍ଗିକ ବୋଲି ମଧ କୁହାଯାଉଛି। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଅଧକ୍ଷ ତାହିରଙ୍କୁ ପଚାରିବାରୁ, ୪ଜଣଙ୍କ ନାମ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବ। ଏହାପରେ ବିଭାଗୀୟ ନିଷ୍ପତ୍ତି ଅନୁସାରେ ଅଧକ୍ଷ ପଦବୀ ଦିଆଯିବ। ଯେଉଁସବୁ ଅଦଳବଦଳ ହୋଇଛି ତାହା ତାଙ୍କ ନିଷ୍ପତ୍ତି ନୁହେଁ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଶ୍ରମିକ ମୃତ : ଚାଳକ ଫେରାର



**ମହାକାଳପଡା,୧୪।୩ (ଡି.ଏନ.ଏ.):** ମହାକାଳପଡା ବ୍ଲକ ଅଧୀନ ଜମ୍ବୁ-ମାର୍ଶାଘାଇ କେନାଲ ବନ୍ଧର କଲେଜ ଛକ ନିକଟରେ ଶନିବାର ଏକ ସଡକ ଦୁର୍ଘଟଣାରେ ଜଣେ ଚିଙ୍ଗୁଡି ଘେରି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ପୋଲିସ ଜବତ କରିଛି। ଚାଳକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ପ୍ରକାଶ ଯେ, ଜଗତ୍‌ସିଂହପୁର ଅଞ୍ଚଳର ଦିବ୍ୟ ଦାସ (୪୫) ଖରିନାସୀ ଅଞ୍ଚଳର ଏକ ଚିଙ୍ଗୁଡି ଘେରିରେ କାର୍ଯ୍ୟ କରୁଥିଲେ । ଅପରାହ୍ନରେ ଦିବ୍ୟ ଏକ ଜାରକିନରେ ଡିଜେଲ ନେଇ ଲୁନାରେ ମାର୍ଶାଘାଇରୁ ଖରିନାସୀ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ମଙ୍ଗଳପୁର ଗ୍ରାମରୁ ଆସୁଥିବା ଏକ କ୍ଷୀର ବୋଝେଇ ଭ୍ୟାନ କଲେଜ ଛକ ନିକଟରେ ଲୁନାକୁ ଧକ୍କା ଦେଇଥିଲା । ଫଳରେ ଦିବ୍ୟ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମହାକାଳପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। କେସ ନଂ.୩୬/୨୦।

### କୃଷ୍ଣ ଚେତନା ପରିଷଦ ପକ୍ଷରୁ ଜଳଛତ୍ର

ଡେରାବିଶ, ୧୪।୩(ସ୍ୱ.ପ୍ର.)କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ବାଲିଆରେ ଅନୁଷ୍ଠିତ ମେଳଣ ଅବସରରେ କୃଷ୍ଣ ଚେତନା ପରିଷଦ ତରଫରୁ ଏକ ଜଳଛତ୍ର ଖୋଲାଯାଇଛି। ଶୁକ୍ରବାର ପଣ୍ଡିତ ହୃଷୀକେଶ ରଥ ଏହାକୁ ଉଦ୍‌ଘାଟନ କରିଥିଲେ । ମେଳଣରେ ଦୈନିକ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଉଥିବା କାରଣରୁ ତୃଷା ନିବାରଣ ପାଇଁ ପରିଷଦ ତରଫରୁ ଜଳଛତ୍ର ଖୋଲା ଯାଇଛି । ଚେତନା ପରିଷଦ ସଭାପତି ଇଂ କାର୍ତ୍ତିକ ଚନ୍ଦ୍ର ମିଶ୍ର, ସୁଦୀପ୍ତ କୁମାର ମଲ୍ଲିକ, ଅମିତାବ ମିଶ୍ର, ଦିପ୍ତିରଞ୍ଜନ ଓଝା, ବିଜୟ କେତନ ମହାନ୍ତି, ଅପର୍ଣ୍ଣା ମିଶ୍ର, ହୃଦାନନ୍ଦ ଲେଙ୍କା, ନଟବର ଭଦ୍ର, ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### କଷୋଟି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ମାର୍ଶାଘାଇ,୧୪।୩(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକର ମଣିକୁଣ୍ଡା ପଞ୍ଚାୟତ କଷୋଟି ଗ୍ରାମରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଆସି ନାମ ସଂକୀର୍ତ୍ତନ କରିଥିଲେ। ଗ୍ରାମର ଶ୍ରଦ୍ଧାଳୁମାନେ ଭାଗବତ ପାଠ କରିଥିଲେ। ବାଙ୍କ ବିହାରୀ ରଥ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅକ୍ଷୟ ରଥ, ପ୍ରମୋଦ ରଥ, ଗୋବିନ୍ଦ ସାହୁ, ନୀଲୁ ରଥ, ଅମରେନ୍ଦ୍ର ଲେଙ୍କାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଢ଼େଇ ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି

ପଟ୍ଟାମୁଣ୍ଡାଇ, ୧୪।୩ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ-କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଅଧୀନ ବଡମୂଳବସନ୍ତ ସମବାୟ ସମିତି ମଣ୍ଡିରେ ୮ ଦିନ ହେଲା ଅଢେଇ ହଜାର କୁଇଣ୍ଟାଲ ଧାନ ପଡି ରହିଛି । ଚାଷୀମାନଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ୍ ମିଳି ଯାଇଥିଲେ ମଧ୍ୟ ମିଲରଙ୍କ ଦେଖାନାହିଁ । ଫଳରେ ଚାଷୀମାନେ ଦିନ ରାତି ଧାନ ଜଗି ରହିଛନ୍ତି ।

### ମିଲରଙ୍କ ଦେଖାନାହିଁ

ପ୍ରକାଶ ଯେ, ପୂର୍ବରୁ ଏହି ମଣ୍ଡିରୁ ୪ଟି ପର୍ଯ୍ୟାୟରେ ୨୮୦ ଚାଷୀ ଧାନ ବିକ୍ରି କରିଛନ୍ତି । ମାତ୍ର ଟୋକନ୍ ପାଇଥିବା ପ୍ରାୟ ୫୭୭ ଚାଷୀଙ୍କ ମଧ୍ୟରୁ ଏବେ ୧୫୦ ଚାଷୀ ଧାନ ବିକ୍ରି କରିବା ପାଇଁ ମଣ୍ଡିକୁ ଆଣିଛନ୍ତି । ମିଲର୍ ଧାନ କିଣିବାକୁ ଆସୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବାବାଜୀ ପଲାଇ, ନିତ୍ୟାନନ୍ଦ ଦାସ, କୈଳାଶ ବଳ, ଶ୍ରୀଧର ପଣ୍ଡା, ରମେଶ ଦାସ, କୃଷ୍ଣ ରାଉତ, ହୃଷୀକେଶ ସେଠୀ, ବିଭୂତି ପାତ୍ର, ପ୍ରଶାନ୍ତ ନାୟକଙ୍କ ସମେତ ୧୫୦ ଚାଷୀ ମଣ୍ଡିରେ ଧାନ ଗଦା କରିଥିବା ଜଣାଯାଇଛି । ସମବାୟ ସମିତି ସମ୍ପାଦକ ଅଜୟ ଦାସଙ୍କୁ ଚାଷୀମାନେ ମିଲରଙ୍କ ସମ୍ପର୍କରେ ବାରମ୍ବାର ପଚାରୁଥିଲେ ମଧ୍ୟ ତାଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ଏ ସମ୍ପର୍କରେ ଚାଷୀମାନେ କ୍ଷୋଭ ପ୍ରକାଶ କରି ସମବାୟ ସମିତି ଓ ଯୋଗାଣ ବିଭାଗକୁ ଦାୟୀ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ । ତୁରନ୍ତ ବଡମୂଳବସନ୍ତ ସମବାୟ ସମିତି ମଣ୍ଡିରୁ ଧାନ ଉଠା ନ ଗଲେ ଚାଷୀମାନେ ବିକ୍ଷୋଭ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

**ବଡ଼ମୂଳବସନ୍ତ ସମବାୟ ସମିତି ମଣ୍ଡି**



ମଣ୍ଡିରେ ଧାନ ଗଦା ହୋଇ ରହିଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୫।୩।୨୦୨୦ (ରବିବାର)**

■ ମାଆ ବାସୁଳେଇ ଯୁବକ ସଂଘର ନାଟକ ଉତ୍ସବ। **ସ୍ଥାନ**–ରଜାଙ୍ଗ, ଦାନପୁର, କେନ୍ଦ୍ରାପଡା, **ସମୟ**–ସନ୍ଧ୍ୟା ୮ଟା।

**୧୬।୩।୨୦୨୦ (ସୋମବାର)**

■ ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ରାଜନଗର, **ସମୟ**–ପୂର୍ବାହ୍ନ ୧୦ଟା।

**୧୮।୩।୨୦୧୮ (ବୁଧବାର)**

■ ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲ୍ଲିକଙ୍କ ସ୍ମୃତିସଭା। **ସ୍ଥାନ**–ପ୍ରେସ କ୍ଲବ, କେନ୍ଦ୍ରାପଡା **ସମୟ**–ପୂର୍ବାହ୍ନ ୧୦ଟା।

# କରୋନା ସଚେତନତା

ପଟ୍ଟାମୁଣ୍ଡାଇ,୧୪।୩ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତର ଦେଉଳି ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଗତ ୨ ଦିନ ଧରି କରୋନା ଭୂତାଣୁ ସମ୍ପର୍କରେ ଜନ ସଂପର୍କ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘ ସଭାପତି ଗୌତମ ବେହେରାଙ୍କ ନେତୃତ୍ୱରେ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଶୋଭାଯାତ୍ରାରେ ଭାଗ ନେଇ ଭୟଙ୍କର କରୋନା ଭୂତାଣୁ ଠାରୁ ଦୂରେଇ ରହିବା ଏବଂ ପ୍ରତିକାର ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଉପସଭାପତି ବଳରାମ ବେହେରା, ସମ୍ପାଦକ ବୈଷ୍ଣବ ବେହେରା, ସହ ସମ୍ପାଦକ କଳ୍ପତରୁ ବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରମଣି ବେହେରା, ପ୍ରଣବ ବେହେରା, ବସନ୍ତ ବେହେରା, ମନୀନ୍ଦ୍ର ବେହେରାଙ୍କ ସମେତ ଶତାଧିକ ସଦସ୍ୟ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ହରେକୃଷ୍ଣ ବେହେରା ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।





ସଚେତନତା ଶୋଭାଯାତ୍ରା।

# ଭିତରକନିକାରେ କରୋନା ମୁକାବିଲା ପ୍ରସ୍ତୁତି

ରାଜନଗର(ଡି.ଏନ.ଏ.)/ କେନ୍ଦ୍ରାପଡା ଅଫିସ,୧୪।୩

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଏ ସମ୍ପର୍କରେ ଡିଏଫଓ ବିକାଶ ରଞ୍ଜନ ଦାଶ କହିଛନ୍ତି ଯେ, ସରକାର ଏହି ରୋଗର ଭୟାବହତା ପାଇଁ ରାଜ୍ୟ ବିପତ୍ତି ବୋଲି ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବନାଞ୍ଚଳକୁ ସ୍ୱଚ୍ଛ ରଖିବା ପ୍ରାଥମିକ କର୍ତ୍ତବ୍ୟ ହୋଇଛି । ଏଥିନେଇ କର୍ମଚାରୀଙ୍କର ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇ ସଚେତନତା ସୃଷ୍ଟି କରାଯାଇଛି। ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଇ ସନ୍ଦିଗ୍ଧଙ୍କ ସମ୍ପର୍କରେ ତୁରନ୍ତ ନିକଟସ୍ଥ ମେଡିକାଲ ଟିମ୍‌କୁ ଖବର ଦିଆଯିବ ବୋଲି ବ୍ୟବସ୍ଥା ହୋଇଛି । ସେହିପରି ବିଦେଶାଗତ ପର୍ଯ୍ୟଟକଙ୍କ ପ୍ରତି ସ୍ୱତନ୍ତ୍ର ନଜର ରଖାଯିବ । ଏଥିସହିତ କର୍ମଚାରୀଙ୍କୁ ସ୍ୱଚ୍ଛତା ପ୍ରତି ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, କରୋନା ରୋଗକୁ ଦୃଷ୍ଟିରେ ରଖି ଚନ୍ଦକାସ୍ଥିତ ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି। ତେବେ ଭିତରକନିକାକୁ ବନ୍ଦ ପାଇଁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବା ଡିଏଫଓ ଦାଶ ପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡ଼ା ସହରରେ ପଞ୍ଚୁଦୋଳ



ମେଳଣରେ ଶ୍ରୀଜୀଉମାନେ ।

କେନ୍ଦ୍ରାପଡା ଅଫିସ, ୧୪।୩

କେନ୍ଦ୍ରାପଡ଼ା ସହରରେ ପଞ୍ଚୁଦୋଳ ଓ ହୋଲି ଖେଳ ଶନିବାର ପାଳିତ ହୋଇଯାଇଛି । ତେବେ କରୋନା ଭାଇରସ ଭୟରେ ଚଳିତବର୍ଷ ହୋଲି ଖେଳ ଫିକା ପଡିଥିଲା । ସହରର ପୁରୁଣା ବସଷ୍ଟାଣ୍ଡରେ ରବିବାର ରାତିରୁ ଶ୍ରୀଜୀଉଙ୍କ ମେଳଣ ଆରମ୍ଭ ହୋଇଥିଲା। ଏଥିରେ ଗରାପୁରସ୍ଥ ରଘୁନାଥଜୀଉ ଥାନପତି ଭାବେ ପୂଜା ପାଇଥିଲେ । ପାହାଡପୁର ମଠ, ଚାଟରାପାଟଣାର ଶ୍ରୀ ଗୋବିନ୍ଦଜୀଉ, ଗଣାମାହାଲର ଶ୍ରୀ ବିନୋଦ ବିହାରୀ, କୁଶିଆପାଳର ଲଛମନଜୀଉ, ଠାକୁରହାଟ ଚୁଲିସାହି, ବାସୁଳେଇ ବୁଢା ଗୋସେଇଁ, ମାରୱାଡି ପଟି ଲକ୍ଷ୍ମୀନାରାୟଣ, ଜୟପୁରା ରାଧାକୃଷ୍ଣଙ୍କ ସମେତ ୨୦ ଉର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ । ଶନିବାର ପ୍ରତ୍ୟୁଷରେ ଭୋଗ ଲାଗି ହେବା ପରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ଛାମୁ ମେଳଣ ପଡିଆକୁ ଯାତ୍ରା କରିଥିଲେ । ଏହାକୁ ମେଳଣ କମିଟିର ଭୀମସେନ ବେହେରା, ଭକ୍ତପ୍ରସାଦ ସାହୁ, ଉପେନ୍ଦ୍ର ବେହେରା, ସଚ୍ଚିକାନ୍ତ ବେହେରା, ରବୀନ୍ଦ୍ର ମହାପାତ୍ର, ସନାତନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ । ଏହି ମେଳଣ ଆରମ୍ଭରୁ ସହରରେ ହୋଲି ଉତ୍ସବ ଆରମ୍ଭ ହୋଇଥିଲା । ସହରରେ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା ।

### ଗୁରୁପୂଜନ, ବନ୍ଧୁମିଳନ ଉତ୍ସବ

ରାଜନଗର,୧୪।୩(ଡି.ଏନ.ଏ.)

ରାଜନଗର ବ୍ଲକ ଇଶ୍ୱରପୁର ଗ୍ରାମ ପଞ୍ଚାୟତ ଦିଗିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୧୦ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ରାଉଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କ ପାଦଧୋଇ ପୂଜା କରିଥିଲେ। ଏହି ଅବସରରେ ଶିକ୍ଷକ ବିଷ୍ଣୁଚରଣ ବାରିକ, ସୁରେଶ ଦାଶ, ବ୍ରଜକିଶୋର ମିଶ୍ର, ପୀତାମ୍ବର ଦାସ, ଦର୍ପ ନାରାୟଣ ନାୟକ, ରମାକାନ୍ତ ପଣ୍ଡା, ଦୀନବନ୍ଧୁ ରାଉତ, କ୍ଷୀତିଶ ଚନ୍ଦ୍ର ପାତ୍ର, ସୀତାକାନ୍ତ ରାଉଳ, ଗୌରାଙ୍ଗ ରାଉଳ, ବସନ୍ତ ବେହେରା, ଲକ୍ଷ୍ମୀକାନ୍ତ ପାହାଡି ଓ କର୍ମଚାରୀ ରାଧାଶ୍ୟାମ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶୁତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଛାତ୍ର ମାନେ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ଏହିଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟ ପରିସରକୁ ସର୍ବଦା ସ୍ୱଚ୍ଛ ରଖିବା ସକାଶେ ଡଷ୍ଟବିନ ସ୍ଥାପନା କରାଯାଇଥିଲା।

# ୫୦ ଫୁଟ ଗଭୀର ପରିତ୍ୟକ୍ତ ଟାଙ୍କିରେ ପଡ଼ି ଶିଶୁ ମୃତ

ରାଜକନିକା,୧୪।୩ (ଡି.ଏନ.ଏ)

ଶନିବାର ଘର ପାଖ ଏକ ପରିତ୍ୟକ୍ତ ଟାଙ୍କିରେ ପଡି ଜଣେ ୫ ବର୍ଷୀୟ ଶିଶୁପୁତ୍ରର ଅକାଳ ମୃତ୍ୟୁ ଘଟିଛି । ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତର ମଳିକସାହି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି।

ପ୍ରକାଶ ଯେ, ଅପରାହ୍ନରେ ଉକ୍ତ ସାହିର ରୁଦ୍ରଭୂଷଣ ମଳିକଙ୍କ ଏକମାତ୍ର ପୁଅ ଘର ପାଖ ଜଣେ ବ୍ୟକ୍ତିଙ୍କ ଘରକୁ ଟ୍ୟୁଶନ ହେବା ପାଇଁ ଯାଇଥିଲେ । ଟ୍ୟୁଶନ ସରିବା ପରେ ଘରକୁ ଏକୁଟିଆ ଫେରିବା ବେଳେ କୌଣସି କାରଣରୁ ବାଟରେ ପଡୁଥିବା ଟାଙ୍କି ନିକଟକୁ ଯାଇଥିଲେ । ତେବେ ଅସାବଧାନତା ବଶତଃ ୫୦ ଫୁଟ ଗଭୀର ଏହି ପରିତ୍ୟକ୍ତ ଟାଙ୍କିରେ ସେ ପଡିଯାଇଥିଲେ । ପରିବାର ଲୋକେ ପୁଅ ନ ଆସିବାରୁ ଖୋଜାଖୋଜି କରି ଶେଷରେ ଘର ଠାରୁ ୨ଶହ ମିଟର ଦୂର ଟାଙ୍କିରେ ପଡିଥିବା ଦେଖିଥିଲେ । ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ, ଉଠାଜଳସେଚନ ବିଭାଗ ପକ୍ଷରୁ ଏହି ଟାଙ୍କି ନିର୍ମାଣ ହୋଇଥିଲା । ରାଜକନିକା ଅଞ୍ଚଳରେ କେନାଲ ନ ଥିବାରୁ ଚାଷୀମାନେ ଟାଙ୍କିରୁ ପାଣି ଉଠାଇ ଜମିରେ ମଡାଉଥିଲେ । ତେବେ ଦୀର୍ଘ ବର୍ଷ ହେଲା ଟାଙ୍କି ବ୍ୟବହୃତ ନ ହୋଇ ଖୋଲାମେଲା ପଡି ରହିଥିଲା । ବିଭାଗ ଅଣଦେଖା କରିବାରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



ପରିତ୍ୟକ୍ତ ଟାଙ୍କି।

# ମନର ଆବେଗକୁ ପ୍ରକାଶ କରିବାରେ କବିତା ଏକ ମାଧ୍ୟମ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୧୪।୩(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ କଲେଜ ଓଡିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କାଙ୍କ ରଚିତ ପୁସ୍ତକ 'ଭୀଷ୍ମ ପାଇଁ 'କବିତା ପୁସ୍ତକ ବୁଧବାର ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଡ. ରମେଶ କୁମାର ସାହୁ ଯୋଗଦେଇ କହିଥିଲେ ଯେ, ମନର ଆବେଗକୁ ପରିପ୍ରକାଶ କରିବାରେ କବିତା ଏକ ମାଧ୍ୟମ ହୋଇଥାଏ । ଏହି ଅବସରରେ ସେ ଆଧୁନିକ କବିତାର ବିଭିନ୍ନ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତି ଯୋଗଦେଇ ସମାଜ ସଂସ୍କାର ଦିଗରେ କବିତା ଏକ ପ୍ରମୁଖ ମାଧ୍ୟମ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ରଞ୍ଜନ କୁମାର ଗାହାଣ ପ୍ରମୁଖ ଯୋଗ ଦେଇ କବିତା ମନର ଭାବନାକୁ ପ୍ରକାଶ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରେମଲତା ରାଉତ, ଡ. ରାଜଲକ୍ଷ୍ମୀ ମହାନ୍ତି , ଡ. ଦୁଃଶାସନ ପରିଡା, ଡ. ନିରୁପମା ସ୍ୱାଇଁ, ମନୋଜ ପରିଡା, ଡ. ସୁନିଲ କୁମାର ପ୍ରଧାନ, ଡ. ଅଞ୍ଜଳି ଦାଶ ପ୍ରମୁଖ ଅଧାପିକାଅଧାପକମାନେ ଉପସ୍ଥିତ ଥିଲେ । ଶେଷରେ ଅଧାପକ ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

# ୮୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ, ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଡେରାବିଶ,୧୪।୩ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲାର ପ୍ରସିଦ୍ଧ ବାଲିଆ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଏହି ପର୍ବର ଅନ୍ତିମ ଚରଣରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଅଞ୍ଚଳର ଏହା ଶେଷ ମେଳଣ ହୋଇଥିବାରୁ ସନ୍ଧ୍ୟା ଠାରୁ ବାଲିଆ ଗ୍ରାମ ଉତ୍ସବମୁଖର ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ପିଲାଙ୍କ ପାଇଁ ରାମଦୋଳି, ଦୋକାନ ବଜାର ମେଳଣର ଆକର୍ଷଣ ପାଲଟିଥିଲା । ଅନୁକୂଳ ପାଗ ଯୋଗୁ ଏହି ମେଳଣରେ ଚଳିତ ବର୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୩ ଶହରୁ ଅଧିକ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ମେଳଣରେ ଚଳିତବର୍ଷ ୮୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

ପରମ୍ପରା ଅନୁଯାୟୀ, ସ୍ଥାନୀୟ ହରିନବାବୀ ମଠ ବିମାନ ମେଳଣର ଥାନପତି ଭାବେ ମଧ୍ୟାହ୍ନରେ ଘଣ୍ଟ ,ସଂକୀର୍ତ୍ତନ ଓ ପାରମ୍ପାରିକ ବାଦ୍ୟ ପଟୁଆର ମଧ୍ୟରେ ପଡିଆ ମଧ୍ୟରେ ପ୍ରବେଶ କରିଥିଲେ। କ୍ରମାନ୍ୱୟରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ପଟୁଆର ସହ ପଡିଆ ମଧ୍ୟରେ ପ୍ରବେଶ କରିବା ସହ ମଣ୍ଡପସ୍ଥଳରେ ଉପବେଶନ କରିଥିଲେ। ବାଲିଆ ଜମିଦାରଙ୍କ ବିମାନରେ ଶ୍ରୀ ଗୋପୀନାଥଜୀଉ ସୋମବାର ରାତି ୧୨ଟା ସୁଦ୍ଧା ମେଳଣ ପଡିଆରେ ପହଞ୍ଚିଥିଲେ। ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ବଢି ଯାଇଥିଲା। ପାରମ୍ପାରିକ ରୀତିନୀତି ଅନୁଯାୟୀ ବାଲିଆ ଜମିଦାର କାନୁନ୍‌ଗୋଙ୍କ ପରିବାର ପକ୍ଷରୁ ମାଟି ନିର୍ମିତ ପାତ୍ରରେ ଭୋଗ ଲାଗି ଓ ବିଦାକି କରା ଯାଇଥିଲା। ଏହି ମେଳଣ ୩ ଶହ ବର୍ଷ ପୂର୍ବେ ତତ୍କାଳୀନ ଜମିଦାର ଲକ୍ଷ୍ମୀଧର କାନୁନ୍‌ଗୋ, ପଦ୍ମଚରଣ କାନୁନ୍‌ଗୋ, ଶ୍ରୀଚରଣ କାନୁନ୍‌ଗୋଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଳଣ କମିଟିର ସଭାପତି ତାରାପ୍ରସାଦ କାନୁନ୍‌ଗୋ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଜମିଦାରୀ ଇଲାକାରେ ଥିବା ବିଭିନ୍ନ ମଠ ମନ୍ଦିରର ସୁପରିଚାଳନା ପାଇଁ ତାଙ୍କ ପରିବାର ପକ୍ଷରୁ ଜମିଦାନ କରା ଯାଇଥିଲା। ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ତାଙ୍କ ପୂର୍ବଜ ଏହି ମେଳଣ ଆରମ୍ଭ କରିଥିଲେ। ମେଳଣର ଅନ୍ୟତମ ପରିଚାଳକ ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ କହିଛନ୍ତି ଯେ, ପୂର୍ବଜଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ମେଳଣର କଳେବର ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ମେଳଣ ବର୍ତ୍ତମାନ ଆମ ଅଞ୍ଚଳର ଏକ ଗଣପର୍ବରେ ପରିଣତ ହୋଇଛି। ମେଳଣ ପରିଚାଳନା କମିଟିର ସମ୍ପାଦକ ଦେବକୀ ନନ୍ଦନ ମିଶ୍ରଙ୍କ ସୂଚନା ଅନୁଯାୟୀ ବିଭିନ୍ନ ଗ୍ରାମରୁ ଆସୁଥିବା ବିମାନ ସହ ଠାକୁରବାଡି ପ୍ରତିନିଧି ଓ ଗ୍ରାମବାସୀ ମେଳଣରେ ଏକାଠି ହୋଇଥାନ୍ତି । ଏଥିସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଏବଂ ପରସ୍ପରକୁ ଅବିର ବୋଳି ଭାଇଚାରା ସୃଷ୍ଟି ଏହି ମେଳଣର ବିଶେଷତ୍ୱ। ବାଲିଆ ସମେତ ଆଖପାଖ ଗ୍ରାମର ବାହାରେ ରହୁଥିବା ଅଧିକାଂଶ ବ୍ୟକ୍ତି ନିଜ ପରିବାର ସହ ମେଳଣ ପାଇଁ ନିଜ ଘରକୁ ଆସିବା ଦେଖିବାକୁ ମିଳିଥାଏ । ଚଳିତବର୍ଷ ବିଳମ୍ବିତ ରାତିରେ ମେଳଣ ଶେଷ ହେବା ପରେ କମିଟି ପକ୍ଷରୁ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ସେବା ସମିତି ସମେତ ବହୁ ସମାଜିକ ଅନୁଷ୍ଠାନର ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



ବିମାନକୁ ଶ୍ରଦ୍ଧାଳୁମାନେ ମେଳଣ ପଡିଆକୁ ନେଉଛନ୍ତି ।

# ଆଶଙ୍କାରେ ଜୀବନ





**ବର୍ତ୍ତମାନ ସମଗ୍ର ପୃଥିବୀରେ ଆତଙ୍କ ଖେଳାଇ ଦେଇଛି କରୋନା ଭାଇରସ। ଚାଇନାରୁ ଆରମ୍ଭ ହୋଇଥିବା ଏହି ରୋଗ ୧୧୭ଟି ଦେଶକୁ ସଂକ୍ରମିତ ହୋଇ ଏକ ମହାମାରୀର ରୂପ ନେଇ ସାରିଛି। ଏଯାଏଁ ଏହାର କୌଣସି ଚିକିତ୍ସା ଏବଂ ଟିକା ବାହାରି ନ ଥିବାରୁ ଭୟ ଏବଂ ଆଶଙ୍କାରେ ଜନସାଧାରଣଙ୍କ ଜୀବନ। ତେବେ ଏଥିରୁ ରକ୍ଷା ପାଇବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରାକ୍ ସାବଧାନତା ଅବଲମ୍ବନ କରିବା ହିଁ ଏକମାତ୍ର ଉପାୟ ...**

କରୋନା ଭାଇରସ୍ ବର୍ତ୍ତମାନ ସମସ୍ତଙ୍କ ଲାଗି ଚିନ୍ତାର କାରଣ ସାଜିଛି। ଏହା ବିଭିନ୍ନ ଦେଶକୁ ବ୍ୟାପିଥିବାବେଳେ ଶତାଧିକ ଲୋକଙ୍କ ଏଥିରେ ଜୀବନ ହାନି ଘଟିଲାଣି। ଆମ ଦେଶରେ ମଧ୍ୟ କରୋନା ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ହେଉଥିବାବେଳେ କର୍ଣାଟକ ଏବଂ ଦିଲ୍ଲୀରେ ଏହି ମହାମାରୀ ଦୁଇଜଣଙ୍କ ମୁଣ୍ଡ ମଧ୍ୟ ନେଇ ସାରିଲାଣି। ତେବେ ଏହାକୁ ଆଖିଆଗରେ ରଖି ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୦୫ ଅନୁସାରେ ଏହି ରୋଗକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଏଥିପାଇଁ ଆମ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ସିନେମା ହଲ୍ ଆଦିକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ତେବେ ଏହି ରୋଗକୁ ନେଇ ଜନସାଧାରଣ କିଭଳି ପ୍ରତିକ୍ରିୟା ଦେଉଛନ୍ତି ଏବଂ ସତର୍କତା ଅବଲମ୍ବନ କରୁଛନ୍ତି ଆସନ୍ତୁ ଜାଣିବା ସେମାନଙ୍କ ମୁହଁରୁ...

**ରୋଜାଲିନ ପଣ୍ଡା**(ସାମାଜିକ କର୍ମୀ, ପୁରୀ)– କରୋନା ଭାଇରସ୍ ଯେଉଁ ଭଳି ଭାବେ ବ୍ୟାପିବାରେ ଲାଗିଛି ଯେ କେହି ଭୟ କରିବା ସ୍ୱାଭାବିକ। ତା'ଛଡ଼ା ପୁରୀକୁ ସବୁବେଳେ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବାରୁ ସଂକ୍ରମଣକୁ ନେଇ ଆଶଙ୍କା ବୃଦ୍ଧି ପାଉଛି। ତଥାପି ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହ ଜଣେ ସାମାଜିକ କର୍ମୀ ଭାବେ ଜନସାଧାରଣଙ୍କୁ ମଧ୍ୟ ଏ ଦିଗରେ ସଚେତନ କରାଉଛି।

**ଦୀପାମୁଦ୍ରା ମହାନ୍ତି**(ଛାତ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ)– ଚାରିଆଡ଼େ ଏବେ କରୋନା ଆତଙ୍କ। ଆଉ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଦିଆଯିବା ନିଶ୍ଚିତ ଭାବେ ରାଜ୍ୟ ସରକାରଙ୍କ ଏକ ଉତ୍ତମ ପଦକ୍ଷେପ। ହେଲେ ସରକାର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ। କହିବାର ତାତ୍ପର୍ଯ୍ୟ ଆଗକୁ ପରୀକ୍ଷା ଆସୁଛି, ତେଣୁ ଶିକ୍ଷାନୁଷ୍ଠାନ ଖୋଲିବା ପରେ ଏତେ କମ୍ ସମୟ ମଧ୍ୟରେ ପାଠ୍ୟକ୍ରମ ଶେଷ କରି ପରୀକ୍ଷା ଲାଗି ପୂର୍ବରୁ ଠିକ୍ ଭାବେ ପ୍ରସ୍ତୁତି କରିବା କଷ୍ଟ ହେବ। ତେଣୁ ସରକାରଙ୍କୁ ଏହାର କୌଣସି ବିକଳ୍ପ ବାହାର କରିବା ଦରକାର।

**ସାଗରିକା ରଥ**(ପୁରୀ)– କରୋନା ଭାଇରସ୍‌କୁ ନେଇ ମନରେ ଆଶଙ୍କା ରହିଛି। ରାଜ୍ୟ ସରକାର ଏହାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ପରେ ସମସ୍ତ ପ୍ରକାରର ସତର୍କତା ଅବଲମ୍ବନ କରୁଛି। ନିଜେ ଏବଂ ପରିବାରର ସମସ୍ତେ ବାହାରକୁ ଯିବା ବେଳେ ମାସ୍କ ବ୍ୟବହାର କରୁଛୁ। ଫେରିବା ମାତ୍ରେ ଭଲ ଭାବେ ଗୋଡ଼, ହାତ ସଫା କରୁଛୁ। ଅଧିକ ଜନଗହଳି ସ୍ଥାନକୁ ଯାଉ ନାହୁଁ। ଆମିଷ ଜାତୀୟ ଖାଦ୍ୟ ମଧ୍ୟ ଖାଉନାହୁଁ।

**ରାଜେଶ୍ୱର ନାୟକ**(ଛାତ୍ର, ଆନନ୍ଦପୁର, କେନ୍ଦୁଝର)– କରୋନା ଭାଇରସ୍‌ର ବୃଦ୍ଧି ପାଉଥିବା ସଂକ୍ରମଣ ସମସ୍ତଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରି ଦେଇଛି। ତେଣୁ ସୁରକ୍ଷା ଲାଗି ମାର୍ଚ୍ଚ ୩୧ ଯାଏ କଲେଜ ବନ୍ଦ କରାଯାଇଛି। ରେଭେନ୍ସା କଲେଜରେ ପାଠ ପଢ଼ା ଲାଗି କେନ୍ଦୁଝରରୁ ଆସିଥିବାରୁ ହଷ୍ଟେଲରେ ରହିବାକୁ ପଡୁଛି। ବର୍ତ୍ତମାନ କଲେଜ ବନ୍ଦ ହୋଇଥିଲେ ସୁଦ୍ଧା ଏ ଯାଏ ହଷ୍ଟେଲ ବନ୍ଦ କରାଯାଇ ନାହିଁ। ଭଲ ପାଠ ପଢ଼ିବାକୁ ହେଲେ ମଣିଷ ସୁସ୍ଥ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଘର ଲୋକ ସଚେତନ କରାଇବା ସହ ତୁରନ୍ତ ଘରକୁ ଫେରିଯିବାକୁ କହୁଛନ୍ତି। ପରୀକ୍ଷା ପାଖେଇ ଆସୁଥିବାରୁ ହଷ୍ଟେଲ ବନ୍ଦ ଘୋଷଣା କରାଗଲେ ଘରକୁ ଯାଇ ପରୀକ୍ଷା ପ୍ରସ୍ତୁତି କରିବି।



ସାଗରିକା



ରାଜେଶ୍ୱର



ରୋଜାଲିନ



ଦୀପାମୁଦ୍ରା

## ସତର୍କତା...

କରୋନା ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ଏହାର ସଂକ୍ରମଣ ରୋକିବା ଲାଗି ପରିଚ୍ଛନ୍ନତା ଏବଂ ଅନ୍ୟ କେତେକ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...

- ବର୍ତ୍ତମାନ ପାଣି ପାଗ ପରିବର୍ତ୍ତନ ଯୋଗୁ ଅନେକଙ୍କ ଠାରେ ଥଣ୍ଡା, କାଶ, ଛିଙ୍କ, ଜ୍ୱର ସମସ୍ୟା ଦେଖିବାକୁ ମିଳୁଛି। ତେବେ କରୋନା ଭାଇରସ୍ ଆକ୍ରାନ୍ତଙ୍କଠାରେ ମଧ୍ୟ ଏହିଭଳି ଲକ୍ଷଣ ଦେଖା ଦେଉଥିବାରୁ ଲୋକେ ଆତଙ୍କିତ ହେଉଛନ୍ତି। ତେଣୁ ଏଭଳି କୌଣସି ଲକ୍ଷଣ ଦେଖିଲେ ଭୟ ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରନ୍ତୁ।
- ଭାଇରସ୍ ସଂକ୍ରମଣ ନ ହେବା ଲାଗି ହାତକୁ ଭଲ ଭାବେ ସାବୁନ କିମ୍ବା ହ୍ୟାଣ୍ଡୱାଶ୍‌ରେ ସଫା କରନ୍ତୁ। ସାର୍ବଜନୀନ ସ୍ଥାନରେ ଥିବା ଟ୍ୟାପ୍, ଡୋର ହ୍ୟାଣ୍ଡେଲ, ଲିଫ୍ଟର ବଟନ୍ ଆଦି ଯଥା ସମ୍ଭବ ଛୁଇଁବାଠାରୁ ବଞ୍ଚନ୍ତୁ। କାରଣ ଏଭଳି ସ୍ଥାନରେ ଭାଇରସ୍ ଅଧିକ ଦିନ ଜୀବିତ ରହିଥାନ୍ତି ଏବଂ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ଯଦି ନିହାତି ଏସବୁ ଛୁଇଁବାକୁ ପଡୁଛି ସଙ୍ଗେ ସଙ୍ଗେ ଆଲକହଲ୍ ବେସ୍‌ଡ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରନ୍ତୁ।
- ବାରମ୍ବାର ମୁହଁ, ନାକ, ଆଖି ଆଦିକୁ ସ୍ପର୍ଶ କରନ୍ତୁ ନାହିଁ। ବିଶେଷ କରି ବାହାରକୁ ଯିବା ସମୟରେ ଏପରି କରିବାଠାରୁ ଦୂରେଇ ରୁହନ୍ତୁ। ଏହାଦ୍ୱାରା ସଂକ୍ରମଣର ଆଶଙ୍କା ବେଶି।
- ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରୁଥିଲେ ମୁହଁରେ ମାସ୍କ ଲଗାନ୍ତୁ। ଏଥିପାଇଁ ସାଧାରଣ ସର୍ଜିକାଲ୍ ମାସ୍କ ବଦଳରେ ଏନ୍୯୫ କିମ୍ବା ଏନ୍୯୯ ମାସ୍କ ଲାଭଦାୟକ। ଯଦି ମାସ୍କ ନାହିଁ ତେବେ ସଫା ରୁମାଲ ମୁହଁରେ ବାନ୍ଧନ୍ତୁ ଏବଂ କୌଣସି ଥଣ୍ଡା, କାଶ, ଛିଙ୍କ ରୋଗୀଙ୍କ ପାଖରେ ଯେପରି ନ ଠିଆହେବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ବର୍ତ୍ତମାନ କାହା ସହ ହ୍ୟାଣ୍ଡସେକ୍ ବା ହାତମିଳାଇବା ଠାରୁ ଦୂରେଇ ରୁହନ୍ତୁ। କାରଣ ଭାଇରସ୍ ହାତରେ ସବୁଠୁ ଅଧିକ ସଂକ୍ରମିତ ହେବାର ଆଶଙ୍କା ରହିଛି।
- ବସ୍‌ଷ୍ଟାଣ୍ଡ, ଏୟାରପୋର୍ଟ, ରେଲୱେ ଷ୍ଟେଶନ୍, ଫିଲ୍ମ ହଲ୍, ଶପିଂ ମଲ୍ ଭଳି ଜନଗହଳି ସ୍ଥାନକୁ ଯଥା ସମ୍ଭବ କମ୍ ଯିବାକୁ ଚେଷ୍ଟା କରନ୍ତୁ। ସେହିପରି ବିବାହ କିମ୍ବା ଅନ୍ୟାନ୍ୟ ଗହଳି ଫଙ୍କ୍ସନଠୁ ଦୂରେଇ ରହିବା ବି ବର୍ତ୍ତମାନ ବୁଦ୍ଧିମାନର କାମ।



---

ୟୁଥ୍ ଆଲର୍ଟ

# ଗାଡ଼ି ଚଳାଉଥିଲେ...

**ବର୍ତ୍ତମାନ ଯାନବାହନଜନିତ ଦୁର୍ଘଟଣା ସଂଖ୍ୟା ବଢୁଛି। ଯେଉଁଥିରେ ସର୍ବାଧିକ ସଂଖ୍ୟାରେ ଯୁବପିଢ଼ି କ୍ଷତିଗ୍ରସ୍ତ ହେଉଥିବାର ଦେଖିବାକୁ ମିଳୁଛି। ତେବେ କେଉଁ ସବୁ ଦିଗ ପ୍ରତି ସଚେତନ ହେଲେ ସୁରକ୍ଷିତ ଭାବେ ଯାତ୍ରା କରିପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...**

- ଜଣେ ଦକ୍ଷ ଚାଳକ ହେବାକୁ ଚାହୁଁଥିଲେ ପ୍ରଥମେ ଗାଡ଼ି ଚଲାଇବା ଭଲ ଭାବେ ଅଭ୍ୟାସ କରନ୍ତୁ। ଚଲାଇବା ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖନ୍ତୁ। ଏଥିପାଇଁ ପ୍ରଥମେ ସମସ୍ତ ଟ୍ରାଫିକ୍ ନିୟମକୁ ଜାଣନ୍ତୁ ଏବଂ ପାଳନ ମଧ୍ୟ କରନ୍ତୁ। ସେହିପରି ନିଜେ ମଧ୍ୟ ହେଲମେଟ୍ ପିନ୍ଧିବା ସହ ଆବଶ୍ୟକ ସ୍ଥଳେ ହର୍ନ, ଇଣ୍ଡିକେଟର ଆଦିର ବ୍ୟବହାର କରନ୍ତୁ।
- ଅସତର୍କ ବା ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର ଏକ ବଡ଼ କାରଣ। ତେଣୁ ଗାଡ଼ି ଚଲାଇବା ସମୟରେ ସଜାଗ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗାଡ଼ି ଚଲାଇବା ସମୟରେ ଆଦୌ ଅନ୍ୟମନସ୍କ ନ ହୋଇ ରାସ୍ତା ଉପରେ ଧ୍ୟାନ ଦିଅନ୍ତୁ। ରାସ୍ତାରେ ଖାଲ, ଢିପ, ହମ୍ପସ ଆଦି ଦେଖନ୍ତୁ। ହଠାତ୍ ଜୀବଜନ୍ତୁ କିମ୍ବା ଛୋଟପିଲା ରାସ୍ତା ଉପରକୁ ଚାଲିଆସିଲେ ଗାଡ଼ିକୁ କିପରି ରୋକିବେ ସେ ଦିଗରେ ଧ୍ୟାନ ଦିଅନ୍ତୁ।
- ସୁରକ୍ଷା ଦୃଷ୍ଟିରୁ ଗାଡ଼ିର ସ୍ପିଡ୍ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। କାରଣ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ଜଣେ ଦକ୍ଷ ଚାଳକ ହେବାକୁ ଚାହୁଁଥିଲେ ପ୍ରଥମେ ସୁରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ।
- ବର୍ତ୍ତମାନ ସଡ଼କ ଦୁର୍ଘଟଣାର ଅନ୍ୟ ଏକ ପ୍ରମୁଖ କାରଣ ସାଜିଛି ମୋବାଇଲ୍ ଫୋନ୍। ତେଣୁ ଗାଡ଼ି ଚଲାଇବା ସମୟରେ ମୋବାଇଲ୍‌ରେ ଗପିବା, ସେଲ୍‌ଫି ଉଠାଇବା, ଲାଇଭ୍ ଭିଡିଓ କରିବା ଆଦିଠାରୁ ଦୂରେଇ ରୁହନ୍ତୁ। ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖନ୍ତୁ କିମ୍ବା ଅର୍ଜେଣ୍ଟ କଲ୍ ଥିଲେ ରାସ୍ତା କଡ଼ରେ ଗାଡ଼ି ଅଟକାଇ କଥା ହୁଅନ୍ତୁ।
- ଯଦି ଗାଡ଼ି ଚଲାଇବା ସମୟରେ ପଛରୁ କୌଣସି ଗାଡ଼ି ବାରମ୍ବାର ହର୍ନ ମାରୁଥାଏ କିମ୍ବା ଓଭରଟେକ୍ କରିବାକୁ ଚେଷ୍ଟା କରୁଥାଏ ତେବେ ତୁରନ୍ତ ତାକୁ ସାଇଡ୍ ଦେଇ ଦିଅନ୍ତୁ। କାରଣ ଏଭଳି କ୍ଷେତ୍ରରେ ଦୁର୍ଘଟଣା ହେବାର ଆଶଙ୍କା ବେଶି।
- ରାସ୍ତାରେ ପ୍ରତି ଗାଡ଼ିଠାରୁ କିଛି ଦୂରତ୍ୱ ରକ୍ଷା କରନ୍ତୁ। ଯାହା ଫଳରେ ହଠାତ୍ ଆବଶ୍ୟକ ସମୟରେ ଆପଣ ବ୍ରେକ୍ ଲଗାଇଲେ ଆଗ ଗାଡ଼ି ସହିତ ଧକ୍କା ହେବାରୁ ବଞ୍ଚିପାରିବେ।



---

ଜାଣନ୍ତୁ ଦୁନିଆ

# ମୋବାଇଲ୍ ଫୋନ୍...




**ସାରା ଦୁନିଆର ପ୍ରତିଟି କୋଣ ଅନୁକୋଣରେ ରହିଛନ୍ତି ମୋବାଇଲ୍ ଫୋନ୍ ଉପଭୋକ୍ତା। ଯାହାକି ଅଧିକାଂଶଙ୍କ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଏହାର ଉପଭୋକ୍ତାଙ୍କ ସଂଖ୍ୟା ଏତେ ଅଧିକ ହୋଇଥିଲେ ହେଁ ଏହା ସମ୍ପର୍କରେ ଏଭଳି କିଛି ତଥ୍ୟ ରହିଛି ଯାହା ପ୍ରାୟ ସମସ୍ତଙ୍କୁ ଜଣା ନ ଥିବା ଆସନ୍ତୁ ଜାଣିବା ଏଭଳି କିଛି ତଥ୍ୟ ସମ୍ପର୍କରେ ...**

- ମୋବାଇଲ୍ ଫୋନ୍ ଇଣ୍ଡଷ୍ଟ୍ରୀ ହେଉଛି ପୃଥିବୀର ସବୁଠୁ ଶୀଘ୍ର ବଢୁଥିବା ଇଣ୍ଡଷ୍ଟ୍ରୀ।
- ପୃଥିବୀର ସମୁଦାୟ ଲୋକ ସଂଖ୍ୟାର ପ୍ରାୟ ୮୦ ଭାଗ ହେଉଛନ୍ତି ମୋବାଇଲ୍ ଉପଭୋକ୍ତା।
- ସମୁଦାୟ ବ୍ୟବହାର ହେଉଥିବା ମୋବାଇଲ୍ ଫୋନ୍ ମଧ୍ୟରୁ ପ୍ରାୟ ୭୦ ଭାଗ ଚାଇନାରେ ଉତ୍ପାଦନ ହୋଇଥାଏ।
- ପୃଥିବୀରେ ବ୍ୟବହାର ହେଉଥିବା ସମସ୍ତ କମ୍ପ୍ୟୁଟର ତୁଳନାରେ ମୋବାଇଲ୍ ଫୋନ୍ ସଂଖ୍ୟା ପ୍ରାୟ ୫ ଗୁଣ ଅଧିକ।
- ପ୍ରଥମ ମୋବାଇଲ୍ କଲ୍ ମାର୍ଟିନ୍ କୁପରଙ୍କ ଦ୍ୱାରା ୧୯୭୩ରେ କରାଯାଇଥିଲା।
- ୧୯୯୩ରେ ବେଲ୍‌ସାଉଥ୍ ସେଲ୍ୟୁଲାର୍ ଦ୍ୱାରା ଫ୍ଲୋରିଡ଼ାର ୱେରଲେସ୍ ୱାର୍ଲ୍ଡ କନ୍‌ଫରେନ୍ସରେ ଆଇବିଏମ୍ ଦ୍ୱାରା ଡିଜାଇନ୍ କରାଯାଇଥିବା ପୃଥିବୀର ପ୍ରଥମ ସ୍ମାର୍ଟଫୋନ୍ 'ସିମନ୍' ଆରମ୍ଭ କରାଯାଇଥିଲା।
- ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ସୋନିମ ଏକ୍ସପି୩୩୦୦ ଫୋର୍ସ ହେଉଛି ପୃଥିବୀର ସବୁଠୁ ଟାଣ ଫୋନ୍, ଯାହାକି ୮୪ ଫୁଟ୍ ଉଚ୍ଚତାରୁ ତଳେ ପଡ଼ିବା ପରେ ମଧ୍ୟ ସେଥିରେ କୌଣସି ଅପରେଶନାଲ୍ ଡ୍ୟାମେଜ ହୋଇ ନ ଥିଲା।
- ଆପୋଲୋ ୧୧ ସାଟେଲାଇଟ୍‌କୁ ଚନ୍ଦ୍ରରେ ଅବତରଣ କରିବା ଲାଗି ବ୍ୟବହୃତ କମ୍ପ୍ୟୁଟର ତୁଳନାରେ ବର୍ତ୍ତମାନ ବ୍ୟବହାର ହେଉଥିବା ସ୍ମାର୍ଟଫୋନ୍ ଗୁଡ଼ିକରେ ଅଧିକ କମ୍ପ୍ୟୁଟିଙ୍ଗ୍ ପାୱାର ରହିଛି।
- ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ବିକ୍ରି ହୋଇଥିବା ମୋବାଇଲ୍ ଫୋନ୍ ହେଉଛି ନୋକିଆ ୧୧୦୦।
- ଜାପାନରେ ମିଳୁଥିବା ପ୍ରାୟ ୯୦% ମୋବାଇଲ୍ ଫୋନ୍ ୱାଟରପ୍ରୁଫ୍ ହୋଇଥିବାରୁ ସେମାନେ ଗାଧୋଇବା ସମୟରେ ମଧ୍ୟ ଏହାକୁ ବ୍ୟବହାର କରି ପାରନ୍ତି।
- ଫିନ୍‌ଲାଣ୍ଡରେ ମୋବାଇଲ୍ ଫିଙ୍ଗିବାକୁ ନେଇ ଏକ କ୍ରୀଡ଼ା ଆୟୋଜନ କରାଯାଇଥାଏ।

---


## ଏ ସପ୍ତାହର ପ୍ରଶ୍ନ

୧– 'ଆଡ୍‌ଭେଞ୍ଚର ଅଫ୍ ଏ ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକ.......ଙ୍କ ଜୀବନୀ ଉପରେ ଆଧାରିତ ?
୨– ଭାରତର ପ୍ରଥମ ଗ୍ରୀନ୍‌ଫିଲ୍ଡ ସ୍କିଲ୍ ଟ୍ରେନିଂ ସେଣ୍ଟର ....... ରାଜ୍ୟରେ ପ୍ରଥମେ କାର୍ଯ୍ୟକାରୀ କରାଯିବ ?
୩– ବିଲ୍ କ୍ଲିଣ୍ଟନଙ୍କ ପୂରା ନାମ.......... ?
୪– ଭାରତର ପ୍ରଥମ ସ୍ପେସ୍ ପାର୍କ............ ରାଜ୍ୟରେ ପ୍ରତିଷ୍ଠା କରାଯିବ ?
୫– ଫ୍ଲାମିଙ୍ଗୋ ଫେଷ୍ଟିଭାଲ...... ରାଜ୍ୟରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ପଞ୍ଜାବ
୨ ଡିଜିଟାଲ୍ ସିଙ୍ଗଲ୍ ଲେନ୍ସ ରିଫ୍ଲେକ୍ସ
୩ ନଟବର ସିଂ
୪ ଟଏ ଷ୍ଟୋରୀ–୪
୫ ହାଇଦ୍ରାବାଦ

## ଉତ୍ତର ଦାତା



ଆକାଶ ସାହୁ, ଚାନ୍ଦବାଲି



ଇତିସ୍ମିତା ପରିଡ଼ା, ଚଣ୍ଡିଖୋଲ



ପ୍ରକାଶ ମହାରଣା, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ସିଂହଦ୍ୱାର ଆଗରେ ଶଙ୍ଖା ଭାଙ୍ଗିଲେ ମହିଳା

**ଦକ୍ଷିଣା ଟଙ୍କାକୁ ନେଇ ସେବକଙ୍କ ସହ ଗଣ୍ଡଗୋଳ**

ପୁରୀ ଅଫିସ,୧୪।୩

ଶ୍ରୀମନ୍ଦିରରେ ଦାନ, ଦକ୍ଷିଣା ଆଦାୟ ଉପରେ ସୁପ୍ରିମ୍‌କୋର୍ଟ ରୋକ୍ ଲଗାଇଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ କୌଣସି ପ୍ରକାର ଜୁଲମ୍ କରାଯାଇ ପାରିବ ନାହିଁ। ଥାଳି ପକାଇ କେହି ଦକ୍ଷିଣା ଆଦାୟ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି କଟକଣା ପରେ ଯଦିଓ ଦାନ, ଦକ୍ଷିଣା ଆଦାୟକୁ ନେଇ ପୂର୍ବଭଳି ଅଭିଯୋଗ ଜଣାପଡୁନାହିଁ କିନ୍ତୁ ଏବେ ବି ବିଭିନ୍ନ ସ୍ଥାନରେ ଥାଳି ରଖାଯାଇଛି। ଏଥିରେ ବି ଭକ୍ତମାନେ ଦକ୍ଷିଣା ପକାଉଛନ୍ତି। ଏହି ଦକ୍ଷିଣା ଅର୍ଥକୁ ନେଇ ଶନିବାର ସିଂହଦ୍ୱାର ସମ୍ମୁଖରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ସେବକ ଏବଂ ଜଣେ ମହିଳାଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡଗୋଳ ହୋଇଛି। ଏପରି କି ମହିଳା ଜଣଙ୍କ ଉତ୍‌କ୍ଷିପ୍ତ ହୋଇ ତାଙ୍କ ହାତରୁ ଶଙ୍ଖା ଖୋଲି ସିଂହଦ୍ୱାର ସମ୍ମୁଖରେ ଫୋପାଡ଼ି ଭାଙ୍ଗି ଦେଇଥିଲେ।

ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭ କଡ଼ରେ ଥାଳି ରଖାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଥମେ ଅରୁଣ ସ୍ତମ୍ଭକୁ ଛୁଇଁ ଦର୍ଶନ କରିବା ସହ ଥାଳିରେ ଦକ୍ଷିଣା ପକାଇଥାନ୍ତି। ଏହାପରେ ମନ୍ଦିର ଭିତରକୁ ପ୍ରବେଶ କରିଥାନ୍ତି। ଶନିବାର ସକାଳେ ଜଣେ ମହିଳା ଭକ୍ତ ଅରୁଣ ସ୍ତମ୍ଭ ନିକଟରେ ଥିବା ଦକ୍ଷିଣା ଥାଳିରୁ ପଇସା ଚୋରି କରୁଥିବା ଅଭିଯୋଗ କରି ଜଣେ ସେବକ ତାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କ ହାତକୁ ମୋଡ଼ି ଦେବା ସହ ତାଙ୍କୁ ଧକ୍କା ମାରିଥିଲେ। ଏଥିରେ ମହିଳା ଜଣଙ୍କ ଅପମାନ ବୋଧ କରିବା ସହ ଉତ୍ତେଜିତ ହୋଇପଡ଼ିଥିଲେ। ହାତରେ ପଥର ଖଣ୍ଡିଏ ଧରି ସମ୍ପୃକ୍ତ ସେବକଙ୍କୁ ଆକ୍ରମଣ କରିବା ଲାଗି ଗୋଡ଼ାଇଥିଲେ। ଏପରି କି ତାଙ୍କ ଉପରକୁ ପଥର ଫୋପାଡ଼ିବାକୁ ଉଦ୍ୟମ କରିଥିଲେ। ସିଂହଦ୍ୱାର ନିକଟରେ ଥିବା ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ମହିଳାଙ୍କୁ ବୁଝାଶୁଝା କରି ପଥର ଛଡ଼ାଇ ନେଇଥିଲେ। ହେଲେ ଏତିକିରେ ମହିଳାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ତାଙ୍କ ହାତରୁ ଶଙ୍ଖା ଖୋଲି ଅରୁଣସ୍ତମ୍ଭ ନିକଟକୁ ଫିଙ୍ଗିଥିଲେ। ଲୁହା ବ୍ୟାରିକେଡ଼ରେ ବାଜି ଶଙ୍ଖା ଭାଙ୍ଗି ତଳେ ପଡ଼ିଥିଲା। ଦର୍ଶନ ପାଇଁ ଯାଉଥିବା ଭକ୍ତମାନେ କିଛି ସମୟ ଅଟକି ଏହାକୁ ଦେଖିଥିଲେ।

# ଷ୍ଟ୍ରେଚରରେ ବୁହାହେବା ବେଳେ ରାସ୍ତାରେ ପ୍ରସବ



ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ନଦୀ ପାର କରାଯାଉଛି।

**୨ ସନ୍ତାନ ମଧ୍ୟରୁ ଆଖି ବୁଜିଲା ଶିଶୁକନ୍ୟା**

ଟିକିରି/ରାୟଗଡ଼ା ଅଫିସ, ୧୪।୩(ଡି.ଏନ୍.ଏ.)

ଗାଁକୁ ରାସ୍ତା ନ ଥିଲା। ଅଧାବାଟରେ ଆସି ଅଟକି ରହିଲା ୧୦୨ ଆମ୍ବୁଲାନ୍ସ। ଗାଁରୁ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ୩ କିମି ବାଟ ବୋହି ନଦୀ ପାର ହୋଇ ଆମ୍ବୁଲାନ୍ସ ପାଖେ ପହଞ୍ଚିବା ପୂର୍ବରୁ ହେଲା ପ୍ରସବ। ରାସ୍ତାରେ ହିଁ ଦୁଇଟି ସନ୍ତାନକୁ ଜନ୍ମଦେଲେ ଗର୍ଭବତୀ। କିନ୍ତୁ ଦୁର୍ଭାଗ୍ୟ, ଦୁଇଟି ସନ୍ତାନ ମଧ୍ୟରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଜନନୀ ଯନ୍ତ୍ରଣାର ଏଭଳି ଚିତ୍ର ଜିଲାବାସୀଙ୍କୁ ବ୍ୟଥିତ କରିଛି।

ସୂଚନା ଅନୁଯାୟୀ, କାଶୀପୁର ବ୍ଲକ କୋଡ଼ପାରି ପଞ୍ଚାୟତ ଅଡ଼ାଜାଲ ଗ୍ରାମର ଜାମା ମାଝିଙ୍କ ପତ୍ନୀ ଫଗୁଣୀ ମାଝି ଗର୍ଭବତୀ ଥିଲେ। ଶନିବାର ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ଜାମା ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବାରୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ଅଧାବାଟରେ ଆସି ଅଟକି ରହିଥିଲା ଆମ୍ବୁଲାନ୍ସ। ଫଳରେ ବାଧ୍ୟହୋଇ ଜାମା ଗ୍ରାମର କେତେକ ମହିଳା ଓ ଆଶାକର୍ମୀଙ୍କ ସହଯୋଗରେ ଫଗୁଣୀଙ୍କୁ ଷ୍ଟ୍ରେଚରରେ ନଦୀ ପାର କରି ୩ କିମି ଦୂର ଆମ୍ବୁଲାନ୍ସ ନିକଟକୁ ନିଆଯାଉଥିଲା। କିନ୍ତୁ ତା' ପୂର୍ବରୁ ରାସ୍ତାରେ ହିଁ ଫଗୁଣୀ ଦୁଇଟି ସନ୍ତାନକୁ ଜନ୍ମ ଦେଇଥିଲେ। ଭାଗ୍ୟର ବିଡ଼ମ୍ବନା, ଘଟଣାସ୍ଥଳରେ ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା। ପରେ ଆମ୍ବୁଲାନ୍ସରେ ମା' ଓ ଶିଶୁପୁତ୍ରକୁ ୪୦ କିମି ଦୂର ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଉଭୟେ ସୁସ୍ଥ ଥିବା ଜଣାପଡ଼ିଛି।

# କ୍ଷୀର ମୂଲ୍ୟ ନିର୍ଦ୍ଧାରଣ କରିବ ଓମ୍‌ଫେଡ୍

**ମିଳିପାରେ ସ୍ୱାଧୀନତା**

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

ବର୍ତ୍ତମାନ ବଜାରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ (ଓମ୍‌ଫେଡ୍)ର ବିଭିନ୍ନ ସାମଗ୍ରୀର ସ୍ୱତନ୍ତ୍ର ଚାହିଦା ରହିଛି। ହେଲେ ଏବେ ପ୍ରତିଯୋଗିତା ଓ ଖର୍ଚ୍ଚ ବଢ଼ି ଚାଲିଥିବାରୁ ଓମ୍‌ଫେଡ୍ ତା'ର ସ୍ଥିତିକୁ କିପରି ଦୃଢ଼ ରଖିବ ସେଥିପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ତେଣୁ ସର୍ବାଧିକ ବିକ୍ରି ହେଉଥିବା କ୍ଷୀରର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଓମ୍‌ଫେଡ୍‌କୁ ସ୍ୱାଧୀନତା ପ୍ରଦାନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଏବେ ବିଭିନ୍ନ କମ୍ପାନୀର କ୍ଷୀର ଉପଲବ୍ଧ ରହୁଛି। ସେମାନେ ବଜାରର ଆବଶ୍ୟକତାକୁ ନଜର ରଖି ଓ ପ୍ରତିଦ୍ୱନ୍ଦିତା କରି ଦର ବୃଦ୍ଧି କରିବାରେ ଲାଗିଛନ୍ତି। କିନ୍ତୁ ଓମ୍‌ଫେଡ୍ ଦର କମ୍ ରହିବାରୁ ଦୁଗ୍ଧ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାକୁ ଆଖି ଆଗରେ ରଖି ଓମ୍‌ଫେଡ୍‌କୁ କ୍ଷୀର ମୂଲ୍ୟ ନିର୍ଣ୍ଣୟ ଦାୟିତ୍ୱ ଦେବାକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ କରାଯାଇଛି।

# ହାତଧୁଆ ଭିଡିଓ ଛାଡ଼ିଲେ ରଣେନ୍ଦ୍ର

**କରୋନା ସଚେତନତା**

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

କରୋନା ସଂକ୍ରମଣର ପ୍ରତିଷେଧକ ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ନିଆଯାଇଛି। ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଧାନସଭା ପରିସରରେ ହାତଧୋଇ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କରିଥିଲେ। ଏହାର ଦିନକ ପରେ ରାଜ୍ୟ କ୍ୟାବିନେଟ୍‌ର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ହାତଧୁଆ ଭିଡିଓ ନିଜ ଟୁଇଟର ଆକାଉଣ୍ଟରେ ଛାଡିଛନ୍ତି। ଟୁଇଟ୍ ମାଧ୍ୟମରେ ରଣେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୨୦ ସେକେଣ୍ଡ ହାତଧୁଆ ବାର୍ତ୍ତାକୁ ସମସ୍ତେ ପାଳନ କରିବା ଉଚିତ। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ #safehandchallengeର ପ୍ରଚାର ପ୍ରସାର କରିବାକୁ ଯୋଗାଣ ମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଇରାନ୍‌ରେ ୨୪ ଘଣ୍ଟାରେ ଗଡ଼ିଲା ୯୭ ମୁଣ୍ଡ

ତେହେରାନ୍, ୧୪।୩(ପି.ଟି.): ଇରାନ୍‌ରେ ଭୟଙ୍କର ଭାବେ ମାଡ଼ିଚାଲିଛି କରୋନା ମୃତ୍ୟୁସଂଖ୍ୟା। ଗତ ୨୪ ଘଣ୍ଟା ମଧ୍ୟରେ ୯୭ ଜଣଙ୍କ ମୁଣ୍ଡ ନେଇଛି ଏହି ଭୂତାଣୁ। ଏହାକୁ ମିଶାଇ ଦେଶରେ ମୃତ୍ୟୁସଂଖ୍ୟା ୬୧୧କୁ ବୃଦ୍ଧି ପାଇଥିବା ବେଳେ ୧୨,୭୨୯ ବ୍ୟକ୍ତି ସଂକ୍ରମିତ ଥିବା ଜଣାପଡ଼ିଛି। ମଧ୍ୟପ୍ରାଚ୍ୟରେ ଏହି ଦେଶ ସର୍ବାଧିକ କରୋନା ପ୍ରଭାବିତ ଅଞ୍ଚଳ ଭାବେ ଉଭା ହୋଇଛି। ଏଠାରେ ଅନେକ ବରିଷ୍ଠ ଅଧିକାରୀ ମଧ୍ୟ କରୋନା ସଂକ୍ରମିତ। ସୌଦି ଆରବ ପକ୍ଷରୁ ଏହି ଦେଶକୁ ଦୁଇ ସପ୍ତାହ ଲାଗି ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ କରାଯାଇଛି। ଇରାନ୍‌ରେ ଏଭଳି ସ୍ଥିତିକୁ ନେଇ ବିଭିନ୍ନ ଉପସାଗରୀୟ ଦେଶଗୁଡ଼ିକ ଚିନ୍ତାରେ ପଡ଼ିଯାଇଛନ୍ତି। ୟୁଏଇ ପକ୍ଷରୁ କର୍ମଚାରୀଙ୍କୁ ୨ ସପ୍ତାହ ଲାଗି ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୟସ୍କଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ମଧ୍ୟ ଦିଆଯାଇଛି। ଆବୁଧାବିରେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଟୁରିଷ୍ଟ ରେଷ୍ଟୁରାଣ୍ଟ ଓ ନାଇଟ୍ କ୍ଲବକୁ ବନ୍ଦ ରଖାଯାଇଛି। ପୂର୍ବ ନିର୍ଦ୍ଧାରିତ ସମସ୍ତ କାର୍ଯ୍ୟକ୍ରମ ସାଂସ୍କୃତିକ ସନ୍ଧ୍ୟାକୁ ବନ୍ଦ କରାଯାଇଛି। ପରିସ୍ଥିତିର ମୁକାବିଲା ସହ ଲୋକମାନଙ୍କୁ ସଚେତନ କରାଇବା ସହ ଚିକିତ୍ସା ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No RDM-LAC-KNJ-0033-2019/ 23635 R&DM, Dated 13 AUG 2019**

**No. V-108:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ବର୍ଦ୍ଧନା,** ଥାନା: ବାରିଆ, ତହସିଲ- ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତପସିଲ ମତେ ପ୍ରାୟ **ଏ ୩୪.୮୮** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ-୨, ରିମୁଳି, କେନ୍ଦୁଝର।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଚମ୍ପୁଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଚମ୍ପୁଆ | ବର୍ଦ୍ଧନା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୪.୮୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମି ଅଧିସୂଚନା ଜମି ରକବା ମଧ୍ୟରୁ ଏକର ୩.୧୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନୁପୁର ଜଳସେଚନ କେନାଲ, ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**
**ମୌଜା- ବର୍ଦ୍ଧନା, (ଗ୍ରାମାଞ୍ଚଳ), ଥାନା-ବାରିଆ, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରର**
**କାନୁପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍ ମାଇନର କେନାଲ ନିର୍ମାଣ ନିମନ୍ତେ**

| ଖାତା ନଂ | ସ୍ୱତ୍ୱ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୨ | ରୟତି | ୭୬୮ | ତଇଲା ଏକ | ୦.୧୬ | ୦.୧୬ | ଆସ୍ଥାନ ମାଝି, ପି: ଗଙ୍ଗା ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | | ୭୬୯ | ଶାରଦ ତିନି | ୦.୨୧ | ୦.୦୮ | |
| | | ୭୮୦ | ତଇଲା ଏକ | ୦.୨୬ | ୦.୧୮ | |
| | | ୭୮୫ | ତଇଲା ଏକ | ୦.୨୧ | ୦.୦୪ | |
| ୧୧ | ରୟତି | ୮୯୨ | ଶାରଦ ତିନି | ୦.୪୧ | ୦.୨୧ | ଖଗେଶ୍ୱର ବେହେରା ଓଗେର |
| | | ୯୩୪ | ଶାରଦ ତିନି | ୦.୬୪ | ୦.୦୯ | |
| ୧୫ | ରୟତି | ୯୬୦ | ଶାରଦ ତିନି | ୦.୦୧ | ୦.୦୧ | ଗୁରୁଚରଣ ମହାନ୍ତ |
| | | ୯୬୧ | ଶାରଦ ତିନି | ୦.୦୨ | ୦.୦୨ | |
| | | ୧୩୯୪ | ଶାରଦ ଏକ | ୦.୦୧ | ୦.୦୧ | |
| ୧୬ | ରୟତି | ୯୪୭ | ଶାରଦ ତିନି | ୦.୧୮ | ୦.୦୬ | ଗୁରୁଚରଣ ମହାନ୍ତ ଓଗେର |
| | | ୯୫୮ | ଶାରଦ ତିନି | ୦.୨୦ | ୦.୦୬ | |
| | | ୯୫୯ | ଶାରଦ ତିନି | ୦.୧୮ | ୦.୦୬ | |
| ୧୮ | ରୟତି | ୫୩୩ | ତଇଲା ଏକ | ୦.୩୪ | ୦.୨୨ | ଗୌରାଙ୍ଗ ମାଝି |
| ୧୯ | ରୟତି | ୧୨୮୬ | ଶାରଦ ତିନି | ୦.୮୨ | ୦.୨୮ | ଗୌରାଙ୍ଗ ମାଝି ଓଗେର |
| | | ୧୫୯୨ | ଶାରଦ ତିନି | ୦.୧୫ | ୦.୦୮ | |
| ୨୦ | ରୟତି | ୫୦୭ | ଶାରଦ ଏକ | ୦.୨୬ | ୦.୨୧ | ଗୌରାଙ୍ଗ ମାଝି ଓଗେର |
| | | ୫୦୮/ ୧୬୩୪ | ଶାରଦ ଏକ | ୦.୦୨ | ୦.୦୨ | |
| ୨୩ | ରୟତି | ୩୦ | ତଇଲା ଦୁଇ | ୧.୭୧ | ୦.୫୦ | ଜଗନ୍ନାଥ ମାଝି |
| | | ୩୦ | | ୧.୭୧ | ୦.୪୩ ଗୋଚର ପ୍ରତିବଦଳ | |
| | | ୭୭୩ | ଦଣ୍ଡା | ୦.୩୪ | ୦.୧୪ | |
| | | ୯୮୬ | ଶାରଦ ତିନି | ୦.୬୯ | ୦.୦୨ | |
| | | ୯୮୭ | ଶାରଦ ତିନି | ୦.୦୮ | ୦.୦୮ | |
| | | ୧୦୨୨ | ଶାରଦ ଏକ | ୧.୧୬ | ୦.୦୬ | |
| | | ୧୧୧୮ | ଶାରଦ ତିନି | ୦.୬୯ | ୦.୧୬ | |
| | | ୧୧୧୯ | ଶାରଦ ଦୁଇ | ୫.୮୭ | ୧.୭୦ | |
| | | ୧୨୩୫ | ତଇଲା ଏକ | ୨.୪୬ | ୧.୨୮ | |
| | | ୧୨୭୭ | ତଇଲା ଏକ | ୨.୬୦ | ୧.୦୧ | |
| | | ୧୨୭୦/ ୧୬୫୪ | ତଇଲା ଏକ | ୦.୨୩ | ୦.୧୩ | |
| ୨୪ | ରୟତି | ୧୨୪୩/ ୧୬୫୬ | ତଇଲା ଏକ | ୦.୧୪ | ୦.୧୩ | ଜଗନ୍ନାଥ ମାଝି |
| | | ୧୨୮୭/ ୧୬୯୮ | ଶାରଦ ତିନି | ୦.୨୩ | ୦.୧୨ | |
| | | ୧୨୩୪/ ୧୭୩୬ | ତଇଲା ଏକ | ୦.୩୮ | ୦.୦୧ | |
| ୨୫ | ରୟତି | ୯୩୩ | ଶାରଦ ତିନି | ୦.୪୫ | ୦.୨୫ | ଜଳଧର ବାରିକ ଓଗେର |
| | | ୯୩୯ | ଶାରଦ ତିନି | ୦.୦୪ | ୦.୦୨ | |
| | | ୯୪୦ | ଶାରଦ ତିନି | ୦.୧୦ | ୦.୦୧ | |
| | | ୯୪୨ | ଶାରଦ ତିନି | ୦.୧୫ | ୦.୧୧ | |
| | | ୯୪୩ | ଶାରଦ ତିନି | ୦.୧୬ | ୦.୧୦ | |
| | | ୮୯୩ | ଶାରଦ ତିନି | ୦.୧୩ | ୦.୦୭ | |
| | | ୮୯୪ | ଶାରଦ ତିନି | ୦.୦୬ | ୦.୦୬ | |
| | | ୮୯୫ | ଶାରଦ ତିନି | ୦.୧୭ | ୦.୦୬ | |
| | | ୯୦୬ | ଶାରଦ ତିନି | ୦.୦୨ | ୦.୦୧ | |
| | | ୯୦୭ | ଶାରଦ ତିନି | ୦.୨୬ | ୦.୧୦ | |
| ୩୦ | ରୟତି | ୨୧୫ | ତଇଲା ଦୁଇ | ୦.୧୨ | ୦.୧୧ | ଦିଗାମ୍ବର ମାଝି |
| | | ୯୬୬ | ଶାରଦ ତିନି | ୦.୦୨ | ୦.୦୨ | |
| ୩୧ | ରୟତି | ୨୧୪ | ତଇଲା ଦୁଇ | ୧.୮୨ | ୧.୪୫ | ଦିଗାମ୍ବର ମାଝି ଓଗେର |
| | | ୯୨୮ | ଶାରଦ ତିନି | ୦.୫୬ | ୦.୦୮ | |
| | | ୯୬୭ | ଶାରଦ ତିନି | ୦.୫୦ | ୦.୦୬ | |
| | | ୧୦୧୫ | ଶାରଦ ଏକ | ୦.୩୭ | ୦.୧୯ | |
| | | ୧୫୦୬ | ଶାରଦ ତିନି | ୦.୧୯ | ୦.୦୨ | |
| | | ୧୫୦୮ | ଶାରଦ ତିନି | ୦.୪୩ | ୦.୪୦ | |
| | | ୧୫୦୯ | ଶାରଦ ତିନି | ୦.୦୮ | ୦.୦୮ | |
| | | ୧୫୧୦ | ଶାରଦ ତିନି | ୦.୧୮ | ୦.୦୬ | |
| | | ୧୫୧୪ | ଶାରଦ ଦୁଇ | ୨.୧୬ | ୦.୭୦ | |
| | | ୧୫୧୫ | ବିଆଳି | ୦.୩୦ | ୦.୧୪ | |
| | | ୧୫୧୬ | ଶାରଦ ତିନି | ୦.୭୦ | ୦.୧୬ | |
| | | ୧୫୧୭ | ଶାରଦ ତିନି | ୦.୩୫ | ୦.୨୦ | |
| | | ୧୫୧୮ | ଶାରଦ ତିନି | ୦.୪୪ | ୦.୨୬ | |
| | | ୧୫୧୯ | ଶାରଦ ତିନି | ୦.୩୯ | ୦.୦୧ | |
| | | ୯୬୬/ ୧୭୦୧ | ଶାରଦ ତିନି | ୦.୦୨ | ୦.୦୨ | |
| | | ୧୫୦୭/ ୧୭୦୪ | ବିଆଳି | ୦.୧୬ | ୦.୦୮ | |
| ୩୨ | ରୟତି | ୫୦୫ | ବିଆଳି | ୦.୩୮ | ୦.୦୬ | ଦିନୁ ମାଝି ଓଗେର |
| | | ୫୦୬ | ଶାରଦ ତିନି | ୦.୪୦ | ୦.୦୩ | |
| ୩୩ | ରୟତି | ୯୪୦/ ୧୬୬୧ | ଶାରଦ ତିନି | ୦.୧୮ | ୦.୦୨ | ଦିନୁ ମାଝି ଓଗେର |
| ୩୪ | ରୟତି | ୧୩୬୪ | ଶାରଦ ଏକ | ୦.୦୧ | ୦.୦୧ | ଦେବାନନ୍ଦ ମହାନ୍ତ |
| ୩୬ | ରୟତି | ୧୦୦୮ | ଶାରଦ ଏକ | ୦.୬୫ | ୦.୨୦ | ନବକିଶୋର ମହାନ୍ତ |
| | | ୧୪୦୫ | ଶାରଦ ତିନି | ୦.୦୪ | ୦.୦୪ | |
| | | ୧୪୦୭ | ଶାରଦ ଏକ | ୦.୫୮ | ୦.୧୨ | |
| ୪୦ | ରୟତି | ୨୧୦ | ତଇଲା ଦୁଇ | ୦.୪୯ | ୦.୧୧ | ନାକୁ ଖିଲାର ଓଗେର |
| | | ୪୪୭ | ଶାରଦ ଏକ | ୦.୫୯ | ୦.୦୩ | |
| | | ୪୪୮ | ଶାରଦ ଏକ | ୦.୮୩ | ୦.୦୧ | |
| | | ୫୦୮ | ଶାରଦ ଏକ | ୦.୦୯ | ୦.୦୯ | |
| | | ୫୦୯ | ଶାରଦ ଏକ | ୦.୦୯ | ୦.୦୯ | |
| | | ୫୧୧ | ତଇଲା ଏକ | ୦.୧୬ | ୦.୦୧ | |
| | | ୫୧୨ | ଶାରଦ ଏକ | ୦.୪୫ | ୦.୩୭ | |
| | | ୫୧୩ | ଶାରଦ ଏକ | ୦.୭୨ | ୦.୧୨ | |
| | | ୧୩୬୨ | ଶାରଦ ତିନି | ୦.୨୭ | ୦.୦୫ | |
| | | ୧୩୭୦ | ଶାରଦ ତିନି | ୦.୨୩ | ୦.୧୦ | |
| | | ୧୩୭୧ | ଶାରଦ ତିନି | ୦.୫୪ | ୦.୩୮ | |
| | | ୧୩୭୨ | ଶାରଦ ତିନି | ୦.୪୨ | ୦.୩୬ | |
| | | ୧୩୭୬ | ଶାରଦ ତିନି | ୦.୫୬ | ୦.୩୮ | |
| ୪୫ | ରୟତି | ୫୪୧ | ଶାରଦ ତିନି | ୦.୧୬ | ୦.୦୯ | ନୀଳାମ୍ବର ମାଝୀ |
| | | ୮୭୯ | ଶାରଦ ଦୁଇ | ୦.୧୯ | ୦.୧୯ | |
| | | ୮୮୦/ ୧୬୩୫ | ତଇଲା ଦୁଇ | ୦.୧୫ | ୦.୧୫ | |
| ୪୬ | ରୟତି | ୧୭୬ | ତଇଲା ଦୁଇ | ୦.୯୯ | ୦.୪୨ | ନୁନା ମାଝି |
| | | ୧୪୭୭ | ତଇଲା ଏକ | ୧.୫୨ | ୦.୩୩ | |
| ୪୭ | ରୟତି | ୧୨୭୬ | ଘରବାରି | ୧.୨୬ | ୦.୧୩ | ନୁନା ମାଝି ଓଗେର |
| | | ୧୪୨୫ | ଶାରଦ ତିନି | ୧.୬୨ | ୦.୧୨ | |
| | | ୧୫୭୭ | ତଇଲା ଏକ | ୧.୫୫ | ୦.୬୦ | |
| | | ୧୫୭୮ | ବିଆଳି | ୦.୪୪ | ୦.୪୦ | |
| ୫୦ | | ୩୩ | ତଇଲା ଦୁଇ | ୦.୮୫ | ୦.୧୬ | ପୀତାମ୍ବର ମାଝି ଓଗେର |
| | | ୮୮୩ | ଶାରଦ ଏକ | ୦.୫୬ | ୦.୧୦ | |
| | | ୮୮୪ | ଶାରଦ ଦୁଇ | ୦.୩୧ | ୦.୧୫ | |
| | | ୧୨୩୭ | ତଇଲା ଏକ | ୧.୦୪ | ୦.୧୮ | |
| | | ୧୨୪୧ | ତଇଲା ଏକ | ୦.୧୮ | ୦.୦୧ | |
| | | ୧୨୪୨ | ତଇଲା ଏକ | ୦.୧୧ | ୦.୦୬ | |
| | | ୧୨୮୮ | ତଇଲା ଏକ | ୦.୩୦ | ୦.୨୬ | |
| | | ୧୨୮୯ | ଶାରଦ ତିନି | ୦.୪୬ | ୦.୧୬ | |
| ୫୧ | ରୟତି | ୧୨୪୦ | ତଇଲା ଏକ | ୦.୩୩ | ୦.୨୩ | ପୀତାମ୍ବର ମାଝି |
| | | ୧୨୪୩ | ତଇଲା ଏକ | ୦.୦୮ | ୦.୦୮ | |
| | | ୧୨୬୮ | ବିଆଳି | ୦.୨୮ | ୦.୦୩ | |
| ୫୪ | ରୟତି | ୯୬୮ | ଶାରଦ ତିନି | ୦.୪୦ | ୦.୦୨ | ବାଦୁ ମାଝି |
| ୫୫ | ରୟତି | ୫୦୨ | ତଇଲା ଏକ | ୦.୬୩ | ୦.୧୫ | ବାରିସା ମାଝି |
| ୫୬ | ରୟତି | ୧ | ତଇଲା ଦୁଇ | ୦.୪୩ | ୦.୪୩ | ବାସୁମତି ମାଝି ଓଗେର |
| | | ୨୯ | ତଇଲା ଦୁଇ | ୦.୩୫ | ୦.୨୦ | |
| | | ୩୯ | ତଇଲା ଦୁଇ | ୦.୧୫ | ୦.୧୦ | |
| | | ୯୨୬ | ଶାରଦ ତିନି | ୦.୪୬ | ୦.୦୨ | |
| | | ୯୫୩ | ଶାରଦ ତିନି | ୦.୦୫ | ୦.୦୫ | |
| ୫୯ | ରୟତି | ୫୦୩ | ତଇଲା ଏକ | ୦.୫୮ | ୦.୫୮ | ବୁଦୁନି ମାଝି ଓଗେର |
| ୬୦ | ରୟତି | ୧୫୯୧ | ଶାରଦ ତିନି | ୦.୨୭ | ୦.୨୩ | ବୁଦୁନି ମାଝି ଓଗେର |
| | | ୧୫୯୩ | ଶାରଦ ତିନି | ୦.୨୭ | ୦.୦୨ | |
| | | ୧୫୯୨/ ୧୬୩୮ | ଶାରଦ ତିନି | ୦.୦୩ | ୦.୦୩ | |
| ୬୫ | ରୟତି | ୧୫୩୫ | ତଇଲା ଏକ | ୦.୩୦ | ୦.୧୩ | ମଙ୍ଗଲ ମାଝି |
| | | ୧୫୩୭ | ତଇଲା ଏକ | ୧.୮୦ | ୦.୭୨ | |
| ୬୮ | ରୟତି | ୧୪୭୮ | ତଇଲା ଏକ | ୦.୨୨ | ୦.୧୯ | ମଣିଆଁ ମାଝି ଓଗେର |
| | | ୧୪୭୯ | ଶାରଦ ତିନି | ୦.୨୬ | ୦.୧୮ | |
| | | ୧୪୮୦ | ଶାରଦ ତିନି | ୦.୨୮ | ୦.୧୪ | |
| | | ୧୪୮୧ | ତଇଲା ଏକ | ୦.୩୬ | ୦.୩୧ | |
| | | ୧୪୮୩ | ତଇଲା ଏକ | ୦.୪୬ | ୦.୧୨ | |
| ୭୦ | ରୟତି | ୮୮୯ | ଶାରଦ ଦୁଇ | ୦.୨୫ | ୦.୦୧ | ମୁରଲୀଧର ମହାନ୍ତ |
| | | ୯୪୬ | ଶାରଦ ତିନି | ୦.୪୦ | ୦.୧୦ | |
| | | ୧୪୦୬ | ଶାରଦ ଏକ | ୦.୩୯ | ୦.୦୭ | |
| | | ୯୫୬/ ୧୭୬୯ | ଶାରଦ ତିନି | ୦.୦୫ | ୦.୦୫ | |
| ୭୨ | ରୟତି | ୯୭୩ | ଶାରଦ ତିନି | ୦.୦୫ | ୦.୦୫ | ରଙ୍ଗ ଖୁଣ୍ଟିଆ ଓଗେର |
| | | ୯୭୪ | ଶାରଦ ତିନି | ୦.୫୩ | ୦.୦୮ | |
| | | ୧୦୧୪ | ଶାରଦ ଏକ | ୦.୨୧ | ୦.୦୮ | |
| | | ୧୩୬୬ | ଶାରଦ ଏକ | ୦.୧୧ | ୦.୧୧ | |
| ୭୩ | ରୟତି | ୧୫୮୦/ ୧୭୪୨ | ଶାରଦ ଦୁଇ | ୦.୫୬ | ୦.୩୦ | ରଘୁନାଥ ମାଝି ଓଗେର |
| ୭୪ | ରୟତି | ୧୦୧୨ | ଶାରଦ ଏକ | ୦.୧୨ | ୦.୦୬ | ରମେଶ ଚନ୍ଦ୍ର ମହାନ୍ତ |
| ୭୫ | ରୟତି | ୧୫୦୭ | ବିଆଳି | ୦.୨୭ | ୦.୧୦ | ରହିଣା ଲୋହାର ଓଗେର |
| ୭୭ | ରୟତି | ୫୨୫ | ଶାରଦ ଏକ | ୦.୧୪ | ୦.୦୨ | ରାଜ ମୁଣ୍ଡା |
| | | ୧୩୬୩ | ଶାରଦ ତିନି | ୦.୫୧ | ୦.୧୫ | |
| | | ୧୩୭୪/ ୧୭୧୧ | ଶାରଦ ଦୁଇ | ୦.୦୮ | ୦.୦୪ | |
| ୮୩ | ରୟତି | ୭୪୩ | ବାଜେଫସଲ ଦୁଇ | ୦.୨୯ | ୦.୦୮ | ରାମ ମୁଣ୍ଡା ଓଗେର |
| | | ୭୪୪ | ତଇଲା ଏକ | ୦.୫୨ | ୦.୧୨ | |
| | | ୭୪୬ | ତଇଲା ଏକ | ୦.୨୯ | ୦.୧୧ | |
| | | ୭୪୮ | ବିଆଳି | ୦.୪୬ | ୦.୩୦ | |
| | | ୭୪୯ | ତଇଲା ଏକ | ୦.୨୬ | ୦.୨୨ | |
| | | ୭୬୩ | ବିଆଳି | ୦.୨୫ | ୦.୦୧ | |
| | | ୭୬୪ | ଶାରଦ ତିନି | ୦.୨୬ | ୦.୧୩ | |
| | | ୭୬୫ | ତଇଲା ଏକ | ୦.୦୯ | ୦.୦୫ | |
| | | ୭୬୬ | ଶାରଦ ତିନି | ୦.୨୨ | ୦.୦୫ | |
| | | ୭୬୭ | ତଇଲା ଏକ | ୦.୩୪ | ୦.୩୩ | |
| ୮୪ | ରୟତି | ୮୯୦ | ଶାରଦ ତିନି | ୦.୧୪ | ୦.୦୮ | ରୁଟୁ ମହାନ୍ତ |
| | | ୯୩୧ | ଶାରଦ ତିନି | ୦.୨୬ | ୦.୦୪ | |
| | | ୯୪୪ | ଶାରଦ ତିନି | ୦.୧୮ | ୦.୦୬ | |
| | | ୧୦୦୩ | ଶାରଦ ତିନି | ୦.୨୭ | ୦.୦୧ | |
| | | ୯୫୬/ ୧୭୭୦ | ଶାରଦ ତିନି | ୦.୦୬ | ୦.୦୬ | |
| ୮୫ | ରୟତି | ୯୬୯ | ଶାରଦ ତିନି | ୦.୦୩ | ୦.୦୩ | ରେଗୁଟି ମାଝି |
| ୮୬ | ରୟତି | ୫୧୫/ ୧୭୫୩ | ଶାରଦ ଏକ | ୦.୨୨ | ୦.୧୧ | ରେଞ୍ଚୁର ଖିଲାର |
| ୮୭ | ରୟତି | ୧୫୯୪ | ଶାରଦ ଦୁଇ | ୧.୧୭ | ୦.୪୫ | ଲକ୍ଷ୍ମୀଧର ମାଝି |
| | | ୧୫୯୮ | ଶାରଦ ତିନି | ୧.୮୮ | ୦.୦୧ | |
| ୯୧ | ରୟତି | ୮୮୬ | ଶାରଦ ତିନି | ୦.୨୦ | ୦.୨୦ | ସଦାନନ୍ଦ ମହାନ୍ତ ଓଗେର |
| | | ୮୮୭ | ଶାରଦ ତିନି | ୦.୧୬ | ୦.୦୩ | |
| ୯୨ | ରୟତି | ୯୪୫ | ଶାରଦ ତିନି | ୦.୩୭ | ୦.୦୮ | ସଦାନନ୍ଦ ମହାନ୍ତ ଓଗେର |
| | | ୧୪୧୭ | ଶାରଦ ଏକ | ୦.୩୯ | ୦.୦୬ | |
| ୯୪ | ରୟତି | ୧୨୮୫ | ଶାରଦ ତିନି | ୧.୫୧ | ୦.୦୮ | ସମାଇ ମାଝି ଓଗେର |
| ୯୯ | ରୟତି | ୧୯୩ | ତଇଲା ଦୁଇ | ୦.୨୬ | ୦.୧୮ | ଶିଖର ମାଝି ଓଗେର |
| | | ୧୨୭୦ | ଶାରଦ ତିନି | ୦.୧୯ | ୦.୧୫ | |
| | | ୧୨୭୯ | ତଇଲା ଏକ | ୦.୮୨ | ୦.୩୮ | |
| | | ୧୨୮୭ | ଶାରଦ ତିନି | ୧.୦୯ | ୦.୪୩ | |
| | | ୧୫୭୯ | ଶାରଦ ଦୁଇ | ୦.୧୧ | ୦.୧୧ | |
| ୧୦୨ | ରୟତି | ୯୮୫ | ଶାରଦ ଏକ | ୦.୨୦ | ୦.୦୧ | ସୁକୁରା ମାଝି ଓଗେର |
| ୧୦୩ | ରୟତି | ୪୫ | ଶାରଦ ତିନି | ୦.୩୨ | ୦.୩୨ ଗୋଚର ପ୍ରତିବଦଳ | ସୁକୁରା ମାଝି ଓଗେର |
| | | ୪୬ | ଶାରଦ ତିନି | ୦.୮୬ | ୦.୧୬ | |
| | | ୪୬ | | ୦.୮୬ | ୦.୭୦ ଗୋଚର ପ୍ରତିବଦଳ | |
| | | ୫୧ | ଶାରଦ ତିନି | ୦.୦୮ | ୦.୦୮ | |
| | | ୫୨ | ଶାରଦ ତିନି | ୦.୧୦ | ୦.୧୦ | |
| | | ୫୩ | ଶାରଦ ତିନି | ୦.୫୦ | ୦.୩୨ | |
| | | ୫୪ | ଶାରଦ ତିନି | ୧.୬୭ | ୧.୬୭ ଗୋଚର ପ୍ରତିବଦଳ | |
| | | ୪୮ | ବିଆଳି | ୦.୧୮ | ୦.୧୮ | |
| | | ୪୯ | ବିଆଳି | ୦.୧୩ | ୦.୧୨ | |
| | | ୫୦ | ବିଆଳି | ୦.୧୬ | ୦.୦୪ | |
| | | ୭୩୯ | ତଇଲା ଏକ | ୦.୪୬ | ୦.୨୩ | |
| | | ୭୪୦ | ତଇଲା ଏକ | ୦.୬୫ | ୦.୪୧ | |
| | | ୭୫୧ | ତଇଲା ଏକ | ୦.୬୪ | ୦.୦୮ | |
| | | ୯୯୦ | ଶାରଦ ତିନି | ୧.୦୪ | ୦.୦୨ | |
| | | ୧୫୩୮ | ତଇଲା ଏକ | ୦.୭୧ | ୦.୧୮ | |
| ୧୦୬ | ରୟତି | ୧୪୮୬ | ବିଆଳି | ୦.୪୭ | ୦.୦୪ | ସୁନା ମାଝି ଓଗେର |
| ୧୦୬/ ୮ | ରୟତି | ୯୫୧ | ଶାରଦ ତିନି | ୦.୧୨ | ୦.୧୦ | ଦୁର୍ଯ୍ୟୋଧନ ଲହରା |
| ୧୦୬/ ୪୪ | ରୟତି | ୩୬/ ୧୮୨୬ | ତଇଲା ଦୁଇ | ୧.୧୨ | ୦.୨୦ | କୀର୍ତ୍ତନ ମାଝି, ବିଜୟ ମାଝି, ବିଶ୍ୱନାଥ ମାଝି, ରାଜେନ ମାଝି, ପି: ଭଙ୍ଗ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୬/ ୪୫ | | ୧୫୩୪ | ଶାରଦ ତିନି | ୦.୫୭ | ୦.୨୭ | ପ୍ରଧାନ ମାଝି |
| | | ୧୫୩୫/ ୧୮୨୮ | ତଇଲା ଏକ | ୦.୨୩ | ୦.୨୩ | |
| ୧୦୬/ ୪୯ | | ୧୦୧୮ | ଶାରଦ ଏକ | ୦.୪୩ | ୦.୧୨ | ରବିକାନ୍ତ ବାରିକ ଓଗେର |
| | | ୧୩୬୫ | ଶାରଦ ଏକ | ୦.୦୫ | ୦.୦୫ | |
| ୧୦୬/ ୫୦ | ରୟତି | ୯୭୫ | ଶାରଦ ତିନି | ୦.୪୧ | ୦.୦୪ | ଶ୍ରୀମତୀ ଡମଣୀ ଦେଇ, ସ୍ୱା: ରତିକାନ୍ତ ବାରିକ, ଜା: ଗୋପାଳ, ବା: ନିଜଗାଁ |
| ୧୦୬/ ୬୦ | ରୟତି | ୮୯୬ | ଶାରଦ ତିନି | ୦.୧୭ | ୦.୦୪ | ଯୋଗେନ୍ଦ୍ର ମହାନ୍ତ, ପି: ଶମ୍ଭୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | | ୯୪୧ | ଶାରଦ ତିନି | ୦.୧୪ | ୦.୦୮ | |
| ୧୦୬/ ୬୩ | ରୟତି | ୧୨୭୦/ ୧୮୫୭ | ଶାରଦ ତିନି | ୦.୧୦ | ୦.୦୧ | କିଶୋର ମାଝି, ରମେଶ ମାଝି, ପି: ରଘୁନାଥ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୬/ ୬୫ | ରୟତି | ୧୩୭୩ | ଶାରଦ ତିନି | ୦.୧୦ | ୦.୦୮ | ରମେଶ ମାଝି, କିସନ ମାଝି, ପି: ରଘୁନାଥ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | | ୧୩୭୫ | ଶାରଦ ତିନି | ୦.୧୫ | ୦.୧୫ | |
| ୧୦୬/ ୭୫ | ରୟତି | ୩୭ | ତଇଲା ଦୁଇ | ୦.୪୫ | ୦.୧୨ | ଗୌରାଙ୍ଗ ମାଝି, ପି: ମଙ୍ଗୁଲୁ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୬/ ୭୬ | ରୟତି | ୨ | ତଇଲା ଦୁଇ | ୦.୪୭ | ୦.୩୫ | ଭବାନୀ ମାଝି, ସ୍ୱା: କ୍ଷେତ୍ରମୋହନ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | | ୨୮ | ତଇଲା ଦୁଇ | ୦.୫୦ | ୦.୨୫ | |
| | | ୪୦ | ବିଆଳି | ୦.୦୮ | ୦.୦୮ | |
| | | ୪୧ | ଶାରଦ ତିନି | ୦.୫୦ | ୦.୧୨ | |
| ୧୦୬/ ୭୭ | ରୟତି | ୧୨୩୬ | ତଇଲା ଏକ | ୦.୮୨ | ୦.୦୧ | ବୁଧୁନୀ ମାଝି, ସ୍ୱା: ରାମଚନ୍ଦ୍ର ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୬/ ୮୦ | ରୟତି | ୧୨୭୦/ ୧୮୬୮ | ଶାରଦ ତିନି | ୦.୨୫ | ୦.୦୬ | କିସାନ ମାଝି, ରମେଶ ମାଝି, ପି: ରଘୁନାଥ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୬/ ୮୩ | ରୟତି | ୩ | ତଇଲା ଦୁଇ | ୦.୯୮ | ୦.୨୫ | ଗୌରାଙ୍ଗ ମାଝି, ପି: ମଙ୍ଗୁଲୁ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | | **ମୋଟ ରୟତି ଜମି** | | | **୩୪.୮୮** | |

**ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନୁପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝର**

**OIPR- 24001/14/0322/1920**

# SUNDAY classifieds



# MATRIMONIAL

## BRIDE WANTED

Kaibarta boy 1982, 5'9", B.Tech, Software Engineer Pune. "SUNASANSAR"- 9937512659. D-69107

ବ୍ରାହ୍ମଣ ପୁଅ 41y/ B.Tech, ଭୁବନେଶ୍ୱରରେ Private Job/ Divorcee ପାଇଁ କନ୍ୟା ଆବଶ୍ୟକ। 9853528532. D-69303

Brahmin boy 1992, B.Tech (NIT) Manager Central PSU "VAISNABI" 7008967858. D-69304

**32ବର୍ଷ, ବ୍ରାହ୍ମଣ, ଗୌରବର୍ଣ୍ଣ, ଉଚ୍ଚତା 5'4", IIT ଇଂଜିନିୟର, MNCରେ କାର୍ଯ୍ୟରତ ଡିଭୋର୍ସ ହୋଇସାରିଥିବା ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ଘରୋଇ କନ୍ୟା ଆବଶ୍ୟକ। ଯୋଗାଯୋଗ: 8917504548, 8249541844.** D-17114

Brahmin boy 1986/ 5'7", own Transport Business Bhubaneswar. 6370270992, 9238578590. D-69306

Son Age 32 B.Tech NIT Rourkela MBA IIM Ahmadabad Work in MNC Company at Mumbai salary 30 lakhs 8144589551. D-17084

Handsome khandayat B.Tech, SSWE, MNC, Bangalore, 33, 5'11", 17lakhs, requires beautiful bride from khandayat/ Khyatriya/ Karan with B.Tech/ with MBA, 5'03" to 5'06" as SWE/ Bank PO. 9178972698/ 9972325080. D-67616

## GROOM WANTED

35ବୟସ୍କା, ଚାକିରିଆ, କରଣ ଜାତିର divorcee ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7381366103. D-67938

ଜାତିବନ୍ଧନ ନାହିଁ। 36, 5'.4", B.Sc Nursing, Staff Nurse ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ଛାଡପତ୍ରପ୍ରାପ୍ତ ବର ଗ୍ରହଣୀୟ ହେବେ। 9111335221. D-17068

Beautiful Khandayat girl 1995 B-tech, MBA Software Engineer Banglore. 9437555525. D-17066

ବାପା ମାଁ ନଥିବା ୩୬ବୟସ୍କା Lecture ବଢେଇ ଜାତିର ଝିଅଙ୍କ ପାଇଁ ବିବାହିତ ଅବିବାହିତ ପୁଅ ଦରକାର। 7749958456. D-67937

Girl Age 29 B.Tech MBA IIM Kolkata work as Sr. Manager in Corporate Bank caste-no-bar 6372748613. D-17085

Now Matrimonial ads. only on Wednesday & Sunday Book 1 Get 1 FREE

## automobile SALE

Tata Indigo ECS private reg. personal use, Maruti Wagnor in excellent condition. 9439778849. D-17154

Tata ACE mega 2016 model in excellent condition. 9439778849. D-17153

Hyundai Creta, I Twenty Active, Swift Dezire, Pajero (Modified by DC) & others: 9937153557. D-17158

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498

## real estate SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Kesura Puri bypass Royal Residential house sale. Genuine buyer (broker excuse) 8480010745. D-48723

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

6000sqft. land at Mahanadi Vihar, Cuttack. Mobile: 9437177313 & 8917242678. D-17151

Gharabari plot sale Sundarpada near Hi-Tec Plaza sqft- 920/.9337766961, 9439364818. D-17132

**Gharabari plot immediately sale Saheed Nagar & Jharpada (near Puri bypass) Bhubaneswar. Contact: Deepak- 9937329999.** D-68075

Booking open for Duplex near ITER College, Jagamara, Bhubaneswar. Contact: 7978751719. D-67547

**Ready to move house sale at Patia 1.20 Cr. and 2BHK flat at Sundarpada- 7504948142.** D-17131

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

Plot for sale at Mahadev Nagar, Jharpada, Bhubaneswar. Contact: 7978751719. D-67548

Booking 2BHK simplex Eastfacing Tankapani Road Sai temple 1200sqft. land, furnished house cost 31,50,000/- Finance available. 7735738102. D-17104

**Booking 3 bedroom (apartment) well furnished Vastu based infront of SUM Hospital, Bhubaneswar, Contact: Deepak- 9937329999.** D-68074

SC house 23,00,000/- finishing Hanspal, Plots Atala, Bhingarpur- 8093465134, 9668194157. D-68679

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

**Own gharabari plot 2400 sqft. near Hanspal Chhack, Bhubaneswar. Contact: 7327043914.** D-69249

BDA/Bank approved two/ three BHK flat for sale near Sanimandir patrapada Bhubaneswar 500 mtr from NH final finishing stage. One under roof parking free for booking on Holi festival. 9238326233, 9040072544. D-38569

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

Ready to move 2BHK/ 3BHK flats for sales Damana Square/ Patia/ Raghunathpur/ Patharagadia. 7008346486. D-69250

Contact for complete Interior Design and Simplex/Duplex/ Apartment House Construction from the experts. Call- 7008550473. D-17133

Plot for sale near 2nd Infosys Road, Janla, Bhubaneswar. 3900 sqft. gharabari with boundary. Contact Owner. 9238699541. D-53650

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17117

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ C.V Raman NHକୁ ଲାଗି ପ୍ଲଟ୍ କିଣନ୍ତୁ। 9348767829.** D-68499

New Bhubaneswar Railway Station ପାଖରେ Dhawa ମୌଜାରେ ଘରବାରି ପ୍ଲଟ୍ ମିଳୁଛି। 9583430150. D-69305

**ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

BBSR flats 1/2/3 BHK near SUM Hospital, Gothapatna, Times Gurukul with BDA many amenities initial booking amount 2lakhs. 9078263828, 9124289585. D-17156

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

1400 sqft. gharabari residential plot for sale near Nandan Vihar, Big Bazaar, Patia, Bhubaneswar. Price- 40.5 lakh. Contact: 7504392698. D-69252

**ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952.** D-68497

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଶୀରେ gharabari boundary Patta plot-499/-, 7077730754. D-69103

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

A double storeyd EB-house for sale in Badagada Brit Colony. Contact: 9348133423, 8637253857. D-59946

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

Commercial and residential Plot NH 203, Kesura State Bank Colony, Bhubaneswar 9437283845. D-67113

**ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040.** D-69106

**Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

## PURCHASE

Required second hand ready to move 1/2/3/4 BHK flats from direct owner's Bhubaneswar. 7978736177. D-68234

Required land at Nageswartangi, Goutam Nagar, BJB Nagar, Bapuji Nagar, Bhubaneswar. Contact No: 9238805505. D-67300

## to-let

Space suitable for Godowns, Nursing Home and Educational Institute with open area 2 Acre having boundary walls & office at Old Industrial Estate, Jagatpur. Contact: 9437496020, 9437021279. D-17160

3 storied building near Puri Bus Stand (outer gate) each floor 1450sqft. with parking area, lift provision, preffered for office or guest house. Contact: 9437231973, 9938811066, 9439009236. D-17159

2BHK at Jagannath Vihar near Baramunda Housing Board Colony, Bhubaneswar. Rent- 11,000/-. Contact: 9861251257. D-67752

ହାଉସିଂବୋର୍ଡ କଲୋନୀ, ବଳିଆପଣ୍ଡା, ପୁରୀ (ପ୍ରାଚୀ ଛକ) ନିକଟରେ ଗ୍ରାଉଣ୍ଡ ଫ୍ଲୋର ଗୋଟିଏ ବେଡ୍‌ରୁମ୍, ବଡ ହଲ୍ ଥାଇ ଘର ଭଡ଼ା ଦିଆଯିବ। ଯୋଗାଯୋଗ: ୯୪୩୭୦୪୨୮୮୯ ଧ-୧୭୧୩୭

Commercial space for rent approx 2000sqft. on Grand Road (Puri), Balagandi. Contact immediately: 7008903565 or 9971707812. D-69016

**3 bed 1700 SFT Independent Groundfloor parking Mahavir Nagar, Cuttack Road, Guesthouse/ Office. 8847882402, 8763862809.** D-17118

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-17135

## healthcare

Relaxing body massage by trend lady, gents therapist. 9861193818. D-60879

**Golden SPA full body massage- Tarinigada, near Apolo Tyre, Paradeep. 7326978586, 7326975517.** D-69251

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Monalisa International Massage Club: All types full body massage with hiprofile smart lady therapist. 9708545108. D-17115

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

## business

A reputed running Hospital in heart of the city in Bhubaneswar with all ammenities. Finance facility also available. 9439778849. D-17152

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## CLASSIFIED BOOKING STATIONS

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**SAI KRUPA COMMUNICATION**
Ananga Udaya Senapati Plot No.519, Gasamahavir Lane, Garage Chhaka, Bhubaneswar- 751002, Ph-0674-2342882, Mob: 7377856882

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ନୃସିଂହ ଚରଣ ପଟ୍ଟନାୟକ**
ସର୍ବୋଦୟ ନଗର, ପୁରୀ
ଆବିର୍ଭାବ: ୧୯।୧୧।୧୯୫୦
ତିରୋଧାନ: ୦୫।୦୩।୨୦୨୦

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:**
ପୁଅ: ଗୁରୁଦତ୍ତ, ଦେବଦତ୍ତ, ଶୋଭନ୍, ବୋହୂ: ଗାୟତ୍ରୀ, କୁନ୍‌ମୁନ୍, ଜସ୍ମିନ, ନାତି-ନାତୁଣୀ: ଲାଡ଼ଲି, ଗୁଡ଼ଲି, ପିୟାଲି, ତ୍ରାହୀ, ବନ୍ଧୁ ଓ ଶୋକାକୁଳ ପଟ୍ଟନାୟକ ପରିବାରବର୍ଗ।
ଧ-୬୦୯୬୦

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକ**
ଭୁବନେଶ୍ୱର
ଆବିର୍ଭାବ: ୧୬।୦୪।୧୯୫୪
ତିରୋଧାନ: ୩୦।୦୩।୨୦୧୬

ପଞ୍ଚମ ଶ୍ରାଦ୍ଧ ଦିବସରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୭୧୧୪

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**Late Bhaskar Chandra Seet**
(Ex-B.D.O, D.P.O & V.F.I, National Refree), Dhansimulia, Balasore
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୪।୦୩।୨୦୧୨

ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବା ଆଠବର୍ଷ ହୋଇଗଲା। ଆପଣଙ୍କ ଆବର୍ତ୍ତମାନରେ ଆପଣଙ୍କ ସାଧୁତା, ତ୍ୟାଗ, ନିଷ୍ଠା, ସ୍ନେହ, ପରୋପକାରିତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ। ଆପଣଙ୍କ ଅନ୍ତର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପତ୍ନୀଙ୍କ ସହ ବାବୁ, ମିଟୁ, ବେବି, ପିଙ୍କୁ, ବାପୁନି ତଥା ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ
ଧ-୧୭୧୦୩

> କରୋନା ଭାଇରସ୍ ପ୍ରଭାବକୁ ନଜରରେ ରଖାଯାଇଛି। ସରକାର ଏବଂ ରିଜର୍ଭ ବ୍ୟାଙ୍କ ଏ ନେଇ ସତର୍କ ଅଛନ୍ତି। ଆବଶ୍ୟକ ମୁତାବକ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି।
> – ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



> କରୋନାର ପ୍ରଭାବ ହୋଟେଲ ଶିଳ୍ପ ଏବଂ ବ୍ୟବସାୟ ଉପରେ କଣ ରହିବ ସେ ନେଇ ବର୍ତ୍ତମାନ ଆକଳନ କରିବା କଷ୍ଟକର ବ୍ୟାପାର।
> – ରାଜେଶ ମ୍ୟାଗୋ, ଗ୍ରୁପ ସିଇଓ, ମେକ୍ ମାଇଁ ଟ୍ରିପ



# ମହଙ୍ଗା ହେବ ମୋବାଇଲ ହ୍ୟାଣ୍ଡସେଟ୍




- ଜିଏସ୍‌ଟି ୧୨ରୁ ୧୮%କୁ ବଢ଼ିଲା
- ଏମ୍‌ଆର୍‌ଓ ସେବା ଉପରେ ୫% ଜିଏସ୍‌ଟି
- ଜିଏସ୍‌ଟି ନେଟ୍‌ୱର୍କ ଅସୁବିଧା ସୁଧାରିବାକୁ ଇନ୍‌ଫୋସିସ୍‌କୁ ନିର୍ଦ୍ଦେଶ
- ଜୁଲାଇ ୧ରୁ ବିଳମ୍ବ ରିଟର୍ନ ଫାଇଲ ଉପରେ ସୁଧ

**ନୂଆଦିଲ୍ଲୀ,୧୪–୩**

ଶନିବାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦ ବୈଠକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋବାଇଲ ଫୋନ୍ ଉପରେ ଜିଏସ୍‌ଟି ୧୨%ରୁ ୧୮%କୁ ବୃଦ୍ଧି ଘଟିଛି। ଏହା ଏପ୍ରିଲ ପହିଲାରୁ ଲାଗୁ ହେବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ଫଳରେ ମୋବାଇଲ ହ୍ୟାଣ୍ଡସେଟ୍ ଦାମ୍ ମହଙ୍ଗା ହେବ ବୋଲି ଜଣାପଡ଼ିଛି।

ସେହିଭଳି ଏୟାରକ୍ରାଫ୍ଟ ଲାଗି ମେଣ୍ଟେନାନ୍ସ ରିପେୟାର ଓଭରହଲ (ଏମ୍‌ଆର୍‌ଓ) ଲାଗି ଜିଏସ୍‌ଟି ୧୨%ରୁ ୫%କୁ ଖସିଛି। ଏହାବାଦ ହାତ ଏବଂ ମେଶିନରେ ପ୍ରସ୍ତୁତ ହେଉଥିବା ଦିଆସିଲି କାଠି ଉପରେ ୧୨% ଟିକସ ଧାର୍ଯ୍ୟ ହୋଇଛି। ଆର୍ଥିକ ବର୍ଷ ୨୦୧୮ ଏବଂ ୨୦୧୯ରେ ୨ କୋଟିରୁ କମ୍ କାରବାର କରୁଥିବା ସଂସ୍ଥାଗୁଡିକ ପାଇଁ ବାର୍ଷିକ ରିଟର୍ନ ଫାଇଲରେ ବିଳମ୍ବ କ୍ଷେତ୍ରରେ ଲାଗୁଥିବା ଜରିମାନାକୁ ମଧ୍ୟ ଛାଡ଼ କରାଯାଇଛି। ଏହାଦ୍ୱାରା କ୍ଷୁଦ୍ର ବ୍ୟବସାୟୀମାନେ ଉପକୃତ ହୋଇପାରିବେ।

ଜୁଲାଇ ପହିଲାଠାରୁ ଜିଏସ୍‌ଟି ଦେୟ ବିଳମ୍ବ କ୍ଷେତ୍ରରେ ନେଟ୍ ଟାକ୍ସ ଲାୟାବିଲିଟି ଉପରେ ସୁଧ ଲାଗିବ ବୋଲି ସୀତାରାମନ କହିଛନ୍ତି। ଜିଏସ୍‌ଟି ନେଟ୍‌ୱର୍କରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚଳିତ ଥର ଜିଏସ୍‌ଟି ପରିଷଦ ବୈଠକରେ ଆଲୋଚନା କରାଯାଇଛି। ଜିଏସ୍‌ଟି ନେଟ୍‌ୱର୍କ ହାର୍ଡୱେରର କ୍ଷମତା ବୃଦ୍ଧି କରିବା ଲାଗି ଇନ୍‌ଫୋସିସ୍‌କୁ କୁହାଯାଇଥିବା ସୀତାରାମନ ମତ ଦେଇଛନ୍ତି। ଜିଏସ୍‌ଟି ନେଟ୍‌ୱର୍କ କିଭଳି ଆହୁରି ୟୁଜର ଉପଯୋଗୀ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ହୋଇଛି। ଜୁଲାଇ ୨୦୨୦ ସୁଦ୍ଧା ଏକ ଉନ୍ନତ ଜିଏସ୍‌ଟିଏନ୍ ପ୍ରଦାନ କରିବାକୁ ଇନ୍‌ଫୋସିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଇନ୍‌ଫୋସିସ୍ ଜିଏସ୍‌ଟିଏନ୍‌କୁ ଡିଜାଇନ କରିଥିଲା।

# ୟେସ୍ ବ୍ୟାଙ୍କ ଉପରୁ ୧୮ରେ ଉଠିବ କଟକଣା

- ଆସିଲା ପୁନର୍ଗଠନ ବିଜ୍ଞପ୍ତି
- ପ୍ରଶାନ୍ତ କୁମାର ଏମ୍‌ଡି ତଥା ସିଇଓ ନିଯୁକ୍ତ
- ବୋର୍ଡରେ ସୁନୀଲ ମେହେଟ୍ଟା, ମହେଶ କୃଷ୍ଣମୂର୍ତ୍ତି, ଅତୁଲ ଭେଡା
- ନିବେଶ କରିବେ ବନ୍ଧନ ବ୍ୟାଙ୍କ, ଫେଡେରାଲ ବ୍ୟାଙ୍କ




**ନୂଆଦିଲ୍ଲୀ,୧୪–୩**

କେନ୍ଦ୍ର ସରକାର ୟେସ୍ ବ୍ୟାଙ୍କ ପୁନର୍ଗଠନ ଯୋଜନାର ବିଜ୍ଞପ୍ତି ଶନିବାର ଜାରି କରିଛନ୍ତି। ଏହା ଯୋଜନା ଅଧିନରେ ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କ ଉପରେ ଲଗାଇଥିବା ଉଠାଣ କଟକଣା ଏବଂ ଅନ୍ୟ ମୋରାଟୋରିୟମ ସର୍ତ୍ତ ମାର୍ଚ୍ଚ ୧୮ରେ ଉଠାଇ ଦେବ ବୋଲି ଜଣାପଡିଛି। ପୁନର୍ଗଠିତ ଏହି ବ୍ୟାଙ୍କ ଲାଗି ସରକାର ନୂଆ କରି ଏକ ବୋର୍ଡ ଗଠନ କରିଛନ୍ତି। ଏଥିରେ ଉକ୍ତ ବ୍ୟାଙ୍କ ଲାଗି ବର୍ତ୍ତମାନର ଆଡମିନିଷ୍ଟ୍ରେଟର ଭାବେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାରଙ୍କୁ ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ପୂର୍ବତନ ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ ମେହେଟାଙ୍କୁ ମଧ୍ୟ ଏହି ବୋର୍ଡ ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ବୋର୍ଡରେ ମହେଶ କୃଷ୍ଣମୂର୍ତ୍ତି ଏବଂ ଅତୁଲ ଭେଡାଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ସେମାନେ ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ।

ପୁନର୍ଗଠିତ ଏହି ବ୍ୟାଙ୍କରେ ନିବେଶ ଲାଗି ଘରୋଇ ବ୍ୟାଙ୍କଗୁଡ଼ିକ ଆଗେଇ ଆସିଛନ୍ତି। ଶୁକ୍ରବାର ଆଇସିଆଇସିଆଇ, ଏଚ୍‌ଡିଏଫ୍‌ସି ଏବଂ ଆକ୍ସିସ ନିବେଶ ନେଇ ଚୂଡାନ୍ତ କରିଥିବା ବେଳେ ଶନିବାର ବନ୍ଧନ ବ୍ୟାଙ୍କ ଏବଂ ଫେଡେରାଲ ବ୍ୟାଙ୍କ ନିବେଶ ନେଇ ସମ୍ମତି ପ୍ରଦାନ କରିବ। ବନ୍ଧନ ବ୍ୟାଙ୍କ ୩୦୦ କୋଟି ନିବେଶ କରିବାକୁ ଥିବାବେଳେ ୩୦ କୋଟି ଇକ୍ୱିଟି ଅଂଶଧନ ହାସଲ କରିବ। ପ୍ରମୁଖ ଘରୋଇ ବ୍ୟାଙ୍କଗୁଡିକ ୟେସ୍ ବ୍ୟାଙ୍କରେ ୩,୧୦୦ କୋଟି ଟଙ୍କା ନିବେଶ କରିବେ। ଏହାବାଦ ରାଷ୍ଟ୍ରାୟତ୍ତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ୭୨୫୦ କୋଟି ଟଙ୍କା ନିବେଶ କରିବ ବୋଲି ଜଣାପଡିଛି। ଏଚ୍‌ଡିଏଫ୍‌ସି ଏବଂ ଆଇସିଆଇସିଆଇ ବ୍ୟାଙ୍କ ଉଭୟ ୧୦୦୦ କୋଟି ଟଙ୍କା ଲେଖାଏ ନିବେଶ କରିବାକୁ ଥିବାବେଳେ ଆକ୍ସିସ ବ୍ୟାଙ୍କ ୬୦୦ କୋଟି, ଫେଡେରାଲ ବ୍ୟାଙ୍କ ୩୦୦ କୋଟି ନିବେଶ ଯୋଜନା ରଖିଛନ୍ତି। ଏହାବାଦ କୋଟାକ ମହିନ୍ଦ୍ରା ବ୍ୟାଙ୍କ ୫୦୦ କୋଟି ଟଙ୍କା ନିବେଶ କରିବାକୁ ଲକ୍ଷ୍ୟ ରଖିଛି।

# ଆର୍‌ବିଆଇ ଚିଠିକୁ ମାନିଲାନି ମହାରାଷ୍ଟ୍ର

**ନୂଆଦିଲ୍ଲୀ,୧୪–୩**

ଘରୋଇ ବ୍ୟାଙ୍କରେ ଜମା ଟଙ୍କା ସୁରକ୍ଷିତ ରହିଥିବା କହି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ରାଜ୍ୟଗୁଡିକୁ ଚିଠି ଲେଖିଥିଲା। ଘରୋଇ ବ୍ୟାଙ୍କରୁ ଟଙ୍କା ଉଠାଇ ନ ନେବାକୁ କୁହାଯାଇଥିଲା। ହେଲେ ଆର୍‌ବିଆଇର ଏହି ଚିଠିକୁ ହେୟଜ୍ଞାନ କରି ମହାରାଷ୍ଟ୍ର କ୍ଷତିଗ୍ରସ୍ତ ୟେସ୍ ବ୍ୟାଙ୍କ ସମେତ ଅନ୍ୟ ଘରୋଇ ବ୍ୟାଙ୍କଗୁଡିକରେ ରହିଥିବା ରାଜ୍ୟର ବିଭିନ୍ନ ଅନୁଷ୍ଠାନଗୁଡିକର ଜମା ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ସ୍ଥାନାନ୍ତର କରିଛି। ଘରୋଇ ବ୍ୟାଙ୍କରେ ଜମା ଅର୍ଥର ସୁରକ୍ଷା ନେଇ କୌଣସି ଗ୍ୟାରେଣ୍ଟି ରହୁ ନ ଥିବାରୁ ରାଜ୍ୟ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି।

# କେୟାର ପକ୍ଷରୁ କିଡ୍‌ନୀ ରୋଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୧୪–୩:** ବିଶ୍ୱ କିଡନି ଦିବସ ଅବସରରେ କେୟାର ହସ୍ପିଟାଲସ୍ ଭୁବନେଶ୍ୱର ପକ୍ଷରୁ ସହରର କିଡ୍‌ନି ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରୋଗର ସାମଗ୍ରିକ ଚିକିତ୍ସା ଲାଗି ଇଣ୍ଟର–ଡିସିପ୍ଲିନାରି କେୟାର ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। ଏଥିରେ ହସ୍ପିଟାଲ୍‌ର ବିଭିନ୍ନ ଶୃଙ୍ଖଳା ଏକତ୍ରୀତ ହୋଇ ଗୋଟିଏ ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରିବେ। ହସ୍ପିଟାଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର କିଡନି ପ୍ରତିରୋପଣ କ୍ଲିନିକର ଶୁଭାରମ୍ଭ କରାଯାଇଛି। ଏଠାରେ କିଡ୍‌ନି ପ୍ରତିରୋପଣ ପାଇଁ ମାସବ୍ୟାପି ପ୍ୟାକେଜ ଘୋଷଣା କରାଯାଇଛି। ଦେଶରେ ରେନାଲ୍ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରୋଗୀଙ୍କ ପାଇଁ ଏହି ପ୍ୟାକେଜ୍ ବ୍ୟବସ୍ଥା ହୋଇଛି।

CARE HOSPITALS

# କରୋନା ଲାଗି ପୂର୍ବତଟ ରେଳପଥର ସତର୍କତା ପଦକ୍ଷେପ

**ଭୁବନେଶ୍ୱର,୧୪–୩**




ପୂର୍ବତଟ ରେଳପଥ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ରେଳବାଇ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମଣ୍ଡଳ ରେଳ ପ୍ରବନ୍ଧକମାନଙ୍କୁ ଏହି ଭୂତାଣୁ ସଂକ୍ରମଣରୁ ରକ୍ଷା କରିବା ନିମନ୍ତେ ରେଳପଥରେ ପର୍ଯ୍ୟାପ୍ତ ପ୍ରତିଷେଧକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ କାର୍ଯ୍ୟକାରିତାକୁ ନିୟମିତ ଭାବେ ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ଦ୍ୱାରା ସଂକ୍ରମଣକୁ ରେଳ ପରିସରରେ ରୋକିବାକୁ ସମସ୍ତ ଉଦ୍ୟମ କରିବା, ପୂର୍ବତଟ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ହେଲ୍‌ପ୍‌ଲାଇନ୍ ନମ୍ବର ମଧ୍ୟ ପ୍ରଦାନ କରାଯାଇଛି। ଏଥି ସଙ୍ଗେ ସଙ୍ଗେ କର୍ମଚାରୀମାନଙ୍କୁ ସୂକ୍ଷ୍ମାନୁଭୂତି ସମ୍ପନ୍ନ ଓ ଶିକ୍ଷିତ କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷମାନଙ୍କ ସହ ସହଯୋଗିତା ଓ ସଂଯୋଗ ରଖାଯାଇଛି।

ବିଭିନ୍ନ ଟ୍ରେନ୍, ଷ୍ଟେସନ, ଷ୍ଟେସନ ପରିସର, ରେଳ କଲୋନୀ, କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଜନସାଧାରଣ ଓ ରେଳ ଯାତ୍ରୀମାନଙ୍କୁ ସଚେତନ କରିବା ପାଇଁ ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ପ୍ରଚାରପତ୍ରଗୁଡ଼ିକ ବଣ୍ଟା ଯାଉଛି। ସ୍ଥାନୀୟ ଭାଷାରେ ଅଡ଼ିଓ ଭିଜୁଆଲ୍ ମାଧ୍ୟମରେ ପବ୍ଲିକ ଆଡ୍ରେସ୍ ପଦ୍ଧତିରେ ସଚେତନତା ବାର୍ତ୍ତା ଦିଆଯାଉଛି। ରେଲୱେ ହସ୍‌ପିଟାଲ୍‌ରେ ଯେଉଁ କର୍ମଚାରୀମାନଙ୍କୁ ଜ୍ୱର ହୋଇଛି, ସେମାନଙ୍କୁ ଅଲଗା କରାଯାଉଛି। ଜ୍ୱର କେଶ୍ ଗୁଡ଼ିକ ପାଇଁ ସ୍ୱତନ୍ତ୍ର କାଉଣ୍ଟର ବା ୱାର୍ଡ଼ ବ୍ୟବସ୍ଥା ରହିଛି। ଦେଶର ବିଭିନ୍ନ ସ୍ଥାନରେ ସଂଗରୋଧ ନିମନ୍ତେ ରେଲୱେ ସ୍ୱତନ୍ତ୍ର ବେଡ୍ ଚିହ୍ନିତ କରିଛି। ସନ୍ଦିଗ୍ଧ କରୋନା ଭାଇରସ୍ ରୋଗୀ ନଜରରେ ଆସିଲେ ସଙ୍ଗେ ସଙ୍ଗେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ରେଲୱେ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସମସ୍ତ ରେଲୱେ ମେଡିକାଲ୍ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ରାଜ୍ୟ କର୍ତ୍ତୃପକ୍ଷ ସହିତ ଯୋଗାଯୋଗରେ ରହି କରୋନା ଉପରେ ତଥ୍ୟ ନେବା ସହ ବିଭିନ୍ନ ନିର୍ଦ୍ଦେଶନାମା ସଂଗ୍ରହ କରି ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା କରିବେ। ରେଲୱେ ପରିସରରେ ପୃଥକ୍, ସଂଗରୋଧ କେନ୍ଦ୍ର ବେଡ୍‌ଗୁଡ଼ିକ ପ୍ରଶାସନ ସହ ପରାମର୍ଶ କରି ବ୍ୟବହାର କରାଯାଇପାରିବ। ରେଳ କର୍ମଚାରୀ ଓ ରେଳ ଉପଭୋକ୍ତାମାନଙ୍କୁ ସଚେତନ ଓ ଶିକ୍ଷିତ କରିବା ନିମନ୍ତେ ରେଲୱେ ସେଟେଲ୍‌ମେଣ୍ଟରେ ସ୍ୱାସ୍ଥ୍ୟ ଶିକ୍ଷା ଅଭିଯାନ ଆରମ୍ଭ ହୋଇଛି। ପ୍ରତିଷେଧକ ବ୍ୟବସ୍ଥା ଉପରେ ସ୍ୱାସ୍ଥ୍ୟ ଯତ୍ନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସନ୍ଦିଗ୍ଧ କୋଭିଡ୍–୧୯ କେଶ୍‌ଗୁଡ଼ିକୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ପୂର୍ବତଟ ରେଳପଥ କେନ୍ଦ୍ରିୟ ହସ୍‌ପିଟାଲ୍, ସମ୍ବଲପୁର, ବିଶାଖାପାଟଣା ଓ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ମଣ୍ଡଳ ହସ୍‌ପିଟାଲ୍ ଗୁଡ଼ିକରେ୧୦ଟି ବେଡ୍ ପୃଥକ୍ ଭାବେ ଔଷଧ ଓ ଜୀବନ ବଞ୍ଚାଇବା ଯନ୍ତ୍ରପାତି ସହ ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**ସର୍ବସାଧାରଣ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଚଣ୍ଡିଖୋଲ–ଧାନମଣ୍ଡଳ ୧୩୨ କେଭି ଲାଇନ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ ଦ୍ୱାରା ନିର୍ମାଣ କରାଯାଉଛି। ଏହା ଚଣ୍ଡିଖୋଲ ଗ୍ରୀଡ ସବ୍‌ଷ୍ଟେସନ ଠାରୁ ଧାନମଣ୍ଡଳ ଟ୍ରାକ୍ସନ ସବ୍–ଷ୍ଟେସନକୁ ସଂଯୋଗ କରିବ। ବର୍ତ୍ତମାନ ଉଚ୍ଚଶକ୍ତିସମ୍ପନ୍ନ ଟାୱାର ନିର୍ମାଣ କାର୍ଯ୍ୟ ଓ ତାରଟଣା କାର୍ଯ୍ୟ ଭାରତୀୟ ଟେଲିଗ୍ରାଫ ଅଧିନିୟମ ଏବଂ ଭାରତୀୟ ବିଦ୍ୟୁତ ଅଧିନିୟମ ଅନୁଯାୟୀ ଚାଲୁ ରହିଅଛି।

ଏହି ଟାୱାର ନିର୍ମାଣ କାର୍ଯ୍ୟ ଯେଉଁ ବ୍ୟକ୍ତିମାନଙ୍କର ଜମି/ଜାଗାରେ ହେଉଅଛି ସେମାନଙ୍କୁ ସେହି ଜାଗା ବା ଜମିରେ ଥିବା ଫସଲ କିମ୍ବା ଗଛ ନଷ୍ଟ ପାଇଁ ସରକାରଙ୍କ ଧାର୍ଯ୍ୟମତେ କ୍ଷତିପୂରଣ ଦିଆଯାଉଛି। ତେବେ ପଡ଼ିଆ ପଡ଼ିଥିବା ଜମି କିମ୍ବା ଜମି ଉପରେ ତାର ଟଣା ହେଲେ ସେଥିପାଇଁ କ୍ଷତିପୂରଣ ଦିଆଯିବାର ଆଇନଗତ ବ୍ୟବସ୍ଥା ନାହିଁ।

ଏହା ସମ୍ପର୍କରେ ଯଦି କୌଣସି ବ୍ୟକ୍ତିଙ୍କ କିଛି ଅଭିଯୋଗ ରହିଛି, ସେ ଉପ–ମହାପରିଚାଳକ (ବିଦ୍ୟୁତ), ଅତି ଉଚ୍ଚ ଶକ୍ତି (ନିର୍ମାଣ) ବିଭାଜନ, ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ, କଟକଙ୍କ ନିକଟରେ ଉକ୍ତ ନୋଟିସ ପ୍ରକାଶନ ଦିବସଠାରୁ ୩୦ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ତେବେ ଏହାକୁ ଆଳ କରି କୌଣସି ବ୍ୟକ୍ତି ଟାୱାର ନିର୍ମାଣ କିମ୍ବା ତାର ଟଣା କାର୍ଯ୍ୟରେ ଯଦି ବାଧା ସୃଷ୍ଟି କରନ୍ତି, ତାହା ହେଲେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ.ପି.ଟି.ସି.ଏଲ୍./ ପ୍ରଶାସନ ବାଧ୍ୟ ହେବେ।

ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଉକ୍ତ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ କାମନା କରାଯାଉଛି।

ସ୍ୱା./-
ଶ୍ରୀ ରଞ୍ଜନ କୁମାର ଦାଶ, ଭା.ପ୍ର.ସେ.
ଜିଲ୍ଲାପାଳ, ଯାଜପୁର

## OFFICE OF THE NOTIFIED AREA COUNCIL, ATHMALLIK

NO.545 **e-Procurement** Dt.13.03.2020

**Bid identification No.Alkn-07/2019-20**

Bid documents consisting of work, estimated cost, cost of tender paper, EMD, time of completion, Class of contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Nmae of the work | : Civil works |
| No. of works | : 10 Nos. |
| Estimated cost | : Rs.5,15,623/- to 16,06,639/- |
| Date & Time of availability of Bid Documents in the portal | : From 10.00 A.M. of dt.16.03.2020 to 25.03.2020 up to 5.00 P.M. |
| Last Date of receive of Bid through Online | : On or before 25.03.2020 up to 5.00 P.M. |
| Date of opening of bid on | : At 11.00 A.M. on 30.03.2020 |
| Submission of original Document | : On or before 27.03.2020 up to 5.00 P.M. |

Sd./- Executive Officer, N.A.C., Athmallik

# ମାଇକ୍ରୋସଫ୍ଟ ବୋର୍ଡରୁ ଇସ୍ତଫା ଦେଲେ ବିଲ୍ ଗେଟ୍‌ସ

**ନୂଆଦିଲ୍ଲୀ,୧୪–୩**

ମାଇକ୍ରୋସଫ୍ଟର ସହପ୍ରତିଷ୍ଠାତା ବିଲ୍‌ଗେଟ୍‌ସ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଶନିବାର ଇସ୍ତଫା ଦେଇଛନ୍ତି। ସମାଜ ସେବା ଏବଂ ଦାତବ୍ୟ କାର୍ଯ୍ୟରେ ଅଧିକ ଫୋକସ କରିବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୬୫ ବର୍ଷୀୟ ଗେଟ୍‌ସ ୱାରେନ ବଫେଟଙ୍କ କମ୍ପାନୀ ୱର୍କଶାୟର ହୈଥୱେ ବୋର୍ଡରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ୨୦୦୮ରେ ସେ ମାଇକ୍ରୋସଫ୍ଟର ଦୈନନ୍ଦିନ କାର୍ଯ୍ୟରୁ ନିଜକୁ ଅଲଗା କରିଥିଲେ। ତାଙ୍କ ସ୍ତ୍ରୀ ମିଲିଣ୍ଡା ଗେଟ୍‌ସଙ୍କ ସହ ମିଶି ସେ ବିଲ୍ ଆଣ୍ଡ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନ ଲାଗି ଲଗାତାର ଭାବେ କାମ କରୁଛନ୍ତି। ମାଇକ୍ରୋସଫ୍ଟ ତାଙ୍କ ଜୀବନରେ ଏକ ଅଭିନ୍ନ ଅଙ୍ଗ ହୋଇ ରହିବ। ସମୟ ସମୟରେ ବିଭିନ୍ନ ଲିଡରଶିପ ରୋଲରେ ସେ କାମ କରିବେ ବୋଲି କହିଛନ୍ତି। ବିଲ୍ ଗେଟ୍‌ସ ବର୍ତ୍ତମାନ ବିଶ୍ୱର ୨ ନମ୍ବର ଧନୀଶାଳୀ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ନିକଟରେ ୮୪.୪ ବିଲିୟନ ଡଲାରର ସମ୍ପତ୍ତି ରହିଛି।

## ତହସିଲଦାରଙ୍କ କାର୍ଯ୍ୟାଳୟ, ରେମୁଣା (ବାଲେଶ୍ୱର)

**ପତ୍ର ସଂଖ୍ୟା: ୧୬୪୨** **ତା ୧୪।୦୩।୨୦୨୦**

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା ତହସିଲ ଅଧୀନସ୍ଥ ସାହୁପଡା ଓ ଦୁମୁଦା ବାଲି ଉତ୍ସର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ–୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ–୨୦୧୭ ଅନୁଯାୟୀ ଆଗାମୀ ୫ ବର୍ଷ ଲିଜ୍ ନିମନ୍ତେ ଆହ୍ୱାନ କରାଯାଇଛି।

ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Rule–2016) ମୁତାବକ Form–M ପୂରଣ କରି ଏହାର ୩ କିତା କପି ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ସିଲ୍ କଭରରେ ତହସିଲଦାର ରେମୁଣାଙ୍କ ଅଫିସରେ ଥିବା Drop Boxରେ ପ୍ରକାଶ ଦିନଠାରୁ ତା୩୦।୦୩।୨୦୨୦ରିଖ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖା ଥିବା ଆବଶ୍ୟକ। ତା୩୧।୦୩।୨୦୨୦ରିଖ ସକାଳ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକୁ ତନଖି କରାଯିବ। ଯେଉଁ ସୈରାତ ଉତ୍ସଗୁଡ଼ିକ ପାଇଁ ପ୍ରଥମ ତାରିଖରେ କୌଣସି ଦରଖାସ୍ତ ମିଳିନଥିବ, ସେହି ଉତ୍ସ ପାଇଁ ପରବର୍ତ୍ତୀ ନିଲାମ ତାରିଖର ପୂର୍ବ ଦିବସ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଓ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। କୌଣସି କାରଣ ନ ଦର୍ଶାଇ ନିଲାମକୁ ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ବାଲେଶ୍ୱରଙ୍କର ରହିଅଛି। ଉକ୍ତ ବିଜ୍ଞାପନ ସବିଶେଷ ବିବରଣୀ ତଥା ସୈରାତ ଉତ୍ସର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବାଲେଶ୍ୱର ଜିଲ୍ଲା ୱେବ୍‌ସାଇଟ୍ http/baleswar.nic.in/ ଜିଲ୍ଲାପାଳ ବାଲେଶ୍ୱରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ–ଜିଲ୍ଲାପାଳ ବାଲେଶ୍ୱରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ତହସିଲଦାର ରେମୁଣାଙ୍କ ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେମୁଣାଙ୍କ ନୋଟିସ ବୋର୍ଡରେ ଉପଲବ୍ଧ ହେବ। ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି।

ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ପର୍ଯ୍ୟାୟ, ନିଲାମ ସ୍ଥାନ– ରେମୁଣା ତହସିଲ କାର୍ଯ୍ୟାଳୟ, ନିଲାମ ତାରିଖ ଓ ସମୟ ୧ମ ପର୍ଯ୍ୟାୟ= ୩୧।୦୩।୨୦୨୦, ପୂର୍ବାହ୍ନ–୧୧ ଘଟିକା, ୨ୟ ପର୍ଯ୍ୟାୟ ୦୭।୦୪।୨୦୨୦, ପୂର୍ବାହ୍ନ ୧୧ ଘଟିକା, ୩ୟ ପର୍ଯ୍ୟାୟ= ୧୬।୦୪।୨୦୨୦, ପୂର୍ବାହ୍ନ– ୧୧ ଘଟିକା।

**ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ**

| ମୌଜା | ଖଣି ନଂ | ଖାତା | ପ୍ଲଟ୍ | ରକବା | ସର୍ବନିମ୍ନ ଉତ୍ତୋଳନ ପରିମାଣ ବାର୍ଷିକ | ସରକାରୀ ଧାର୍ଯ୍ୟ @ କ୍ୟୁବିକ ମିଟର |
|---|---|---|---|---|---|---|
| ସାହୁପଡା | ସାହୁପଡା ଓ ଦୁମଦା ବାଲିଖାଦାନ | ୨୨୩ | ୨୩୭ | ୨.୬୦ | ୪୦୦୦୦ | ୩୫ + ୬.୫୦ |
| | | | ୨୩୮ | ୧.୦୬ | | |
| | | | ୨୩୯ | ୧.୦୬ | | |
| | | | ୨୪୦ | ୨.୭୮ | | |
| ଦୁମଦା | | ୨୮୧ | ୧୫ | ୪.୮୫ | | |

ସ୍ୱା./-ତହସିଲଦାର, ରେମୁଣା

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“କରୋନା ଭାଇରସ ଆଶଙ୍କା ଦୂରେଇ ଗଲେ ଯଦି ଆଇପିଏଲ ଅନୁଷ୍ଠିତ ହୁଏ, ତେବେ ମ୍ୟାଚ ସଂଖ୍ୟା ହ୍ରାସ କରାଯାଇପାରେ ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



“ସମସ୍ତ ପ୍ରକାର ସ୍ୱାସ୍ଥ୍ୟଗତ ସତର୍କତା ଅବଲମ୍ବନ କରାଯାଉଥିବାରୁ କରୋନା ଭାଇରସ ଆତଙ୍କ ଦୂର ହେବ ଏବଂ ଆଇପିଏଲ ଆୟୋଜିତ ହେବ ।

–ଶାହରୁଖ ଖାନ୍, କେକେଆର୍ ସହମାଲିକ



## ଲୋକି ଫର୍ଗୁସନଙ୍କୁ ହୋଇନାହିଁ କରୋନା

**ମେଲବୋର୍ନ,୧୪।୩:** ନ୍ୟୁଜିଲାଣ୍ଡ ପେସର ଲୋକି ଫର୍ଗୁସନ କରୋନା ଭାଇରସରେ ଆକ୍ରାନ୍ତ ନୁହନ୍ତି।



ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ପରେ ସେ ତଣ୍ଟି ଦରଜ ହେଉଥିବା ମେଡିକାଲ ଟିମ୍‌କୁ ଜଣାଇଥିଲେ। ଏଥିଯୋଗୁ ତାଙ୍କୁ ୨୪ ଘଣ୍ଟା ପାଇଁ ଦଳୀୟ ହୋଟେଲରେ ଅଲଗା ରଖାଯାଇଥିଲା। ତାଙ୍କର ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ୨୮ ବର୍ଷୀୟ ଏହି କ୍ରିକେଟର ଦଳ ସହ ସ୍ୱଦେଶ ଫେରିପାରିବେ।

## ପ୍ରାକ୍ଟିସ ବାତିଲ କଲା ସିଏସ୍‌କେ

**ଚେନ୍ନାଇ,୧୪।୩:** ଆଇପିଏଲ୍‌ର ୧୩ତମ ସଂସ୍କରଣ ଚଳିତ ମାସ ୨୯ ତାରିଖରୁ ଏପ୍ରିଲ ୧୫କୁ ଘୁଞ୍ଚାଇ ଦିଆଯାଇଛି। ଏଥିସହ ତିନି ଥର ଆଇପିଏଲ୍ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚେପକ ଷ୍ଟାଡିୟମରେ ଚାଲିଥିବା ତା'ର ଟ୍ରେନିଂ ସେସନ ବାତିଲ କରି ଦେଇଛି। ଦେଶରେ କରୋନା ଭାଇରସ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସିଏସ୍‌କେ ଫ୍ରାଞ୍ଚାଇଜ ଏହି ନିଷ୍ପତ୍ତି ନେଇଛି। ଦଳର ଖେଳାଳିମାନେ ଚେପକଠାରେ ମାର୍ଚ୍ଚ ୨ଠାରୁ ଅଭ୍ୟାସ କରୁଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ସୁରେଶ ରାଇନା, ଅମ୍ବାତି ରାୟୁଡୁ, ମୁରଲୀ ବିଜୟ ଓ ହରଭଜନ ସିଂ ଏଥିରେ ଅଂଶଗ୍ରହଣ କରିଥିଲେ। ଖେଳାଳିଙ୍କ ପ୍ରାକ୍ଟିସ ଲାଗି ଗ୍ୟାଲେରି ଦର୍ଶକଙ୍କ ଖୋଲା ରହିଥିଲା।

# ଆଇପିଏଲ୍ ମ୍ୟାଚ୍ ସଂଖ୍ୟା ହ୍ରାସ ହେବ

**ମୁମ୍ବାଇ,୧୪।୩(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ନେଇ ଶନିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ୮ଟି ଦଳ ତଥା ଫ୍ରାଞ୍ଚାଇଜ୍ ମାଲିକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କରୋନା ଭାଇରସ ଆତଙ୍କ କାରଣରୁ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଛି। ଟୁର୍ନାମେଣ୍ଟ ଆୟୋଜନ ନେଇ ଏହି ବୈଠକରେ କିଛି ଅନ୍ତିମ ନିଷ୍ପତ୍ତି ନିଆଯାଇପାରି ନାହିଁ। ତେବେ ଏଥର ଆଇପିଏଲ୍ ମ୍ୟାଚ୍ ସଂଖ୍ୟା

### କେବେ ଆରମ୍ଭ କହି ହେବନି

ହ୍ରାସ କରାଯିବା ନେଇ ବୈଠକରେ ଚର୍ଚ୍ଚା ହୋଇଥିଲା। ତେବେ ଟୁର୍ନାମେଣ୍ଟ କେବେ ଆରମ୍ଭ ହେବ ତାହା କେହି କହିପାରିବେ ନାହିଁ ବୋଲି କିଙ୍ଗ୍ସ ଏକାଦଶ ପଞ୍ଜାବ ମାଲିକ ନେସ୍ ୱାଡିଆ କହିଛନ୍ତି।

ଆଇପିଏଲ ୨୯ ତାରିଖରୁ ଏପ୍ରିଲ ୧୫ ତାରିଖକୁ ଘୁଞ୍ଚାଇବା ପାଇଁ ଶୁକ୍ରବାର ବିସିସିଆଇ ନିଷ୍ପତ୍ତି ନେଇଥିଲା। ସରକାର ଜାରି କରିଥିବା ଟ୍ରାଭେଲ ରେଷ୍ଟ୍ରିକ୍‌ଶନ ଓ ୩ଟି ରାଜ୍ୟ ମ୍ୟାଚ ଆୟୋଜନ କରିବାକୁ ମନା କରିଦେବା ପରେ ବୋର୍ଡ ଏହି ନିଷ୍ପତ୍ତି ନେଇଥିଲା। ଆଇପିଏଲ ଆରମ୍ଭ କେବେ ହେବ ତାହା ଏବେ କହିବା ମୁସ୍କିଲ ବୋଲି ୱାଡିଆ କହିଛନ୍ତି। ୨ରୁ ୩ ସପ୍ତାହ ପରେ ପରିସ୍ଥିତି ଅନୁଧ୍ୟାନ କରିବୁ। ସେତେବେଳକୁ ଅବଶ୍ୟ କିଛି ସମ୍ଭାବନା ସୃଷ୍ଟି ହୋଇଥିବ ବୋଲି ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ ବୈଠକରେ ବସିବା ପରେ ୱାଡିଆ ଏହି କଥା କହିଛନ୍ତି।

ଏହି ବୈଠକରେ ୬ରୁ ୭ଟି ବିକଳ୍ପ ନେଇ ଆଲୋଚନା ହୋଇଥିଲା। ଟୁର୍ନାମେଣ୍ଟରେ ମ୍ୟାଚ୍ ସଂଖ୍ୟା ହ୍ରାସ କରାଯିବା ମଧ୍ୟ ଏହି ବିକଳ୍ପରେ ସାମିଲ ଥିଲା। ବର୍ତ୍ତମାନ ପରିସ୍ଥିତିରେ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ଏବେ ୮୦ ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହେଲେଣି।

୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବା ଯିବା ସହ ଶ୍ରେଷ୍ଠ ୪ଟି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବା ନେଇ ଆଲୋଚନା ହୋଇଥିଲା। ପୁଣି ମ୍ୟାଚ୍‌ଗୁଡିକୁ ମାତ୍ର କେତୋଟି ଭେନ୍ୟୁରେ ସୀମିତ ରଖାଯିବ ଓ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ଟିଭି କ୍ରୁଙ୍କ ଯିବାଆସିବା ଉପରେ କଟକଣା ଲଗାଯିବା ଉପରେ ମଧ୍ୟ ଆଲୋଚନ ହୋଇଥିଲା। ପୁଣି ରୁଦ୍ଧ ଦ୍ୱାରରେ ସବୁ ୬୦ଟି ମ୍ୟାଚ୍ ଖେଳାଯିବା ଉପରେ ମଧ୍ୟ କେତେକ ମତ ଦେଇଥିଲେ। ଏହା ଦ୍ୱାରା କେହି କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ବିଦେଶରେ ଆଇପିଏଲ୍ ଆୟୋଜନ ନେଇ ବୈଠକରେ କଥା ଉଠି ନ ଥିଲା।

ବିସିସିଆଇ, ଆଇପିଏଲ ଓ ଅଫିସିଆଲ ବ୍ରଡ କାଷ୍ଟର ଷ୍ଟାର ସ୍ପୋର୍ଟ୍ସ କେହି କ୍ଷତି ସହିବାକୁ ଚାହୁଁ ନ ଥିବା କଥା ୱାଡିଆ କହିଛନ୍ତି। ମଣିଷ ଆଗ ଓ ଆର୍ଥିକ କ୍ଷତି ପଛ ବୋଲି ବୈଠକରେ ସମସ୍ତେ ସ୍ୱୀକାର କରିଥିଲେ। ଏବେ ୱେଟ୍ ଆଣ୍ଡ ୱାଚ୍ ବା କାଳକ୍ଷେପଣ ନୀତି ଅବଲମ୍ବନ କରିବାକୁ ହେବ ବୋଲି ୱାଡିଆ କହିଛନ୍ତି। ଏବେ କିଛି କହିବା ଅସମ୍ଭବ। ସମୟ ଅନୁସାରେ ପରିସ୍ଥିତିରେ ଉନ୍ନତି ଘଟିଲେ ଯାହା କିଛି ସମ୍ଭବ। ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ନେଇ କିଛି କହି ହେବ ନାହିଁ ବୋଲି ସେ କହିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆସିଲେ ବିଭିନ୍ନ ବିକଳ୍ପ ଉପରେ ପୁଣି ଆଲୋଚନା ହେବ ବୋଲି କୁହାଯାଇଛି।




ଆଇପିଏଲ୍ ଫ୍ରାଞ୍ଚାଇଜ୍ ବୈଠକରେ ଯୋଗଦେବା ଅବସରରେ କୋଲ୍‌କାତା ନାଇଟ୍ ରାଇଡର୍ସ ସହମାଲିକ ଶାହରୁଖ ଖାନ୍ (ବାମ)।

## ଲୁକା କରୋନାରେ ଆକ୍ରାନ୍ତ

**ବର୍ଲିନ, ୧୪।୩ (ଏଏଫ୍‌ପି):** ବୁଣ୍ଡେସଲିଗା ଟିମ୍ ପ୍ୟାଡରବର୍ନର ଲୁକା କିଲିଆନ ନାମକ ୨୦ ବର୍ଷୀୟ ଖେଳାଳି କରୋନା ଭାଇରସ୍ ଦ୍ୱାରା ପୀଡ଼ିତ ହୋଇଛନ୍ତି। ଫଳରେ ତାଙ୍କ ଫୁଟ୍‌ବଲ ଦଳର ସମସ୍ତ ଖେଳାଳିଙ୍କ ସମେତ ୪୫ଜଣଙ୍କୁ ଏବେ ପୃଥକ୍ ସ୍ଥାନରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି। କିଲିଆନ ମାର୍ଚ୍ଚ ୫ରୁ ଏପର୍ଯ୍ୟନ୍ତ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଅଲଗା ସ୍ଥାନରେ ଏକ ଆପାର୍ଟମେଣ୍ଟରେ ରଖାଯାଇଛି। ପ୍ୟାଡରବର୍ନ ଫୁଟ୍‌ବଲ ଟିମ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହେବାରେ କିଲିଆନ ହେଉଛନ୍ତି ଜର୍ମାନୀର ପ୍ରଥମ ଫୁଟ୍‌ବଲ ଖେଳାଳି। ସୂଚନାଯୋଗ୍ୟ, ଉକ୍ତ ଟିମ୍ ଗତବର୍ଷ ଜର୍ମାନୀର ପ୍ରଥମ ଡିଭିଜନ ଲିଗ୍‌କୁ ପଦୋନ୍ନତି ପାଇଥିଲା। ଦଳ ବର୍ତ୍ତମାନ ଲିଗ୍‌ରେ ୨୫ଟି ମ୍ୟାଚରୁ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। କରୋନା ଭାଇରସ ଆତଙ୍କ ଯୋଗୁ ବୁଣ୍ଡେସଲିଗା ଏହାର ପ୍ରଥମ ଡିଭିଜନ ଟୁର୍ନାମେଣ୍ଟକୁ ତୁରନ୍ତ ସ୍ଥଗିତ ରଖିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ ଥର ଟୁର୍ନାମେଣ୍ଟକୁ ଅଧାରୁ ସ୍ଥଗିତ ରଖାଯାଇଛି। ଫଳରେ ବର୍ତ୍ତମାନ ୟୁରୋପର ସମସ୍ତ ୫ ଟପ୍ ଲିଗ୍‌କୁ ସସ୍‌ପେଣ୍ଡ କରାଯାଇଛି।





## କରୋନା ଆତଙ୍କ

## ପ୍ରଭାବିତ ହୋଇଥିବା କ୍ରୀଡ଼ା ଇଭେଣ୍ଟ ତାଲିକା

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ଭାରତ ତଥା ସାରା ବିଶ୍ୱରେ ଦେଖାଦେଇଥିବା କରୋନା ଭାଇରସ ସଂକ୍ରମଣ ଯୋଗୁ କ୍ରୀଡ଼ା ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ଭାଇରସ୍ କାରଣରୁ ଭାରତରେ ପ୍ରଭାବିତ ହୋଇଥିବା କ୍ରୀଡ଼ା ଇଭେଣ୍ଟଗୁଡିକର ତାଲିକା ନିମ୍ନରେ ପ୍ରଦାନ କରାଗଲା।

**ଆଥ୍‌ଲେଟିକ୍ସ:**
ଭୋପାଳରେ ଏପ୍ରିଲ ୬ରୁ ୮ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଫେଡେରେଶନ କପ୍ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି।

**ବ୍ୟାଡ୍‌ମିଣ୍ଟନ:**
ଏପ୍ରିଲ ୧୨ରେ ଖେଳାଯିବାକୁ ଥିବା ଇଣ୍ଡିଆ ଓପନ୍ ମଧ୍ୟ ବାତିଲ ହୋଇଛି।

**ବାସ୍କେଟବଲ:**
ମାର୍ଚ୍ଚ ୧୮ରୁ ୨୨ ତାରିଖ ମଧ୍ୟରେ ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଫିବା ୩x୩ ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟକୁ ମଧ୍ୟ ସ୍ଥଗିତ ରଖାଯାଇଛି।

**ଚେସ୍:**
ମେ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଜାତୀୟ ଟୁର୍ନାମେଣ୍ଟ ସ୍ଥଗିତ ରଖାଯାଇଛି।

**କ୍ରିକେଟ:**
- ମାର୍ଚ୍ଚ ୨୯ରୁ ଏପ୍ରିଲ ୧୫ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ମଧ୍ୟ ସ୍ଥଗିତ ରଖାଯାଇଛି। ଦିଲ୍ଲୀ ସରକାର ଗୋଟିଏ ମାସ ପାଇଁ ରାଜ୍ୟର ସବୁ ପ୍ରକାର କ୍ରୀଡ଼ା ଆୟୋଜନକୁ ବାତିଲ କରିଛି।
- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦିନିକିଆ ସିରିଜକୁ ବାତିଲ କରାଯାଇଛି। ଫଳରେ ମାର୍ଚ୍ଚ ୧୫ ତାରିଖରେ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଓ ୧୮ ତାରିଖରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ସିରିଜ ବାତିଲ।
- ସବୁ ଘରୋଇ କ୍ରିକେଟ ଟୁର୍ନାମେଣ୍ଟକୁ ମଧ୍ୟ ବାତିଲ କରାଯାଇଛି।
- ରଣଜୀ ଟ୍ରଫି ଫାଇନାଲର ଅନ୍ତିମ ଦିବସର ଖେଳ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଛି।
- ମୁମ୍ବାଇ ଓ ପୁଣେରେ ମାର୍ଚ୍ଚ ୭ରୁ ୨୨ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ରୋଡ ସେଫ୍ଟି ବିଶ୍ୱ ସିରିଜକୁ ମଧ୍ୟ ବାତିଲ କରାଯାଇଛି।

**ଫୁଟ୍‌ବଲ**
- ମାର୍ଚ୍ଚ ୧୪ ତାରିଖରେ ଗୋଆରେ ଏଟିକେ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଆଇଏସ୍‌ଏଲ୍ ଫାଇନାଲ ମ୍ୟାଚ୍ ଫାଙ୍କା ଷ୍ଟାଡିୟମରେ ରୁଦ୍ଧଦ୍ୱାରରେ ଖେଳାଯାଇଛି।
- ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସବୁ ଫୁଟବଲ ଟୁର୍ନାମେଣ୍ଟ ସ୍ଥଗିତ ରଖାଯାଇଛି।
- ଭାରତ ଓ କାତାର ମଧ୍ୟରେ ମାର୍ଚ୍ଚ ୨୬ ତାରିଖରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ୍ ମଧ୍ୟ ସ୍ଥଗିତ ରହିଛି।
- କୋଲକାତାରେ ଜୁନ୍ ୯ ତାରିଖରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ୍ ମଧ୍ୟ ସ୍ଥଗିତ ରଖାଯାଇଛି।
- ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମ୍ୟାଚ୍‌ଗୁଡିକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏହି ମ୍ୟାଚ୍‌ଗୁଡିକ ଆଇଜଲରେ ଏପ୍ରିଲ ୧୪ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା।
- ଆଇ-ଲିଗ୍‌ର ବାକି ୨୮ଟି ମ୍ୟାଚ୍ ଫାଙ୍କା ଷ୍ଟାଡିୟମରେ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି।

**ଗଲ୍ଫ**
- ନୂଆଦିଲ୍ଲୀରେ ମାର୍ଚ୍ଚ ୧୯ରୁ ୨୨ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଇଣ୍ଡିଆ ଓପନକୁ ମଧ୍ୟ ସ୍ଥଗିତ ରଖାଯାଇଛି।
- ମାର୍ଚ୍ଚ ୧୬ରୁ ଆରମ୍ଭ ହେବାକୁ ଯାଉଥିବା ପ୍ରଫେସନାଲ ଗଲ୍ଫ ଟୁର ଅଫ୍ ଇଣ୍ଡିଆ (ପିଜିଟିଆଇ)ର ସବୁ ଟୁର୍ନାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି।

**ମୋଟର ସ୍ପୋର୍ଟ୍ସ**
- ସାଉଥ୍ ଇଣ୍ଡିଆ ରାଲି, ଏଫ୍‌ଆଇଏ ଏସିଆ -ପାସିଫିକ୍ ଚାମ୍ପିୟନଶିପ୍‌ର ଓପନିଂ ରାଉଣ୍ଡ ମାର୍ଚ୍ଚ ୨୦ରୁ ୨୨ ତାରିଖ ମଧ୍ୟରେ ଚେନ୍ନାଇରେ ଫାଙ୍କା ଷ୍ଟାଡିୟମରେ ଖେଳାଯିବ।

**ପାରା ସ୍ପୋର୍ଟ୍ସ:**
ଏପ୍ରିଲ ୧୫ ପର୍ଯ୍ୟନ୍ତ ସବୁ ଜାତୀୟ ଓ ରାଜ୍ୟ ଚାମ୍ପିୟନଶିପ୍ ସ୍ଥଗିତ।

**ଶୁଟିଂ**
ନୂଆଦିଲ୍ଲୀରେ ମାର୍ଚ୍ଚ ୧୫ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ରାଇଫଲ, ପିସ୍ତଲ ଓ ଶଟ୍‌ଗନ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌କୁ ମଧ୍ୟ ସ୍ଥଗିତ ରଖାଯାଇଛି।

**ଟେନିସ୍:**
ସବୁ ଘରୋଇ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି।

## ସାବଧାନ ହିଁ ଶ୍ରେଷ୍ଠ ଉପାୟ: କୋହଲି

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ଦିନକୁ ଦିନ କରୋନା ଭାଇରସ୍ ଦେଶରେ ଏହାର କାୟା ବିସ୍ତାର କରି ଚାଲିଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି ଆଗେଇ ଆସିଛନ୍ତି। କରୋନା ଭାଇରସ୍‌ରୁ ବର୍ତ୍ତିବା ଲାଗି ଜରୁରୀ ସାବଧାନ ଅବଲମ୍ବନ କରିବା ପାଇଁ ବିରାଟ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।



ସେ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ, 'ସମସ୍ତେ ଦୃଢ଼ ଓ ସାବଧାନ ରୁହ ଏବଂ କରୋନା ଭାଇରସ୍‌କୁ ମୁକାବିଲା କର। ସୁରକ୍ଷିତ ରୁହ, ସତର୍କ ରୁହ ଏବଂ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମନେରଖିବା କଥା ହେଉଛି ନିରାମୟ ଲାଗି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ସବୁଠୁ ଭଲ। ପ୍ରକାଶଯୋଗ୍ୟ, ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ଅଧାରୁ ବାତିଲ ହେବାପରେ କୋହଲି ଶୁକ୍ରବାର ଲକ୍ଷ୍ନୌ ବିମାନବନ୍ଦରରେ ମାକ୍ସ ପରିଧାନ କରିଥିବାର ଦେଖିବାକୁ ମିଳିଥିଲା।

## ଅଧାରୁ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ସିରିଜ ସ୍ଥଗିତ

**ମେଲବୋର୍ନ,୧୪।୩:** ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ସୀମିତ ଓଭର କ୍ରିକେଟ ସିରିଜ୍‌କୁ ଶନିବାର ସ୍ଥଗିତ କରି ଦିଆଯାଇଛି। କରୋନା ଭାଇରସ୍‌ର ଭୟାବହତାରୁ ବର୍ତ୍ତିବା ଲାଗି ନ୍ୟୁଜିଲାଣ୍ଡ ସରକାରଙ୍କ ଦ୍ୱାରା ବିଦେଶ ଫେରନ୍ତା ଯାତ୍ରୀଙ୍କ ଲାଗି ନୂଆ କଟକଣା ଘୋଷଣା କରିଛି। ରବିବାର ମଧ୍ୟରାତି ସୁଦ୍ଧା ଦେଶକୁ ଫେରୁଥିବା ପ୍ରତ୍ୟେକ ଯାତ୍ରୀ ନିଜକୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନାରେ ରହିବାକୁ ଶନିବାର ପରାମର୍ଶ ଦେଇଛନ୍ତି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍‌ଡର୍ନ। ଯାତ୍ରୀଙ୍କ ପାଇଁ ନୂଆ କଟକଣା ଯୋଗୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳକୁ ସ୍ୱଦେଶ ଫେରିବାକୁ ପଡ଼ିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ (ଏନଜେଡ୍‌ସି) ପକ୍ଷରୁ କୁହାଯାଇଛି। ଏଥିସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜରେ ମଧ୍ୟ ଖେଳିପାରିବ ନାହିଁ। କାରଣ ଖେଳାଳିଙ୍କୁ ୧୪ ଦିନ ପାଇଁ ସଭିଙ୍କଠାରୁ ଦୂରେଇ ରହିବାକୁ ପଡ଼ିବ, ଯାହାକି ବାଧ୍ୟତାମୂଳକ। ଏହି ଦୁଇ ସିରିଜ୍ ପରେ ଖେଳାଯାଇପାରିବ ବୋଲି ଏନ୍‌ଜେଡ୍‌ସି ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ, ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ଖାଲି ଷ୍ଟାଡିୟମରେ ଖେଳାଯାଇଥିଲା। ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ୭୧ ରନ୍‌ରେ ଜିତି ନେଇଥିଲା।



## ସମସ୍ତ ଫୁଟ୍‌ବଲ ଟୁର୍ନାମେଣ୍ଟ ମାର୍ଚ୍ଚ ୩୧ ଯାଏ ବାତିଲ୍

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** କରୋନା ଭାଇରସ୍‌ର ଭୟାଭହତାକୁ ନଜରରେ ରଖି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଫୁଟ୍‌ବଲ ଟୁର୍ନାମେଣ୍ଟକୁ ଏଆଇଏଫ୍‌ଏଫ୍ ସସ୍‌ପେଣ୍ଡ କରିଛି। ଏଥିରେ ସମସ୍ତ ବୟସ ବର୍ଗର ମ୍ୟାଚ୍ ସମେତ ଆଇ-ଲିଗ୍ ପ୍ରତିଯୋଗିତା ସାମିଲ ରହିଛି। ରବିବାରଠାରୁ ଏହା କାର୍ଯ୍ୟକାରୀ ହେବ। 'ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ଜାରି କରାଯାଇଥିବା ପରାମର୍ଶ ଅନୁଯାୟୀ ତଥା କେତେକ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଏଆଇଏଫ୍‌ଏଫ୍ ତତ୍ତ୍ୱାବଧାନରେ ହେବାକୁ ଥିବା ସମସ୍ତ ଫୁଟ୍‌ବଲ ପ୍ରତିଯୋଗିତାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି' ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଫଳରେ ସମସ୍ତ ହିରୋ ଆଇ-ଲିଗ୍ ମ୍ୟାଚ୍, ହିରୋ ଦ୍ୱିତୀୟ ଡିଭିଜନ, ହିରୋ ଯୁଥ୍ ଲିଗ୍, ଗୋଲ୍ଡେନ ବେବି ଲିଗ୍ ସମେତ ଜାତୀୟସ୍ତରର ପ୍ରତିଯୋଗିତା ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବ। ଶନିବାର ଅନୁଷ୍ଠିତ ହୋଇଥିବା ହିରୋ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ) ଫାଇନାଲ ମ୍ୟାଚ୍ ମଧ୍ୟ ବିନା ଦର୍ଶକରେ ଅର୍ଥାତ ଖାଲି ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। ଏଥିପୂର୍ବରୁ ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ ପ୍ରତିଯୋଗିତା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜକୁ ମଧ୍ୟ ଅଧାରୁ ବନ୍ଦ କରିଦିଆଯାଇଛି।

## ଇରାନୀ କପ୍ ସହ ସମସ୍ତ ଘରୋଇ ମ୍ୟାଚ୍ ସ୍ଥଗିତ

**ମୁମ୍ବାଇ, ୧୪।୩(ପି.ଟି.):** କରୋନା ଭାଇରସ ସଂକ୍ରମଣ ତଥା ଆତଙ୍କ କାରଣରୁ ଭାରତୀୟ କ୍ରିକେଟେ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇରାନୀ ଟ୍ରଫି ସମେତ ସବୁ ପ୍ରକାର ଘରୋଇ ମ୍ୟାଚକୁ ସ୍ଥଗିତ ରଖିଛି। ଇରାନୀ ଟ୍ରଫିରେ ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଓ ଅବଶିଷ୍ଟ ଭାରତ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଇରାନୀକୁ ବାଦ୍ ଦେଲେ ଭିଜ୍ଜି ଟ୍ରଫି, ସିନିୟର ମହିଳା ଦିନିକିଆ ନକ୍‌ଆଉଟ ଓ ସିନିୟର ମହିଳା ଦିନିକିଆ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟକୁ ମଧ୍ୟ ସ୍ଥଗିତ ରଖାଯାଇଛି ବୋଲି ବିସିସିଆଇ ତରଫରୁ ସ୍ପଷ୍ଟ କରାଯାଇଛି। ପରବର୍ତ୍ତୀ ନୋଟିସ ନ ହେବା ପର୍ଯ୍ୟନ୍ତ ଜୁନିୟର ମହିଳା ଟୁର୍ନାମେଣ୍ଟଗୁଡିକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏଥିରେ ୧୯ ବର୍ଷରୁ କମ୍ ଦିନିକିଆ ନକ୍‌ଆଉଟ, ୧୯ ବର୍ଷରୁ କମ୍ ଟି୨୦ ଲିଗ୍, ସୁପର ଲିଗ ଓ ନକ୍‌ଆଉଟ, ୧୯ ବର୍ଷରୁ କମ୍ ଟି୨୦ ଚ୍ୟାଲେଞ୍ଜର ଟ୍ରଫି, ୨୩ ବର୍ଷରୁ କମ୍ ନକ୍‌ଆଉଟ ଓ ୨୩ ବର୍ଷରୁ କମ୍ ଦିନିକିଆ ଚ୍ୟାଲେଞ୍ଜର ସାମିଲ ରହିଛି। ବିସିସିଆଇ ସମ୍ପାଦକ ଜୟ୍ ଶାହାଙ୍କ ସ୍ୱାକ୍ଷର ସମ୍ବଳିତ ଏ ସଂକ୍ରାନ୍ତରେ ବିସିସିଆଇ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି।

# 'ଅଲିମ୍ପିକ୍ସ ଯଥା ସମୟରେ ହେବ'

**ଟୋକିଓ, ୧୪।୩ (ଏଏଫ୍‌ପି)**

ସମଗ୍ର ବିଶ୍ୱରେ କରୋନା ଭାଇରସ ତା'ର କାୟା ବିସ୍ତାର କରିଥିବାବେଳେ ଟୋକିଓ ଅଲିମ୍ପିକ୍ସ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ। ଶନିବାର ଏହା ଦୃଢତାର ସହିତ କହିଛନ୍ତି ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ। କରୋନା ଭାଇରସ ଦ୍ୱାରା ଇତିମଧ୍ୟରେ ୧,୪୦,୦୦୦ ଲୋକ ସଂକ୍ରମିତ ହୋଇ ସାରିଛନ୍ତି। ବିଶ୍ୱବ୍ୟାପୀ ୫,୪୦୦ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ଏହା ସତ୍ତ୍ୱେ ଟୋକିଓ ଅଲିମ୍ପିକ୍ସ ଜୁଲାଇରେ ହେବ ବୋଲି ଆବେ ବଡ଼ ଦମ୍ଭରେ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଗେମ୍ସକୁ ଏକ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବା ଉଚିତ୍ ହେବ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତାବ ଦେବାର ଦୁଇ ଦିନ ପରେ ଜାପାନ ପ୍ରଧାନମନ୍ତ୍ରୀ ଏକଥା ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସମେତ ସମ୍ପୃକ୍ତ ଅଫିସିଆଲମାନଙ୍କ ସହିତ ଆମେ ଯୋଗାଯୋଗରେ ରହିଛୁ। ସଂକ୍ରମଣକୁ ରୋକିବା ଲାଗି ଆବଶ୍ୟକ ଯୋଜନା ପ୍ରସ୍ତୁତ କରାଯାଇଛି। ଗେମ୍ସକୁ ସ୍ଥଗିତ ରଖିବା କିମ୍ବା ଏହାକୁ ବାତିଲ କରିବା କୌଣସି ଯୋଜନା ନାହିଁ ବୋଲି ଆବେ ଖବରଦାତାମାନଙ୍କୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ସୂଚନାଯୋଗ୍ୟ, କରୋନା ଭାଇରସ ସଂକ୍ରମଣକୁ ଆଶଙ୍କା କରି ଇତିମଧ୍ୟରେ ଇଂଲିଶ ପ୍ରିମିୟର ଲିଗ୍, ଆମେରିକାର ଏନବିଏ ବାସ୍କେଟବଲ ସିଜନ ଏବଂ ଅଗଷ୍ଟା ମାଷ୍ଟର୍ସ ଗଲଫ୍ ଟୁର୍ନାମେଣ୍ଟ ସମେତ କେତେକ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଆବେ ଶୁକ୍ରବାର ଟେଲିଫୋନ୍ ଯୋଗେ ଟ୍ରମ୍ପଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି ସମୟରେ ଗେମ୍ସ ସ୍ଥଗିତ ରଖାଯିବା ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିଲା। ବରଂ ଅଲିମ୍ପିକ୍ସର ସଫଳ ଆୟୋଜନ ପାଇଁ ଜାପାନ ଓ ଆମେରିକା ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଦୁଇ ରାଷ୍ଟ୍ରମୁଖ୍ୟ ସହମତି ହୋଇଥିଲେ। ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯିବା ସମ୍ପର୍କରେ ଜାପାନିଜ ପାର୍ଲାମେଣ୍ଟ ଶୁକ୍ରବାର ଆବେଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିଛି। ତେବେ ବର୍ତ୍ତମାନ ପରିସ୍ଥିତିରେ ଜରୁରିକାଳୀନ ପରିସ୍ଥିତି ଜାରି କରିବା ଆବଶ୍ୟକତା ଅନୁଭବ କରାଯାଉ ନାହିଁ ବୋଲି ଆବେ କହିଛନ୍ତି। ଖବର ଅନୁସାରେ ସମଗ୍ର ଜାପାନରେ ୭୦୦ ଲୋକ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବାବେଳେ ୨୧ଜଣ ପ୍ରାଣ ହରାଇ ସାରିଲେଣି। ଦେଶରେ ଯଦି ଜରୁରିକାଳୀନ ପରିସ୍ଥିତି ଜାରି କରାଯାଏ ତେବେ ଲୋକମାନଙ୍କୁ ଘରୁ ନ ବାହାରିବା ଲାଗି ସ୍ଥାନୀୟ ସରକାର କଟକଣା ଜାରି କରିପାରନ୍ତି। ସ୍କୁଲ, କଲେଜ ଛୁଟି କରିଦେଇ ପାରନ୍ତି। ସର୍ବସାଧାରଣ ସ୍ଥାନକୁ ଯଥା ସମ୍ଭବ କମ୍ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଆଇଓସି ମୁଖ୍ୟ ଥୋମାସ ବ୍ୟାକ୍ ଜର୍ମାନ ଟେଲିଭିଜନ ବ୍ରଡକାଷ୍ଟରକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଆମେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକୁ ମାନି କାର୍ଯ୍ୟ କରିବୁ ବୋଲି କହିଥିବା ବେଳେ ଗେମ୍ସର ସଫଳ ଆୟୋଜନ ପାଇଁ ଜୋରଦାର ଉଦ୍ୟମ ଚାଲିଥିବା ପ୍ରକାରାନ୍ତରେ ପ୍ରକାଶ କରିଛନ୍ତି।



ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ।

ଧରିତ୍ରୀ
DHARITRI
ରବିବାର, ୧୫ ମାର୍ଚ୍ଚ, ୨୦୨୦





“ ୨୦୦ ମିଟର ଦୌଡ଼ରେ ଯୋଗ୍ୟତା ହାସଲ ସହ ଆସନ୍ତା ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ମୋର ଆଗ୍ରହ ରହିଛି ।
–କାଷ୍ଟର ସିମେନ୍ୟା, ଦକ୍ଷିଣ ଆଫ୍ରିକା ଆଥ୍‌ଲେଟ



“ କରୋନା ଭାଇରସ୍ ପାଇଁ ଭାରତୀୟ ମହିଳା ହକି ଦଳର ଜାତୀୟ ଶିବିରକୁ ଅଧାରୁ ବନ୍ଦ ରଖାଯିବାରୁ ମୁଁ ଛୁଟିରେ ନିଜ ଦେଶକୁ ଚାଲିଯାଉଛି ।
–ଜୋର୍ଡ ମାରିଜନେ, ଭାରତୀୟ ମହିଳା ହକି ମୁଖ୍ୟ କୋଚ୍

## ସଂକ୍ଷେପରେ

### ଓମାନ ଓପନ୍ ଟିଟି: ଚନ୍ଦ୍ରା ଚାମ୍ପିୟନ

**ମସ୍କଟ, ୧୪।୩ (ପି.ଟି.):** ଭାରତର ଉଦୀୟମାନ ଟେବୁଲ ଟେନିସ (ଟିଟି) ଖେଳାଳି ଜିତ୍ ଚନ୍ଦ୍ରା ୨୧ବର୍ଷରୁ କମ୍ ଓମାନ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଟିଟି ଖେଳାଳି ମାନବ ଠକ୍କରଙ୍କୁ ୧୧-୬, ୧୧-୭, ୧୩-୧୧ ସିଧାସଳଖ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏହି ଅଲ୍ ଇଣ୍ଡିଆ ଫାଇନାଲ ମାତ୍ର ୨୪ ମିନିଟ୍‌ରେ ଶେଷ ହୋଇଯାଇଥିଲା। ୨୧ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲକୁ ୪ ଜଣ ଭାରତୀୟ ଉନ୍ନୀତ ହୋଇଥିଲେ। ଚନ୍ଦ୍ରା ଓ ଠକ୍କରଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ହେଲେ ମାନୁଷ ଶାହା ଏବଂ ସୁରଭାଜୁଲା ସ୍ନେହିତ୍। ପୂର୍ବରୁ ଅନୁଷ୍ଠିତ ସିନିୟର ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରରେ ଭାରତର ଅଚନ୍ତା ଶରଥ କମଲ ବେଲାରୁଷର ଆଲେକ୍‌ଜାଣ୍ଡର ଖାନିନ୍‌ଙ୍କୁ ହରାଇ ଦେଇଥିଲେ। ଭାରତର ଅନ୍ୟ ଜଣେ ଖେଳାଳି ହରମିତ୍ ଦେଶାଇ ମଧ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ଇଜିପ୍ଟର ଓମାର ଆସାରଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୩ ଭାରତୀୟ ଯୋଡି ଡବଲ୍ସ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

### ବୋଷ୍ଟନ ମାରାଥନ ସେପ୍ଟେମ୍ବର ୧୪ରେ

**ୱାଶିଂଟନ, ୧୪।୩ (ଏଏଫ୍‌ପି):** କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ ୨୦ରେ ହେବାକୁଥିବା ୧୨୪ତମ ବୋଷ୍ଟନ ମାରାଥନକୁ ସେପ୍ଟେମ୍ବର ୧୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବୋଷ୍ଟନ ଆଥଲେଟିକ୍ ଆସୋସିଏଶନ (ବିଏଏ) ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ବିଶ୍ୱର ଏହି ସର୍ବ ପୁରାତନ ବାର୍ଷିକ ମାରାଥନ ୧୮୯୭ରେ ଆରମ୍ଭ ହୋଇଥିଲା। ବୋଷ୍ଟନ ସମେତ ସମଗ୍ର ମାସାଚୁସେଟ୍ସ ପ୍ରଦେଶରେ ପ୍ୟାଟ୍ରିଅଟ୍ ଦିବସ ଛୁଟି ଦିବସ ପାଳନ ଅବସରରେ ଏହି ରେସ୍ ଅନୁଷ୍ଠିତ ହୋଇଆସୁଛି।

# ଏଟିକେକୁ ତୃତୀୟ ଟାଇଟଲ



ରେକର୍ଡ ତୃତୀୟ ଥର ପାଇଁ ଆଇଏସ୍‌ଏଲ୍ ଟ୍ରଫି ଜିତିବା ପରେ ଏଟିକେ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

**ମାରଗାଓ, ୧୪।୩(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଏଥର ଏଟିକେ ଏଫ୍‌ସି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଦେଶର ଏହି ସର୍ବବୃହତ ଫୁଟବଲ୍ ଲିଗ୍‌ର ଷଷ୍ଠ ସଂସ୍କରଣରେ ଏଟିକେ ପ୍ରତିପକ୍ଷ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରି ବାଜି ମାରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମ ବା ଫଟୋର୍ଡା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏଟିକେ ୩-୧ ଗୋଲରେ ଚେନ୍ନାଇନକୁ ହରାଇ ତୃତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଟିକେ ଓ ଚେନ୍ନାଇ ପୂର୍ବରୁ ୨ଥର ଲେଖାଏ ଟାଇଟଲ ଜିତିଛନ୍ତି। ଏଥର ବିଜୟୀ ହୋଇ ଏଟିକେ ସର୍ବାଧିକ ୩ଥର ଟାଇଟଲ ହାସଲ କରି ଅନ୍ୟ ସବୁ କ୍ଲବଗୁଡିକୁ ପଛରେ ପକାଇଛି। ପୂର୍ବରୁ ଏଟିକେ ୨୦୧୪

**ଇଣ୍ଡିଆନ ସୁପର ଲିଗ୍**

ପ୍ରଥମ ସଂସ୍କରଣରେ ଓ ୨୦୧୬ରେ ଟାଇଟଲ ହାସଲ କରିଥିଲା। ସେହିପରି ଚେନ୍ନାଇନ୍ ୨୦୧୫ ଓ ୨୦୧୭-୧୮ ସେସନରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏଟିକେ ଏଏଫ୍‌ସି କପ୍‌ରେ ସ୍ଥାନ ହାସଲ କରିବା ସହ ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିଛି। ଫଳରେ କୋଲକାତା ସହର ପର୍ଯ୍ୟବସିତ ଏହି କ୍ଲବ୍‌ର ଖୁସି ଦୁଇଗୁଣା ହୋଇଛି।

କରୋନା ଭାଇରସ ଆତଙ୍କ କାରଣରୁ ଏହି ମ୍ୟାଚ୍ ରୁଦ୍ଧଦ୍ୱାରରେ ଅର୍ଥାତ୍ ସମ୍ପୂର୍ଣ୍ଣ ଭାବେ ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିଲା। ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ ଏଟିକେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଏଟିକେ ତରଫରୁ ସ୍ପାନିସ୍ ଫୁଟବଲର ଜାଭି ହର୍ନାଣ୍ଡିଜ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଟାକିଂ ମିଡ୍‌ଫିଲ୍ଡର ଭାବେ ଖେଳୁଥିବା ଜାଭି ଦଶମ ମିନିଟ୍‌ରେ ରଏ କ୍ରିଷ୍ଣାଙ୍କଠାରୁ ପାସ୍ ପାଇଥିଲେ ଓ ଏହାର ସଦ୍‌ବ୍ୟବହାର କରି ପ୍ରଥମ ଗୋଲ ଦେଇ ଏଟିକେକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଏଟିକେ ଅଗ୍ରଣୀ ବଜାୟ ରଖିଥିଲା। ଏହାପରେ ୪୮ତମ ମିନିଟ୍‌ରେ ଅନ୍ୟତମ ସ୍ପାନିସ୍ ଆଟାକିଂ ମିଡଫିଲ୍ଡର ଏଡୁ ଗାର୍ସିଆ ୱିଲିୟମ୍ସଙ୍କଠାରୁ ପାସ ପାଇ ସିଧା ଶଟ୍ ଖେଳିଥିଲେ। ତେବେ ଏହା ବାର ବାଜି ପୋଷ୍ଟକୁ ଯାଇଥିଲା। ଏହି ଗୋଲ ସହ ଏଟିକେ ୨-୦ରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଚେନ୍ନାଇନ୍ ତରଫରୁ ଲିଥୁଆନିଆ ନେରିଜୁସ ଭାଲସ୍କିଜ୍ ରାଇଟ୍ କିକ୍ ମାରି ସଫଳ ହେବା ସହ ୬୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏଥିସହିତ ଚେନ୍ନାଇ ମ୍ୟାଚକୁ ଫେରିଥିଲା। ଏହା ପରେ ଉଭୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଶେଷରେ ଜାଭି ଅନ୍ତିମ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ ଫ୍ରି ଶଟ୍ ମାରି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ।



ଏଟିକେ ପାଇଁ ପ୍ରଥମ ଗୋଲ୍ ସ୍କୋର୍ କରିଥିବା ଜାଭି ହର୍ନାଣ୍ଡିଜ୍।

ପ୍ଲେ- ଅଫ୍‌ରେ ଉଭୟ ଦଳ ଉନ୍ନତ ପ୍ରଦର୍ଶନ କରିଥିଲେ। ଦୁଇ ଲେଗ ବିଶିଷ୍ଟ ସେମିଫାଇନାଲରେ ଚେନ୍ନାଇନ୍ ଲିଗ୍ ଏଫ୍‌ସି ଗୋଆକୁ ଏଗ୍ରିଗେଟ୍‌ରେ ୬-୫ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଏଟିକେ ଦୁଇ ଲେଗ୍ ବିଶିଷ୍ଟ ସେମିରେ ବେଙ୍ଗାଲୁରୁ ଏଫ୍‌ସିକୁ ଏଗ୍ରିଗେଟ୍‌ରେ ୩-୨ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରୁଦ୍ଧଦ୍ୱାରରେ ତଥା ଫାଙ୍କା ଷ୍ଟାଡିୟମରେ ଖେଳାଯାଇଥିବାରୁ ମ୍ୟାଚ୍ ଅବଶ୍ୟ ସେତେଟା ରୋମାଞ୍ଚକ ହୋଇ ନ ଥିଲା।

## ରୋନାଲ୍ଡିନୋଙ୍କ ପାଇଁ ମେସି ୨୯ କୋଟି ଖର୍ଚ୍ଚ କଲେ

**ବାର୍ସିଲୋନା, ୧୪।୩**



ଲିଓନେଲ୍ ମେସି ଓ ରୋନାଲ୍ଡିନୋ।

କାସିନୋ ମାଲିକଙ୍କ ଆମନ୍ତ୍ରଣରେ ପୂର୍ବତନ ବ୍ରାଜିଲ ଓ ବାର୍ସିଲୋନା ଷ୍ଟାର ରୋନାଲ୍ଡିନୋ ଫେକ ପାସପୋର୍ଟ ସହ ପାରାଗୁଏ ଗସ୍ତ କରିଥିଲେ। ୨୦୦୨ ଫିଫା ବିଶ୍ୱକପ୍ ଚାମ୍ପିୟନ ଦଳର ଏହି ସଦସ୍ୟଙ୍କୁ ସେଠାରେ ପୋଲିସ ଗିରଫ କରି ଜେଲକୁ ପଠାଇଛି। ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ପୁରୁଣା ବନ୍ଧୁ ଲିଓନେଲ ମେସି। ସର୍ବାଧିକ ୬ଥର ବାଲୋନ ଡି'ଅର ପୁରସ୍କାର ବିଜେତା ମେସି ୩୯ ବର୍ଷୀୟ ରୋନାଲ୍ଡିନୋଙ୍କୁ ଜେଲରୁ ବାହାରକୁ ଆଣିବା ଲାଗି ୪ ଓକିଲଙ୍କୁ ନିଯୁକ୍ତ କରିଛନ୍ତି। ଏଥିପାଇଁ ସେ ୪ ନିୟୁତ ୟୁରୋ ଖର୍ଚ୍ଚ କରିଛନ୍ତି, ଯାହା ଭାରତୀୟ ମୁଦ୍ରାରେ ସାଢ଼େ ୨୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ। ମେସି ଜୁନିୟର ସ୍ତରରେ ଷ୍ଟାର ହୋଇ ଉଭା ହେଉଥିବାବେଳେ ରୋନାଲ୍ଡିନୋ ବିଶ୍ୱର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେଉଥିଲେ। ଏହାପରେ ରୋନାଲ୍ଡିନୋଙ୍କ ନେତୃତ୍ୱରେ ମେସି ଶୀର୍ଷସ୍ତରରେ ଖେଳିବା ଆରମ୍ଭ କରିଥିଲେ। ସେତେବେଳେ ଆରମ୍ଭ ହୋଇଥିବା ବନ୍ଧୁତା ଏବେ ପର୍ଯ୍ୟନ୍ତ ଅତୁଟ ରହିଛି। ଉଲ୍ଲେଖଯୋଗ୍ୟ, ଦୁହେଁ ୩ ବର୍ଷ ୪ ମାସ ଏକାଠି ବାର୍ସିଲୋନା ପାଇଁ ଖେଳିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ବାର୍ସିଲୋନା ଦୁଇଥର ଲା ଲିଗା ଲିଗ୍ ଚାମ୍ପିୟନ ହୋଇଥିବା ବେଳେ ଥରେ ଚାମ୍ପିୟନ୍ସ ଲିଗ୍ ଜିତିଥିଲା।

## ଜେଲ୍‌ରେ ଫୁଟବଲ ଟୁର୍ନାମେଣ୍ଟ ଖେଳିବେ ରୋନାଲ୍ଡିନୋ

**କ୍ଲୋରିଣ୍ଡା, ୧୪।୩:** ପୂର୍ବତନ ବାର୍ସିଲୋନା ଷ୍ଟାର ରୋନାଲ୍ଡିନୋ ଫେକ୍ ପାସ୍‌ପୋର୍ଟ ବ୍ୟବହାର କରି ଏବେ ପାରାଗୁଏର ଏକ ଜେଲ୍‌ରେ ଅଛନ୍ତି। ଏହି ଘଟଣା ସମ୍ପର୍କରେ ପ୍ରାୟତଃ ଫୁଟବଲ ପ୍ରଶଂସକଙ୍କୁ ଜଣା ଥିବ। ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ଟ୍ରଫି ସାମିଲ ହୋଇପାରେ। ଜେଲ୍‌ରେ ଖେଳାଯିବାକୁ ଥିବା ଏକ ଫୁଟ୍‌ବଲ ପ୍ରତିଯୋଗିତାରେ ବ୍ରାଜିଲ ଷ୍ଟାର ଖେଳିପାରନ୍ତି ବୋଲି ଏବିସି ଟିଭି ପାରାଗୁଏ ପକ୍ଷରୁ କୁହାଯାଇଛି। ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ମିଳିବାକୁ ଥିବା ପୁରସ୍କାର ସମ୍ପର୍କରେ କଦାପି କଳ୍ପନା କରିହେବ ନାହିଁ। ଚାମ୍ପିୟନ ଦଳକୁ ୧୬ କେଜିର ଏକ ଘୁଷୁରି ପୁରସ୍କାର ବାବଦକୁ ମିଳିବ। ମିଳିଥିବା ସୂଚନା ମୁତାବକ ଦଳର ଅଧିନାୟକ ରୋନାଲ୍ଡିନୋଙ୍କ ସହ ଆଲୋଚନା କରିସାରିଛନ୍ତି। କିନ୍ତୁ ମ୍ୟାଚ୍‌ରେ ସେ ଗୋଲ ନ କରିବା ପାଇଁ ପ୍ରତିଶ୍ରୁତି ଦେବାକୁ ପଡ଼ିବ।

## ବିସିସିଆଇ ଭାଷ୍ୟକାର ପ୍ୟାନେଲରୁ ବାଦ୍ ପଡ଼ିଲେ ମଞ୍ଜରେକର

**ମୁମ୍ବାଇ, ୧୪।୩:** କରୋନା ଭାଇରସ୍ ଯୋଗୁ ଆଇପିଏଲ୍ ସ୍ଥଗିତ ଓ ଭାରତ- ଦକ୍ଷିଣ ଆଫ୍ରିକା ସିରିଜ୍ ବାତିଲ ହୋଇଥିବା ବେଳେ ବିସିସିଆଇର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପ୍ରତି କାହାରି ଧ୍ୟାନ ଆକର୍ଷିତ କରିନାହିଁ। ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଭାଷ୍ୟକାର ସଞ୍ଜୟ ମଞ୍ଜରେକରଙ୍କୁ ବିସିସିଆଇ ଭାଷ୍ୟକାର ପ୍ୟାନେଲରୁ ବାଦ୍ ଦେଇଛି। ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ଏହି ମ୍ୟାଚ୍ ଲାଗି ଅନ୍ୟ ବିସିସିଆଇ ପ୍ୟାନେଲ ଭାଷ୍ୟକାରଙ୍କ ଭଳି ଧର୍ମଶାଳାରେ ସେ ଉପସ୍ଥିତ ନ ଥିଲେ। ଏଠାରେ ସୁନୀଲ ଗାଭାସ୍କର, ଏଲ. ଶିଭରାମକ୍ରିଷ୍ଣନ ଓ ମୁରଲୀ କାର୍ତ୍ତିକ ଉପସ୍ଥିତ ଥିଲେ। ମଞ୍ଜରେକର ଗତ ୩ ବିଶ୍ୱକପ୍‌ରେ ବିସିସିଆଇର ଭାଷ୍ୟକାର ପ୍ୟାନେଲ୍‌ରେ ଥିଲେ। ସେ ୧୯୯୬ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଭାଷ୍ୟକାର ଭାବେ ନିଜକୁ ପ୍ରତିଷ୍ଠା କରିଥିଲେ। କିନ୍ତୁ ତାଙ୍କୁ ବିସିସିଆଇ ଯଥେଷ୍ଟ ମ୍ୟାଚ୍ ଦେଇ ନାହିଁ। ମିଳିଥିବା ସୂଚନା ମୁତାବକ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ୍‌ରେ ମଧ ତାଙ୍କୁ ସାମିଲ ନ କରିବାକୁ ବିସିସିଆଇ ଯୋଜନା କରୁଛି। ଏହାର ସ୍ପଷ୍ଟ କରାଣ ନ ଥିଲେ ମଧ ବିସିସିଆଇ କର୍ମକର୍ତ୍ତା ମଞ୍ଜରେକରଙ୍କ କାର୍ଯ୍ୟରେ ଖୁସି ନାହାନ୍ତି। ଏ ସମ୍ପର୍କରେ ଅଧିକ କେହି କମେଣ୍ଟ କରିବାକୁ ଚାହୁଁନାହାନ୍ତି। ନିକଟରେ ସଞ୍ଜୟ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଉପରେ ଏକ ବିବାଦୀୟ ଟିପ୍ପଣୀ ଦେଇଥିଲେ। ଆଉ ଗତବର୍ଷ ପିଙ୍କ୍ ବଲ ଟେଷ୍ଟବେଳେ ସହ ଭାଷ୍ୟକାର ହର୍ଶା ଭୋଗଲେଙ୍କ ସହ ଯୁକ୍ତିତର୍କ ମଧ ହୋଇଥିଲା। ଉଭୟ ଘଟଣା ପାଇଁ ପରବର୍ତ୍ତୀ ସମୟରେ ସଞ୍ଜୟ କ୍ଷମାପ୍ରାର୍ଥନା କରିଥିଲେ।



## ଡିଫେନ୍ସ ଉପରେ କୋଚ୍ ଗ୍ରାହମ ଜୋର ଦେଉଛନ୍ତି: ବୀରେନ୍ଦ୍ର



**ବେଙ୍ଗାଲୁରୁ, ୧୪।୩(ପି.ଟି.):** ଏକ ଭଲ ତଥା ଦୃଢ ଡିଫେନ୍ସ ମ୍ୟାଚ୍ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ଭାରତୀୟ ହକି କୋଚ୍ ଗ୍ରାହମ ରିଡ ବିଶ୍ୱାସ କରନ୍ତି ବୋଲି ଅଭିଜ୍ଞ ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା କହିଛନ୍ତି। ଆକ୍ରମଣାତ୍ମକ ହକି ଖେଳିବା ଉପରେ ରିଡ୍ ସାଧାରଣତଃ ଜୋର ଦେଇଥାନ୍ତି। କିନ୍ତୁ ବିଜୟୀ ହେବା ପାଇଁ ଭଲ ଡିଫେନ୍ସ ନିହାତି ଜରୁରୀ ବୋଲି ରିଡ ବିଶ୍ୱାସ କରନ୍ତି ବୋଲି ଶନିବାର ବୀରେନ୍ଦ୍ର ସ୍ପଷ୍ଟ କରିଛନ୍ତି। ଗତମାସ ଭୁବନେଶ୍ୱରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍‌ଗୁଡିରେ ଭାରତ ଆକର୍ଷଣୀୟ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଓ ବେଲଜିୟମ ଭଳି ଦଳଗୁଡିକୁ ପରାସ୍ତ କରିଥିଲା। ଆକ୍ରମଣାତ୍ମକ ହକି ଖେଳିବା ସହ ଗୋଲ ଦେବାକୁ ପୁସ୍ କରିବା ଓ ପ୍ରତିପକ୍ଷ ସର୍କଲ ଭିତରକୁ ପ୍ରବେଶ କରିବା ଉପରେ ଆମେ ଦଳଗତ ଭାବେ ପ୍ରୟାସ କରିବା ଉପରେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି। ଦଳର ଡିଫେନ୍ସ ଉପରେ ରିଡ୍ ଅଧିକ ଆଶା ପୋଷଣ କରନ୍ତି। ଆଟାକ୍ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ମଧ ରିଡ୍ ଡିଫେନ୍ସକୁ ଆହୁରି ସଜାଡିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏକ ଦୃଢ ଓ ଶକ୍ତିଶାଳୀ ଡିଫେନ୍ସ ହିଁ ଦଳକୁ ଜିତାଇବାରେ ସହାୟ ହୋଇଥାଏ ବୋଲି ରିଡ ଆମକୁ କହିଛନ୍ତି। ରିଡ୍‌ଙ୍କ ତତ୍ତ୍ୱାବଧାନରେ ଦଳ ଉନ୍ନତି କରୁଛି ବୋଲି ବୀରେନ୍ଦ୍ର କହିଛନ୍ତି। ପୂର୍ବରୁ ମ୍ୟାଚ୍‌ର ଅନ୍ତିମ ସମୟରେ ଆମେ ଡିଫେନ୍ସକୁ ହାଲ୍‌କା କରିଥାଉ। ତେବେ ଗତ କେତେମାସ ମଧ୍ୟରେ ଏ ଦୃଷ୍ଟିକୋଣରୁ ଆମେ ଯଥେଷ୍ଟ ଉନ୍ନତି କରିଛୁ। ଫରୱାର୍ଡ ଲାଇନ୍‌ରୁ ଡିଫେନ୍ସ ଆରମ୍ଭ ହୋଇଥାଏ ବୋଲି କୋଚ୍ ଆମକୁ ଅବଗତ କରାଇଛନ୍ତି। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ବୀରେନ୍ଦ୍ର ୨୦୧୬ ରିଓ ଅଲିମ୍ପିକ୍ସ ଖେଳିପାରି ନ ଥିଲେ। ଏବେ ଟୋକିଓ ଅଲିମ୍ପିକ୍ସ ଦଳରେ ସ୍ଥାନ ପାଇବା ପାଇଁ ସେ କଠିନ ପରିଶ୍ରମ କରୁଛନ୍ତି। ଦଳରେ ମୁଁ ସବୁଠାରୁ ଅଭିଜ୍ଞ ଡିଫେଣ୍ଡର। କିନ୍ତୁ ତା ମାନେ ନୁହେଁ ଯେ, ଦଳରେ ମୋର ସ୍ଥାନ ପକ୍କା। ଅଲିମ୍ପିକ ପାଇଁ ଏକ ଶ୍ରେଷ୍ଠ ଦଳ ଘୋଷଣା କରାଯିବ। ତେଣୁ କାହାର ସ୍ଥାନ ସ୍ଥାୟୀ ନୁହଁ। ତେଣୁ ସମସ୍ତଙ୍କୁ ଶତପ୍ରତିଶତ ପ୍ରଦର୍ଶନ କରିବାକୁ ହେବ। ଦୁର୍ଭାଗ୍ୟବଶତଃ ରିଓ ଅଲିମ୍ପିକ୍ସ ଖେଳିପାରି ନ ଥିଲି। ତେବେ ଏଥର କଠିନ ପରିଶ୍ରମ କରୁଛି ଓ ଦଳ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିବି ବୋଲି ବୀରେନ୍ଦ୍ର କହିଛନ୍ତି।

## ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ହକି ପ୍ରୋ ଲିଗ୍ ସ୍ଥଗିତ

**ଲୌସାନେ, ୧୪।୩(ପି.ଟି.):** ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଶନିବାର ଚଳିତ ପ୍ରୋ ଲିଗ୍‌କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ କରିଛି। ବିଭିନ୍ନ ଦେଶରୁ ମିଳିଥିବା ସୂଚନା ଓ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟଏଚ୍‌ଓ), ବିଭିନ୍ନ ଦେଶର ସରକାର ଓ ସ୍ଥାନୀୟ ଆୟୋଜକ କମିଟିର ପରାମର୍ଶକୁ ଭିତ୍ତି କରି ଏଫ୍‌ଆଇଏଚ୍ ଏହି ନିଷ୍ପତ୍ତି ନେଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଓ ସମସ୍ତ ଅଂଶଗ୍ରହଣକାରୀ ଜାତୀୟ ଆସୋସିଏଶନ (ଏନ୍‌ଏଏସ୍) ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବାକୁ ଧାର୍ଯ୍ୟ କରିଛନ୍ତି ବୋଲି ଅନ୍ତର୍ଜାତୀୟ ହକିର ପରିଚାଳନା ସଂସ୍ଥା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହୋମ ଓ ଆୱେ ଭିତ୍ତିରେ ଖେଳାଯାଉଥିବା ଲିଗ୍‌ରେ ୯ ଦଳ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଭାରତୀୟ ଦଳ ଏପ୍ରିଲ ୨୫ ଓ ୨୬ ତାରିଖରେ ଜର୍ମାନୀ ବିପକ୍ଷରେ ବର୍ଲିନଠାରେ ମ୍ୟାଚ ଖେଳିବାର ଅଛି। ପରିସ୍ଥିତିର ମୂଲ୍ୟାଙ୍କନ ଓ ସ୍ଥାନୀୟ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ଉପରେ ମ୍ୟାଚ୍ କେବେ ଆୟୋଜନ ହେବ ତାହା ନିର୍ଭର କରେ।

## କ୍ୱାର୍ଟରରୁ ସିନ୍ଧୁଙ୍କ ବିଦାୟ

**ବର୍ମିଂହାମ୍, ୧୪।୩ (ପି.ଟି.):** ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ବର୍ମିଂହାମ୍ ଆରେନାରେ ଶୁକ୍ରବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜାପାନର ନୋଜୋମି ଓକୁହାରା ତାଙ୍କୁ ୧୨-୨୧, ୨୧-୧୫, ୨୧-୧୩ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୬୮ ମିନିଟ ଧରି ଚାଲିଥିଲା। ୨୪ ବର୍ଷୀୟା ଭାରତୀୟ ଖେଳାଳି ସିନ୍ଧୁ ୩ ରୋମାଞ୍ଚକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ତାଙ୍କ ପରାଜୟ ଦ୍ୱାରା ଏହି ସୁପର ୧୦୦୦ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ଓକୁହାରାଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ପରାଜୟ ରେକର୍ଡ ୯-୭ ରହିଛି। ଗତଥର ସେ ଏହି ଜାପାନିଜ ଖେଳାଳିଙ୍କୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପରାସ୍ତ କରିଥିଲେ।



## ସଂକ୍ଷେପରେ

### ଦଳେଇଘାଇରେ ବୁଡ଼ିଯାଇ ଯୁବକ ମୃତ

ବିରିଡି,୧୪।୩(ଡି.ଏନ.ଏ.): ବିରିଡ଼ି ଥାନା ଅଧୀନ କାଠଯୋଡ଼ି ନଦୀର ଦଳେଇଘାଇରେ ବୁଡ଼ିଯାଇ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଲୋଚନ ମଲ୍ଲିକ (୨୨)। ମୃତକଙ୍କ ଘର ହାଜିପୁର ପଞ୍ଚାୟତ କମାଶାସନ(ବଗୁଲା)ରେ ବୋଲି ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦେବଲୋଚନ ତାଙ୍କର ଜଣେ ସାଥୀଙ୍କ ସହ ଦଳେଇଘାଇ ଗଣ୍ଡ ନିକଟରେ ଗାଧୋଉଥିଲେ। ହଠାତ୍ ଭାରସାମ୍ୟ ହରାଇ ଗଣ୍ଡ ଭିତରେ ବୁଡି ଯାଇଥିଲେ। ଏହି ସମୟରେ ଅନ୍ୟ ସାଥୀ ହରିଶଙ୍କର ମଲ୍ଲିକ(ଟୁଟୁନୁ) ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବୁଡ଼ିଯାଇଥିଲେ। ନିକଟରେ ଥିବା ଜଣେ ମାଛ ଧରାଳି ହରିଶଙ୍କରଙ୍କୁ ଉଦ୍ଧାର କରିଥିଲେ। ପରେ ଦେବଲୋଚନଙ୍କୁ ଉଦ୍ଧାର କରିବା ପାଇଁ ବିରିଡ଼ି ଅଗ୍ନିଶମ କେନ୍ଦ୍ରକୁ ଖବର ଦିଆଯାଇଥିଲା। ଗଣ୍ଡରେ ପାଣି ଅଧିକ ଥିବାରୁ ଜଗତ୍‌ସିଂହପୁରରୁ ଓଡ୍ରାଫ ଟିମ୍ ପାୱାର ବୋଟ ଓ ଅକ୍ସିଜେନ ସିଲିଣ୍ଡର ସହ ଆସି ଦେବଲୋଚନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ବିରିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୨/୨୦) ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବାଲିକୁଦାରେ ପୁଣି ଅଜଣା ଜନ୍ତୁ ଆତଙ୍କ

ବାଲିକୁଦା,୧୪।୩(ସ୍ୱ.ପ୍ର.): କିଛିଦିନର ବ୍ୟବଧାନ ପରେ ପୁଣି ବାଲିକୁଦା ଥାନା ଅଧୀନ ଅଡ଼ଙ୍ଗା ଅଞ୍ଚଳରେ ଅଜଣା ଜନ୍ତୁ ଆତଙ୍କ ଦେଖାଯାଇଛି। ଗତ ଶୁକ୍ରବାର ଦେବଗ୍ରାମ(ଦାଗାଁ)ର କିଛି ପିଲା ଖେଳ ସାରି ଘରକୁ ଫେରୁଥିବାବେଳେ ଜନ୍ତୁଟି ହଠାତ୍ ଏମାନଙ୍କ ପାଖକୁ ମାଡି ଆସିଥିଲା। ଜନ୍ତୁକୁ ଦେଖି ପିଲାମାନେ ଚିତ୍କାର କରିବାରୁ ଜନ୍ତୁ ସେଠାରୁ ସେହି ଜଙ୍ଗଲିଆ ସ୍ଥାନ ଆଡକୁ ଚାଲି ଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଚିକନଜୀତ ମାହନ୍ତି ସୂଚନା ଦେଇଛନ୍ତି। ପିଲାମାନେ ଗାଁକୁ ଆସି ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ଗାଁ ଲୋକ ଘଟଣାସ୍ଥଳକୁ ଯାଇଥିଲେ। କିଛି ସମୟ ପରେ ଉକ୍ତ ଜନ୍ତୁକୁ ଗାଁ ଲୋକେ ଦେଖିଥିଲେ, ହେଲେ ଲୋକଙ୍କୁ ଦେଖି ଜନ୍ତୁଟି ସେହି ଜଙ୍ଗଲିଆ ସ୍ଥାନ ଆଡକୁ ଚାଲି ଯାଇ ଲୁଚି ରହିଥିଲା। ସନ୍ଧ୍ୟା ସମୟ ହୋଇଥିବାରୁ ଜନ୍ତୁକୁ ଖୋଜି ପାଇବା ସମ୍ଭବ ନ ହେବାରୁ ଫେରି ଆସିଥିଲେ ଗାଁ ଲୋକେ। ଏହାପରେ ଉକ୍ତ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। କେହି କୁଆଡେ କାମ ଧନ୍ଦା କରି ଯିବାକୁ ଭୟ କରୁଛନ୍ତି। ଏପରିସ୍ଥଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଜନ୍ତୁକୁ ଠାବ କରି ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବନବିଭାଗ ନିକଟରେ ଦାବି ହୋଇଛି।

# ଆର୍‌ପିଆଇ ରାଜ୍ୟ ସଭାପତି ଗିରଫ

**ଏସ୍‌ପି ଅଫିସ ସମ୍ମୁଖରେ ଉତ୍ତେଜନାପୂର୍ଣ୍ଣ ଜାତିଆଣ ଓ ଅଶ୍ଳୀଳ ଭାଷଣ ମାମଲା**

ଜଗତ୍‌ସିଂହପୁର ଅଫିସ,୧୪।୩

ତିର୍ତ୍ତୋଲ ଥାନା ଅଧୀନ ରେପୁରପାଟଣା ଗ୍ରାମରେ ଦଳିତ ଓ ସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏହି ବିବାଦର ସମାଧାନ ପାଇଁ ଶାନ୍ତି କମିଟି ଗଠନ ହୋଇଛି। ଆସନ୍ତା ୧୬ ତାରିଖରେ ଶାନ୍ତି କମିଟି ବସିବାର ଅଛି। କିନ୍ତୁ ତା' ପୂର୍ବରୁ ଅର୍ଥାତ୍ ଗତ ୧୨ ତାରିଖରେ ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ଜଗତ୍‌ସିଂହପୁର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରିପବ୍ଲିକାନ୍ ପାର୍ଟି ଅଫ ଇଣ୍ଡିଆ(ଆର୍‌ପିଆଇ)ର ରାଜ୍ୟ ସଭାପତି ସେଖ୍ ଅବଦୁଲ ୱାଲି ଯୋଗ ଦେଇଥିଲେ। ସମାବେଶରେ ୱାଲି, ମହାସଭା ରାଜ୍ୟ ସଭାପତି ଅଶୋକ ମଲ୍ଲିକ ଓ ଅନ୍ୟମାନେ ଉତ୍ତେଜନାପୂର୍ଣ୍ଣ ଜାତିଆଣ ଓ ଅଶ୍ଳୀଳ ଭାଷଣ ଦେଇଥିଲେ। ଯେଉଁ କାରଣରୁ ଜଗତ୍‌ସିଂହପୁର ଥାନା ପକ୍ଷରୁ ୱାଲିଙ୍କ ସହ ଅନ୍ୟ ୭୦ଜଣଙ୍କ ନାମରେ ମାମଲା ସଂଖ୍ୟା ୮୭/୨୦ ରୁଜୁ କରାଯାଇଥିଲା। ଏହି ମାମଲାରେ ପୋଲିସ ଶନିବାର ଆର୍‌ପିଆଇ ରାଜ୍ୟ ସଭାପତି ୱାଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ରିପବ୍ଲିକାନ୍ ପାର୍ଟି ଅଫ ଇଣ୍ଡିଆର ରାଜ୍ୟ ସଭାପତି ସେଖ୍ ଅବଦୁଲ ୱାଲି।

ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇ କହିଛନ୍ତି, ରେପୁରପାଟଣାରେ ୧୮୦ ଘର ସବର୍ଣ୍ଣ ଓ ୨୨ ଘର ଦଳିତ ପରିବାର ରହିଛନ୍ତି। ଗାଁରେ ଥିବା ଶିବ ମନ୍ଦିରକୁ ଦଳିତଙ୍କୁ ବାରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରି କି ୮/୯ ଜଣ ସବର୍ଣ୍ଣ ଦଳିତଙ୍କ ଜାତିକୁ ନେଇ ଆକ୍ଷେପ କରିଥିବା ଅଭିଯୋଗ ଉପରେ ପୋଲିସ ମାମଲା ରୁଜୁ କରି ଚାର୍ଜଶିଟ୍ ଦାଖଲ କରି ସାରିଛି। ଏହା ଭିତରେ ସେମାନଙ୍କ ଭିତରେ ସୃଷ୍ଟି ହୋଇଥିବା ତିକ୍ତତା ଦୂର ପାଇଁ ତିର୍ତ୍ତୋଲ ତହସିଲଦାର, ସେ ଅଞ୍ଚଳର ସରପଞ୍ଚ, ସ୍ଥାନୀୟ ଓ ବାହାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଛି। ଆସନ୍ତା ୧୬ରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବ। ତା ପୂର୍ବରୁ ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ମନ୍ଦିର ଭାଙ୍ଗି ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଯାହକି ଅତି ସମ୍ବେଦନଶୀଳ ଘଟଣା। କେବଳ ଏତିକି ନୁହେଁ, ମନ୍ଦିର ପରିସର ଅଧା ଜମିରେ ପାଇଖାନା କରାଯିବ ବୋଲି କୁହାଯିବା ଚିନ୍ତାଜନକ ଥିଲା। ସେହିପରି ନାଉଗାଁ ତେଣ୍ଟୋଇ ଗ୍ରାମର ଦଳିତ ଯୁବତୀଙ୍କ ମୃତ୍ୟୁ ପ୍ରସଙ୍ଗରେ ମଧ୍ୟ କଟୁ ମନ୍ତବ୍ୟ ଦିଆଯାଇଥିଲା। ଅଭିଯୁକ୍ତ ସବର୍ଣ୍ଣ ଯୁବକଙ୍କ ପରିବାର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବାକୁ ଆନ୍ଦୋଳନକାରୀ ପଛାଇ ନ ଥିଲେ। ସିଟିଜେନ୍‌ଶିପ୍ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ନାଁରେ ଧର୍ମ ପରିବର୍ତ୍ତନ ପାଇଁ ଉଦ୍ୟମ ହେଉଥିବା କଥା ମଧ୍ୟ ଉଠିଥିଲା। ଏହିଭଳି ଜାତିଗତ ବିଭେଦ ସୃଷ୍ଟିକାରୀ ଅଶ୍ଳୀଳ ଓ କଟୁ ମନ୍ତବ୍ୟ ଦିଆଯାଇଥିବାରୁ ପୋଲିସ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଆଇଆଇସି କହିଛନ୍ତି।


ମା' ଶାରଳାଙ୍କ ଦଶଘଟ ପରିକ୍ରମାରେ ବାହାରିଥିବା ରାଉଳ ସେବକ।

## ମା' ଶାରଳାଙ୍କ ଦଶଘଟ ପରିକ୍ରମା ଆରମ୍ଭ

ତିର୍ତ୍ତୋଲ,୧୪।୩(ଡି.ଏନ.ଏ.)

ପ୍ରସିଦ୍ଧ ଝଙ୍କଡ଼ ଶାରଳା ଠାକୁରାଣୀଙ୍କ ମନ୍ଦିରରୁ ଚୈତ୍ରମୀନ ସଂକ୍ରାନ୍ତିଠାରୁ ଦଶଘଟ ପରିକ୍ରମା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅପରାହ୍ନରେ କନକପୁରର ଅଧୀଶ୍ୱର ବାବା କନକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଦଶଜଣ ରାଉଳସେବକ ଘଟଦଣ୍ଡ ସହିତ ନିଜକୁ ଘଟପାଟୁଆ ବେଶରେ ସଜ୍ଜିତ କରିଥିଲେ। ଘଣ୍ଟ, ଘଣ୍ଟା, କାହାଳୀ ଭେରୀ-ତୁରୀ, ଢୋଲ ମହୁରୀ ଓ ହରିବୋଲ ହୁଳହୁଳି ଧ୍ୱନିରେ ଝଙ୍କଡର ଗ୍ରାମଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଦଶଘଟ ମା'ଶାରଳାଙ୍କ ମନ୍ଦିରରେ ପହଞ୍ଚିବା ପରେ ମା'ଙ୍କ ରତ୍ନସିଂହାସନ ସମ୍ମୁଖରେ ବଡପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡା ଗୁପ୍ତ ପୂଜାର୍ଚ୍ଚନା କରିଥିଲେ। ପରେ ଏହି ଘଟପାଟୁଆ ମନ୍ଦିର ବେଢ଼ା ପରିକ୍ରମା କରି ନାଟମଣ୍ଡପ ସମ୍ମୁଖରେ ଘଟନୃତ୍ୟ ପରିବେଷଣ କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ବଡପଣ୍ଡା ସମସ୍ତ ଘଟଦଣ୍ଡ ଶାଢୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ମୀନ ସଂକ୍ରାନ୍ତିଠାରୁ ପଣାସଂକ୍ରାନ୍ତି ଝାମୁଯାତ୍ରା ପର୍ଯ୍ୟନ୍ତ ଘଟପାଟୁଆ ଓଡିଶାର ପୁରପଲ୍ଲୀ ଓ ସହର ପରିକ୍ରମା କରି ଘଟ ନୃତ୍ୟ ମାଧ୍ୟମରେ ଦେବୀ ଶକ୍ତିର ଅଲୌକିକ ଲୀଳା ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ ସମାଜକୁ ମାତୃ ଉପାସନା ଓ ମାତୃଶକ୍ତିକୁ ସମ୍ମାନ ଦେବାର ବାର୍ତ୍ତା ଦେଇଥାନ୍ତି।

# ପୋଖରୀରୁ ହରିଣ ଉଦ୍ଧାର


ଗ୍ରାମବାସୀ ହରିଣକୁ ଉଦ୍ଧାର କରୁଛନ୍ତି।

ମହାକାଳପଡା,୧୪।୩(ଡି.ଏନ୍.ଏ.)

ମହାକାଳପଡା ବ୍ଲକ ଅଧୀନ ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ପାର୍ଶ୍ୱ ଟିକରପଙ୍ଗା ପଞ୍ଚାୟତର ସ୍ଥାନୀୟ ନାରାୟଣପୁର ଗ୍ରାମ ପୋଖରୀରୁ ଏକ ଜଙ୍ଗଲୀ ହରିଣକୁ ଗ୍ରାମର ଷଣ୍ଢ କମିଟିର ଯୁବକମାନେ ଶନିବାର ଉଦ୍ଧାର କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅନେକ ସମୟରେ ନିକଟସ୍ଥ ଜଙ୍ଗଲରୁ ହରିଣ ଖାଦ୍ୟ ଅନ୍ୱେଷଣରେ ଜନବସତି ଅଞ୍ଚଳକୁ ପଶି ଆସୁଛନ୍ତି। ଶନିବାର ସନ୍ଧ୍ୟା ସାଢେ ୬ଟାରେ ଏକ ହରିଣ ନାରାୟଣପୁର ଗ୍ରାମକୁ ପଶି ଆସିଥିବା ଗ୍ରାମବାସୀ ଦେଖିଥିଲେ। ତାକୁ ଗ୍ରାମର କେତେଜଣ ଯୁବକ ଧରିବାକୁ ଗୋଡାଇବାରୁ ସେ ଏକ ଦଳ ପୋଖରୀରେ ପଡି ଯାଇଥିଲା। ପରେ ଷଣ୍ଢ କମିଟିର ସଦସ୍ୟ ତଥା ଗ୍ରାମବାସୀ ହରିଣକୁ ପୋଖରୀରୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଜନଗର ବନଖଣ୍ଡ ଅଧିକାରୀ ବିକାଶ ରଞ୍ଜନ ଦାଶଙ୍କ ପରାମର୍ଶକ୍ରମେ ମହାକାଳପଡା ଫରେଷ୍ଟ ରେଞ୍ଜ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରିଥିଲେ। ରବିବାର ସକାଳେ ସ୍ଥାନୀୟ ଖରିନାସୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହରିଣକୁ ଛାଡି ଦିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## ଲାଗିଲା ଆଉ ୩ ଡାୟାଲିସିସ୍ ୟୁନିଟ୍, ଅଟୋ ଆନାଲାଇଜର

ଜଗତ୍‌ସିଂହପୁର ଅଫିସ,୧୪।୩

**ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାୟାଲିସିସ୍ ୟୁନିଟ୍‌ରେ ପୁଣି ୩ଟି ମେଶିନ୍ ବୃଦ୍ଧି ହୋଇଛି। ଏହାକୁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏବଂ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଆଗରୁ ୩ ମେଶିନ୍‌ରେ କାର୍ଯ୍ୟ ହେଉଥିଲା। ଏହାଦ୍ୱାରା କିଡ୍‌ନୀ ସମସ୍ୟାଜନିତ ରୋଗୀଙ୍କ ସୁବିଧାରେ ଡାୟାଲିସିସ୍ ହୋଇପାରିବ। ଡାୟାଲିସିସ୍ ନିମନ୍ତେ ରୋଗୀଙ୍କୁ କଟକ ଯିବାକୁ ପଡିବ ନାହିଁ। ଏଥିସହିତ ମେଡିକାଲ ଲାବୋରେଟୋରୀର ଏକ ଅଟୋ ଆନାଲାଇଜରକୁ ମଧ୍ୟ ବିଧାୟକ ଓ ଜିଲାପାଳ ଉଦ୍‌ଘାଟନ କରିଛନ୍ତି। ଏହି ଅଟୋ ଆନାଲାଇଜର ମାଧ୍ୟମରେ ଗ୍ଲୁକୋଜ୍, ୟୁରିଆ, କ୍ରିଏଟିନାଇନ୍, ବିଲିରୁବିନ୍, ଆଲ୍‌କାଲାଇନ୍ ଫସଫେଟ୍, କୋଲେଷ୍ଟରଲ୍, ଟ୍ରାଇଗ୍ଲିସେରାଇଡ୍, ୟୁରିକ୍ ଏସିଡ୍ ପରୀକ୍ଷା କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟା ପଣ୍ଡା, ଏଡିଏମ୍‌ଓ (ମେଡିକାଲ) ଡ. ଲାଲମୋହନ ରାଉତରାୟ, ଡିପିଏଚ୍‌ଓ ଡ. ଶତ୍ରୁଘ୍ନ ଦାସ, ଏଡିପିଏଚ୍‌ଓ (ଟିବି) ଡ. ବସନ୍ତ ବାରିକ, ଏଡିପିଏଚ୍‌ଓ (ଭିଭିଡି) ଡ. କ୍ଷେତ୍ରବାସୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଓ ବିଧାୟକ ନିର୍ମାଣ ହେବାକୁ ଥିବା ଏମ୍‌ସିଏଚ୍ ବିଲ୍ଡିଂ ସ୍ଥାନ ପରିଦର୍ଶନ କରି କିପରି ଏହା ଶୀଘ୍ର ଆରମ୍ଭ ହେବ ତା'ଉପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଖୋଲା ରହିଲା ଘରୋଇ ଶିକ୍ଷାନୁଷ୍ଠାନ

କୁଜଙ୍ଗ,୧୪।୩(ଡି.ଏନ.ଏ.)

ରାଜ୍ୟ ସରକାର କରୋନାକୁ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସମସ୍ତ ସ୍କୁଲ, କଲେଜକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତ। ଅନେକ ସଭାସମିତି ମଧ୍ୟ ବାତିଲ କରାଯାଇଛି। ମାତ୍ର କୁଜଙ୍ଗ ବ୍ଲକ ଅଞ୍ଚଳରେ ଶନିବାର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ଖୋଲାଥିବା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୌଣସି ଘରୋଇ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




# ୨୦ରୁ କମ୍ ପିଲା ଥିବା ୧୬ ସ୍କୁଲ ବନ୍ଦ ହେବ

ରଘୁନାଥପୁର, ୧୪।୩ (ଡି.ଏନ.ଏ.)

**ରଘୁନାଥପୁର ବ୍ଲକ**

ଜଗତ୍‌ସିଂହପୁର ଶିକ୍ଷାଜିଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ଅଧୀନରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ୧୬ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଯେଉଁ ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ଅଛନ୍ତି ସେଗୁଡିକୁ ପାଖ ବିଦ୍ୟାଳୟରେ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ବିଇଓଙ୍କ ପକ୍ଷରୁ ୧୬ଟି ସ୍କୁଲକୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇବାକୁ ପ୍ରସ୍ତୁତି ଶେଷ ହୋଇଛି। ସେଗୁଡିକ ମଧ୍ୟରୁ ବିରାଡି କଟକ ପ୍ରାଥମିକ ବିଦ୍ୟାଳୟ, ଶଙ୍କର ନୋଡାଲ ଉପ୍ରା ବିଦ୍ୟାଳୟ, କରିମୂଳ ପ୍ରାଥମିକ ବିଦ୍ୟାଳୟ, ଜିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରାଗୋଳ ପ୍ରାଥମିକ ବିଦ୍ୟାଳୟ, ସାନତିହଡା ଉପ୍ରା ବିଦ୍ୟାଳୟ। ସେହିପରି କନ୍ଦରାପଟି ଗୋପାଳ ପ୍ରାଥମିକ ବିଦ୍ୟାଳୟ, ମଜୁରାଇ ପ୍ରାଥମିକ ବିଦ୍ୟାଳୟ, କଳାଧାରୀ ପ୍ରାଥମିକ ବିଦ୍ୟାଳୟ, ଖଣ୍ଡତରି ପ୍ରାଥମିକ ବିଦ୍ୟାଳୟ, ଖର୍ଦ୍ଦସାହି ପ୍ରାଥମିକ ବିଦ୍ୟାଳୟ। ଏହି ୧୬ଟି ସ୍କୁଲ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି। ଏହା ପରେ ୪୦ରୁ କମ୍ ପିଲା ଥିବା ବିଦ୍ୟାଳୟଗୁଡିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବାକୁ ଚିନ୍ତା କରାଯାଉଥିବା ସୂଚନା ମିଳିଛି। ତେବେ ସ୍କୁଲ ମିଶ୍ରଣ ପ୍ରକ୍ରିୟାକୁ ନେଇ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ଶିକ୍ଷାପ୍ରେମୀ ତଥା ସଚେତନ ନାଗରିକଙ୍କ ପକ୍ଷରୁ ଦୀର୍ଘଦିନ ତଳୁ ଗଢି ଉଠିଥିବା ଶିକ୍ଷାନୁଷ୍ଠାନର ଉନ୍ନତି କଥା ସରକାର ଚିନ୍ତା ନ କରି ସେଗୁଡିକ ବନ୍ଦ କରିଦେବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାର କାରଣ ନ ଖୋଜି ଭୁଲକୁ ସଂଶୋଧନ ନ କରି ଏଭଳି ନିଷ୍ପତ୍ତି ନେବା ଆଦୌ ସମୀଚୀନ ନୁହେଁ ବୋଲି କୁହାଯାଇଛି।

# ଅଗଷ୍ଟରୁ ଚାଲିବ ପଣ୍ୟବାହୀ ଟ୍ରେନ୍

ପାରାଦୀପ,୧୪।୩(ସ୍ୱ.ପ୍ର.)

**ପାରାଦୀପ-ହରିଦାସପୁର ରେଳପଥ**



- କମିବ ପ୍ରଦୂଷଣ ହାର
- ଟ୍ରକ୍ ବ୍ୟବସାୟ ପାଇଁ ଦେଖା ଦେଇପାରେ ସଙ୍କଟ

ପାରାଦୀପ-ହରିଦାସପୁର ରେଳପଥରେ ଆସନ୍ତା ଅଗଷ୍ଟରୁ ଟ୍ରେନ୍ ଚଳାଚଳ କରିବ ବୋଲି ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ଟ୍ରେନ୍ ଚଳାଚଳ କଲେ ପରିବହନ ଜନିତ ପ୍ରଦୂଷଣ ହ୍ରାସ ପାଇବ ବୋଲି ସେ ମତ ରଖିଛନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ପାରାଦୀପର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଥିଲେ, ପାରାଦୀପର ପ୍ରଦୂଷଣ ରୋକିବା ଦିଗରେ କେତେକ ପଦକ୍ଷେପ ନିଆଯାଉଛି। ପାରାଦୀପ ବନ୍ଦରର ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ଏକ ଫ୍ଲାଏଓଭର ନିର୍ମାଣ କରାଯିବ। ଯାହା ଏବେ ଟେଣ୍ଡର ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଅଗଷ୍ଟ ମାସରୁ ପାରାଦୀପ-ହରିଦାସପୁର ରେଳ ଚଳାଚଳ କଲେ ଟ୍ରକ୍ ଦ୍ୱାରା ମାଲ୍ ପରିବହନ ହ୍ରାସ ପାଇବ। ଟ୍ରକ୍ ଦ୍ୱାରା ମାଲ୍ ପରିବହନ ଯୋଗୁ ରାସ୍ତାରେ ଧୂଳି ଆସ୍ତରଣ ଅଧିକ ହେଉଛି। ସେ ସବୁ ଆଉ ହେବ ନାହିଁ। ଅନ୍ୟପକ୍ଷରେ ରେଳ ଚଳାଚଳ କରିବା ପରେ ପାରାଦୀପରେ ଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକଗୁଡିକର ଭବିଷ୍ୟତ କ'ଣ ହେବ ବୋଲି ଜିଲାପାଳଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ, ଏ ପ୍ରସଙ୍ଗରେ ଜିଲାପାଳ କହିଥିଲେ, ଏବେ ପାରାଦୀପରେ ଶିଳ୍ପ ବଢୁଛି। ସେଥିରେ ଅନ୍ୟ ବ୍ୟବସାୟ କରି ଟ୍ରକ୍ ମାଲିକ ରୋଜଗାରକ୍ଷମ ହୋଇପାରିବେ।

ସୂଚନାଯୋଗ୍ୟ, ପାରାଦୀପରେ ବର୍ଷେ ହେଲା ଟ୍ରକ ସଂଘକୁ ନେଇ ଅନେକ ବିବାଦ ଦେଖାଦେଇଛି। ସଂଘ ଜରିଆରେ ଟ୍ରକ୍ ମାଲିକମାନେ ପଣ୍ୟ ପରିବହନ ମୂଲ୍ୟ ସ୍ଥିର କରି ଅନେକ ପରିବହନକାରୀ ସଂସ୍ଥାକୁ ଶୋଷଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହିଭଳି ଏକ ବୃହତ୍ ପରିବହନକାରୀ ସଂସ୍ଥା ୨୦୧୮ରେ ଟ୍ରକ୍‌ରେ ପଣ୍ୟ ପରିବହନ ବନ୍ଦ କରି ଟ୍ରେନ୍‌ରେ ପରିବହନ କରିଥିଲେ। ଯାହାକୁ ଜିଲାପାଳ ମହାପାତ୍ର କଥା ପ୍ରସଙ୍ଗରେ କହିଥିଲେ ଯେ, ଏପରି ମୂଲ୍ୟ ଦୁନିଆରେ କେଉଁଠି ହେଉ ନ ଥିବ। ଏମିତି ସ୍ଥିତିରେ ସଂଘଗୁଡିକ ଧାରଣା-ଧର୍ମଘଟ କରି ଅଡୁଆରେ ପକାଇଥାନ୍ତି। ଟ୍ରେନ୍‌ରେ ପଣ୍ୟ ପରିବହନ ହେଲେ ଟ୍ରକ ବ୍ୟବସାୟ ପାଇଁ ନକରାତ୍ମକ ସ୍ଥିତି ଆଣିପାରେ ବୋଲି ଚର୍ଚ୍ଚା ହେଲାଣି। ଅପରପକ୍ଷେ ୪ଟି ଟ୍ରକ ମାଲିକ ସଂଘ ସେମାନଙ୍କ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ମାସେ ହେଲା ନୋଟିସ୍ ଜାରି କରିଛନ୍ତି। କେତେକ ବେକାର ଯୁବକ ନୂଆ ଟ୍ରକ୍ କରିବା ପାଇଁ ସଂଘରେ ଲବି ଚଳାଇଛନ୍ତି। ଏହିଭଳି ସ୍ଥିତିରେ ପ୍ରଶାସନର ଟ୍ରକ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ପ୍ରୟାସ ଆଗାମୀ ଦିନରେ କି ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୫।୩।୨୦୨୦, ରବିବାର**
- ପଞ୍ଚୁଦୋଳ ମେଳଣ **ସ୍ଥାନ:** ମହିତମା, ନୂଆଗାଁ, ସମୟ: ଅପରାହ୍ନ ୫ଟା
- ପଞ୍ଚୁଦୋଳ ମେଳଣ **ସ୍ଥାନ:**ବନମାଳୀପୁର ସୋମନାଥ ମନ୍ଦିର, ଖଣ୍ଡପଡା, ସମୟ: ପୂର୍ବାହ୍ନ ୧୦ଟା

**୧୮।୩।୨୦୨୦, ବୁଧବାର**
- ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ **ସ୍ଥାନ:**ପଞ୍ଚମୁଖୀ ହନୁମାନ ମନ୍ଦିର କଣ୍ଟିଲୋ, ସମୟ:ପୂର୍ବାହ୍ନ ୮ଟା

**୧୯।୩।୨୦୨୦, ଗୁରୁବାର**
- ଦଶଦୋଳ ମେଳଣ **ସ୍ଥାନ:**ଇଟାମାଟି ପଞ୍ଚୁଦୋଳ ପଡିଆ, ସମୟ: ରାତ୍ରି ୧୧

**୨୦।୩।୨୦୨୦, ଶୁକ୍ରବାର**
- ଦଶଦୋଳ ମହୋତ୍ସବ **ସ୍ଥାନ:**ଦଶଦୋଳ ପଡିଆ ଖଳିସାହି, ସମୟ:ପୂର୍ବାହ୍ନ ୮ଟା

# ଡାକ୍ତର ନ ଥିବାରୁ ବଢୁଛି ଅସନ୍ତୋଷ

## ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର

**ନୟାଗଡ଼ ଅଫିସ/ନୂଆଗାଁ, ୧୪।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲାର ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି । ଏଠାରେ ଡାକ୍ତରଙ୍କ କାର୍ଯ୍ୟ ଫାର୍ମାସିଷ୍ଟ ତୁଲାଉଛନ୍ତି । ବ୍ଲକ ସଦର ମହକୁମା ହୋଇ ବି ଲୋକମାନେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି । ଦୀର୍ଘ ୪ ବର୍ଷ ହେଲା ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଡାକ୍ତର ନିଯୁକ୍ତି ନେଇ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନି ।

### ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଅଣଦେଖା



ଆଦିବାସୀ ଅଧ୍ୟୁଷିତ ହୋଇଥିଲେ ବି ନୂଆଗାଁ ବ୍ଲକ ସଦର ମହକୁମା ସ୍ୱାସ୍ଥ୍ୟକ୍ଷେତ୍ରରେ ଅଣଦେଖା ହୋଇ ରହିଛି। ଏଠାକାର ଲୋକଙ୍କ ଜୀବନଧାରଣର ମାନ ଉନ୍ନତ ଧରଣର ନୁହେଁ। ଅଭାବ ଅନଟନ ଭିତରେ ଜୀବନ ଅତିବାହିତ କରୁଥିବା ଲୋକମାନେ ଛୋଟ ଛୋଟ ରୋଗ ପାଇଁ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା କଷ୍ଟକର ହେଉଛି। ଏଣୁ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ସମ୍ପୂର୍ଣ୍ଣ ରହିବା ଆବଶ୍ୟକ।

**– ଅସିତ୍ କୁମାର ପଟ୍ଟନାୟକ,** ଉଦୟପୁର ସରପଞ୍ଚ

### ଆନ୍ଦୋଳନ ପାଇଁ ପ୍ରସ୍ତୁତି



ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ନେଇ ନୟାଗଡ଼ ସିଡିଏମ୍ଓ, ଦଶପଲ୍ଲା ବିଧାୟକ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଛି । ଏଠାରେ ଡାକ୍ତର ଅଭାବରୁ ସ୍ୱଚ୍ଛଳ ବର୍ଗ ଓ ଗରିବ ଲୋକ ସମସ୍ତେ ହଇରାଣ ହେଉଛନ୍ତି। ବ୍ଲକ ସଦର ମହକୁମାରେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀ ରହିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ଡାକ୍ତର ନିଯୁକ୍ତି ଦାବିକରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ।

**– ରଞ୍ଜନ କୁମାର ପରିଡ଼ା,** ଯୁବନେତା, ଖାଲମଡ଼ା।

### ଉପେକ୍ଷିତର କାରଣ ବୁଝାପଡୁନି



ନୂଆଗାଁ ବ୍ଲକ ସଦର ମହକୁମାକୁ କାହିଁକି ଉପେକ୍ଷିତ କରାଯାଉଛି, ତା'ର କାରଣ ବୁଝାପଡୁନି। ଏବେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଚାଲିଛି । ହେଲେ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ କେହି ଡାକ୍ତର ଆସି କାର୍ଯ୍ୟରେ ଯୋଗଦେଉନାହାନ୍ତି। ୪ ବର୍ଷ ହେଲା ସ୍ୱାସ୍ଥ୍ୟସେବା ପାଇଁ ଅଞ୍ଚଳବାସୀ ହଇରାଣ ହୋଇଆସୁଛୁ। ଆମେ ବାଧ୍ୟହୋଇ ଆନ୍ଦୋଳନ କରିବୁ।

**– ଦେବରାଜ ଖଣ୍ଡୁଆଳ,** ବରିଷ୍ଠ ନାଗରିକ, ନୂଆଗାଁ

### ମୋ ସରକାର କ'ଣ ପାଇଁ

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ମୋ ସରକାର ଯୋଜନାରେ ସାମିଲ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟକ୍ଷେତ୍ରରେ ନୂଆଗାଁ ଉପେକ୍ଷିତ ହୋଇ ରହିଯାଇଛି। ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସ୍ୱାସ୍ଥ୍ୟସେବାରେ ଉପେକ୍ଷିତ ନୂଆଗାଁ ବ୍ଲକର ସଦର ମହକୁମା ପ୍ରତି ସରକାର ଦୃଷ୍ଟି ନ ଦେବା ଦୁଃଖ ଓ ପରିତାପର ବିଷୟ।



ପୁଣି ଏଠାରେ ଆଦିବାସୀ ଓ ଦଳିତ ଲୋକମାନେ ବାସ କରୁଛନ୍ତି। ସେମାନଙ୍କଆର୍ଥିକଅବସ୍ଥାମଧ୍ୟସ୍ୱଚ୍ଛଳନୁହେଁ।

**– ସୁଶାନ୍ତ କୁମାର ପ୍ରଧାନ,** ଆଇନଜୀବୀ, ନୂଆଗାଁ

### ଗର୍ଭବତୀ ହଟହଟା

ସରକାର ଗର୍ଭବତୀ ମହିଳାଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ଡାକ୍ତର ନ ଯୋଗାଇବାରୁ ନୂଆଗାଁ ଅଞ୍ଚଳର ଗର୍ଭବତୀ ହଟହଟା ହେଉଛନ୍ତି। ଘର ପାଖରେ ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ବି



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରାତି ଅଧରେ ଯିବାକୁ ବାଧ୍ୟ ହେଉଛନ୍ତି । ସରକାର ଆମ ଗାଁରେ ହସ୍ପିଟାଲ ଖୋଲି ଲାଭ କ'ଣ । ଖୁବ୍‌ଶୀଘ୍ର ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଅନ୍ତୁ, ଯିଏକି ସ୍ଥାନୀୟ ଅଞ୍ଚଳରେ ରହି ରୋଗୀ ସେବା କରିବେ।

**– ମୋନାଲିସା ଚୌଧୁରୀ,** ଗୃହିଣୀ, ନୂଆଗାଁ।

# ବସନ୍ତପୁର ୩ ଦୋଳଯାତ୍ରା ଉଦ୍‌ଯାପିତ

**ଖଣ୍ଡପଡା, ୧୪।୩(ସ୍ୱ.ପ୍ର.)**



ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତର ବସନ୍ତପୁର ଗ୍ରାମରେ ଗତ ୩ ଦିନ ଧରି ଚାଲିଥିବା ତିନିଦୋଳ ଯାତ୍ରା ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବସନ୍ତପୁର ଦୋଳ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଚନ୍ଦ୍ରଶେଖର , ରାମମନ୍ଦିରରେ ବିଜେ ରାମ, ଲକ୍ଷ୍ମଣ, ସୀତାଙ୍କ ପ୍ରତିମା ଓ ନିକଟସ୍ଥ ଧଳାବନ୍ଧ ଗ୍ରାମର ପ୍ରଭୁ ଶ୍ରୀତାରେଶ୍ୱର ଦେବଙ୍କ ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ଯାତ୍ରା ପଡିଆକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା । ବିଗ୍ରହମାନଙ୍କ ମେଳଣ ପର୍ବକୁ ଉପଭୋଗ କରିବା ନିମନ୍ତେ ଯାତ୍ରା ପଡିଆରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବାଜା, ବାଣ, ରୋଶଣି ସାଙ୍ଗକୁ ବିରାଟ ପଟୁଆରରେ ସାମିଲ ହୋଇଥିଲେ ବସନ୍ତପୁର ଓ ଏହାର ଆଖପାଖ ଅଞ୍ଚଳର ବାସିନ୍ଦା । ଶୁକ୍ରବାର ରାତିରେ ତିନିଦୋଳ ଯାତ୍ରାର ଅନ୍ତିମ ଦିବସରେ ଯାତ୍ରା ପଡିଆଉତ୍ସବ ମୁଖର ହୋଇଉଠିଥିଲା ।

# ଡାକ୍ତରଖାନା ପରିସରସ୍ଥ ଅସୁରକ୍ଷିତ କୂଅରେ ପଡ଼ିଲା ବାଛୁରୀ



ଡାକ୍ତରଖାନା ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା କୂଅ ।

**ନୂଆଗାଁ, ୧୪।୩ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଡାକ୍ତରଖାନା ପରିସର ମଧ୍ୟରେ ଥିବା ପରିତ୍ୟକ୍ତ କୂଅରେ ଶନିବାର ଏକ ବାଛୁରୀ ପଡିଯାଇଥିଲା। ନୂଆଗାଁ ଦମକଳବାହିନୀ ପହଞ୍ଚି ବାଛୁରୀକୁ କୂଅ ମଧ୍ୟରୁ ବାହାର କରିଛି । ପ୍ରକାଶ ଯେ, ନୂଆଗାଁ ଡାକ୍ତରଖାନା ପରିସର ମଧ୍ୟରେ ଲୋକମାନଙ୍କ ବ୍ୟବହାର ପାଇଁ ଗୋଟିଏ କୂଅ ଖନନ କରାଯାଇଥିଲା । କିନ୍ତୁ ଡାକ୍ତରଖାନା ପରିସରରେ କେହି ନ ରହିବା ହେତୁ ସେହି କୂଅକୁ କେହି ବ୍ୟବହାର କଲେ ନାହିଁ । କାଳକ୍ରମେ ତାହା ନଷ୍ଟ ହୋଇଯାଇଥିଲା । ଅସାମାଜିକ ବ୍ୟକ୍ତିମାନେ ସେହି କୂଅ ମଧ୍ୟରେ ମଦ ବୋତଲ, ଔଷଧ କାଚ, ଅଳିଆ ଆବର୍ଜନା ପକାଇବା ଆରମ୍ଭ କରିଦେଇଥିଲେ । ଧୀରେ ଧୀରେ ତାହାର କାନ୍ଥ ଭାଙ୍ଗିରୁଜି ଯାଇଥିବା ବେଳେ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଅଛି। ଶନିବାର ସେଠାରେ ଗୋରୁ ଚରୁଥିବା ସମୟରେ ଗୋଟିଏ ବାଛୁରୀ ଉକ୍ତ କୂଅରେ ଖସି ପଡିଥିଲା। ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାକୁ କୂଅ ମଧ୍ୟରୁ ଉଦ୍ଧାର କରିଥିଲେ। ସେହି ପରିତ୍ୟକ୍ତ କୂଅରେ ଏପରି ଅଘଟଣକୁ ଏଡାଇବାର ବନ୍ଦୋବସ୍ତ କରିବା ପାଇଁ ସ୍ଥାନୀୟ ଲୋକେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଜେଲଗଲେ ବଳାତ୍କାରୀ

**ନୟାଗଡ ଅଫିସ, ୧୪।୩**-ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ଇଟମାଟି ଜଗତିପାଟଣାସାହିର ଗଣେଶ ମନ୍ତନ (୨୨)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । କୋର୍ଟ ନିର୍ଦ୍ଦେଶ ମୁତାବକ ନାବାଳିକା ମା ବାପାଙ୍କୁ ହସ୍ତାନ୍ତର କରାଯାଇଛି । ଜାମିନ ନାମଞ୍ଜୁର ପରେ ଗଣେଶଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି । ଗତ କିଛି ଦିନ ତଳେ ଗଣେଶ ଜଣେ ୧୬ ବର୍ଷିୟା କଲେଜ ଛାତ୍ରୀଙ୍କୁ ଗତ ଫେବୃଆରୀ ୨ ତାରିଖରେ ଅପହରଣ କରି ନେଇଥିଲେ । ପରେ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ୨ ସାଇକେଲ ଚୋର ଗଲେ ଜେଲ

**ନୟାଗଡ ଅଫିସ, ୧୪।୩**-ନୟାଗଡ ଟାଉନ ଥାନା ପୋଲିସ ୨ ସାଇକେଲ ଚୋରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଲେଙ୍କୁଡିପଡା ଗାଁର ପ୍ରିତମ କୁମାର ମହାନ୍ତି(୨୩) ଓ ଧବଳେଇର ଗୋବିନ୍ଦ ଚନ୍ଦ୍ର ସାହୁ(୨୨)ଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ସିନ୍ଦୁରିଆର ମିର ହାସିନ୍ ଡୁଲ୍ଲାଙ୍କର ପୁତୁରା ସାଇକେଲ ରଖି ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଶୁକ୍ରବାର ଯାଇଥିଲେ । ତେବେ ସାଇକେଲଟି ଚୋରି ହେବା ପରେ ଘରେ ଜଣାଇଥିଲେ । ଦଦା କିନ୍ତୁ ଶୁକ୍ରବାର ଚୋରି ସାଇକେଲଟି ଏକ ଦୋକାନରେ ମରାମତି ପାଇଁ ରଖା ଯାଇଥିବାର ଦେଖିଥିଲେ । ପରେ ଚୋରକୁ ଠାବ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ସାଇକେଲ ଉଦ୍ଧାର କରିବା ସହ ଚୋରଙ୍କୁ ଗିରଫ କରିଥିଲେ ।

# ଆଜି ପଞ୍ଚୁଦୋଳ ଯାତ୍ରା, ୧୦୮ ଠାକୁରଙ୍କ ମେଳଣ

**ରଣପୁର, ୧୪।୩(ସ୍ୱ.ପ୍ର.)**

ଦୋଳ ପୂର୍ଣ୍ଣିମାର ୫ଦିନ ପରେ ଅନୁଷ୍ଠିତ ହୋଇଥାଏ ରଣପୁର ପଞ୍ଚୁଦୋଳ ଯାତ୍ରା । ଶନିବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇ ରବିବାର ରାତି ଯାଏ ମେଳଣ ଯାତ୍ରା ଅନୁଷ୍ଠିତ ହୁଏ। ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗ ଓ ପଞ୍ଚୁ ମହାଦେବଙ୍କ ଚଳନ୍ତି ପ୍ରତିମାଙ୍କ ନେତୃତ୍ୱରେ ୧୦୮ ଠାକୁରଙ୍କ ମେଳଣ ପଞ୍ଚୁଦୋଳ ମେଳଣ ପଡିଆରେ ହୋଇଥାଏ। ରଣପୁର ସିଂହଦ୍ୱାରଠାରୁ ଏ ନେଇ ଏକ ବିରାଟ ଶୋଭାଯାତ୍ରା ବାହାରି ମେଳଣ ପଡିଆରେ ପହଞ୍ଚିଥାଏ। ଶୋଭାଯାତ୍ରା ଆଗରେ ଘୋଡା ନାଚ, ଅସୁର, କଳାଘୋଡା, ସାପ ସାପୁଆଣୀ, ନାଗାନୃତ୍ୟ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ। ରାତ୍ର ପ୍ରାୟ ୧୧ଟା ପରେ ଶୋଭାଯାତ୍ରା ଆରମ୍ଭ ହୁଏ । ରଣପୁର ସହର ପରିକ୍ରମା କରି ମେଳଣ ପଡିଆରେ



ବିମାନରେ ଠାକୁରଙ୍କୁ ନିଆଯାଉଛି। (ଫାଇଲ ଫଟୋ)

ଏହି ଶୋଭାଯାତ୍ରା ପହଞ୍ଚିଲା ବେଳକୁ ପ୍ରାୟ ସକାଳ ହୋଇଯାଇ ଥାଏ । ମେଳଣ ପଡିଆରେ ଥିବା ୧୦୮ ମଣ୍ଡପରେ ୧୦୮ ଅଞ୍ଚଳରୁ ଆସିଥିବା ଠାକୁରମାନଙ୍କ ଚଳନ୍ତି ପ୍ରତିମାଗୁଡିକ ଆସୀନ ହୋଇଥାନ୍ତି । ପଞ୍ଚୁଦୋଳ ଯାତ୍ରା ପାଇଁ ମେଳଣ ପଡିଆ ସହିତ ରଣପୁର ଦାଣ୍ଡରେ ବସେ ଅସ୍ଥାୟୀ ଦୋକାନ ବଜାର । ଚଳନ୍ତି ପ୍ରତିମାମାନେ ମଣ୍ଡପରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିଥାନ୍ତି। ସେହି ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ଫଗୁ ଖେଳିଥାନ୍ତି । ଶେଷରେ ଦୋଳବିମାନଗୁଡିକ ଏକାଠି ହୋଇ ଫଗୁଖେଳି ପୁଣି ଥରେ ମେଳଣ ପଡିଆରୁ ସିଂହଦ୍ୱାର ପର୍ଯ୍ୟନ୍ତ ଠାକୁରମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଥାନ୍ତି । ଏହାପରେ ଶୋଭାଯାତ୍ରା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଠାକୁର ମାନେ ସେହିଠାରୁ ନିଜ ନିଜର ଆସ୍ଥାନକୁ ଦୋଳ ବିମାନରେ ବାହୁଡି ଯାଇଥାନ୍ତି। ଏହି ଯାତ୍ରା କାହିଁ କେଉଁ କାଳରୁ ଏଠାରେ ପାଳିତ ହୋଇ ଆସୁଛି। ରଣପୁର ପଞ୍ଚୁଦୋଳ ଯାତ୍ରା ଏକ ଗଣପର୍ବରେ ପରିଣତ ହୋଇଛି । ଏବେ ଗତ କିଛି ବର୍ଷ ହେଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଯାତ୍ରା ପାଳିତ ହୋଇ ଆସୁଅଛି । ଅନ୍ୟପକ୍ଷେ କରୋନା ପାଇଁ ସରକାର ସମାବେଶ, ଉତ୍ସବ ତଥା ମେଳଣ ଉପରେ କଟକଣା ଲଗାଇଛନ୍ତି। ତେଣୁ ଏହାର ପ୍ରଭାବ ରଣପୁର ପଞ୍ଚୁଦୋଳ ଯାତ୍ରା ଉପରେ ପଡିବା ସମ୍ଭାବନା ରହିଥିବାରୁ ପୂର୍ବବର୍ଷଗୁଡିକ ଅପେକ୍ଷା ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିବା ଅନୁମାନ କରାଯାଉଛି।

# ମହିପୁର କ୍ରିକେଟ ପ୍ରିମିୟର ଲିଗ୍ ୨୦୨୦ ପ୍ରସ୍ତୁତି ବୈଠକ

**ନୂଆଗାଁ ୧୪।୩ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁରଠାରେ ହେବାକୁ ଥିବା ମହିପୁର କ୍ରିକେଟ ପ୍ରିମିୟର ଲିଗ ୨୦୨୦ର ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ଆସନ୍ତା ଏପ୍ରିଲ ୫ ତାରିଖଠାରୁ ମହିପୁର ନୋଡାଲ ସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହେବ । ଲିଗ ମ୍ୟାଚରେ କେବଳ ନୂଆଗାଁ ବ୍ଲକର ଖେଳାଳିମାନେ ଅଂଶ ଗ୍ରହଣ କରିପାରିବେ। ତେଣୁ ଖେଳାଳିମାନେ ଚଳିତ ମାସ ୧୫ ତାରିଖଠାରୁ ୨୮ ତାରିଖ ମଧ୍ୟରେ ନିଜର ନାମ ପଞ୍ଜିକରଣ କରିବା ପରେ ୨୯ ତାରିଖ ଦିନ ନିଲାମ ପ୍ରକ୍ରିୟା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆ ଯାଇଛି । ଅମିୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆୟୋଜକ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ରତ୍ନ,ଜିତେନ୍ଦ୍ର କୁମାର ନାୟକ, ରବୀନ୍ଦ୍ର କୁମାର ସାଇଁ, ଗୁଟୁ ସାହୁ, ପ୍ରଦ୍ୟୁମ୍ନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ସଚେତନତା ବୈଠକ




ସଚେତନତା ବୈଠକରେ ପିଡି ଡିଆରଡିଏ, ଅତିରିକ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

**ନୟାଗଡ ଅଫିସ, ୧୪।୩**

କରୋନା ସଚେତନତା ପାଇଁ ପ୍ରସ୍ତୁତି ବୈଠକ ଶନିବାର ନୟାଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ହଲରେ ଅନୁଷ୍ଠିତ ହୋଇଯାଇଛି। ସୋସିଆଲ ମିଡିଆରେ କରୋନା ନେଇ ମିଥ୍ୟା ଅପପ୍ରଚାର କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆ ଯାଉନାହିଁ । ନୟାଗଡର ଏକ ଘରୋଇ ମହାବିଦ୍ୟାଳୟର ନାଁ ନେଇ କରୋନା ଖବର ପ୍ରକାଶ ପାଇଛି । ସୋସିଆଲ ମିଡିଆରେ ଉକ୍ତ ଖବର ପୋଷ୍ଟ ହୋଇଛି। ଏ ଖବର ପ୍ରଚାରିତ ପରେ ଭୟ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷେ ଶନିବାର ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଶ୍ୱେତ ମହପାତ୍ର ଯୋଗ ଦେଇ କରୋନା ଉପରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ଅନ୍ୟ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବାକୁ କୁହାଯାଇଛି । ଯେଉଁଶ୍ରମିକମାନେ ରାଜ୍ୟ ବାହାରକୁ ଯାଉଛନ୍ତିସେମାନଙ୍କ ନାଁ ପଞ୍ଜିକରଣ କରିଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘର, କାର୍ଯ୍ୟାଳୟ ସଫେଇ ରଖିବାକୁ ପରାମର୍ଶ ଦିଆଯାଇଛି । ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଖବରଦାତା, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ତେବେ ଅନ୍ୟ ଦିଗରେ କରୋନା ଭୟର ସଚେନତା ଲୋକଙ୍କ ପାଖରେ ଏବେବି ଅପହଞ୍ଚ ହୋଇ ରହିଛି ।

### ସ୍କୁଲ ଓ କଲେଜ ତାଲା, ପାର୍କ ଖୋଲା

ସ୍କୁଲ କଲେଜରେ ତାଲା ଝୁଲୁଥିବାବେଳେ ନୟାଗଡରେ ପାର୍କ ଖୋଲା ରହୁଛି । ଏଠାରେ ସନ୍ଧ୍ୟା ହେଲେ ଛୋଟ ପିଲାଙ୍କ ସମେତ ବଡ ଲୋକଙ୍କର ସମାଗମ ହେଉଛି । ନାରାୟଣୀ ପାର୍କ ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଥିବାରୁ କିଛି ରୋଗୀ ମଧ୍ୟ ଏଠାରେ ସକାଳେ ସନ୍ଧ୍ୟାରେ ଆସି ବୁଲୁଛନ୍ତି । ଶନିବାର ସନ୍ଧ୍ୟାରେ କିଛି ଶିଶୁଙ୍କ ହାତରେ ସାଲାଇନ ଛୁଞ୍ଚି ଲାଗିଥିବାର ଦେଖିବାକୁ ମିଳିଥିଲା । ଅପରପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ମଧ୍ୟ ଖାଇବାକୁ ଗହଳି ଲାଗି ରହୁଛି ।

### ଗୋଟା କୁକୁଡା ୧୦ରୁ ୨୦ ଟଙ୍କା

ନୟାଗଡ ସଦର ମହକୁମା ସମେତ ଜିଲାର ବିଭିନ୍ନ ଅଞ୍ଚଳରେ କୁକୁଡା ଶସ୍ତା ହୋଇ ଯାଇଛି। ଆଉ ମାଂସ ବିକ୍ରି ହେଉନି । କୁକୁଡା କେଜି ପରିବର୍ତ୍ତେ ଗୋଟାକୁ ୧୦ରୁ ୨୦ ଟଙ୍କାରେ ବିକ୍ରି କରାଯାଉଛି। କୁକୁଡାଙ୍କୁ କରୋନା ରୋଗ ହୋଇଯିବା ଭୟରେ ସବୁ ବିକ୍ରି ଚାଲିଛି । ଶସ୍ତାରୁ ହିନସ୍ତା ଜାଣିଥିଲେ ମଧ ଲୋକ ସୁଯୋଗ ହାତଛଡା କରୁ ନାହାନ୍ତି ।

### କାଟୁ କରୁନି ନିର୍ଦ୍ଦେଶ

ସରକାର ମେଳା, ମହୋତ୍ସବ, ଜନସମାଗମ ଓ ଯାତ୍ରା ବନ୍ଦ କରିବାକୁ କଟକଣା ଲାଗୁ କରିଛନ୍ତି। ହେଲେ ଆମ ଜିଲାରେ ଏହା ଲାଗୁ ହେଉ ନାହିଁ। ମାଛିପଡାରେ ୩ ଦୋଳ ଯାତ୍ରା ଚାଲିଛି। ଶହ ଶହ ଲୋକଙ୍କର ସମାଗମ ହେଉଛି । ଏହା ଉପରେ ରୋକ୍ ଲଗାଇବାରେ ପ୍ରଶାସନ ବିଫଳ। ଏଭଳିସ୍ଥଳେ ଜିଲାର ଖଣ୍ଡପଡା, ନୂଆଗାଁ, ଇଟାମାଟି ଅଞ୍ଚଳରେ ପଞ୍ଚୁଦୋଳ ଓ ଦଶଦୋଳ ଯାତ୍ରା ହେବାର ରହିଛି । ଦେଖାଯାଉ କିପରି ଏଥିରେ କଟକଣା ଲାଗୁ ହେଉଛି ।

# ଗାଡ଼ି କାଗଜପତ୍ର ଯାଞ୍ଚ

**ବାଲିଗୁଡା, ୧୪।୩(ଡି.ଏନ୍.ଏ.)**

ବାଲିଗୁଡା ଟାଉନ କଲେଜ ଛକ ନିକଟରେ ଶୁକ୍ରବାର ବାଲିଗୁଡା ପୋଲିସ ବିଭାଗ ତରଫରୁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଥାନା ଏସ୍‌ଆଇ ରବୀନ୍ଦ୍ର ମୁଣ୍ଡାହରିଙ୍କ ନେତୃତ୍ୱରେ ଗାଡିର କାଗଜପତ୍ର ସହ ଇନ୍ସୁରାନ୍ସ, ଡିଏଲ୍, ହେଲ୍‌ମେଟ, ପଲ୍ୟୁଶନ ସାର୍ଟିଫିକେଟ, ସିଟ୍‌ବେଲ୍ଟ ଭଳି ବିଭିନ୍ନ ଯାଞ୍ଚ କରାଯାଇଥିଲା।

**UTKAL GRAMEEN BANK**
HEAD OFFICE, BOLANGIR
**PUBLIC NOTICE**
Utkal Grameen Bank is a scheduled commercial Bank owned by Government of India, State Bank of India and Government of Odisha. Under CTS clearing system, we were sub-member through Yes Bank which is now under moratorium imposed by RBI. Our relationship with Yes Bank was limited only to avail CTS clearing facility. We are in advanced stage of making alternative arrangements for participation in CTS clearing shortly. All other transactions are continuing in the Bank in a normal manner without any disruptions. We request our esteemed customers to bear with us for some more time for resuming CTS clearing.
CHAIRMAN

**ପୂର୍ବ ତଟ ରେଳପଥ**
ଖୋର୍ଦ୍ଧା ରୋଡ଼ ଡିଭିଜନ ପାଇଁ ମାର୍ଚ୍ଚ-2020 ନିମନ୍ତେ ସ୍କ୍ରାପ୍ ବିକ୍ରୀ ଅତିରିକ୍ତ ଇ-ନିଲାମ କାର୍ଯ୍ୟସୂଚୀ
**ଅତିରିକ୍ତ ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ଡିଭିଜନ | ଅତିରିକ୍ତ ନିଲାମୀ ତାରିଖ |
|---|---|---|
| ମାର୍ଚ୍ଚ-2020 | ଖୋର୍ଦ୍ଧା ରୋଡ଼ ଡିଭିଜନ | 23.03.2020(ସୋମବାର) ଏବଂ 27.03.2020(ଶୁକ୍ରବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବତଟ ରେଳପଥର ନିଲାମି ସଂଚାଳନ ସମ୍ବନ୍ଧିତ ଅଧିକାରୀ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ହେବ ।
PR-791/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ଜାତୀୟ ପରୀକ୍ଷା ଏଜେନ୍ସି**
ମୂଲ୍ୟାୟନରେ ଉତ୍କର୍ଷତା
ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର
**ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦**
ଜାତୀୟ ହୋଟେଲ ମ୍ୟାନେଜମେଣ୍ଟ ଏବଂ କ୍ୟାଟେରିଂ ଟେକ୍ନୋଲୋଜି ପରିଷଦ
ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର
ଆତିଥ୍ୟ/ହୋଟେଲ ଏବଂ ତତ୍ସମ୍ପର୍କିତ ଶିଳ୍ପରେ ସବୁଠାରୁ ଆକର୍ଷଣୀୟ ଗ୍ଲୋବାଲ କ୍ୟାରିୟର ଆପଣଙ୍କ ପ୍ରତୀକ୍ଷାରେ
ଶୀଘ୍ର
ପ୍ରାର୍ଥୀମାନଙ୍କ ଉଚ୍ଚ ଚାହିଦା କାରଣରୁ ଶେଷ ତାରିଖକୁ ୨୦।୦୩।୨୦୨୦ରୁ ୩୧।୦୩।୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି
ଭାରତରେ ୭୧ ଗୋଟି ଶୀର୍ଷ ମାନ୍ୟତାପ୍ରାପ୍ତ ଏନ୍‌ସିଏଚ୍‌ଏମ୍ ଅଙ୍ଗୀକୃତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ (ଆଇଏଚ୍‌ଏମ୍) – ଆଇଏଚ୍‌ଏମ୍ ପୁସା, ଆଇଏଚ୍‌ଏମ୍ ଲଜପତ ନଗର, ଆଇଏଚ୍‌ଏମ୍ ମୁମ୍ବାଇ, ଆଇଏଚ୍‌ଏମ୍ କୋଲକାତା, ଆଇଏଚ୍‌ଏମ୍ ଚେନ୍ନାଇ, ଆଇଏଚ୍‌ଏମ୍ ଚଣ୍ଡିଗଡ଼, ଆଇଏଚ୍‌ଏମ୍ ବେଙ୍ଗାଲୁରୁ, ଆଇଏଚ୍‌ଏମ୍ ହାଇଦ୍ରାବାଦ, ଆଇଏଚ୍‌ଏମ୍ ଗୋଆ ଓ ଆହୁରି ଅନ୍ୟାନ୍ୟ ଆଇଏଚ୍‌ଏମ୍‌ରେ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ୩ ବର୍ଷିଆ ଡିଗ୍ରୀ କାର୍ଯ୍ୟକ୍ରମ (ବି.ଏସ୍‌ସି (ଏଚ୍‌ଏଚ୍‌ଏ)ରେ ନାମଲେଖା ପାଇଁ ଆବେଦନ କରନ୍ତୁ । ସମସ୍ତ ଆଇଏଚ୍‌ଏମ୍‌ରେ ନିରାମିଷ ବିକଳ୍ପ ମଧ୍ୟ ଉପଲବ୍ଧ ।
ଅନ୍‌ଲାଇନ୍‌ରେ ଆବେଦନ ଦାଖଲ ପାଇଁ, ଲଗ୍ ଇନ୍ କରନ୍ତୁ:
www.ntanchm.nic.in
ସର୍ବଭାରତୀୟ ସ୍ତରରେ ଏନ୍‌ସିଏଚ୍‌ଏମ୍-ମିଳିତ ପ୍ରବେଶିକା ପରୀକ୍ଷା ୨୦୨୦ ତାରିଖ ୨୫ ଏପ୍ରିଲ ୨୦୨୦
ଅଧିକ ବିବରଣୀ ଏବଂ ଆଇଏଚ୍‌ଏମ୍‌ଗୁଡ଼ିକର ତାଲିକା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅର୍ଥାତ୍ www.ntanchm.nic.in ପରିଦର୍ଶନ କରନ୍ତୁ । ଅନୁସନ୍ଧାନ ପାଇଁ କଲ୍ କରନ୍ତୁ: ୧୨୦ ୬୮୯୫୨୦୦
(ଏନ୍‌ସିଏଚ୍‌ଏମ୍‌ର ଅନୁସନ୍ଧାନ ପାଇଁ ନିଃଶୁଳ୍କ ନମ୍ବର: ୧୮୦୦ ୧୮୦ ୩୧୫୧ ରେ କଲ୍ କରନ୍ତୁ (ପୂର୍ବାହ୍ନ ୯ରୁ ଅପରାହ୍ନ ୫.୩୦ ଘଟିକା)
davp 21354/11/0019/1920

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ଜୀର୍ଣ୍ଣ ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ୍‌କୁ ବଦଳାଇବା
ଇ-ଟେଣ୍ଡର ନଂ. ୫୬-ଏସ୍‌ଟି-ଟେଣ୍ଡର-୨୦୧୯, ତାରିଖ: ୦୬।୦୩।୨୦୨୦
କାର୍ଯ୍ୟ: ବିଲାସପୁର ଡିଭିଜନରେ ଜୀର୍ଣ୍ଣ ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ୍ (୭୦ ଗୋଟି)କୁ ବଦଳାଇବା। **ଟେଣ୍ଡର ମୂଲ୍ୟ:** ୮୨,୫୭,୯୮୭.୨୦/- (ବୟାଅଶୀ ଲକ୍ଷ ସତାବନ ହଜାର ନଅଶହ ସତାଅଶୀ ଟଙ୍କା କୋଡ଼ିଏ ପଇସା ମାତ୍ର), **ଇଏମ୍‌ଡି:** ୧,୬୫,୨୦୦/- (ଏକ ଲକ୍ଷ ପଞ୍ଚଷଠି ହଜାର ଦୁଇଶହ ଟଙ୍କା ମାତ୍ର)। **ଟେଣ୍ଡର ଦାଖଲ:** ତା୦୭।୦୪।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ ।
ସିନିୟର୍ ଡିଭିଜନାଲ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/କାଇନ୍
CPR/10/492 ଏସ୍.ଇ.ସି.ରେଳପଥ/ବିଳାସପୁର
South East Central Railway @Secrail

**ପୂର୍ବ ତଟ ରେଳପଥ**
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ସଂ.e-tender-RPF-PCSC-1-2020
**କାର୍ଯ୍ୟର ନାମ:** ତିନି ବର୍ଷ (36 ମାସ) ସମୟାବଧି ନିମନ୍ତେ ମାସିକ ଭିତ୍ତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ(PCSC)ଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ପାଇଁ ଦୁଇ ଜଣ ଚାଳକ ସହିତ ଗୋଟିଏ ଏସି ମାରୁତି ଏର୍ଟିଗା/ଟୋୟୋଟା ଇନୋଭା କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 27,74,142/-, EMD(ଟଙ୍କାରେ):55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 ମାସ ।**
ବିଡ୍ ଆରମ୍ଭ ହେବା ତାରିଖ : ତା.17.03.2020ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.31.03.2020 ରିଖ 1200 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ମୁଖ୍ୟ ସୁରକ୍ଷା ଆୟୁକ୍ତ/RPF/ ଭୁବନେଶ୍ୱର
PR-788/K/19-20

**ଏସ୍.ଇ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ନଂ.: ଆଇଏଫ୍୧୯୫୩୨୨ଡି, ତାରିଖ: ୦୬।୦୩।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର-୮୩୩୧୦୨ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଯାହା ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶିତ ତାରିଖର ୧୪.୦୦ ଘଟିକାରେ ଖୋଲାଯିବ। **ସାମଗ୍ରୀର ବର୍ଣ୍ଣନା:** ଡ୍ରାଇଭ୍ କଣ୍ଟ୍ରୋଲ୍ ୟୁନିଟ୍। **ଟେଣ୍ଡର ମୂଲ୍ୟ:** ₹୩୯,୧୯,୩୯୨/-। **ଖୋଲାଯିବା ତାରିଖ:** ତା୦୩।୦୪।୨୦୨୦ରିଖ ୧୪.୦୦ ଘଟିକା। ଟେଣ୍ଡରଦାତାମାନଙ୍କୁ www.ireps.gov.in ପରିଦର୍ଶନ କରିବାକୁ ହେବ। ଟେଣ୍ଡରଦାତାଙ୍କୁ ବିବରଣୀ ଓ ଟେଣ୍ଡର ଦାଖଲ ପାଇଁ ଇ-ଟେଣ୍ଡର ସାମଗ୍ରୀ ଓ ସେବାରେ ଲଗଇନ୍ କରିବାକୁ ହେବ। (PR-1450)
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୧୯୦-ଜିଆର୍‌ସି-ସିଭ-ସି-ଏସ୍‌ଓ-୦୭-୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର୍ (ସିଓଏନ୍)/ଏସ୍/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ ହେବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ବଣ୍ଡମୁଣ୍ଡା – ଆରଓଏଚ୍ ଡିପୋର ମିଡିୟମ୍ ସିକ୍‌ଲାଇନ୍ ଓ ଏକ୍ସଟେନ୍ସନ୍‌ଠାରେ ସିକ୍ ଲାଇନ୍ ମେଣ୍ଟେନାନ୍ସ ସୁବିଧାର ଉନ୍ନତୀକରଣ । **ଆନୁମାନିକ ମୂଲ୍ୟ:** ₹୧୧.୨୪ କୋଟି। **ଇଏମ୍‌ଡି:** ₹୭,୧୨,୦୦୦/-। **ସମାପ୍ତି ଅବଧି:** ୧୨ ମାସ। **ଧାର୍ଯ୍ୟ ତାରିଖ:** ୦୮।୦୪।୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ବିଦ୍ର: "ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍‌ମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" (PR-1452)

## ସଂକ୍ଷେପରେ

### ଆକ୍ରମଣରେ ୩ ଗୁରୁତର

ଭାପୁର,୧୪।୩(ଡି.ଏନ୍.ଏ)-ପାଣିକୁ କେନ୍ଦ୍ର କରି ଭାପୁର ବ୍ଲକ ଟିକିରିପଡ଼ା ଗ୍ରାମରେ ଶନିବାର ରକ୍ତାକ୍ତ ସଂଘର୍ଷ ଘଟି ୩ଭାଇ ଗୁରୁତର ହୋଇଛନ୍ତି । ଏହି ଗ୍ରାମର ଭଗବାନ ପୃଷ୍ଟି ଏବଂ କେଶବ ମହାନ୍ତି ପରିବାର ମଧରେ ଗଣ୍ଡଗୋଳ ଘଟିଥିଲା । କେଶବ ଏବଂ ତାଙ୍କ ପୁତ୍ରଙ୍କ ସଂଘବଦ୍ଧ ଆକ୍ରମଣରେ ଭଗବାନଙ୍କ ୩ପୁତ୍ର ମନୋଜ,ସୁଶାନ୍ତ ଏବଂ ପ୍ରକାଶ ଗୁରୁତର ଆହତ ହୋଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

### ଭାପୁର ଡାକ୍ତରଖାନାରେ ୨ ନୂତନ ଡାକ୍ତର ଯୋଗଦେଲେ

ଭାପୁର,୧୪।୩(ଡି.ଏନ୍.ଏ)-ଭାପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ୨ଜଣ ନୂତନ ଡ଼ାକ୍ତର ଯୋଗଦେଇଛନ୍ତି । ସେମାନେ ହେଲେ ଡ଼.ଶୁଭଶ୍ରୀ କର ଏବଂ ଡ଼.ସତ୍ୟପ୍ରକାଶ ସାହୁ । ସୂଚନା ଯୋଗ୍ୟ ଯେ,ଜିଲାର ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮ଟି ବିଭିନ୍ନ ବିଭାଗର ଅନୁମୋଦିତ ଡ଼ାକ୍ତର ପଦବୀ ରହିଥିଲା ବେଳେ ସେମାନଙ୍କ ମଧରୁ ପୂର୍ବରୁ ମାତ୍ର ଜଣେ ଡ଼ାକ୍ତରଥିଲେ । ଫଳରେ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ତେବେ,ଏହି ସମସ୍ୟାକୁ ବିଚାରକୁ ନେଇ ଏଠାରେ ରାଜ୍ୟ ସରକାର ୩ଜଣ ନୂତନ ଡ଼ାକ୍ତରଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ,ଏଠାରେ ନିଯୁକ୍ତି ଆଦେଶ ପାଇଥିବା ୩ଜଣ ଡ଼ାକ୍ତରଙ୍କ ମଧରୁ ଶନିବାର ଉପରୋକ୍ତ ୨ଜଣ ଡ଼ାକ୍ତର ଯୋଗଦେଇଛନ୍ତି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ଭାପୁର,୧୪।୩(ଡି.ଏନ୍.ଏ.)- ଭାପୁର ବ୍ଲକ ବିଜିପୁର ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ କୈଳାଶ ଚନ୍ଦ୍ର ପଟ୍ଟନାୟକ(୭୪)ଙ୍କ ଶୁକ୍ରବାର ନିମୋନିଆରେ ପରଲୋକ ହୋଇଯାଇଛି। ପଟ୍ଟନାୟକ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ ସେକ୍ସନ ଅଫିସର ଭାବେ କାର୍ଯ୍ୟ କରି ଅବସର ପରେ ଖଣ୍ଡଗିରି ନିକଟ କୋଳଥିଆଠାରେ ରହୁଥିଲେ। ତେବେ ମାସକୁ ପ୍ରାୟ ୨ଥର ଗାଁକୁ ଆସି ସମସ୍ତ ସାମୁହିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ। ସେ ଦୋଳ ଓ ହୋଲିରେ ଗାଁରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଥିବା ସମୟରେ ଶୁକ୍ରବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁଶର୍ଯ୍ୟା ନିକଟରେ ସ୍ତ୍ରୀ, ୪ ପୁଅ ଓ ବୋହୂ ଉପସ୍ଥିତ ଥିଲେ। ବଡ଼ପୁଅ ତଥା ଷ୍ଟେଟ୍ ବ୍ୟାଙ୍କ ସିନିୟର ମ୍ୟାନେଜର କେଦାରନାଥ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ଭାପୁର,୧୪।୩(ଡି.ଏନ୍.ଏ.)-ଜଣେ ବିଭାହିତା ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଫତେଗଡ଼ ଥାନା ବନମାଳିପୁର ପଞ୍ଚାୟତର ଗଙ୍ଗାଧର ସାହୁ(୫୨)। ଜନୈକା ମହିଳା(୩୦)ଙ୍କୁ ବଳାତ୍କାର କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗଙ୍ଗାଧରଙ୍କୁ ଗିରଫ କରି ତାଙ୍କ ନାମରେ ୪୦/୨୦ରେ ମାମଲା ରୁଜୁ କରିଛି।

# ସ୍କୁଲ କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ ସାଜିଲେ ଠାକୁରଙ୍କ ଭାଗଚାଷୀ

## ପାଣ୍ଡେରିପଡା କୃଷି ସେବା ସମବାୟ ସମିତି ଧାନ କିଣା ଦୁର୍ନୀତି

ଓଡ଼ଗାଁ,୧୪।୩(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଓ ତହସିଲ ଅନ୍ତର୍ଗତ ପାଣ୍ଡେରୀପଡା କୃଷି ସେବା ସମବାୟ ସମିତି ଅଧୀନରେ ଧାନ କିଣା,ବିକାରେ ବ୍ୟାପକ ଦୁର୍ନିତୀ ହୋଇଥିବା ଜଣାପଡିଛି । ଏଥିରେ ବହୁ ପ୍ରଭାବଶାଳୀଙ୍କ ହାତ ରହିଥିବା ବେଳେ କେତେକ ନିରୀହ ଲୋକଙ୍କୁ ମୋହରା କରାଯାଇଥିବା ବହୁ ଘଟଣାରୁ ସ୍ପଷ୍ଟ ଜଣାପଡୁଛି । ଏନେଇ ତଦନ୍ତକୁ ବ୍ୟାପକ କରାଗଲେ ଏଥିରେ ସାମିଲ ଥିବା ପୁରା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇପାରିବ ବୋଲି ଲୋକେ ଆଶାବାଦୀ ଅଛନ୍ତି । ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର କେବଳ ସଂପୃକ୍ତ କୃଷି ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ତହସିଲ ଅନ୍ତର୍ଗତ କୋମଣ୍ଡ ରାଜସ୍ୱ ମଣ୍ଡଳ ଅଧୀନ ଝାଡସାହିରେ ଖାତା ନମ୍ବର ୨୦୯ ଅନ୍ତର୍ଗତ ୩୨/୮୩୦, ୪୮, ୪୮୦, ୪୮୭ ଓ ୫୨୨ ଆଦି ପ୍ଲଟ ଝାଡସାହିରେ ବିଜେ ଶ୍ରୀରାଧାକୃଷ୍ଣଜୀଉ ଓ ଶ୍ରୀଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ନାମରେ ଏବଂ ସେହିଗ୍ରାମର ଜଣେ ଲୋକଙ୍କ ମାର୍ଫତରେ ରହିଛି । ହେଲେ ୪ ତାରିଖରେ ପାଣ୍ଡେରୀପଡା ସମବାୟ ସମିତିରେ ଜନୈକା ଅଙ୍ଗନୱାଡି କର୍ମୀଙ୍କୁ ସମ୍ପୃକ୍ତ ମାର୍ଫତଦାରଙ୍କ ପୁତୁରା ଦର୍ଶାଇ ୪ ତାରିଖରେ ଭିଆର ନମ୍ବର ୩୦୮ ଦ୍ୱାରା ୫୦ କୁଇଣ୍ଟାଲ ଧାନ କିଣିଥିବା ଜଣାଯାଇଛି । ୫ ତାରିଖରେ ଓଡ଼ଗାଁ ସମବାୟ ବ୍ୟାଙ୍କ ଧାନ ବାବଦ ସମସ୍ତ ଟଙ୍କା ୟୁଟିଆର ୭ ଦ୍ୱାରା ଅନ ଲାଇନ ଅନ୍ୟତ୍ର ଟ୍ରାନ୍ସଫର କରାଯାଇଛି । ଏନେଇ ଝାଡସାହି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୌଣସି ସୁଫଳ ନ ପାଇବାରୁ ୫-ଟି ସଚିବଙ୍କୁ ରେଜିଷ୍ଟ୍ରି ଡାକ ଦ୍ୱାରା ଅଭିଯୋଗ ପଠାଇଥିବା ଜଣାଯାଇଛି । ହେଲେ ଅଙ୍ଗନୱାଡି କର୍ମୀଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରୁ ରଘୁନାଥ ନାୟକ ନାମକ ଜଣେ ବ୍ୟକ୍ତି ନିଜକୁ ତାଙ୍କ ସ୍ୱାମୀ ଦର୍ଶାଇ ଏସବୁ ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ବ୍ୟାଙ୍କକୁ ଟଙ୍କା ଆସିଥିବା କଥାକୁ ସେ ସ୍ୱୀକାର କରିଥିଲେ । ଅନ୍ୟଏକ ଅଭିଯୋଗ ଅନୁସାରେ ପାଣ୍ଡେରୀପଡା ହାଇସ୍କୁଲରେ କାର୍ଯ୍ୟରତ ଦୁଇ ଜଣ କର୍ମଚାରୀଙ୍କ ମଧରୁ ଜଣେ ନନ୍ଦିଘୋର ଓଡ଼ଗାଁ ଆରଆଇ ସର୍କଲ ଅନ୍ତର୍ଗତ ଚୋରଖୋଲ ଓ ଢୋଲମସ୍କା ଗ୍ରାମରେ ଥିବା କେତେକ ତଫସିଲଭୁକ୍ତ ଜନଜାତିଙ୍କୁ ନିଜର ନାତି ଓ ପୁଅ ଦର୍ଶାଇ ସେମାନଙ୍କ ନାମରେ ଥିବା ୧୨୭,୧୪୭,୨୦,୧୯ ଓ ୨୬୧ ନମ୍ବର ପ୍ଲଟ ଶାରଦ ଚାଷ ଜମି ସହିତ ନିଜର ଉନ୍ୟ କେତେକ ଚାଷ ଜମି ବାବଦକୁ ଜାନୁୟାରୀ ୨୨ ଓ ୨୭, ମାର୍ଚ୍ଚ ୨ରେ ଟୋକେନ ନମ୍ବର ୧୨୦, ୨୮୮ ଓ ୧୧୬ ଦ୍ୱାରା ୧୫୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାଯାଇଛି । ଏପରିକି ଧାନ ବାବଦ ସମସ୍ତ ଟଙ୍କା ୨୩ ଓ ୨୯ ଜାନୁୟାରୀ ଓ ମାର୍ଚ୍ଚ ୭ରେ ଅନ ଲାଇନ ଟ୍ରାନ୍ସଫର ହୋଇଛି। ଅନ୍ୟତ୍ର ୪ ତାରିଖରେ ସଂପୃକ୍ତ ଶିକ୍ଷା କର୍ମଚାରୀ ଚୋରଖୋଲ କିମ୍ବା ଢୋଲମସ୍କାରେ ଧାନ ଚାଷ କରିନଥିବା ପ୍ରକାଶ କରିଛନ୍ତି। ଏଥିରେ କିଛି ଜାଲିଆତି ହୋଇଥିବା ସେ କହୁଥିବା ବେଳେ ବ୍ୟାଙ୍କରୁ ଟଙ୍କାଏ ଉଠାଇବା ନେଇ ସେ ନୀରବତା ଅବଲମ୍ବନ କରିଛନ୍ତି । ଏହା ସହିତ ସଂପୃକ୍ତ ସ୍କୁଲର ଅନ୍ୟଜଣେ କର୍ମଚାରୀ ଶ୍ରୀଦୃତିକେଶ୍ୱର ମହାଦେବଙ୍କ ନାମରେ ୧୪ ନମ୍ବର ପ୍ଲଟ ଓ ଗୌଡପୁଟ ଗ୍ରାମର ଜନୈକ ବ୍ୟକ୍ତିଙ୍କ ୩୬ ନମ୍ବର ପ୍ଲଟର ଭାଗଚାଷୀ ଓ ପୁତୁରା ଦର୍ଶାଇ ଫେବୃୟାରୀ ୧୫ରେ ୭୪ କୁଇଣ୍ଟାଲ ୧୦ କେଜି ଧାନ ବିକ୍ରି କରିଛନ୍ତି। ଏବଂ ଏ ବାବଦ ଟଙ୍କା ସେ ବ୍ୟାଙ୍କରୁ ହାସଲ କରିଥିବା ଜଣାଯାଇଛି । ଏନେଇ ସଂପୃକ୍ତ କର୍ମଚାରୀଙ୍କୁ ପଚରିବାରୁ ସେ ଦୃତୀକେଶ୍ୱରଙ୍କ ଆଦୌ ଭାଗଚାଷୀ ନଥିବା ପ୍ରକାଶ କରିଛନ୍ତି । ହେଲେ ତାଙ୍କ ଧାନ ସହିତ ପଡୋଶୀଙ୍କ ଧାନ ସେ ବେପାରୀ ମାଧ୍ୟମରେ ବିକ୍ରିକରିଥିବା କଥା କହିଛନ୍ତି । ଏସବୁ ଅଭିଯୋଗ ଓ ସୂଚନାକୁ ଆନୁଧ୍ୟାନ କରିବାରେ ଏସବୁ ଧାନ କିଣା, ବିକା ଓ ଭାଗଚାଷୀ ତଥା ସେମାନଙ୍କ ସମ୍ପର୍କିୟ ବନାଇ ଧାନ କିଣା ବିକାରେ କୌଣସି ତୃତୀୟ ଶକ୍ତି କାର୍ଯ୍ୟ କରୁଥିବା ଏବଂ ସେମାନଙ୍କୁ କେବଳ ନାମକୁ ମାତ୍ର ଚାଷୀ ଭାବରେ ବ୍ୟବହାର କରିବା ସହିତ ବିଭିନ୍ନ ପ୍ରଲୋଭନ କିମ୍ବା ଚାପ ପ୍ରୟୋଗ କରି ଧାନ ବାବଦ ସମୁଦାୟ ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରୁ ଉଠାଇବାରେ ଏକ ବଡ ଧରଣର ର୍‌ୟାକେଟ ସଫଳ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ ଓ ୫ଟି ସଚିବଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ବେଳେ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ହେଲେ ପ୍ରଶାସନ କେବଳ କୃଷି ସମବାୟ ସମିତି ସମ୍ପାଦକଙ୍କ ଭଳି କର୍ମଚାରୀଙ୍କୁ ନିଲମ୍ବିତ କରି ଚୁପ ବସିଛି । ଅନ୍ୟପକ୍ଷେ ଧାନକିଣାବିକାରେ ହୋଇଥିବା ଘୋଟାଲା ସମ୍ପର୍କରେ କେହି ମୁହଁ ଖୋଲୁନାହାନ୍ତି ।

# ଚିକୁନଗୁନିଆ ଜ୍ୱରରେ ଶତାଧିକ ଆକ୍ରାନ୍ତ

ଧରାକୋଟ,୧୪।୩(ଡି.ଏନ୍.ଏ.)

ଧରାକୋଟ ବ୍ଲକ ଶରଧାପୁର ଗ୍ରାମରେ ଗତ ସପ୍ତାହରୁ ଶତାଧିକ ପୁରୁଷ ମହିଳା ଓ ଶିଶୁ ଚିକୁନଗୁନିଆ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଧରାକୋଟରେ ଚିକିତ୍ସା ଚାଲିଥିବା ବେଳେ ଅନ୍ୟମାନେ ଆସିକା ଓ ବ୍ରହ୍ମପୁରରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗତ ବୁଧବାର ଓ ଗୁରୁବାର ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କେତେଜଣ ରୋଗୀ ଭଲ ହୋଇଥିବା ବେଳେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବ୍ରଜରାଜ କର କହିଛନ୍ତି, ଏହା ଚିକୁନଗୁନିଆର ଲକ୍ଷଣ। ଶୁକ୍ରବାର ପର୍ଯ୍ୟନ୍ତ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଗ୍ରାମରେ କୌଣସି ସଚେତନ କରାଯାଇ ନ ଥିଲା। ଖବର ପ୍ରକାଶ ପାଇବା ପରେ ଶନିବାର ରାଜନେତାଙ୍କ ସହ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଗ୍ରାମରେ ପହଞ୍ଚିଥିଲେ।

ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ଧରାକୋଟ ବିଡିଓ ବିବୁଧ ଗଡ଼ନାୟକ, ସୁପରଭାଇଜର ରାଜଲକ୍ଷ୍ମୀ ପ୍ରଧାନ ଓ ଅଙ୍ଗନୱାଡ଼ି କର୍ମୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ତରଫରୁ ଆକ୍ରାନ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଆଶୁତୋଷ ପାଢ଼ୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକର୍ମୀ ଗ୍ରାମରେ ଆକ୍ରାନ୍ତଙ୍କୁ ଔଷଧ ଓ ଇଞ୍ଜେକସନ ସହ ସାଲାଇନ ଦେଇଥିଲେ। ଏଥିସହ ପରିବେଶ ସ୍ୱଚ୍ଛ ରଖିବା, ମଶାରି ଟାଣି ଶୋଇବା, ବିଶୋଧିତ ପାଣି ବ୍ୟବହାର କରିବା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଗ୍ରାମରେ ଥିବା ଜଳଯୋଗାଣ ବିଭାଗ ଟାଙ୍କିରୁ ପାଣି ବ୍ୟବହାର ନ କରି ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇବା ସହ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନଙ୍କ ପାଇଁ ୧୫ ଦିନର ଶୁଖିଲା ଖାଦ୍ୟ ସେମାନଙ୍କର ମା'ମାନଙ୍କୁ ଦିଆଯାଇଥିଲା। ଆସନ୍ତା ସୋମବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ବିଶେଷଜ୍ଞ ଦଳ ଶରଧାପୁର ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦେବା ପାଇଁ ରାଜ୍ୟ ସରକାର ୫-ଟିରେ ପ୍ରଥମେ ସ୍ୱାସ୍ଥ୍ୟ ବିଭାଗକୁ ଯୋଡ଼ିଥିବା ବେଳେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କେତେ ବିପର୍ଯ୍ୟସ୍ତ ତାହା ଶରଧାପୁର ଗ୍ରାମରୁ ଜଣାପଡୁଛି।

## ଶରଧାପୁରରେ ପହଞ୍ଚିଲା ପ୍ରଶାସନ



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ।

# ମର୍ଦ୍ଦରାଜପୁରରେ ଅଭିରାମ ପରମହଂସଙ୍କ ବାଣୀ ପ୍ରବଚନ



ଶ୍ରଦ୍ଧାଳୁମାନେ ପ୍ରବଚନ ଶୁଣୁଛନ୍ତି।

ଖଣ୍ଡପଡା,୧୪।୩ (ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଗ୍ରାମ ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅଭିରାମ ପରମହଂସଙ୍କ ବାଣୀ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି କରମଳାସ୍ଥିତ ପ୍ରବଚକ ସମ୍ବିତ ଦାସ ଯୋଗଦେଇ ମଣିଷ ଭଗବତ୍ ଚିନ୍ତନ କରିବା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ମିଳିଥାଏ ବୋଲି ମତବ୍ୟକ୍ତ କରିବା ସହ ସେ ଠାକୁର ପରମହଂସଙ୍କ ବାଣୀକୁ ଆଧାର କରି ଜୀବନ ତତ୍ତ୍ୱ ଓ ଶରୀର ତତ୍ତ୍ୱ ଉପରେ ଉପସ୍ଥିତ ବିଶଦ ଭାବରେ ବର୍ଣ୍ଣନା କରିଥିଲେ । ବିଶେଷତଃ ସ୍ୱାର୍ଥ ଏବଂ ଅହଙ୍କାରରୁ ମୁକ୍ତ ହୋଇ ଅନ୍ୟମାନଙ୍କ ପାଇଁ ଯେଉଁ କଷ୍ଟ ସହିବାକୁ ପଡେ ତାହାହିଁ ପ୍ରକୃତ ଧର୍ମ ବୋଲି ପ୍ରବଚକ ଦାସ ସୂଚନା ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମର୍ଦ୍ଦରାଜପୁର, କଣ୍ଟିଲୋ, ବେଣାଗାଡିଆ, ବାଣପୁର ଆଦି ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କାଳିଆଘାଇ ଗାଁ କ୍ରିକେଟ ଟିମ୍ ଚାମ୍ପିୟନ

ଦିଗପହଣ୍ଡି,୧୪।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଝରିପଦର ଗ୍ରାମସ୍ଥିତ ମେଡିକାଲ ପଡିଆଠାରେ ଚାଲିଥିବା ଚନ୍ଦ୍ରଶେଖର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କାଳିଆଘାଇ ଗାଁ କ୍ରିକେଟ ଟିମ ପ୍ରତିପକ୍ଷ ଯଦୁପୁର ଗାଁ କ୍ରିକେଟ ଟିମକୁ ପରାଜିତ କରି ଚାମ୍ପିୟନ ହୋଇଛି। ଯଦୁପୁର ଗାଁ କ୍ରିକେଟ ଟିମ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। କାଳିଆଘାଇ ଟିମ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ କରିଥିଲା। ଜବାବରେ ଯଦୁପୁର ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୪୮ ରନ କରି ପରାସ୍ତ ହୋଇଥିଲା। ଦେବେନ୍ଦ୍ର ସେଠୀ ଓ ଶଙ୍କର ରେଡ୍ଡୀ ଆମ୍ପାୟରିଂ କରିଥିଲେ। ଉଦଯାପନୀ ଉତ୍ସବରେ ବି.ତୁରୁବୁଡ଼ି ପଞ୍ଚାୟତ ସରପଞ୍ଚ ପ୍ରତିନିଧି କୁରେଶୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥବ ଭାବେ ଝରିପଦର ଗ୍ରାମ୍ୟ କମଟି ସଭାପତି ପି.ରାମୁଲୁ ରେଡ୍ଡୀ, ସମ୍ପାଦକ ବିକ୍ରମ ବେହେରା, ସାମାଜିକ କର୍ମୀ ଏ.ପ୍ରହଲ୍ଲାଦ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଟିମ ଏବଂ ଉପବିଜେତା ରନର୍ସଅପ ଟିମକୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି କର୍ମକର୍ତ୍ତା ଦେବେନ୍ଦ୍ର ସେଠୀ, ଶଙ୍କର ରେଡ୍ଡୀ, ଏନ୍.ଚନ୍ଦନ ରେଡ୍ଡୀ, ଏଲ.ମାହେଶୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ଚନ୍ଦ୍ରଶେଖର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ପୁରୁଷୋତ୍ତମପୁର, ୧୪।୩(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ଉତ୍ସବ ସଭାପତି ଅରୁଣ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଶୁକ୍ରବାର ହିନ୍ଦୀ ପ୍ରଚାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡା.ଗୋପାଳ କୃଷ୍ଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ରାଘବ ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରଘୁନାଥ ସାହୁ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା, ଭତ୍ତା ପ୍ରଦାନ କରାଯାଉନଥିବା, ସରକାରୀ ଯୋଜନା ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚି ପାରୁନଥିବା, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କୁ ଉପେକ୍ଷା କରାଯାଉଥିବା ଆଦି ନେଇ କ୍ଷୋଭ ପ୍ରକାଶ ପାଇଥିଲା। ନାଗରିକ ସଂଶୋଧନ ଆଇନକୁ ସମର୍ଥନ ଦିଆଯିବା ସହ ଦୁର୍ନୀତି ହଟାଇବାକୁ ଦାବି କରାଯାଇଥିଲା। ଏଥିରେ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

# କରୋନା ମୁକାବିଲା ପାଇଁ ଟାସ୍କଫୋର୍ସ

ପାତ୍ରପୁର,୧୪।୩(ଡି.ଏନ.ଏ.)

କରୋନାକୁ ନେଇ ଗଞ୍ଜାମ ଜିଲା ପ୍ରଶାସନର ଆଦେଶ ପ୍ରକାରେ ଏକ ବ୍ଲକସ୍ତରୀୟ ସଚେତନତା ବୈଠକ ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୟଭୀତ ନହୋଇ ଜନସଚେତନତା ସହ ସାମାନ୍ୟ ସତର୍କତା ଅବଲମ୍ବନକଲେ ଏହାର ମୁକାବିଲା କରିହେବ ବୋଲି କହିବା ସହିତ କରୋନାର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ପାତ୍ରପୁର ମେଡିକାଲ ଇନ୍‌ଚାର୍ଜ ଡା. ସମ୍ବିତ ବେଗରାଏ ଉପସ୍ଥିତ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ କୋରେଶ ସେଠୀ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା, ଜିପିଓ ରମାକାନ୍ତ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଖରଣୀପଡ଼ା ସରପଞ୍ଚ ଲିଭା କୁମାରୀ ପ୍ରଧାନ, ସାମନ୍ତରାପୁର ସରପଞ୍ଚ ପ୍ରସନ୍ନ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଧୀରେନ୍ଦ୍ର ସାହ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ କରୋନା ପାଇଁ ଏକ ବ୍ଲକସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ପାତ୍ରପୁର ବିଡିଓ ଏହାର ଅଧ୍ୟକ୍ଷ ରହିଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡ଼ା. ସମ୍ବିତ ବେଗରାଏ ଏହାର ଆବାହକ ଅଛନ୍ତି। ତହସିଲଦାର ଡ଼ା. ଶ୍ରୀନିବାସ ବେହେରା, ବିଇଓ କୋରେଶ ସେଠୀ, ସିଡିପିଓ ପଦ୍ମିନୀ ସାହୁ ଓ ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସଦସ୍ୟ ଅଛନ୍ତି।

# ଛେଳିଗଡ଼ରୁ ବଡ଼ପଦା ରାସ୍ତା ଖାଲଖମା

ଆର.ଉଦୟଗିରି,୧୪।୩(ଡି.ଏନ.ଏ.)



ମୁଖ୍ୟରାସ୍ତାରେ ପିଚୁ ଉଠିଯାଇଛି।

ଛେଳିଗଡ଼ରୁ ବଡ଼ପଦା ରାସ୍ତା ମରଣଯନ୍ତା ପାଲଟିଛି। କିଛି ବର୍ଷ ତଳେ ଏକ ଠିକା ସଂସ୍ଥା ଦ୍ୱାରା ଏହି ରାସ୍ତା ନିର୍ମାଣ ହୋଇଥିଲା। ଏହା ବ୍ରହ୍ମପୁର, ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ହୋଇଥିବାରୁ ପ୍ରତିଦିନ ଶତାଧିକ ଗାଡ଼ି ଯାତାୟାତ କରୁଛି। ରାସ୍ତା କାମ ସରିଗଲା ପରେ ଏହାକୁ ଏନ୍‌ଏଚ୍‌ଏଆଇକୁ ପୂର୍ତ୍ତ ବିଭାଗ ହସ୍ତାନ୍ତର କରିଦେଇଛି। ହେଲେ ହସ୍ତାନ୍ତର ହେବା ପରଠାରୁ ଏନ୍‌ଏଚ୍‌ଏଆଇ ଉକ୍ତ ରାସ୍ତା ଉପରେ ମାଟି ପକାଉନଥିବାରୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନୀ ହେଉଛି। ଏ ନେଇ ଏନ୍‌ଏଚ୍‌ଏଆଇ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ରାସ୍ତା ମରାମତି ହେଉନାହିଁ। ବିଶେଷକରି ବଡ଼ପଦାଠାରୁ ଆର.ଉଦୟଗିରି ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ। ଏହି ରାସ୍ତା ସାରା ଖାଲଖମା ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାରେ ଥିବା ଆର.ଉଦୟଗିରି ଏବଂ ଖଜୁରିପଦା କଲଭର୍ଟଗୁଡ଼ିକ ଖାଲ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ସେଥିରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇ ରହୁଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଲଟା ମଧ୍ୟ ସଫା କରାଯାଉନାହିଁ। ଫଳରେ ଯାତାୟାତ କରୁଥିବା ଗାଡ଼ି ଅନ୍ୟପଟେ ଆସୁଥିବା ଗାଡ଼ିଗୁଡ଼ିକ ଦେଖାନଯିବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସନମୁଖ ରାଓଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ହସ୍ତାନ୍ତର କରିବା ଦିନରୁ ଆମକୁ ଟଙ୍କାଟିଏ ମଧ୍ୟ ଆସିନାହିଁ। ଏଥିପାଇଁ ରାସ୍ତା ମରାମତି ଓ ଲଟା କଟା ଯାଇପାରୁ ନାହିଁ ବୋଲି ସେ କହିଥିଲେ।

# ବାରୁଣୀ ସ୍ନାନରେ ଜନସମାଗମ ହ୍ରାସ ନେଇ ଆଲୋଚନା

ଆସିକା,୧୪।୩(ଡି.ଏନ.ଏ.)

ଆସିକା ବ୍ଲକ୍ ଓ ଏନ୍‌ଏସିରେ ଶନିବାର କରୋନାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସଭା ଗୃହରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦୀପ କୁମାର ପଣ୍ଡା, ତହସିଲଦାର୍ ସଦାନନ୍ଦ ସେଠୀ, ଆସିକା ଡାକ୍ତରଖାନାର ଚିକିତ୍ସାଧିକାରୀ ଡ. ମୋହନ ବାରିକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ କୃତିବାସ ବାରିକ, ସହକାରୀ ଯନ୍ତ୍ରୀ ନାରାୟଣ ସାହୁ ଏବଂ ବିଭିନ୍ନ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ବ୍ଲକ୍ କର୍ମଚାରୀ ସାମିଲ୍ ଥିଲେ। ଆସନ୍ତା ସପ୍ତାହରେ ଆସିକାଠାରେ ହେଉଥିବା ବାରୁଣୀ ସ୍ନାନ ଯାତ୍ରାରେ ଜନସମାଗମକୁ କିପରି କମ୍ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ଲାଗି ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବା ସହ ଜଣେ ଲେଖାଏ ନୋଡାଲ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। କରୋନା ସନ୍ଦିଗ୍ଧ ବ୍ୟକ୍ତି ଦୃଷ୍ଟିକୁ ଆସିଲେ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଙ୍ଗନବାଡି କର୍ମୀ ଓ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀଙ୍କୁ ଧରି ଜନପ୍ରତିନିଧିମାନେ ସଚେତନ କରିବାକୁ ନିଷ୍ପତ୍ତି ହୋଇଛି।



ସଚେତନ କରିବାକୁ ନିଷ୍ପତ୍ତି ହୋଇଛି।

## କରୋନା ସଚେତନତା କାର୍ଯ୍ୟକ୍ରମ

ସେହିଭଳି ଆସିକା ଏନ୍‌ଏସିରେ କାର୍ଯ୍ୟନିର୍ବହୀ ଅଧିକାରୀ ପଣ୍ଡାଙ୍କ ନେତୃତ୍ୱରେ ସ୍ୱଚ୍ଛ ସାଥୀ ଓ ପରିମଳ କର୍ମଚାରୀ ଆସିକା ବସ୍‌ଷ୍ଟାଣ୍ଡର ବିଭିନ୍ନ ହୋଟେଲ ବୁଲି ଜନସାଧାରଣଙ୍କୁ ହାତ ଧୋଇବାକୁ ସଚେତନ କରାଇଥିଲେ। ସ୍ୱଚ୍ଛସାଥୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ସତର୍କତା ପାଇଁ ପୋଷ୍ଟର ଲଗାଯାଇଥିବାବେଳେ ବିଭିନ୍ନ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତ୍ତି ନିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।